ମୋର ତୁମେ

କିଶୋରୀ ଚରଣ ଦାସ

ମୋର ତୁମେ

(ଏବଂ ଅନ୍ୟାନ୍ୟ ବାଦ ବିବାଦ)

କିଶୋରୀ ଚରଣ ଦାସ

ଲାର୍କ ବୁକ୍ସ

Digitized by srujanika@gmail.com

ମୋର ତୁମେ
କିଶୋରୀ ଚରଣ ଦାସ

ପ୍ରକାଶକ
ଲାର୍କ ବୁକ୍ସ
ସୁବର୍ଣ୍ଣରେଖା ଚ୍ୟାମ୍ବର୍ସ
ଭୌମ ନଗର
ଭୁବନେଶ୍ୱର

ପ୍ରଥମ ପ୍ରକାଶ
୧୯୯୭

ପ୍ରଚ୍ଛଦ
ସତ୍ୟବ୍ରତ ଦାସ

ଅକ୍ଷର ସଂଯୋଜନା
ଅବନ୍ତୀ କମ୍ପୁଟର ଏଣ୍ଡ କମ୍ୟୁନିକେଶନ
ଶୈଳଶ୍ରୀ ବିହାର, ଭୁବନେଶ୍ୱର

ମୁଦ୍ରଣ
ଶୋଭନ୍
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର

ତିରିଶ ଟଙ୍କା ମାତ୍ର

MORA TUME
Kishori Charan Das

Publishers
LARK BOOKS
Subarnarekha Chambers
Bhauma Nagar
Bhubaneswar

First Edition
1997

Cover
Satyabrata Das

D.T.P./Layout
Abanti Computer & Communication
Sailashree Vihar, Bhubaneswar

Printed at
Shovan
Acharya Vihar
Bhubaneswar

Thirty Ruppes Only

ISBN 81-7375-025-4

Digitized by srujanika@gmail.com

ଭୂମିକା

ଅନେକ ବର୍ଷ ପୂର୍ବେ ମୋର ' ଲକ୍ଷ ବିହଂଗ' ଗଳ୍ପ ସଂକଳନରେ ଅନ୍ତର୍ଭୁକ୍ତ ହୋଇଥିବା . 'ବୋମା ପଡ଼ିବ ! ' ଗଳ୍ପର ନାୟକ ଥିଲେ ଜନୈକ ଗୋପାଳବାବୁ । କିଂତୁ ସେ 'ଜନୈକ' ହୋଇ ରହିବାକୁ ଚାହିଁଲେ ନାହିଁ । ଆସନ୍ନ ବୋମାବର୍ଷଣର ଆଶଂକାରେ ଉତ୍କ୍ଷିପ୍ତ ତଥା ଉଦ୍ଭାବିତ ହୋଇ ଉଠିଲେ । ଜୀବନରେ ନ ହେଲା ନାହିଁ, ଅନ୍ତତଃ ମୃତ୍ୟୁରେ ମୁଁ କେଉଁ ସଂଖ୍ୟାର ଅଂକ ନୁହେଁ, ମୁଁ ଜଣେ ବ୍ୟକ୍ତି, ମୁଁ ଗୋପାଳବାବୁ, ଏହି ମର୍ମରେ ଗୋଟାଏ ଦାବୀପତ୍ର ଦାଖଲ କରିବାକୁ ବ୍ୟାକୁଳ ହୋଇ ଉଠିଲେ । ଏବଂ ଶେଷକୁ ବୋମାଧାରୀ 'ଶତ୍ରୁ' ସାଂଗରେ ହାତାହାତି ଯୁଦ୍ଧ ଆରମ୍ଭ କରିଦେଲେ । ମନେ ମନେ ।

ଏଇ ଗଳ୍ପଟିକୁ ପ୍ରକୃତ ପକ୍ଷେ କଣ ଗଳ୍ପ କୁହାଯିବ ? ଏଥିରେ ଘଟଣା ପ୍ରବାହ ବୋଲି କିଛି ନାହିଁ, ଏବଂ ବିଭିନ୍ନ ଚରିତ୍ରମାନଙ୍କ ମଧ୍ୟରେ କୌଣସି ପ୍ରକାରର ଦ୍ୱଂଦ ବା ଆଦାନପ୍ରଦାନର ବୈଚିତ୍ର୍ୟ ନାହିଁ । ଯାହା କିଛି ଅଛି ସେଇ ଗୋପାଳବାବୁଙ୍କ ମନରେ, ଏବଂ ସେଥିର ମୂଳ କଥା ହେଲା ଗୋଟାଏ ତାତ୍ତ୍ୱିକ ପ୍ରଶ୍ନ, ମଣିଷ ଜୀବନର ବୈକ୍ତିକତାକୁ ନେଇ । ସତେକି ସେତିକି ପ୍ରତିପାଦିତ ହୋଇ ନ ପାରିଲେ ବଂଚି ରହି ଲାଭ ନାହିଁ କିଛି !

କେମିତି କେଜାଣି ଏହି ଗୋପାଳବାବୁ ଜଣକ ମୋ ମନ ଭିତରେ ତିଷ୍ଠି ରହିଲେ ମୋର ବିଭିନ୍ନ ସାହିତ୍ୟ ସର୍ଜନା ମଧ୍ୟରେ । ଏବଂ କାଳକ୍ରମେ ମୁଁ ଏହି ପ୍ରକାର ତାତ୍ତ୍ୱିକ ପ୍ରଶ୍ନ ଉପରେ ଏଣୁ ତେଣୁ କିଛି କହିବାର ଲୋଭ ସମ୍ବରଣ କରି ପାରିଲି ନାହିଁ । କିଂତୁ ଗୁରୁଗମ୍ଭୀର ଆଲୋଚନା କରିବାର ଆସ୍ପର୍ଦ୍ଧା ନ କରି (ଯେହେତୁ ମୁଁ ପଣ୍ଡିତ-ଗବେଷକ ନୁହେଁ, ମାତ୍ର ଲେଖକଟିଏ), ମୁଁ ଗୋପାଳବାବୁଙ୍କୁ ସ୍ମରଣ କଲି । ଯେ ମୋ ପରି ଜଣେ ସାଧାରଣ, ହେଲେ ଭାବକାତର ଏବଂ ବୁଦ୍ଧିବିଭ୍ରାନ୍ତ ବ୍ୟକ୍ତି, ଏବଂ ଯାହାଙ୍କୁ ଏହି ପ୍ରକାର ନାନାଦି ପ୍ରଶ୍ନ ଆଲୋଡିତ କରିଥାଏ । ତା' ପରେ କଥାଟାକୁ ଜମେଇବା ଲାଗି ମୁଁ ଜଣେ ଲେଖକ ବୋଲାଉଥିବା ବିକାଶବାବୁଙ୍କୁ ମଧ ଡାକିଲି ମିଶିଯିବା ପାଇଁ ତାଙ୍କ ସାଙ୍ଗରେ । ସେଇଠୁଁ କେତେବେଳେ ସ୍ୱଗତ ତ କେତେବେଳେ ଦି ଜଣିଆ ସଂଳାପର ମାଧ୍ୟମରେ ମୁଁ ବିଭିନ୍ନ ତାତ୍ତ୍ୱିକ ବିତର୍କର ' ପାଳା' ତିଆରି କଲି, ନାଆଁକୁ ଗୋଟାଏ ଗପ କହିଲା ପରି । ଯଥା: ଏଇ ସୃଷ୍ଟି ଜିନିଷଟା କେତେଦୂର ସତ ?, ଲେଖକ କଣ ସହଜେ ଗୋଟିଏ ଭଲ

Digitized by srujanika@gmail.com

ଲୋକ ?, ମନକୁ ସ୍ଥିର କରିବାକୁ ହେଲେ ତା'କୁ ଶୂନ୍ୟ କରିବା କଥା ନା କେଉଁଥିରେ ହେଲେ ଲଗ୍ନ କରିବା ଉଚିତ ?, ମୋର କ'ଣ ନିହାତି ଗୋଟିଏ 'ତୁମେ' ଦରକାର, ନ ହେଲେ ମୁଁ 'ମୁଁ' ହୋଇ ରହିପାରିବି ନାହିଁ ?, ଇତ୍ୟାଦି, ଇତ୍ୟାଦି ।

ଏହି ସଂକଳନଟି ସେହି ପ୍ରକାର କେତୋଟି 'ଗଳ୍ପ'ର ସମାହାର, ଯାହା ବିଭିନ୍ନ ପତ୍ର ପତ୍ରିକାରେ ଗଳ୍ପ, ଅଥବା ପ୍ରବଂଧ, ଅଥବା ରମ୍ୟ ରଚନା ବିଭାଗରେ ସ୍ଥାନ ପାଇଛି । କିଂତୁ ଆଜିଯାଏଁ କୌଣସି ବହିର ମଲାଟ ଭିତରେ ଏକତ୍ରିତ ହୋଇ ପାରିନାହିଁ । କେବଳ 'ବୋମା ପଡ଼ିବ !' ଲେଖାଟି ଗୋଟିଏ ପୁରୁଣା ଗଳ୍ପ ସଂକଳନର ଅନ୍ତର୍ଭୁକ୍ତ, ଯାହା ମୁଁ ପୂର୍ବରୁ କହିଛି । ଏଇ ଲେଖାଟିକୁ ଏଥିରେ ସାମିଲ୍ କରିବାକୁ ଚାହିଁଲି, କାରଣ ଏଇଠି ଗୋପାଳବାବୁ ପ୍ରଥମେ ଆବିର୍ଭୂତ ହେଲେ, ତାଙ୍କର ବିଶିଷ୍ଟ ମାନସିକତାକୁ ନେଇ । ଯାହାହେଉ ମୋର ପ୍ରିୟ ପାଠକ ପାଠିକାମାନେ ଏ ଗୁଡ଼ିକୁ ଯେଉଁ ଥାକରେ ରଖନ୍ତୁ ନା କାହିଁକି, ମୋର ଆଶା ଯେ ସେମାନେ ତହିଁରୁ ଯଥାଯୋଗ୍ୟ ବୌଦ୍ଧିକ ଓ ଭାବଗତ ଯଂତ୍ରଣା ତଥା ଉଦ୍ଦୀପନାର ଆନଂଦ ପାଇ ପାରିବେ । ତାହା ହିଁ ମୋର ଉଦ୍ଦେଶ୍ୟ ।

ତେବେ ମୁଁ ମାନୁଛି ଯେ ମିଲାନ୍ କୁଂଦେରା ନାମକ ଜଣେ ସୁପ୍ରସିଦ୍ଧ ଚେକ୍ (Czechk) ଲେଖକ ମୋତେ ପ୍ରଚୋଦିତ କରିଛନ୍ତି ଏହି ଭାବରେ ଲେଖିବା ପାଇଁ — ହାଲୁକାରେ ଏବଂ ଗଳ୍ପ ଛଳରେ ଗଭୀର ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ତଥ୍ୟଗୁଡ଼ିକୁ ପରଖିବା ଲାଗି । ତାଙ୍କ ପ୍ରତି ମୁଁ କୃତଜ୍ଞ । ଏବଂ ଲାର୍କ ବୁକ୍‌ସ୍‌ର ମହେନ୍ଦ୍ରବାବୁ ଯେ ବହୁ ବର୍ଷ ପୂର୍ବେ ମୋର ଗଳ୍ପ ସଂକଳନ 'ମଣିହରା' ଏବଂ ଏକମାତ୍ର କବିତା ସଂକଳନ 'ମିନି-କାମନା' ପ୍ରକାଶ କରିଥିଲେ ସେ ଏହି ଭିନ୍ନ ଧରଣର ବହିଟିକୁ ମଧ ପ୍ରକାଶ କରିବାର ଦାୟିତ୍ୱ ନେଇଛନ୍ତି, ସେଥିପାଇଁ ମୁଁ ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି ।

କିଶୋରୀ ଚରଣ

Digitized by srujanika@gmail.com

ବଂଧୁ ଓ ସୁଲେଖକ ଶ୍ରୀଯୁକ୍ତ
ଚଂଦ୍ରଶେଖର ରଥ, ଯେ ବୋଧହୁଏ
ତାର୍କିକ ଗୋପାଳବାବୁ ଓ ବିକାଶବାବୁ
ଉଭୟଙ୍କୁ କିଛିଟା ବୁଦ୍ଧି ଦେଇ
ପାରିବେ ତାଙ୍କ ମନକୁ ଶାନ୍ତ କରିବା
ଲାଗି, ତାଙ୍କରି ହାତରେ ଏଇ ବହିଟିକୁ
ଦେଲି —

ସ୍ନେହାନୁବଦ୍ଧ
କିଶୋରୀ ଚରଣ

Digitized by srujanika@gmail.com

ସୂଚୀପତ୍ର

ବୋମା ପଡ଼ିବ !	୯
ଗଲାଣି ତ ଗଲା କଥା..	୧୮
ଗୁରୁଜୀ	୨୯
ସଖା ଓ ସୃଜନ	୪୨
ନିଆଁଲଗା ମନ	୫୬
ସତ ଉପୁଜିବ ସତରକୁ	୬୩
ଭାରତୀ ଓ ଭାରତବର୍ଷ	୭୬
ଲେଖକ, ଭଲ ଲୋକ	୮୮
ମୋର ତୁମେ	୯୯

Digitized by srujanika@gmail.com

ବୋମା ପଡ଼ିବ !

ଗୋପାଳବାବୁଙ୍କୁ ବ୍ଲାକ୍-ଆଉଟ୍‌ର ଅନ୍ଧାର ମାଡ଼ି ବସିଲା । ଗୋଟିଏ ଧରଣର ଭୟ ଥାଏ, ବୋଧହୁଏ ଭୟର ଶେଷକଥା, ଯେତେବେଳେ ଲୁଚିଯିବାକୁ ପଳେଇଯିବାକୁ, ଇଚ୍ଛା ହୁଏ ନାହିଁ । ଲୋଳିତଜିହ୍ୱା ରୁଧିରଗ୍ରସ୍ତ ବାଘ ମୁହଁକୁ ଦେଖି ବିଶ୍ୱରୂପ ଦେଖିଲା ପରି ମନେ ହୁଏ । ହିଂସାର ବିରାଟତା ଓ ମୋହନୀୟତା ମନକୁ ଗୁଡେଇ ତୁଡେଇ ଦିଏ, ଘାରି ଦିଏ । ଏହିକ୍ଷଣି ସେ ମୁନିଆଁ ଆଖି ଧାଇଁ ଆସିବ, ଧୋବ ଲମ୍ବା ଦାନ୍ତ ତଣ୍ଟିକୁ କଣା କରିଦେବ । ତା' ପରେ ସବୁ ଶେଷ, ଭୟର ଶେଷ !

ସେହିପରି ଗୋପାଳବାବୁ ଅନ୍ଧାରକୁ ଛାଡ଼ି ଚାଲି ଯାଇପାରିଲେ ନାହିଁ, ବିଛଣାରେ ଚାଦର ଘୋଡେଇ ଚୁପ୍ ଚାପ୍ ଶୋଇ ପାରିଲେ ନାହିଁ । ସେ ଘନ-ନିବିଡ଼ ବ୍ଲାକ୍ ଆଉଟ୍‌କୁ ଚାହିଁ ରହିଲେ, ଗୋଟିଏ ଦୁର୍ବଳ ତାରାର ଲୁଚୁଲୁଚୁକୁ ଓ କେତେ ଛୋଟିଆ ଘର ଆଲୁଅର ଦୁକୁଦୁକୁ ଶୁଣି ରହିଲେ, ଏବଂ ଭାବିଲେ ଯେ, ଆଜି ବୋମା ପଡ଼ିବ ।

ଏ ସହରର ଆର ପାଖରେ ବୋମା ପଡ଼ିଛି, କେତେ ଲୋକ ମଲେଣି । ଆଜି ଏଇଠି ବୋମା ପଡ଼ିବ । ଏହି ସହରକୁ ଛାରଖାର କରିଦିଆଯିବ ବୋଲି ଧମକ ଦିଆହୋଇଛି ।

ସେ ଅତର୍କିତରେ ଗର୍ଜ୍ଜନ କରି ଆସିବ ! ଚାହୁଁ ଚାହୁଁ ଏ ଘର, ଏ ସଂସାରକୁ ଗିଳିଦେବ, ଖଣ୍ଡିଆ ଖାବରା କରି ନଷ୍ଟ କରିଦେବ । ଆମେ ମରିଯିବୁ । ମୁଁ ମରିଯିବି ।

କାହିଁକି ? କାହିଁକି ? ? କାହିଁକି ???

ଏଥିରୁ ବୁଝିବାକୁ ହେବ ନାହିଁ ଯେ, ଗୋପାଳବାବୁଙ୍କ ମତରେ ଯୁଦ୍ଧ ଅକାରଣ । କିମ୍ବା ଯୁଦ୍ଧରେ ବୋମା ପଡ଼ିବା ଓ ଲୋକ ମରିବା ଅନୁଚିତ । ସେ ଖବରକାଗଜ ପଢ଼ନ୍ତି, ଇତିହାସ ପଢ଼ିଛନ୍ତି । ତଥାପି ସେ 'କାହିଁକି'ର ଚିତ୍କାର କଲେ, କାରଣ ସେ ଗୋଟାଏ ରୋକ୍ ଠୋକ୍ ଉତ୍ତର ଚାହୁଁଥିଲେ । ଉତ୍ତର ଓ ଅଙ୍ଗୀକାର । ଯେପରିକି ଉଦ୍ଦେଶ୍ୟ ଓ କ୍ରିୟାର ସମ୍ବନ୍ଧ ସ୍ପଷ୍ଟ ହୋଇଯିବ । ଯେ ଗୋପାଳ ଦାସ ବୋଲି ଜଣେ ନାଗରିକ ଯାହାର ସ୍ତ୍ରୀ ଓ ତିନୋଟି ପିଲା ଅଛନ୍ତି, ଯେ ଆଖି ଖୋଲିଲେ ପୃଥିବୀର ଅନେକ କଥା ଶୁଣେ, ଯେ ଅଫିସ୍‌ରେ ଠିକ୍ ସମୟରେ ରେଜିଷ୍ଟର୍ 'କ୍ଲୋଜ୍' କରିପାରେ, ଯେ ପିଲାଦିନେ ପ୍ରଜାପତି

Digitized by srujanika@gmail.com

ବିଷୟରେ କବିତା ଲେଖି ପୁରସ୍କାର ପାଇଥିଲା, ସେ ଏମିତିକା ଜଣେ ଲୋକ ଯେ, ତାକୁ ଶତ୍ରୁ ବୋମା ପକାଇ ମାରିବା ଉଚିତ ।

ବୋମା ପଡ଼ିବା ସାଙ୍ଗରେ ପିଲାଦିନର ପ୍ରଜାପତି କବିତା କାହିଁକି ମନେ ପଡ଼ିଲା କେଜାଣି ! ସେ ଯାହାହେଉ, ଉତ୍ତର ଦରକାର । ଗୋପାଳବାବୁ ନିଜକୁ କହିଲେ ଯେ, ସେ ଭୟ କରୁ ନାହାନ୍ତି, ସେ ମରିବାକୁ ପ୍ରସ୍ତୁତ ଅଛନ୍ତି । ମରଣ ଆଖି ଆଗରେ ଜଳ ଜଳ ହୋଇ ଦେଖାଯାଉଛି । କିନ୍ତୁ ଉତ୍ତର ନ ମିଳିବାରୁ ଛଟପଟ ଲାଗୁଛି ।

ଏହି ସମୟରେ ଅନ୍ଧାର ଶରୀର ଧାରଣ କଲା । ତା'ର ଆଖି ଅଛି, ନାକ ଅଛି, ଏବଂ ସେ ଅତି ପାଖକୁ ଆସି ନିଃଶ୍ୱାସ ଛାଡୁଛି ।

ପୁଣି ମନେ ହେଲା ଯେ, ଏମିତି ଡରାଇଦେଇ ସାରିଲା ପରେ ସେ ହସି ଉଠୁଛି, ଛୋଟ ପିଲାକୁ ମିଛିମିଛିକା ଆଖି ଦେଖାଇ ହସି ଦେଲା ପରି ।

ଗୋପାଳବାବୁ ରାଗିଲେ — ମୁଁ କେତେଥର କହିବି ଯେ, ମୁଁ ଡରୁନାହିଁ ? ମୁଁ ବଞ୍ଚିଛି, ତେଣୁ ମୁଁ ମରିବି । କିନ୍ତୁ ମୁଁ ଉତ୍ତର ଚାହେଁ ।

କିନ୍ତୁ ଗୋପାଳବାବୁ ଦେଖିଲେ ଯେ, ସେ ତାଙ୍କ କଥାରେ କର୍ଣ୍ଣପାତ କରୁନାହିଁ, ଅଧିକ ଉତ୍ସାହରେ ହସି ଚାଲିଛି । ସତେ ଯେପରି ତାର ହସିବା ଛଡ଼ା ଅନ୍ୟ ଉପାୟ ନାହିଁ । ଗୋପାଳବାବୁ ଭାବିଲେ — ସେ କଣ ମୋ ପ୍ରଜାପତି କବିତା ଉପରେ ହସୁଛି ? ମୁଁ କେଉଁ ପିଲାଦିନେ ସ୍କୁଲରେ ପଢ଼ିଲାବେଳେ ଲେଖିଥିଲି ! ସୁନ୍ଦର ! ହେ ସୁନ୍ଦର ! ଚିତ୍ରିତ ହେ ଚଞ୍ଚଳ ! ଫୁଲରୁ ଫୁଲକୁ ଉଡି ଉଡି ଯାଇ ଜୀବନକୁ କେତେ ଭଲ ପାଉ ତୁହି... । ପିଲାଳିଆ କବିତା, ବଡ଼ମାନେ ହସିଥିଲେ । କିନ୍ତୁ ସେ ମୋର ପ୍ରଥମ କବିତା । ଏବେ କେଉଁ ପୁରୁଣା ଟ୍ରଙ୍କରୁ ସେ କାଗଜ ବାହାରିଥିଲା, ମୁଁ ମଧ୍ୟ ହସିଥିଲି । ତେବେ ସେହିଦିନ ସଞ୍ଜବେଳେ ମୁଁ ଗୋଟିଏ ପ୍ରକୃତିର ଦୃଶ୍ୟ ଦେଖିଥିଲି, ଯାହା ମୋତେ ପ୍ରଜାପତି ପରି ଲାଗିଲା । ପଶ୍ଚିମ ଆକାଶର ରଙ୍ଗ ବେଶି ନାଲି ହୋଇନାହିଁ । ତାକୁ ଆଉଜି କରି ଗୋଟିଏ ଗଛର ଖୋଳା ଡାଳସବୁ ଓ ଗୋଟି ଗୋଟିକିଆ ଛୋଟ ଛୋଟ ପତର । ପତ୍ରମାନେ ପବନରେ ହଲୁଛନ୍ତି,— ଆକାଶର ରଙ୍ଗକୁ ଖେଳାଇ ଆହୁରି ହାଲୁକା କରିଦେଲା ପରି । ରଙ୍ଗରେ ଡେଣା ଲାଗିଛି, ଆନନ୍ଦ ଲେପି ହୋଇ ଯାଉଛି । ମୋର ମନେ ହେଲା ଯେ, ପ୍ରଜାପତି କବିତାରେ ଏହି ଉପମାଟିକୁ ଯୋଡିଦେଇଥିଲେ ଭଲ ହୋଇ ଥାଆନ୍ତା । ସଚ୍ଚା କବିମାନେ ଏମିତିକା ଉପମା ଦିଅନ୍ତି ।

ମୁଁ ଉପମା ଦେବାକୁ ଭଲପାଏ । ମୋର ଭାଷାଜ୍ଞାନ ଯଥେଷ୍ଟ ନାହିଁ, ନ ହେଲେ ମୁଁ କବି ହୋଇ ପାରିଥାଆନ୍ତି । ଏହି ମର୍ମରେ ଗୋପାଳବାବୁ ସେହି ପ୍ରଥମ ଓ ଶେଷ କବିତାଟିକୁ ପାଇ ନିଜକୁ ଧନ୍ୟବାଦ ଦେଲେ ଓ କହିଲେ ଯେ, ତାକୁ ହସି ଉଡେଇଦେବା ଉଚିତ ନୁହେଁ ।

Digitized by srujanika@gmail.com

ତାଙ୍କର ପୁଣି ଗୋଟିଏ ଉପମା ମନେ ପଡ଼ିଲା : ଦିନେ ହଠାତ୍ ମେଘୁଆ ଆକାଶରୁ ଥପ୍ ଥପ୍ ବିନ୍ଦୁ ଝରି ପଡ଼ିଲା ଶୁଖିଲା ଅଗଣା ଉପରେ । ଅଗଣାରେ ବିନ୍ଦୁଗୁଡ଼ିକର ପହିଲି ଚିହ୍ନ ଆଙ୍କି ହୋଇଗଲା । ମୋତେ ଲାଗିଲା ଯେ, କିଏ ଯାଦୁ କଲାପରି ଏହି ଫୁଲଗୁଡ଼ିକ ସହସା ଫୁଟି ଉଠିଲେ । କାୟା ନାହିଁ, କଳେବର ନାହିଁ, କେବଳ ମୁହଁ ଦେଖାଇ ହସି ଉଠିଲେ । କ୍ଷଣକରେ ପାଣିରେ ପାଣି ମିଶିଗଲା, ମୁହୂର୍ତ୍ତର ଫୁଲଗୁଡ଼ିକ ମରିଗଲେ । ଏହି କଣ ଉପମା ନୁହେଁ ? କବିତ୍ୱ ନୁହେଁ ?

କିନ୍ତୁ ଏ ଅନ୍ଧାରର ରସଜ୍ଞାନ ନାହିଁ । ସେ ନିରାଟ ନୀରସ ଅନ୍ଧାର । ସେ କେବଳ ମାରିପାରେ ଓ ହସେ । ଗୋପାଳବାବୁ ବିରକ୍ତ ହେଲେ ।

ପୁଣି ଗୋପାଳବାବୁ ବୋମା କଥା ଭାବିଲେ । ଏହି ଦୁଇ ଦିନ ତଳେ ସଦର ବଜାର ଆଡେ ଯେଉଁ ବୋମାମାଡ଼ ହୋଇଥିଲା, ସେଥିରେ ପଂଦର ଜଣ ଲୋକ ମରିଗଲେ । ସେମାନଙ୍କ ନାଆଁ ବାହାରିଥିଲା ଖବରକାଗଜରେ । ନାଁ ସବୁ ସାଧାରଣ, ମୋ ନାଁ ପରି । କିନ୍ତୁ ସେମାନେ କେହି କଣ ମୋ ପରି ? ତାଙ୍କୁ ମନକୁ କଣ ଏମିତିକା ଉପମା ଆସେ ?

ଶେଷକୁ ଗୋପାଳବାବୁ ସ୍ଥିରକଲେ ଯେ, ଉପମା କବିତାରେ କିଛି ମହତ୍ତ୍ୱ ନାହିଁ । ନ ଥାଉ । ଆହୁରି କେତେ ଜିନିଷ ଅଛି, ଆହୁରି କେତେ ଗୁଣ, — ସେଇଥିପାଇଁ ମୁଁ ମରିବି । ମୁଁ ସେହି ଉତ୍ତର, ସେହି ସନ୍ଦେଶଟିକୁ ଶୁଣିବି, ଏହି ନିର୍ବାକ୍ ଅନ୍ଧାରର ମୁହଁରୁ ହାସଲ କରିନେବି । ଏହିପରି ଭାବି ସେ ଚଉକିରୁ ଉଠି ପିଣ୍ଡା ତଳକୁ ଆସିଲେ, ଅନ୍ଧାରର ମଝିକୁ ପ୍ରବେଶ କଲେ, ଓ ପୁଣି ଥରେ ଘୋଷଣା କଲେ,— ମୁଁ ଉତ୍ତର ଚାହେଁ ।

ପିଣ୍ଡା ତଳକୁ ଖସିଲାବେଳେ ତାଙ୍କର ରୂପ ବାରି ହେଉଥିଲା । ଜଣା ପଡୁଥିଲା ଯେ, ସେ ଜଣେ ମଣିଷ ପରି ମଣିଷ । ଲମ୍ବା ଚଉଡା ଚେହେରା, ବୟସ ଅନୁଯାୟୀ ପେଟ ସାମାନ୍ୟ ଆଗକୁ ବାହାରିଆସିଛି, ଓ ମୁହଁରେ ଭାବୁକତା ତଥା ଅଭିଜ୍ଞତା ଥିବ ବୋଲି ମନେ ହେଉଛି । ଅନୁମାନ କରାଯାଇପାରେ ଯେ, ସେ କଲମପେଷା କାମରେ ପେଟ ପୋଷନ୍ତି । ଦ୍ୱିତୀୟରେ ତାଙ୍କର ଜଣେ କୋମଳସ୍ୱଭାବ ସାଧାରଣତଃ ସୁସ୍ଥା-ଅସୁସ୍ଥା ସ୍ତ୍ରୀ ଥିବେ, ଯେ ସବୁ ଘରକାମ କରିପାରନ୍ତି, କିନ୍ତୁ ଅବସର ସମୟରେ ଖଟରେ ଶୋଇରହିବାକୁ ଭଲପାଆନ୍ତି, ଯେ ଖବର କାଗଜରେ ଯୁଦ୍ଧର ଦାରୁଣ - କରୁଣ ଦୃଶ୍ୟ ଦେଖି କାନ୍ଦ କାନ୍ଦ ହୋଇ ଯାଆନ୍ତି, ଓ ତା' ପରେ ତରକାରୀରେ କେଉଁ ମସଲା ଦେଲେ ଭଲ ହେବ, ସେ କଥା ଭାବନ୍ତି । ଏବଂ ଯୋଡିଏ ତିନୋଟି ସ୍କୁଲ ପଢୁଆ ପିଲା ଥିବେ ଯେଉଁମାନେ ଏ ଯୁଦ୍ଧରୁ ଯଥେଷ୍ଟ ଉତ୍ତେଜନା ପାଇ ଥରକୁ ଥର ପଚାରୁଥିବେ,— "ବାପା, ବୋମା କେତେବେଳେ ପଡ଼ିବ ?" ଗୃହସ୍ୱାମୀ ଓ ରକ୍ଷାକର୍ତ୍ତାର ଗୌରବ ତାଙ୍କ ମନରେ ଆସୁଥିବ, ସନ୍ଦେହ ନାହିଁ ।

Digitized by srujanika@gmail.com

ସାଇରେନ୍ ବାଜୁଛି ? ଗୋପାଳବାବୁଙ୍କ ଛାତିରୁ କଣ ଖସିଗଲା ପରି ମନେ ହେଲା । ଅନ୍ଧାର ତାର ଅସ୍ତ୍ର କାଢ଼ିଲାଣି । ତାର ହସର ଅଧ୍ୟାୟ ସମାପ୍ତ । ଏଥର ସେ ଜଳି ଉଠିବ ଓ ବିନାଶ କରିବ । ମୋତେ ବିନାଶ କରିବ । ... ନା, ସାଇରେନ୍ ନୁହେଁ, ଟ୍ରେନ୍‌ର ସିଟି । ତଥାପି ଗୋପାଳବାବୁ ଆଶ୍ୱସ୍ତ ହେଲେ ନାହିଁ, ଭାବିଲେ ଯେ ଏ ପୂର୍ବାଭାସ । ବୋମା ପଡ଼ିବାକୁ ଡେରି ନାହିଁ ।

ସେହିଠୁ ସେ ଅନ୍ଧାରର କାନରେ ଜୋର୍‌ରେ ଓ ତରତର ହୋଇ କହିଲେ, ସମୟ ନ ଥିଲା ପରି — ତା' ଛଡ଼ା ମୁଁ ଭଲ ପାଏ ।

ତାଙ୍କର ମନେ ହେଲା ଯେ, ଚତୁର୍ଦ୍ଦିଗରେ ମିଞ୍ଜି ମିଞ୍ଜି ଆଲୁଅ, ଘରୋଇ ଓଢ଼ଣାଦିଆ ଆଲୁଅ ତାଙ୍କ ଉକ୍ତିକୁ ସ୍ୱୀକାର କଲେ । ସେମାନେ ଜାଣନ୍ତି । ଏ ପ୍ରେମ ପାଇଁ ବାଜା ବାଜେ ନାହିଁ, ବହି ଲେଖା ହୁଏ ନାହିଁ । ଏ ପ୍ରେମ ସାନ, ଘରୋଇ, କିନ୍ତୁ ମହାନ୍ । ଏହାରି ପାହାଚରେ ଉଠି ଉଠି ମଣିଷ ଭଗବାନଙ୍କ ପାଖକୁ ଯାଏ ।

ଗୋପାଳବାବୁ ନିଜକୁ କହିଲେ, ଓ ଅନ୍ଧାରକୁ କହିଲେ, — ମୁଁ କେତେ ଉପରକୁ ଆସିଗଲିଣି । ପିଲାଦିନୁ ଆଜିଯାଏଁ କେତେ ନିରୋଳା ପ୍ରେମର ଉପଚାର, ଗୋଟିଏ ନୁହେଁ ଯୋଡ଼ିଏ ନୁହେଁ... । ଯେଉଁଥିରେ ପେଟ ପୂରିଯାଏ, କିନ୍ତୁ କହିବାକୁ ଲାଜ ଲାଗେ । କାଳେ ଅନ୍ୟମାନେ ଭାବିବେ ବଡେଇ କରୁଛି କିମ୍ବା ମୁଁ ଗୋଟିଏ ଭିନ୍ନ ଧରଣର ଜୀବ ।

ଏହି ଏବେକା କଥା—ଗୋପାଳବାବୁ ମନେ ପକାଇ ଲାଜରା ହୋଇଗଲେ — ମୁଁ ରାତିଯାକ ମୋ ସ୍ତ୍ରୀ କିରଣର ଦେହ ଆଉଁସି ଦେଲି, ତା' ମୁଣ୍ଡ ଚିପିଦେଲି । ତା' ଦେହ ଖରାପ ଲାଗୁଥିଲା; କିନ୍ତୁ ସେଥିପାଇଁ ନୁହେଁ ! କାହିଁକିନା ମୋତେ ଭଲ ଲାଗିଲା; ମୁଁ ତାକୁ ଭଲ ପାଏ । ସେ ନିଦରେ ଶୋଇଥିଲା, କିଛି ଜାଣିପାରି ନାହିଁ । ମୁଁ ତାକୁ କିଛି କହି ନାହିଁ ।

ପିଲାଦିନୁ ଆଜିଯାଏଁ । ମୁଁ ଯାହାକୁ ଭଲପାଏ, ତା'ର ଅଜାଣତରେ ମୁଁ ତାର ମଙ୍ଗଳ ମନାସେ, ତା'ର କପାଳ ଆଉଁସିଦିଏ । ବହୁତ ଦିନ ପରେ ଆରବର୍ଷ ଖରାଛୁଟିରେ କୃଷ୍ଣା ସାଙ୍ଗରେ ଦେଖା ହୋଇଥିଲା । ସେ ସ୍ୱାମୀ ସନ୍ତାନ ଭୂଷିତା ହୋଇ ଶିବ ମନ୍ଦିରକୁ ଆସିଥିଲା, ଠାକୁରଙ୍କୁ ପ୍ରଣାମ କରୁଥିଲା । ମୁଁ ପଛରୁ ଦେଖିଲି । ତା'ର ପ୍ରଣାମରେ ନିଜକୁ ମିଶାଇଦେଲି । ମୁଁ ତା' ପାଇଁ, ତା'ର ହୋଇ, ଠାକୁରଙ୍କୁ ଡାକିଲି,— କୃଷ୍ଣାର ସବୁ ଭଲ ହେଉ, ତା'ର ହସ ଓ ସିନ୍ଦୂର ଉଜ୍ଜ୍ୱଳ ରହୁ ।

କାହିଁକିନା ମୁଁ କୃଷ୍ଣାକୁ ଭଲ ପାଏ । କୃଷ୍ଣାର ସ୍ୱାମୀ ଗୋଟିଏ ଗୁଣ୍ଡାପରି ଦେଖାଯାଏ । କୃଷ୍ଣାର ଗାଲ ଓହଳି ଗଲାଣି । ସେ ଦେଖାହେଲେ ବେଶି କଥା କୁହେ ଓ ବାଜେ କଥା କୁହେ । ତଥାପି ମୁଁ ତାକୁ ଭଲ ପାଏ । କାରଣ ଦିନେ ସେ ମୋ କୋଳରେ ଶୋଇଥିଲା, ମୋ ମୁହଁକୁ ଚାହିଁ ରହିଥିଲା ଓ କହିଥିଲା, — ମୋତେ ମନେ ରଖିବ ନା ?

Digitized by srujanika@gmail.com

ମୁଁ କେବଳ ଯେ କେତେଗୁଡ଼ିଏ ନାରୀମାନଙ୍କୁ ଭଲ ପାଏ, ତା ନୁହେଁ । ବୃଦ୍ଧ ବାପାଙ୍କୁ ଦେଖି ମୋର ପିଲାଦିନ କଥା ମନେ ପଡେ, ଯେତେବେଳେ ସେ ମୋତେ ନୀତିକଥା ଶିଖାଉଥିଲେ, ମାଆ ସାଙ୍ଗରେ ରସିକତା କରୁଥିଲେ ଓ ହଠାତ୍ ରାଗିଯାଉଥିଲେ । ମୋର ମନେ ପଡେ ଯେ, ଯେଉଁଦିନ ମୁଁ ପ୍ରଥମେ ଘର ଛାଡ଼ି ଦୂରକୁ ପାଠ ପଢ଼ିବାକୁ ଗଲି, ସେଦିନ ସେ ଷ୍ଟେସନ ପ୍ଲାଟ୍‌ଫର୍ମରେ କାନ୍ଦିପକାଇଲେ । ସେହି କେତୋଟି ସ୍ମୃତିକୁ ନେଇ ମୁଁ ତାଙ୍କୁ ଆହୁରି ଭଲପାଏ । ମୋର ବିଶ୍ୱାସ ହୁଏ ଯେ ଆମେ ଦୁଇଜଣ ଏବେ ମଧ୍ୟ ସେହି ଭାବ - ମଣ୍ଡିତ ତୋରଣ ତଳେ ରହିଛୁ । କିଛି ବଦଳି ନାହିଁ, ବଦଳି ପାରିବ ନାହିଁ ।

ଭଲ ପାଇବାର ବିଭିନ୍ନ ଦିଗ, ବିଭିନ୍ନ ରୂପ । ଗୋପାଳବାବୁ ଥକିଗଲେ ନାହିଁ । ସେ ଅଗଣା କାନ୍ଥକୁ ଲାଗିଥିବା କୋଇଲା ଘର ଉପରେ ଆଉଜି ଆକାଶ ପୃଥିବୀକୁ ଚାହିଁଲେ, ଅନ୍ଧାରକୁ ଆଡେଇଦେଇ ଅଦୃଶ୍ୟ ଅଗଣିତ ମଣିଷ ପ୍ରାଣୀମାନଙ୍କ ସହିତ ଆତ୍ମୀୟତାର ଭାବ ଆଣିଲେ, ଓ ଅତ୍ୟଧିକ ଅନୁରାଗର ଦୃଷ୍ଟାନ୍ତକୁ ଗଣି ଚାଲିଲେ ।

ମୁଁ ଦେଶବାସୀଙ୍କୁ ଭଲପାଏ, ମଣିଷଜାତିକୁ ଭଲପାଏ । ଜାତୀୟ ସଙ୍ଗୀତ ବୋଲାହେଲାବେଳେ ମୋର ରୋମ ଟାଙ୍କୁରି ଉଠେ । ବେଳେ ବେଳେ ମୁଁ ପ୍ରାର୍ଥନାର ଗୋଟିଏ ପଦ ମନେ ପକାଏ, — ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ । ସେତେବେଳେ ରାସ୍ତାରେ ଦେଖିଥିବା, ବସ୍‌ଷ୍ଟାଣ୍ଡରେ ଛିଡ଼ା ହୋଇଥିବା କେଉଁ ଗୋଟିଏ ଏକୁଟିଆ ଲୋକର ମୁହଁ ଆଖି ଆଗରେ ଭାସିଯାଏ । ମୁଁ କାମନା କରେ ଯେ ତା'ର ଦୁଃଖ ଘୁଞ୍ଚିଯାଉ ।

ଏହିପରି ଭାବିବାବେଳେ ଉପର ଘର ରେଡିଓରୁ ସ୍ଥାନୀୟ ଖବର ଗୋପାଳବାବୁଙ୍କ କାନରେ ବାଜିଲା । ଖବର ମଝିରେ ସେ ଶୁଣିବାକୁ ପାଇଲେ ଯେ, ଗତ ବୋମାମାଡ଼ରେ ଯେଉଁମାନେ ଆହତ ହୋଇ ଡାକ୍ତରଖାନାରେ ଥିଲେ, ତାଙ୍କ ଭିତରୁ ଆଉ ଦୁଇଜଣ ମରିଗଲେ ।

ଯେଉଁ ଦୁଇଜଣ ମରିଗଲେ,ସେମାନେ କିଏ ? ତାଙ୍କ ନାଁ ଖବରକାଗଜରେ ବାହାରିପାରେ । କିନ୍ତୁ ତାଙ୍କର ପରିଚୟ ? ସଂସାର ସାଙ୍ଗରେ ତାଙ୍କର ସମ୍ପର୍କ କଣ ଥିଲା ? ସେମାନେ କଣ ଭାବୁଥିଲେ, କଣ ଚାହୁଁଥିଲେ ? ବୋମା ତାଙ୍କୁ କାହିଁକି ମାରି ପକାଇଲା ?

ମୁଁ ବି ସେମିତି ମରିବି । ନା - ନା- ନା- !! ଗୋପାଳବାବୁ ନିଷେଧ କଲେ,ଓ ଅସହାୟତାର ଭଙ୍ଗୀରେ ହାତକୁ ମୁଠା କଲେ ।

ସେ ମନ ଭିତରେ ପାଟି କରି ଉଠିଲେ, — ମୁଁ ଆଉ ଜଣେ ନୁହେଁ, କେବଳ ଆଉ ଜଣେ ନୁହେଁ । ମୁଁ ଭଲପାଏ, ଏତେ ଭଲ ପାଏ । ... ମୁଁ ଠିକ୍ ସମୟରେ ରେଜିଷ୍ଟର 'କ୍ଲୋଜ୍' କରିବା ଛଡ଼ା କେତେ ଅଧିକା କାମ କରେ । ବଡ଼ ସାହେବ ଥରେ ପ୍ରଶଂସା କରି କହିଥିଲେ ଯେ, ମୁଁ ଭାରି ସିନସିୟର୍ । ... ମୁଁ ଶାହାନାଇ ବାଜା ଶୁଣିବାକୁ ଭଲ ପାଏ ।

Digitized by srujanika@gmail.com

ବଂଶୀ ବଜାଇପାରେ । ... ମୁଁ ବୌଦ୍ଧଧର୍ମ ବିଷୟରେ ବହୁତ ପଢ଼ିଛି । ... ମୁଁ ଗଛ ଲଗାଏ, ସେ ମରେ ନାହିଁ, ଫୁଲ ଫଳରେ ଭରି ଉଠେ ।... ମୁଁ ଛୋଟ ପିଲାଙ୍କୁ ଭଲ ପାଠ ପଢ଼ାଇପାରେ ।... ତେଣୁ ମୋର ଆଜି ମରିବା କଥା । ବୋମା ମୋତେ ମାରିବା ଉଚିତ ।

ଗୋପାଳବାବୁ କୋଇଲାଘରର ଛୋଟ ଛାତ ଉପରକୁ ଚଢ଼ିଗଲେ । ତା' ଉପରେ ଧ୍ୟାନ କଲାପରି ଚକା ମାଡ଼ି ବସିଲେ, ଓ ଦୁଇ ହାତ ପାପୁଲିରେ ମୁହଁ ଘୋଡାଇ କହିଲେ- ମୁଁ ଜାଣେ, ମୁଁ ଶୁଣିବି ନାହିଁ । କାରଣ ସେତେବେଳକୁ ରେଡିଓ ବନ୍ଦ ହୋଇ ଯାଇଥାଏ, କିନ୍ତୁ ଅନ୍ଧାରର ହସ ବିଚିତ୍ର ହୋଇ ଶୁଭୁଥାଏ । ବିଚିତ୍ର ଅର୍ଥାତ୍ ବେପରୁଆ ଗୀତ ବୋଲିଲା ପରି ।

ସେ ସେହି ହସ ଉଦ୍ଦେଶ୍ୟରେ କହିଲେ, — ମୁଁ ଶୁଣିବି ନାହିଁ । ମୁଁ ଜାଣେ ତୁ କାହିଁକି ହସୁଛୁ, ମୂଳରୁ ଜାଣେ । ବୋମା ଆଜି ପଡ଼ିପାରେ କିମ୍ୱା ନ ପଡ଼ିପାରେ । ମୁଁ ଆଜି ମରିପାରେ କିମ୍ୱା ନ ମରିପାରେ । କିନ୍ତୁ ମୋର ଭାବନା ଅବାନ୍ତର । ବୋମା ମୋତେ ଚିହ୍ନିବ ନାହିଁ, ସମ୍ମାନ ଦେବା ଦୂରର କଥା । ହୁଏତ ମୁଁ ତା' ଗୋଡରେ ଦଳି ହୋଇଯିବି,— କେବଳ ଆଉ ଗୋଟିଏ ସଂଖ୍ୟା ।

ମୁଁ କିଛି ନୁହେଁ !

ନିରାଶା । ପରାଭବ । ଭୟ, — ହୀନିମାନି ଭୟ । ଗୋପାଳବାବୁ ଆକ୍ରାନ୍ତ ହେଲେ । ରାସ୍ତାର ଏ.ଆର୍.ପି. ସେଡ୍ ତଳେ ଠୁଳ ହୋଇଥିବା ଆଳୁଅ ଉପରେ ଜଣେ କିଏ ଚାଲୁଥିବାର ଦେଖାଗଲା । କେଜାଣି କାହିଁକି ତାଙ୍କର ଇଚ୍ଛା ହେଲା ଯେ, ସେ ତା' ଉପରକୁ ଗୋଟାଏ ଢେଲା ପକାଇବେ । ଲୋକଟା ଟଳି ପଡ଼ିବ, କିଛି ଯାଏ ଆସେ ନାହିଁ ।

ହଠାତ୍ ଗୋପାଳବାବୁ ନିରାଶା, ପରାଭବ ଓ ଭୟକୁ ଛିଞ୍ଚାଡି ଦେଇ ପାରିଲେ । ଅନ୍ତତଃ ତାଙ୍କୁ ସେମିତି ଲାଗିଲା । ତାଙ୍କର ମନେ ହେଲା ଯେ, ସେ ଗୋଟିଏ ହିଂସାତ୍ମକ ପ୍ରାଣୀ । ଏବଂ ସେହି ନବଜାତ ଚେତନାର ବଳରେ ସେ ବୋମାଗର୍ଭ ଅନ୍ଧାରକୁ ସିଧା ହୋଇ ଅନାଇଲେ ଓ କହିଲେ,— ମୁଁ ଗୋଟିଏ ଶଇତାନ୍, ତୋରି ପରି । ଏଥର ତୁ ମୋତେ ଚିହ୍ନିବୁ । ନିଶ୍ଚୟ ବୁଝିବୁ ଯେ, ମୋର ମରିବା ଉଚିତ ।

ସେ ଅନ୍ଧାରକୁ ଖତେଇହେଲା ପରି ବିଦ୍ରୂପଭରା ହସ ହସିଲେ । ଶଇତାନ୍‌ମାନେ ଯେମିତି ହସନ୍ତି । ସେହି ହସରେ ଜଣାଇଦେଲେ,— ମୁଁ ତୋର ପ୍ରତିରୋଧୀ ଦେବତା ନୁହେଁ, ମୋର ଭଲପଣ କିଛି ନାହିଁ । କିନ୍ତୁ ମୁଁ ତୋର ପ୍ରତିଦ୍ୱନ୍ଦୀ ରାକ୍ଷସ । ଏହି ହେଉଛି ସତକଥା । ତାହାହେଲେ ତୁ ମୋତେ ନ ମାରି ଯିବୁ କୁଆଡେ ?

ହିଂସା, ନିରାଟ ହିଂସା । ଗୋପାଳବାବୁ ତାକୁ ଉଚ୍ଚାରଣ କଲେ, ଉଦ୍‌ବୋଧନ କଲେ । ଏବଂ ସେ ଅନୁଭବ କଲେ ଯେ ତାଙ୍କ ଶିରାରେ ଶିରାରେ ଶକ୍ତି ସଂଚାରିତ ହେଉଛି ।

Digitized by srujanika@gmail.com

ବୋମା ପଡ଼ିବ !

ସେ ଅନ୍ଧାରକୁ ଆହ୍ୱାନ କଲେ, — ମୁଁ ବର୍ତ୍ତମାନ କହିଯାଉଛି ମୋ ନିଜ କଥା, ସତକଥା । ଶଇତାନିର ନିର୍ଭୁଲ ପ୍ରମାଣ । କାହାର ସାଧ ଅଛି କହିବ ଯେ, ସେ ସବୁ ମିଛ ? ଆଜିଯାଏଁ ମୁଁ ସ୍ୱୀକାର କରି ନାହିଁ, ସମାଜ ମୋତେ ସ୍ୱୀକାର କରିବାକୁ ଦେଉନାହିଁ । ଆଜି ମାନୁଛି, କାରଣ ମୁଁ ତା ସାଙ୍ଗରେ ମୁକାବିଲା କରିବାକୁ ଯାଉଛି ।

ତାଙ୍କର ସେହି ଭୀମତ୍ୱକୁ ଦେଖି ଅନ୍ଧାର ବୋଧହୁଏ ଟିକିଏ ଶଙ୍କିଗଲା । ତା'ର ହସ ଥମିଗଲା, ସେ ଚୁପ୍ ହୋଇଗଲା । ମନେହେଲା ଯେ ସେ ଗୋପାଳବାବୁଙ୍କ ସ୍ୱରୂପକୁ କଳୁଛି, ତା'ର ସତମିଛ ବାରିବାକୁ ଚେଷ୍ଟା କରୁଛି ।

ଏହି ସମୟରେ ଶୋଇବାଘରେ ଆଲୁଅ ଜଳି ଉଠିଲା ! ଗୋପାଳବାବୁ ଦେଖିଲେ ଯେ, କିରଣ ଘର ଭିତରୁ ବାହାରି ଆସୁଛି । ସେ ଭାବିଲେ, କିରଣକୁ ଚିନ୍ତାରେ ନିଦ ହେଉନାହିଁ । ସେ ମରିବାକୁ ଚାହେଁ ନାହିଁ । ସେ ମୋତେ ଦେଖିକରି କହିବ, 'ସେଠି ସେମିତି କାହିଁକି ବସିଛ ମ ! ନିଦ ହେଉ ନାହିଁ ? ଆସ ଶୋଇବ ଆସ । ଯାହା ହେଲେ ହେବ ଭଗବାନ୍ ଅଛନ୍ତି । '

ତା'ର ଅଲଣା ଦରଦକୁ ମୁଁ ଘୃଣାକରେ । ମୁଁ ତାକୁ ଘୃଣା କରେ ଆଜି ନୁହେଁ, ବାହାଘର ଦିନୁ ।

ଅନୁମାନ ଅନୁଯାୟୀ କିରଣମୟୀ ଦେବୀ ନିଦୁଆ ଆଖିରେ ସ୍ୱାମୀଙ୍କୁ ଖୋଜିଲେ, ଓ ସନ୍ଧାନ ପାଇ ଶୋଇବାକୁ ଅନୁରୋଧ କଲେ । ଗୋପାଳ ବାବୁ ରୁକ୍ଷ ସ୍ୱରରେ କହିଲେ, ତୁମେ ଯାଅ, ମୁଁ ଏଇଠି ଅଛି ।

ଏହା ପରେ ଗୋପାଳବାବୁ କ୍ରମାନ୍ୱୟରେ ରାଗିଚାଲିଲେ, ଓ ବଖାଣିଗଲେ । କିନ୍ତୁ ଏକ ଅପୂର୍ବ କଥୋପକଥନର ସୃଷ୍ଟି ହେଲା । ଯେପରି କି ସେ ପଦେ କହିଲାବେଳକୁ ତାଙ୍କ ଭିତରେ ସେହି ଅନ୍ଧାରି ଶଇତାନ୍ ପ୍ରତିବାଦ କରି ଆଉ ପଦେ କହୁଛି । ଗୋପାଳବାବୁ ପ୍ରତ୍ୟୁତ୍ତର ପାଇ ଉତ୍ତେଜିତ ହୁଅନ୍ତି ଓ ନୂଆ ପ୍ରମାଣ ଯୋଡିଦିଅନ୍ତି । ସେ କଥୋପକଥନର ସାରାଂଶ ଏହି ପ୍ରକାର —

" ମୁଁ କିରଣକୁ ଭଲ ପାଏ ନାହିଁ । ତା'ର ସେହି ଆଶ୍ରିତାର ଢ଼ଙ୍ଗ ମୋ ଦେହରେ ଯାଏ ନାହିଁ ।"

(କିନ୍ତୁ ତୁ ତା'ର ନରମ ଚାହାଣୀକୁ ଭଲପାଉ । ତା'ର ଆଖିରେ କଜ୍ଜଳ ଲାଗିଥିଲେ ତୋତେ ଏ ସଂସାର ସୂକ୍ଷ୍ମସୁନ୍ଦର ଦେଖାଯାଏ, ନୁହେଁ ?)

" ବାଜେ କଥା । ସେ ମୋତେ ବାନ୍ଧିବାକୁ ଚାହେଁ । ମୁଁ ବାନ୍ଧି ହେବା ଜୀବ ନୁହେଁ । ସେଇଥିପାଇଁ ମୁଁ ଛାଟିପିଟି ହୁଏ, କୃଷ୍ଣାକଥା ମନେ ପକାଏ । ଏବଂ ସାବିତ୍ରୀ, ଶୋଭନା, ମିସେସ୍ ଦତ୍ତ । "

Digitized by srujanika@gmail.com

(ବେଶ୍ , ବେଶ୍ । ସେମାନେ ଅନେକ ଅଛନ୍ତି । କିନ୍ତୁ ତୁ ସବୁବେଳେ କିରଣ ପାଖକୁ ଫେରିଆସୁ, ସଂପୂର୍ଣ୍ଣ ମନରେ ଫେରିଆସୁ ।)

''ରାଗିକରି ଫେରିଆସେ । ସେକ୍ସ୍ ପାଇଁ ଫେରିଆସେ । ଅଧିକାର କରିବା ପାଇଁ, ନିଜକୁ ଓ ତା'କୁ କଷ୍ଟ ଦେବାପାଇଁ । ''

(ତା'ର ଅର୍ଥ ସେକ୍ସ୍ ତୋତେ ଶାନ୍ତି ଦିଏ ନାହିଁ । ତୁ ଶାନ୍ତିର ମଣିଷ ।)

'' ହଁ, - ନା । ମୁଁ ଅଶାନ୍ତି ଚାହେଁ, ହିଂସାର ଅଶାନ୍ତି । ବୁଝି ପାରୁ ନାହିଁ ? ମୁଁ ପିଲାଦିନେ ତନ୍ମୟ ହୋଇ ଦେଖୁଥିଲି କେମିତି ଝିଟିପିଟି ପୋକମାନଙ୍କୁ କଲବଲ କରି ଖାଉଛି । କେମିତି ଗେହ୍ଲା ପୁଷି ବିଲେଇ ଗୁଣ୍ଡୁଚି ମୂଷାକୁ ମାରି ପକାଉଛି । ମୁଁ ମନେ ମନେ କାନ୍ଦେ, କିନ୍ତୁ ଦେଖି ରହେ, ହିଂସାର ଦୃଶ୍ୟକୁ ଶେଷ ପର୍ଯ୍ୟନ୍ତ ଦେଖି ଉହେ । ତଥାପି ବୁଝିପାରୁ ନାହୁଁ ? ''

(ବୁଝୁଛି । ତୁ ହିଂସାରେ ପ୍ରକୃତ ଆନନ୍ଦ ପାଉନା । କାରଣ ତୁ ଶଇତାନ୍ ନୁହଁ, ଗୋଟିଏ ଦୁର୍ବଳ ମଣିଷ ।)

'' ଭୁଲ୍, ପୂରାପୂରି ଭୁଲ୍ ! ଅନ୍ୟମାନଙ୍କ ପରି ନୁହେଁ । ମୁଁ ଗୋଟିପଣେ ଶଇତାନ୍, କିନ୍ତୁ ଚତୁର । ଦୁର୍ବଳତା ମୋର ଛଳନା । ... ଜାଣିଛୁ ? ମୁଁ ଯେବେ ସାଂଗ ସାଥୀମାନଙ୍କ ସାଙ୍ଗରେ କେଉଁ ରେଷ୍ଟୋରାଁରେ ପେଟ ପୂରେଇ ଖାଇ ଆସେ, ସେ ଦିନ ରାସ୍ତାର ଭିକାରୀଟିକୁ ଦେଖିଲେ ମୁଁ ଦୟାପରବଶ ହୁଏ, ଆଉ ଦଶ ନୂଆ ପଇସା ଫିଙ୍ଗିଦିଏ ତା ଆଡକୁ । ତିନରଟା ପୂରିଲା ପରି ମନେ ହୁଏ । ଅନ୍ୟ ଦିନ ସେମାନଙ୍କୁ ଦେଖିଲେ ମୁଁ ଭାବେ,— ଏମାନେ ଏତେ କାହିଁକି ଅଛନ୍ତି ? ଲୋପ ପାଇ ଯାଆନ୍ତେ ନାହିଁ ! ''

(ଉତ୍ତମ । ଭଲ ପାଇବାର ଲକ୍ଷଣ । ନ ହେଲେ ତୁ ଭୁରିଭୋଜନ ପରେ ସେମାନଙ୍କ ଆଡେ ଛେପ ପକାଇଥାଆନ୍ତୁ ଓ ଅନ୍ୟଦିନ ସେମାନେ ତୋର ଆଖିରେ ପଡନ୍ତେ ନାହିଁ ।)

'' ତୁ ଥଟ୍ଟା କରୁଛୁ । ମୁଁ ଜାଣେ ତୁ ମୋତେ ଥଟ୍ଟା କରୁଛୁ । ତୁ ମୋତେ ଭୁଲାଇଦେବାକୁ ବସିଛୁ । କିନ୍ତୁ ଲାଭ ନାହିଁ, ମୁଁ ନିଜକୁ ଚିହ୍ନିଛି । ମୁଁ ମୋର ଦେଶପ୍ରେମ କଥା କହିଛି — ନା ? ଯେ ମୋର ରୋମ ଟାଙ୍କୁରି ଉଠେ ଇତ୍ୟାଦି । ମିଛ ନୁହେଁ । କିନ୍ତୁ ମୋର ରୋମ କଥା କଥାକେ ଟାଙ୍କୁରି ଉଠେ । କାରଣ ମୁଁ ଭାବପ୍ରବଣ । ଶଇତାନ୍‌ମାନଙ୍କର ଏହି ଗୁଣଟି ଥିବା ଉଚିତ୍, ନ ହେଲେ ସେମାନେ ବିନାଶର ଆନନ୍ଦ ପାଇପାରିବେ ନାହିଁ । ''

(ତୁ ଗୋଟିଏ ଛାର ସେଣ୍ଟିମେଣ୍ଟାଲ ପ୍ରାଣୀ । ତୋର ଶଇତାନି ପାଇଁ ଦରକାର ସଂଗୀତ, ଭଜନ,ଆଟମସ୍‌ଫିଅର୍ !)

ଏହି ଭର୍ତ୍ସନା ଗୋପାଳବାବୁଙ୍କ ଦେହକୁ କାଟିଲା । ସେ ଶୀଘ୍ର ଉତ୍ତର ଦେଇ ପାରିଲେ ନାହିଁ ।

ସେ ରାଗିକରି ଟାଣୁଆ ଜବାବ୍ ସଜାଡୁଛନ୍ତି; ଏହି ସମୟରେ ଗୋଟିଏ ବାର ବର୍ଷିଆ ଅପରଛନିଆ ଟୋକାର ମୁହଁ ଅନ୍ଧାର ଦର୍ପଣରେ ଦେଖାଗଲା । ମୁହଁରେ ବସନ୍ତ ଦାଗ ଅଛି,

Digitized by srujanika@gmail.com

ପୌଗଣ୍ଡର ରୁକ୍ଷତା, ଓ ଦାନ୍ତୁରା ହସ । କିନ୍ତୁ ଚାହାଣୀରେ ଅଛି ନିଜକୁ ସଁପିଦେବାର କରୁଣତା, — ତା' ମାଆ ପରି । ସେ କହିଲା, " ବାପା, ମୁଁ ମରିବି ନାହିଁ, ବୋମା ଏଠିକି ଆସିବ ନାହିଁ । "

ଗୋପାଳବାବୁ ତା'କୁ ଦେଖି ଆଶ୍ଚର୍ଯ୍ୟ ହେଲେ । କହିଲେ, " ତୁ କାହିଁକି ଆସିଛୁ ଏଠିକି ? ତୁ ଏଠୁ ଚାଲିଯାଆ । ତୁ ମରିପାରିବୁ ନାହିଁ, ମୁଁ ମରିବି । ମୁଁ ହେଉଛି ଶଇତାନ୍ । "

"ତାହାହେଲେ ତୁମେ ମୋତେ ଭଲ ପାଅ ? "

"ଓଃ, ପୁଣି ସେହି ଭଲପାଇବା କଥା ? " ଗୋପାଳବାବୁ ବିକଳ ହେଲେ । କାହିଁକି ସମସ୍ତେ ମୋ ପଛରେ ଲାଗିଛନ୍ତି ? ମୋର ଭଲପାଇବା, ଭଲପଣ, ମୋ ବଇଁଶୀ, ମୋ ରେଜିଷ୍ଟର୍ — ଚୁଲିକୁ ଯାଉ ! ମୁଁ ଶଇତାନ୍ ହେବାକୁ ଚାହେଁ । "

ମୁଁ କ'ଣ ଶଇତାନ୍ ହୋଇପାରିବି ନାହିଁ ?...

ସୌଭାଗ୍ୟବଶତଃ ଏତିକିବେଳେ ସତସତିକା ସାଇରେନ୍ ବାଜି ଉଠିଲା । ତା'ର ବାହୁନା ସ୍ୱର ଶୋଇଲା ସହର ଉପରେ ଲମ୍ୱେଇ ହୋଇଗଲା ।

ଗୋପାଳବାବୁ ବସିବା ଜାଗାରୁ ଲମ୍ଫଦେଇ ତଳକୁ ଆସିଲେ । ତାଙ୍କ ଦେହ ମନରେ ଶକ୍ତିର ସ୍ରୁଅ ପୁଣି ଖେଳିଗଲା । ଏବଂ ସେ କହିଲେ,— ଅନ୍ତତଃ ମୁଁ ଶତ୍ରୁକୁ ଘୃଣାକରେ, ତୀବ୍ର ଭାବରେ ଘୃଣାକରେ । ଏକଥା କେହି ମନା କରିପାରିବେ ନାହିଁ । ସେ ଅତି ହୀନ, ପାଷାଣ୍ଡ, ବର୍ବର ।

ସେ ଘର ଭିତରକୁ ଦୌଡ଼ି ଯାଇ ସ୍ତ୍ରୀ ପିଲାଙ୍କ ନାଁ ଧରି ପାଟି କରି ଉଠିଲେ, "ଉଠ, ଉଠ ସମସ୍ତେ । ଉଠିଆସ । ଶତ୍ରୁ ଆସିଗଲେଣି । ଆଲୁଅ ଲଗାନାହିଁ, ମଝି ଘରକୁ ଚାଲିଆସ । ଡର ନାହିଁ । "

ସେ କଳ୍ପନାରେ ଦେଖିଲେ ଯେ, ସେ ଆକାଶକୁ ଉଠିଯାଇଛନ୍ତି । ଶତ୍ରୁ ଉଡାଜାହାଜରେ ବସିଥିବା ଲୋକଟାର ପେଟରେ ଛୁରୀ ଭୁଷି ଦେଇଛନ୍ତି, ଓ ତାର ଛୁରୀ ନିଜ ପେଟରେ ଭୁଷି ହୋଇଯାଉଛି । ଦୁଇଜଣଙ୍କର ରକ୍ତ ଥପ୍ ଥପ୍ ହୋଇ ପୃଥିବୀ ଉପରେ ଝରି ପଡୁଛି ।

Digitized by srujanika@gmail.com

ଗଲାଣି ତ ଗଲା କଥା...

'' ସେ ବାଟେ ଯିବା ନାହିଁ ସାର୍, ସେଠି ବୁଢ଼ା ଲୋକ ସବୁ ପୋଡା ହେଉଛନ୍ତି । ''

'' ଏଁ !!'' ଗୋପାଳବାବୁ ଆକାଶରୁ ଖସିଲେ । କିନ୍ତୁ ଡ୍ରାଇଭର ତାଙ୍କୁ ଯଥାଶୀଘ୍ର ବୋଧ କରି ଦେଲା । ହସି ଉଠି କଥାଟାକୁ ବୁଝେଇ ଦେଲା । କହିଲା ଯେ ପୁରୁଣା ବର୍ଷକୁ ବୁଢ଼ା ପରି ସଜେଇ ଦେଇ ତାକୁଇ ପୋଡି ଦେଉଛନ୍ତି ସେମାନେ । ଇଏ ହେଉଛି ବର୍ଷ ଶେଷର ଅନ୍ୟତମ ଉତ୍ସବ, ରାସ୍ତାଘାଟର ଦୃଶ୍ୟ, ଟୋକାଟାକଳିଆଙ୍କ ମଉଜ । କିନ୍ତୁ ଗେଲ କରୁକରୁ ତେଲ ବାହାରିବାକୁ କେତେ ସମୟ ? ସେଇଲାଗି ସେ ଅନ୍ୟବାଟେ ଚଳେଇ ଆଣିଛି ଗାଡ଼ିଟାକୁ, କାହିଁକିନା ଆମକୁ ଠିକଣା ସମୟରେ ପହଞ୍ଚିବାକୁ ହେବ ଏୟାରପୋର୍ଟରେ ...

କେଜାଣି କାହିଁକି ଆଜି ଗୋପାଳବାବୁଙ୍କ ମନେ ପଡ଼ିଲା ବମ୍ବେ ଟ୍ୟାକ୍ସି ଡ୍ରାଇଭର୍‌ର ସେଇ ସହାସ୍ୟ ଟୀପ୍‌ପଣୀ । ଆଜି ଅବଶ୍ୟ ଏକତିରିଶ ଡିସେମ୍ବର, ଆଉ ଗୋଟିଏ ବର୍ଷ ଶେଷର ଦିନ । କିନ୍ତୁ ଯା ଭିତରେ ତ କେତେ ବର୍ଷ ବିତିଗଲାଣି, ଆଜି କାହିଁକି ମନେ ପଡ଼ିଲା ସେ କଥା ସେଇ ବିଚିତ୍ର 'ବୁଢ଼ା ପୋଡ଼ା' ଘଟଣା ?

କହି ହେବ ନାହିଁ । ହେଲେ ଗୋପାଳବାବୁ ତିକ୍ତ ହସଟିଏ ହସିଦେଲେ । ଭାବିଲେ ମୁଁ ବି ଯା ଭିତରେ ବୁଢ଼ା ହୋଇଗଲିଣି, ସେଇଲାଗି ବୋଧହୁଏ ମୋର ହାତ ମିଳେଇବାକୁ ଇଚ୍ଛା ହେଉଛି ପୁରୁଣା ବର୍ଷ ସାଂଗରେ । ମନ ହେଉଛି କହିବାକୁ — ଚାଲ ଏକାଠି ପୋଡି ହୋଇ ମରିବା । ଆଃ, କି ମଜା !

ତିକ୍ତତାକୁ ଅଳ୍ପବହୁତ ହେଜିଲାରୁ ସେ ଗୋଟାଏ ଲମ୍ବା ଦୀର୍ଘନିଃଶ୍ୱାସ ପକେଇଲେ । .. ହଁ, ମୁଁ ମିଛ କହୁନାହିଁ । ମୋର ଯେ ସତସତିକା ଏଇ ବୁଢ଼ା ଦେହଟାକୁ ପୋଡ଼ି ପକେଇବାକୁ ଇଚ୍ଛା ହେଉଛି, ଠିକ୍ ତା' ନୁହେଁ । ମୃତ୍ୟୁ ଆସନ୍ନ, କାହିଁକି ଆଉ ଏତେ କଷ୍ଟ ଭୋଗିବି ? ତେଣୁ ଆତ୍ମହତ୍ୟା ଶ୍ରେୟସ୍କର । ଏଭଳି ଦୁଷ୍ଟ ଆବେଗର କାରଣ ଆସିନାହିଁ ହୁଏତ । ବୟସକୁ ଚାହିଁ ମୁଁ ତଥାପି ସୁସ୍ଥ, ସିଧାସଳଖ ଭାବି ପାରୁଛି, ଦି ପଦ ଲେଖିପାରୁଛି, ଇତ୍ୟାଦି । ତେବେ ଆଜି ମୋର ମନ ହେଉଛି... ଯେ ... ମୋର ଏଇ ସତଷଠି ବର୍ଷର ଅତୀତକୁ, ଏଇ ବିରାଟ ଅପରଛନିଆ ବୋଝଟାକୁ ଚୁପ୍‌କିନି ଖସେଇ ଦେଇ, ଭସେଇ ଦେଇ କି ପୋଡିଜାଳି ପାଉଁଶ କରି ଦେଇ ପାରନ୍ତି ନାହିଁ !

Digitized by srujanika@gmail.com

ତା' ହେଲେ ମୁଁ ବୋଧହୁଏ ପାଆନ୍ତି ଖାଲି ମୋର ଏହି ବଂଚିବାର ଚେତନାକୁ, ନିଜକୁ ଆଉ ଏହି ମୂହୂର୍ତ୍ତିଟିକୁ । ଏବଂ ଏଇ କ୍ଷଣିକର ଅନୁଭବ, ତାର ସମଗ୍ର ସଂପୂର୍ଣ୍ଣ ଆନନ୍ଦକୁ । ସେଇଠୁଁ ମୂହୂର୍ତ୍ତପରେ ମୂହୂର୍ତ୍ତ ଜନ୍ମ ହୁଅନ୍ତା, ମରି ଯାଆନ୍ତା, ଜନ୍ମ ହୁଅନ୍ତା, ଶେଷ ମୃତ୍ୟୁ ଆସିବା ଯାଏଁ । ତା' ହେଲେ ଜୀବନ କେତେ ସୁନ୍ଦର ମିଶି ଯାଆନ୍ତା ମରଣ ସାଙ୍ଗରେ...

କାହିଁକି, କାହିଁକି ଏମିତି ହୋଇ ପାରିବ ନାହିଁ ?

କିଏ କହିଲା ହୋଇ ପାରିବ ନାହିଁ ? ବରଂ ତୁମେ ଗୋଟାଏ ଅତି ଚମତ୍କାର କଥା କହିଲ ଗୋପାଳବାବୁ । ଏକ ମହାନ୍ ଉପଲବ୍ଧିର ଆଶୀର୍ବାଦ । ଯାହା ଅନ୍ତତଃ କେତେକ ବ୍ୟକ୍ତିବିଶେଷଙ୍କୁ ମିଳିଥିବାର ସୁସ୍ପଷ୍ଟ ସୂଚନା ମିଳେ । ଯଥା ଏକାଧିକ ବୌଦ୍ଧ ଭିକ୍ଷୁ, ବିଶେଷତଃ 'ଜେନ୍' ଧର୍ମର ଆଗ୍ରହୀ, ଏବଂ ଏବେକାର ଜଣେ ବିଶ୍ୱବିଖ୍ୟାତ ଗୁରୁ- ଜେ, କୃଷ୍ଣମୂର୍ତ୍ତି । କୃଷ୍ଣମୂର୍ତ୍ତୀ ଏକାନବେ ବର୍ଷ ବୟସରେ ମୃତ୍ୟୁକୁ ଅତି ନିକଟରେ ଦେଖିଲା ପରେ କହିଲେ ତାଙ୍କ ଡାକ୍ତରଙ୍କୁ, " ଚିନ୍ତା ନାହିଁ । ମୁଁ ତ ମୃତ୍ୟୁ ସାଂଗରେ ଘର କରି ରହିଛି ଏତେ ଦିନ । କାରଣ ମୁଁ କେବେ ହେଲେ କୌଣସି ସ୍ମୃତିକୁ ସାଂଗରେ ଧରି ଧରି ନେଇ ନାହିଁ .. "

ଏଇଥିରୁ ବୁଝ ଗୋପାଳବାବୁ, ଯେ କିଭଳି ଅମୃତର ବାଣୀଟିଏ ବାହାରି ପଡ଼ିଲା ତୁମ ମୁହଁରୁ । ଭାବି ଦେଖ ଯେ ବାସ୍ତବରେ ଅତୀତ ବୋଲି ବସ୍ତୁଟିଏ କି ବାଷ୍ପଟିଏ, ବିଶ୍ୱସନୀୟ ସତ୍ତାଟିଏ ନାହିଁ । ପ୍ରତିଟି ମୂହୂର୍ତ୍ତ ମରିଯାଏ, ଏବଂ ଆଉ ଗୋଟିଏ ମୂହୂର୍ତ୍ତ ଜନ୍ମ ହୁଏ । ଏଇ ଅସରନ୍ତି ଲୟ-ବିଲୟର ଲୀଳାକୁ କିଏ କୁହେ ସଂସାର, ତ କିଏ କୁହେ ମାୟା । ଗ୍ରୀକ୍ ଦାର୍ଶନିକ ହିରାକ୍ଲିଟସ୍ କହିଲା ପରି, କୌଣସି ନଈର ପାଣିରେ ଦି'ଥର ପାଦ ଦେଇ ହେବ ନାହିଁ । ତଥ୍ୟଟି ଅତି ଚତୁର ଓ ଶ୍ଳେଷାତ୍ମକ ଭଂଗୀରେ ଫୁଟି ଉଠିଛି ଗୋଟିଏ ଜେନ୍ ଗୁରୁ-ଶିଷ୍ୟ ଭବାଚରେ :

'ସେମାନେ କଅଣ ? '

'ଦଳେ ଉଡନ୍ତା ବଗ । '

'କୁଆଡେ ଯାଉଛନ୍ତି ସେମାନେ ? '

'କାହିଁ , ନାହାନ୍ତି ତ ସେମାନେ । ଉଡିଗଲେଣି । '

'ଆଃ ! ଉଡ଼ି ଚାଲିଗଲେ କେମିତି ! '

ସେଇଠୁଁ ଶିଷ୍ୟଙ୍କର ଚୈତନ୍ୟୋଦୟ ହେଲା । ସେ ବୁଝିଲେ ଯେ ଥିବା ଓ ନ ଥିବା ମଧ୍ୟରେ ବ୍ୟବଧାନ ନାହିଁ । ତଥା ଜୀବନ ଓ ମୃତ୍ୟୁ ଭିତରେ । ଜେନ୍ ଗୁରୁ ଜୋ-ଗେନ୍ କହିଲାପରି, ଯାହା ଅ-ଜାତ ତାହାହିଁ ଅ-ମୃତ । ସମୟ ଧାଇଁ ପଳଉଛି ବୋଲି କହିବା

Digitized by srujanika@gmail.com

ଭୁଲ୍ । ଯେମିତି ଢେଉର ପାଣି ପଡେ ଉଠେ ଅଥଚ ସେଇଠି ଥାଏ, ଯଦିଓ ମନେ ହୁଏ ଯେ ପାଣି ବହି ଚାଲିଛି ।

ବଡ ଗୋଳମାଳିଆ କଥା ! ଏଣେ କହୁଛ ଯେ ବସ୍ତୁ କି ଘଟଣା ଏଇକ୍ଷଣି ଅଛି ତ ଏଇକ୍ଷଣି ନାହିଁ, କୌଣସି ନଈର ପାଣିରେ ଦି'ଥର ପାଦ ଦେଇ ହେବ ନାହିଁ, ବଗ ଉଡିଗଲେଣି ଇତ୍ୟାଦି । ପୁଣି କହୁଛ କଣ ନା ସମୟର ଗତି ନାହିଁ ?

ହଁ, ସେଇତ ମଜା ! ହିରାକ୍ଲିଟ୍‌ସ ଯେତିକି ସତ, ଜେନ୍‌ଗୁରୁ ମଧ୍ୟ ସେତିକି ସତ । ଦୋଷ ହେଉଛି ତୁମର ଗୋପାଳବାବୁ ତୁମର- ଆମର । ଯେମିତି ଚଳନ୍ତା ଟ୍ରେନରେ ବସିଥିଲା ବେଳେ ମନେ ହୁଏ ଯେ ଦୃଶ୍ୟମାନ ଜଗତ ସାଇଁ ସାଇଁ ହୋଇ ପଳେଇ ଯାଉଛି, ଆଉ (ହାୟ !) ତୁମେ ତା'କୁ ମୁହୂର୍ତ୍ତକ ପାଇଁ ଛୁଇଁ ପାରୁ ନାହଁ, ଅନୁଭବ କରି ପାରୁ ନାହଁ । କିନ୍ତୁ କଥାଟା ଓଲଟା, ମାନେ ଜଗତର ବସ୍ତୁମାନେ ଅଛନ୍ତି ଯେଉଁଠି ସେଇଠି, ଆଉ ତୁମେ ଟ୍ରେନର ପିଠିରେ ବସି ଧାଇଁ ପଳଉଛ । ସେମିତି ତୁମେ ଭାବୁଛ ଯେ ତୁମେ ସ୍ଥିର ହୋଇ ଅଛ, ଆଉ ଏଇ ସମୟ ଦୌଡୁଛି । ଦୌଡୁଛି ଓ ତୁମକୁ ଘୋଷାରି ଘୋଷାରି ନେଉଛି । ଅଗତ୍ୟା ତୁମେ ହାଲିଆ ହୋଇ ଯାଉଛ, ବୁଢ଼ା ହୋଇ ଯାଉଛ, ଏବଂ ତା ଉପରେ ରାଗୁଛ । ଏବଂ ରାଗୁ ରାଗୁ ମରି ହଜି ଲୋପ ପାଇ ଯାଉଛ । ତେଣୁ ତୁମେ ଓ ସମୟ, ତୁମ ଦିହିଙ୍କ ଭିତରୁ କିଏ ସ୍ଥିର ଓ କିଏ ଚଂଚଳ, ସେ ବିଷୟରେ ଚିନ୍ତା କରି ଲାଭ ନାହିଁ । ଅପରନ୍ତୁ ଯେତେଦିନ ଯାଏଁ ଏହି ଦ୍ୱୈତର ଧାରଣା ତୁମ ମନରେ ଅଛି, ସେତେଦିନ ଯାଏଁ ତୁମେ କଷ୍ଟ ପାଇବ । ଅତୀତ, ଅର୍ଥାତ୍ 'ଆହା, ଚାଲିଗଲା ! ' ର ଦୁଃଖ, ଏବଂ ଭବିଷ୍ୟତ ଅର୍ଥାତ୍ 'ଯା ପରେ କ'ଣ ହେବ ?'ର ଉଦ୍‌ବେଗ । ସେହେତୁ ଏଇ ଦ୍ୱୈତଭାବକୁ ବର୍ଜନ କର ଗୋପାଳବାବୁ, ତା ହେଲେ ଯାଇ ଶାନ୍ତି ପାଇବ । ମନେକର ଯେ ତୁମେ ' ପାହାଡର ଝରଣାରେ ନାଚି ନାଚି ଯାଉଥିବା ପେଣ୍ଡୁଟିଏ ତା' ହେଲେ ତୁମେ ଓ ସମୟ ସମତାଳରେ ସମଭାବରେ ଏକାଠି ହୋଇ ପାରିବ । ଯୁଗପତ୍ ସ୍ଥିର ଅଥବା ଗତିଶୀଳ — ସେଇ ଏକା କଥା । ପ୍ରତ୍ୟେକ ମୁହୂର୍ତ୍ତ ତୁମର ପ୍ରତିବିମ୍ବ, ପ୍ରତ୍ୟେକ ମୁହୂର୍ତ୍ତର ଜନ୍ମ ଓ ପ୍ରତ୍ୟେକ ମୁହୂର୍ତ୍ତର ମୃତ୍ୟୁ । ଶୂନ୍ୟବାଦର ପ୍ରବର୍ତ୍ତକ ନାଗାର୍ଜୁନ କହିଲାପରି, ତା' ହେଲେ ତୁମେ ଯାହାକୁ ସଂସାର ବୋଲି ଭାବୁଛ, ସେଇ ହେବ ତୁମ ନିର୍ବାଣ ।

ଅତଏବ ଯାହା ତୁମ ମୁହଁରୁ ବାହାରିଲା ଗୋପାଳବାବୁ, ତାହାହିଁ ଠିକ୍ । ଚରମ କାମ୍ୟ, ତେଣୁ ପରମ ସତ୍ୟ । ମୁହୂର୍ତ୍ତ-ଅନୁଭବର ଏଇଁ ସ୍ନିଗ୍ଧତା । ଅତୀତ କାହିଁକି ଉଭେଇ ଯାଉ ନାହିଁ ବୋଲି ବାଡେଇ ପିଟି ହେବା ଅନାବଶ୍ୟକ । ଅତୀତ ନାହିଁ । ପୂର୍ଣ୍ଣଛେଦ ।

ଆହା, କ'ଣ ଭାବୁଛ ଯେ ଇଏ ତୁଚ୍ଛା ଦାର୍ଶନିକତା ? ଦୁଃଖକୁ ଆଡେଇ ଦେବାର ଏକ ବିରାଟ କାଳ୍ପନିକତା ? ନା, ଇଏ ବିଜ୍ଞାନକୁ ଧରାଛୁଆଁ ନ ଦେଇ ଧାଇଁ ପଳଉଥିବା

Digitized by srujanika@gmail.com

'ଜ୍ଞାନ' ନୁହେଁ । ଏହା ମଧ ଆଜିକା ବିଜ୍ଞାନର ସ୍ୱୀକାରୋକ୍ତି । ଅନ୍ତତଃ ତା'ର ଆଧୁନିକତମ ସଂଶୟ । ଶୁଣିବ ବିଖ୍ୟାତ ବୈଜ୍ଞାନିକ ଫ୍ରେଡ଼୍ ହଏଲ୍ କ'ଣ କହିଲେ ? କହିଲେ ଯେ ସମୟ ଧୀରେ ସୁସ୍ଥେ ଗତି କରି ଆସୁଛି ଅତୀତରୁ ଭବିଷ୍ୟତକୁ, ଆମର ଏଇ ଧାରଣା ଭ୍ରମାତ୍ମକ । କୁଆଡେ ସେ ପ୍ରକୃତିର ଗୋଟାଏ ଚାଲାଖି, ଯେଉଁଥିରେ ଆମେ ଭଳି ଯାଉଛୁ । ଆଶ୍ଚର୍ଯ୍ୟ । ଜଣେ ଖାରା ବୈଜ୍ଞାନିକ ହୋଇ ମଧ୍ୟ ସେ କେମିତି କହିଲେ ଏ କଥା ? ସମୟ ଓ ମହାକାଶ, ଏଇ ଦୁଇ ମହାରଥୀ ତ ଆମର ପ୍ରତ୍ୟକ୍ଷ ଓ ପରୀକ୍ଷିତ ପୃଥିବୀକୁ ମୁଣ୍ଡେଇଛନ୍ତି । ଯାଙ୍କରି ଯୋଗୁଁ ତ କାରଣ ଓ କ୍ରିୟା, ହେତୁ ଓ ଫଳର ଆସ୍ଥା । ଏମାନେ କ'ଣ କୁଆଡେ ଛୁଟି ନେଇ ଚାଲିଗଲେଣି ଯେ ସମୟ ପଛରୁ ଆଗକୁ, ଅତୀତରୁ ଭବିଷ୍ୟତକୁ ଗତି କରୁଛି ବୋଲି କହିବା ଭୁଲ୍ ? ତା' ହେଲେ କ'ଣଟା ଠିକ୍ ?

ଠିକ୍ କଅଣ ବୋଲି ପଚାର ନାହିଁ । ତା'ର ସୀମା ସରହଦ ନିର୍ଣ୍ଣୀତ ହୋଇ ପାରିନାହିଁ ଆଜିଯାଏଁ । କିନ୍ତୁ ଏତିକି ସତ ଯେ ସୀମାନ୍ତର ସ୍ୱତଃସିଦ୍ଧ ଓ ଚିରନ୍ତନ ପରି ମନେ ହେଉଥିବା ପାଚିରୀ ଭୁଷୁଡି ଯାଇଛି । ଆଇନଷ୍ଟାଇନ୍ ହାଣିଲେ ପ୍ରଥମ ମରଣାଂତକ ଚୋଟ; $E = mc^2$ । ଯାହାର ଶେଷ କଥା ହେଲା ଏଇ ଯେ ଶକ୍ତି ଓ ପଦାର୍ଥ ମଧରେ କୌଣସି ମୌଳିକ ଏବଂ ଅପରିବର୍ତ୍ତନୀୟ ପାର୍ଥକ୍ୟ ନାହିଁ । ଦୁହେଁ ଅଦଳବଦଳ ହୋଇ ପାରିବା ସଂଭବ, ଉପଯୋଗୀ ତଥ୍ୟର ସଂଯୋଗ ଅନୁଯାୟୀ । ବାସ୍ ତା' ପରେ ବିଜ୍ଞାନ ମାତି ଉଠିଲା ଏଇ ଚମକପ୍ରଦ ଆବିଷ୍କାରକୁ ନେଇ, କାରଣ ତା'ର ମନେ ହେଲା ଯେ ତା'ର ଘୋଷିତ ସତ୍ୟଗୁଡାକ ସଂପୂର୍ଣ୍ଣ ସତ୍ୟ ନୁହେଁ । ସବୁ ସଂଭବ । ଏବଂ କ୍ରମଶଃ କେତେ ନୂଆ ନୂଆ ବିସ୍ମୟ ଓ ସଂଶୟ ତା'କୁ ଆଖି ଠାରିଲା, କେଉଁ ଅଧିକ ସତ୍ୟର ସୃଷ୍ଟିକୁ ଖୋଜିବା ପାଇଁ । ଯଥା : ଜଣା ପଡ଼ିଲା ଯେ ପରମାଣୁର ଗହୀରରେ ଥିବା ଉପାଦାନକୁ ପଦାର୍ଥ କୁହାଯାଇ ପାରିବ ନାହିଁ । କାରଣ ତାହା ଘନ ନୁହେଁ କି ତରଳ ନୁହେଁ, ବାଷ୍ପ ନୁହେଁ, କେବଳ ଏକ ରହସ୍ୟମୟ ତରଂଗ । ଯାହା ବିଜ୍ଞାନର କୌଣସି ଆଇନ୍ କାନୁନ୍ ମାନେ ନାହିଁ । ତାକୁ ନେଇ ବୈଜ୍ଞାନିକ ୱାର୍ଣ୍ଣର୍ ହାଇସେନ୍‌ବର୍ଗ ଗୋଟାଏ ବିଚିତ୍ର 'ନୀତି' ଶୁଣାଇଲେ ଆମକୁ । ଅନିର୍ଦ୍ଦିଷ୍ଟତାର ନୀତି (Principle of Indeterminancy) । କ'ଣ ନା ପରମାଣୁ ତଳେ ଥିବା ସଂସାର ସର୍ବଥା ଅପରିଣତ ଓ ସ୍ୱାଧିନ ! ପୁଣି ସନ୍ଦେହ ହେଲା ଯେ ଏଇ ଅତି ନିମ୍ନର ସଂସାର ଯାହା, ଅତି-ଉଚ୍ଚର ସଂସାର ମଧ ସେଇଆ । କାହିଁକିନା ମହାକାଶ ମଧ ତେଢ଼ା ହୋଇ ଯାଇଛି ଆଇନ୍‌ଷ୍ଟାଇନ୍‌ଙ୍କ ବେଳୁ । ତେଣୁ ସମୟ ସିଧା ନୁହେଁ । ମନେ ହେଲା ଯେ ତାରାର ବିନାଶ ଯୋଗୁଁ ଯେଉଁ ଅଂଧକୂପ ସୃଷ୍ଟ ହୁଏ, ତାର ନଷ୍ଟବସ୍ତୁ ଯାଏଁ କେଉଁ ମହା-ମହାକାଶ (Super- space)କୁ 'ସଂପୂର୍ଣ୍ଣ ସ୍ୱାଧିନ' । ଏମିତି କେତେ ଦୁର୍ବୋଧ ତଥ୍ୟ ଯାହାକୁ ଆମ ପରି ଅଣବୈଜ୍ଞାନିକ ବୁଝି ପାରିବ ନାହିଁ । କିନ୍ତୁ ମୋଟ କଥା

Digitized by srujanika@gmail.com

ହେଲା ଏଇ ଯେ ସମୟ ଓ ମହାକାଶ ଉଭୟ ଫିସାଦିଆ । ଅନ୍ତତଃ ସଂସାରର ସବାତଳେ ଓ ସବା ଉପରେ । ତା’ ହେଲେ ଆମ ମଝି ମଝିଆଁ ସଂସାରର ଦୃଷ୍ଟ ଓ ପରୀକ୍ଷିତ ସତ୍ୟ ହିଁ ସାର ସତ୍ୟ ବୋଲି କେମିତି କହିବା ? କାହିଁକି ଭାବିବା ନାହିଁ ଯେ ଟ୍ରେନ୍ ଯାତ୍ରୀର ସୀମିତ ଦୃଷ୍ଟିକୋଣ ପରି ଆମର ସାମାନ୍ୟ ବିଚାରବୁଦ୍ଧି ମଧ ଠକି ଯାଇଛି ? ଯେ ବିଜ୍ଞାନର ଶୀର୍ଷରେ ପହଂଚିଲେ ଅଥବା ଜ୍ଞାନର ଦିବ୍ୟଦୃଷ୍ଟି ପାଇଲେ ଆମେ ବୁଝିପାରନ୍ତୁ ଯେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧରେ ସିଧାସଳଖ ଓ ସକାରଣ ଯୋଗସୂତ୍ର ନାହିଁ ? କିନ୍ତୁ ସେତିକ ନ ପାଇବା ଯାଏଁ..?

ମନେ ହୁଏ ଯେ ସମୟ ସ୍ୱେଚ୍ଛାଚାରୀ, ତେଣୁ ଆମର ଇଚ୍ଛାଧୀନ ହୋଇ ପାରିବ । ଏବଂ ଯେଉଁ ମାନସିକ ଶକ୍ତି ରହିଛି ଆମ ପାଖରେ, ସେତିକିରେ ମଧ୍ୟ ଆମେ ତାର ଅନୁଭୂତ ଗତିକୁ ବାତିଲ୍ କରି ପାରିବା । ସମୟକୁ ମୁଠେଇ ଧରି ପାରିବା ଏବଂ ବର୍ତ୍ତମାନ ମୂହୂର୍ତ୍ତରେ ସ୍ଥିର ଓ ସଂଯତ ହୋଇ ରହିପାରିବା, ପାହାଡ ଝରଣାରେ ନାଚି ନାଚି ଯାଉଥିବା ପେଣ୍ଟୁପରି ।

ପାରିବା. ଗୋପାଳବାବୁ ପାରିବା । କିନ୍ତୁ ପ୍ରଥମେ ବିଶ୍ୱାସ କର ଯେ ଅତୀତ ନାହିଁ ।

କିଂତୁ.... କିଂତୁ.... ଅତୀତ ନାହିଁ ସିନା, ମୋ ସ୍ମୃତି କୁଆଡେ ଯିବ ?

ସ୍ମୃତି ମିଛ । ଦରଖଣ୍ଡିଆ, ପୁଣି ମତଲବି । ସେହେତୁ ମିଛ ।

ଭାବି ଦେଖ ଗୋପାଳବାବୁ ତୁମକୁ ଆସି କେତେବର୍ଷ ହେଲାଣି ? ସତଷଠି ପୂରି ଗଲାଣି ବୋଲି କହୁଛ ପରା ? ବେଶ୍ । ସତଷଠି ଗୁଣେ ତିନିଶ ପଁଷଠି ଦିନ । ସେଥିରୁ ଶୋଇବା ସମୟତକ ଛାଡ଼ିଦିଅ । କିନ୍ତୁ ବାକି ଯାହା ରହିଲା, ସେଥିର ଯେତେକ ଅନୁଭବ, ପ୍ରତ୍ୟକ୍ଷ ଇଂନ୍ଦ୍ରିୟର ଅନୁଭବ, ଇନ୍ଦ୍ରିୟଗତ କିନ୍ତୁ ପରୋକ୍ଷ ଭାବନା- କଳ୍ପନାର ଅନୁଭବ, ପୁଣି ତହିଁରୁ ଉଦ୍‌ଭୂତ ଚିନ୍ତାର ଅନୁଭବ, ସେଇ ସମସ୍ତ ଅନୁଭୂତ ସତ୍ୟର ତାଲିକା କ’ଣ ଅଛି ତୁମ ପାଖରେ ? ଯଦି ନାହିଁ, ତା’ ହେଲେ କେମିତି କହୁଛ ଯେ ଏଇ ହେଉଛି ତୁମ ଅତୀତର ଦଲିଲ୍, ତୁମର ଅଦ୍ୱିତୀୟ ନିଜତ୍ୱର ଗଣ୍ଠିଳି, ଯାହାକୁ ନେଇ ଦାବୀ କରୁଛ ଯେ ଏଇ ହେଉଛି ମୋ ଧନ, ଅର୍ଥାତ୍ ଏଇ ହେଉଛି 'ମୁଁ' ? ବାବୁ, ଯେଉଁ ଗଣ୍ଠିଳି ବଢ଼ି ବଢ଼ି ଯାଇ ବୋଝ ହୋଇ ଗଲାଣି ତେଣୁ ତା’କୁ ଆଉ ମୁଣ୍ଡେଇ ହେଉ ନାହିଁ ବୋଲି ଦୁଃଖ କରୁଛ, ସେଇ ସଂପତ୍ତିରୁ କେତେ କୁଆଡେ ଖସିଗଲାଣି, ଝଡ଼ିଗଲାଣି, କାଳ ତାକୁ ହଜମ କରି ନେଲାଣି କହିଲେ ଚଳେ, ସେଥିର ଚମତ୍‌କାରିତା କ’ଣ ଜଣା ନାହିଁ ତୁମକୁ ? ବରଂ ସ୍ମୃତିର ଏହି କ୍ଷୟଶୀଳତାକୁ ନମସ୍କାର କର ଗୋପାଳବାବୁ, କାରଣ ଅନ୍ୟଥା ତୁମେ ତା’କୁ କଦାପି ମୁଣ୍ଡେଇ ପାରି ନ ଥାଆନ୍ତ ଆଜିଯାଏଁ । ଅଧିକନ୍ତୁ ତାର ଚାପରେ ଜଡ଼ କିମ୍ବା ପାଗଳ ହୋଇ ସାରନ୍ତଣି । ଅତଏବ ତୁମକୁ ମାନିବାକୁ ପଡ଼ିବ ଯେ ତୁମର ସ୍ମୃତି-ସଂପତ୍ତି ସହଜେ ଦରଖଣ୍ଡିଆ, ଯେମିତିକି ତୁମେ ସୁସ୍ଥ ହୋଇ ରହିପାରିବ । ତା ବୋଲି ସେଇ ସଦା କ୍ଷୟ-

Digitized by srujanika@gmail.com

ଶୀଳ ଏବଂ ଅସଂପୂର୍ଣ୍ଣ ବସ୍ତୁଟାକୁ ଏଇ ହେଉଛି ସତ, ଏବଂ ଏଇ ହେଉଛି 'ମୁଁ' ବୋଲି କହିବ କେଉଁ ସାହସରେ ?

ହଁ, କରିପାରିଥାଆନ୍ତ, ଯଦି ଯାହା ରହିଯାଉଛି ତାହା ହିଁ ତୁମ ସ୍ମୃତି-ସମସ୍ତର ପ୍ରକୃଷ୍ଟ ନିର୍ଯ୍ୟାସ ହୋଇଥାଆନ୍ତା । ଯଦି ତୁମେ ଅଗଣିତ, ଏବଂ ଅହରହ ଛଂଦାଛଂଦି ଓ କଟାକଟି ହେଉଥିବା ଅନୁଭବର କ୍ରମକୁ ଥାଇ ଥାଇ ସଜଖେଇ ନେଇ ତା'ର ସାରାଂଶକୁ ହିଁ ସାଇତି ରଖି ପାରୁଥାଆନ୍ତ ତୁମ ଗଣ୍ଠିଳି ଭିତରେ । ତା' ହେଲେ ତୁମେ ଅବଶ୍ୟ ନିଃସଂକୋଚରେ କହି ପାରୁଥାଆନ୍ତ ଯେ ଯାହା ରହିଯାଉଛି ସେଇ ହେଉଛି ସାର । ସେହେତୁ ସତ । କିଂତୁ ସେଭଳି ଦାବୀ କରି ପାରିବ କି ଗୋପାଳବାବୁ ? ପାରିବ ନାହିଁ । ଯଦିବା ଲୋଭ ହୁଏ ସେମିତି କହିବାକୁ, ବିଜ୍ଞାନ ଅନାୟାସରେ ତୁମକୁ ମିଛୁଆ କରି ଛାଡ଼ିଦେବ - ବୁଝିଲ ?

ଅନେକ ପରୀକ୍ଷା ନିରୀକ୍ଷାରୁ ଉପୂନ୍ନ ତଥ୍ୟ ଏହି ପ୍ରକାର : (୧) ଗୋଟିଏ ଧରଣର ସ୍ମୃତି ହେଉଛି ଯାହାର ଟିକିନିଖି ରୂପରେଖା ଜ୍ୱଳ ଜ୍ୱଳ ହୋଇ ଦିଶିଯାଉଛି । ଯାହା କେଜାଣି କାହିଁକି ଛାପି ହୋଇ ରହିଯାଇଛି ତୁମ ମନ ଭିତରେ । ତା'କୁ 'ସମୁଜ୍ଜ୍ୱଳ ସ୍ମୃତି '(spot-light memory) ବୋଲି କୁହାଯାଇପାରେ । (୨) ଅନ୍ୟ ଏକ ଧରଣର ସ୍ମୃତି ହେଲା, ଯାହା ଏତେଟା ସ୍ପଷ୍ଟ ନୁହେଁ, କିନ୍ତୁ ତା'ର ବିଭିନ୍ନ ଭଗ୍ନାଂଶକୁ ଡାକି ଆଣିହେବ, କେତୁଟା ସଯତ୍ନ ପୋଷିତ ଧାରଣାର ପରିପୂର୍ତ୍ତି ପାଇଁ । ନିର୍ଯ୍ୟାସ ନୁହେଁ, ହେଲେ ନିର୍ଯ୍ୟାସର ଭେକ ଧରିଥିବା ଏଭଳି ସ୍ମୃତିକୁ ସାରାଂଶୀକୃତ ସ୍ମୃତି (abstracted memory)ବୋଲି କହିପାର । ଯା'ର ମୂଲ୍ୟ କାହିଁରେ କ'ଣ, ଯେହେତୁ ଏଇ ହେଉଛି ନିଜକୁ ଭଲ ପାଇବାର ସାଧନ, ଆତ୍ମସମ୍ମାନର କାରଣ । ପ୍ରଥମଟିକୁ ତୁମର ବଳ ନାହିଁ ଗୋପାଳବାବୁ, ଏବଂ ଦ୍ୱିତୀୟଟି ଅଜାଣତରେ ଖଂଜି ହୋଇଯାଏ ତୁମ ମନ ଭିତରେ ତୁମର 'ଭଲ' ପାଇଁ । ପ୍ରଥମର ବାଗ ବାଇଶ ନାହିଁ । ଦ୍ୱିତୀୟ ଉଦ୍ଦେଶ୍ୟମୂଳକ । ତା' ହେଲେ ଯା'କୁ କିଂବା ତା'କୁ ତୁମ ଅତୀତର ଯଥାର୍ଥ ପରିଚୟ, ତା'ର ଠିକଣା ପ୍ରତିନିଧି ବୋଲି କହିବ କେମିତି ?

ହଠାତ୍ ତୁମେ କାହିଁକି ଅତୀତର ଶ୍ରାଦ୍ଧ ବାଢ଼ିଲ, ବର୍ଷ ଶେଷରେ ଦ୍ୱାହି ଦେଇ, ତା'ର କାରଣ କ'ଣ ଜାଣିଛ ? କାହିଁକିନା ଉପରୋକ୍ତ ପ୍ରଥମ ଧରଣର କେତୋଟି ଖୋଦିତ ସ୍ମୃତି ବିଂଧି ଉଠିଲା ତୁମ ମନ ଭିତରେ, ଓ ତୁମେ ତା'ର ଯଂତ୍ରଣାକୁ ସହି ପାରିଲ ନାହିଁ ।

କିଂତୁ କହି ଦେଲ ସିନା, ଏଇକ୍ଷଣି ମନ ହେଉ ନାହିଁ ଗଣ୍ଠିଳିଟାକୁ ପୂରାପୂରି ଫିଙ୍ଗି ଦେବା ପାଇଁ — ନା କଅଣ ? ଇଚ୍ଛା ହେଉଛି ସେଥିରୁ ଅଳ୍ପ କିଛି ଥାଉ । କେଇଟା ସମୁଜ୍ଜ୍ୱଳ ସ୍ମୃତି, ଯାହାକି ସୁନ୍ଦର, ଓ କେଇଟା ବୋଲକରା ସ୍ମୃତି, ଯାହା ଦରକାର ବେଳେ କାମରେ ଆସିବ ।

Digitized by srujanika@gmail.com

ତୁମେ ଦୟନୀୟ, ହାସ୍ୟାସ୍ପଦ ନୁହଁ । ମୋ ପରି, ମୋର ଅଧିକାଂଶ ଜାତିଭାଇଙ୍କ ପରି । ତେଣୁ ମୁଁ ତୁମ ଭୀରୁ କାମନାକୁ ବ୍ୟଂଗ ବିଦ୍ରୂପରେ ପୋତି ପକେଇବାକୁ ଚାହେଁ ନାହିଁ । ମୁଁ ଜାଣେ ତୁମର ଇଚ୍ଛା ହେଉଛି ଯେ ଅଂତତଃ ମନେ ରହନ୍ତା :

— ପିଲାଦିନର ସେଇ ଦୃଶ୍ୟ, ଯେତେବେଳେ ଅଫିସଫେରନ୍ତା ତରୁଣ ବାପା ତରୁଣୀ ବୋଉକୁ ଟେକି ନେଇ ଚୁମା ଦେଉଥିଲେ, ଓ ତୁମେ ତାଙ୍କ ପାଇଁ ବଢ଼ା ହୋଇଥିବା ଜଳଖିଆ ଥାଳୀରୁ ସରୁ ସରୁ ଆଳୁଭଜାକୁ ପାଟିରେ ପକଉଥିଲ । ତା'ପରେ ସେ ତୁମକୁ ବି ଟେକି ନେଇ ଗେହ୍ଲା କଲେ ।ଭାବୁଛ ଯେ ଏତେ ସ୍ୱାଦୁ ଏତେ ସରାଗର ସକାଳକୁ ଭୁଲିଯିବ କେମିତି ?

—ବାପାଙ୍କ ଆଖିର ଲୁହ । ଯେତେବେଳେ ସେ ଷ୍ଟେସନକୁ ଆସିଥିଲେ ତୁମକୁ ଟ୍ରେନରେ ବସେଇ ଭିନ୍ନ ସହରକୁ ପଠେଇବା ପାଇଁ । ଯେଉଁଠି ତୁମକୁ ଉଚ୍ଚ ଶିକ୍ଷା ମିଳିବ । ସହଯାତ୍ରୀ ପରିବାର ବନ୍ଧୁ ବାପାଙ୍କ ଦୁର୍ବଳତା ଦେଖି କାବା ହୋଇଗଲେ, ଈଷତ୍ ହସି ମୁଣ୍ଡ ହଲେଇଲେ । କାହିଁକିନା ସେତେବେଳେ ତୁମେ କୋଉ ସାନପିଲା ହୋଇ ନ ଥିଲ , କଲେଜରେ ପାଠ ପଢ଼ିବା ପାଇଁ ଯାଉଥିଲ । ଭାବୁଛ ଯେ ଦୁର୍ବଳତା ହେଉ କି ଯାହା ହେଉ, ବାତ୍ସଲ୍ୟରେ ଜୁଡୁବୁଡୁ ଏଭଳି ଏକ ଅନୁଭବକୁ କ'ଣ ଭୁଲିବା କଥା ?

— ବାହାର ରାତି । ତୁମେ କେମିତି ନର୍ଭସ ହେଉଥିଲ । ବାରଂବାର ବିଜୁଳିବତୀର ସୁଇଚ୍ ଟିପୁଥିଲ, ଆଲୁଅ ଜଳେଇ ପରିଣୀତାକୁ ପାଇବା ପାଇଁ, ପୁଣି ଆଲୁଅ ଲିଭେଇ ପରିଣୀତାକୁ ପାଇବା ପାଇଁ । ତଥାପି ନ ପାଇଲାରୁ ଅସ୍ଥିର ହୋଇ ଉଠୁଥିଲ, ବିଛଣାରୁ ଉଠି ଯାଇ ଜହ୍ନ ଦେଖୁଥିଲ, ଥରକୁ ଥର ପାଣି ପିଉଥିଲ । ଭାବୁଛ, ଯେ ପତ୍ନୀ ପ୍ରେମର ଏଇ ଅପରୂପ ପହିଲି ଆବେଗକୁ ପୋଛି ଦେବାଟା କ'ଣ ସୁଂଦର ହେବ ?

—ଚାରି ଝିଅ ପରେ ଯେବେ ପୁଅଟିଏ ଆସିଲା ତୁମ ପତ୍ନୀଙ୍କ କୋଳକୁ । ସେଦିନ ମୌସୁମୀ ଫାଟି ଫୁଟି ପଡ଼ିଲା ତୃଷିତ ତାପିତ ଦିଲ୍ଲୀ ସହରରେ । 'ଦି' ଆଗା ଖାଁ' ମରିଗଲେ । ହସ୍‌ପିଟାଲ ସାମ୍ନାରେ ମାଂକଡ଼ ନାଚ ଚାଲିଥିଲା । ତୁମେ ଦି'ଅଣା ଚାରିଅଣା ବଦଳରେ ଦି'ଟଙ୍କା ବଢ଼େଇ ଦେଇ ମାଂକଡ଼ ହାତକୁ, ସତେକି ତୁମ ଗନ୍ତାଘର ଭରି ଯାଇଛି ଓ ଭରା ହୋଇ ରହିଥିବ ସବୁଦିନ ପାଇଁ । ଭାବୁଛ, ଯେ ଅକାରଣ ହେଉ କି କଉତୁକିଆ, ଏଭଳି ଉଦ୍‌ବେଳ ଆନଂଦକୁ ପୂରାପୂରି ବିଦା କରିଦେବା ଅନ୍ୟାୟ, ନିହାତି ଅନ୍ୟାୟ ।

—ପ୍ରଥମ ଜାତୀୟ ପୁରସ୍କାର । ତୁମେ ସେତେବେଳେ ବିଦେଶରେ ଥିଲ । ଖବର ପାଇଲାରୁ ତୁମେ ସ୍ୱଭାବତଃ ଖୁସିଟାଏ ହେଲ । କିନ୍ତୁ ପତ୍ନୀଙ୍କୁ ଜଣେଇଲାରୁ ସେ ଖୁସି ହେବେ କ'ଣ , ତା'ଙ୍କ ଆଖିରୁ ଲୁହ ଝରିଲା ଝର ଝର ହୋଇ । କହିଲେ,— ଏତେ ଦିନକେ ... ଏତେ ଦିନକେ ତୁମ କଥା ମନେ ପଡ଼ିଲା ତାଙ୍କର ! ସତେକି ତାଙ୍କ ମନରେ

Digitized by srujanika@gmail.com

ଗୋଟାଏ ମହା ଚିନ୍ତା ଓ ଉଦ୍‌ବେଗ ଥିଲା ତୁମର ନ୍ୟାଯ୍ୟ ପାଉଣା ପାଇଁ, ଯାହାକି ଆଜି ଦୂର ହୋଇଗଲା । ସେଇଠୁଁ ବଂଧ ତୁଟିଗଲା । ଆନଂଦାଶ୍ରୁକୁ ସଂଭାଳି ହେଲା ନାହିଁ । କହୁଛ, ଯେ ଏଭଳି ଏକାତ୍ମବୋଧ ଦୁର୍ଲଭ, ତେଣୁ ସେଇ ଅନୁଭବକୁ ଫିଙ୍ଗିଦେବା କ'ଣ ଉଚିତ ହେବ ?

— ସଦ୍ୟଜାତ ପ୍ରଥମ ନାତିର ମୁହଁ । ବର୍ଷକ ଆଗରୁ ମରୁ ମରୁ ବଂଚି ଉଠିଥିବା ତା' ମାଆର ଆଶାତୀତ ପ୍ରାପ୍ତି । ଉପଲବ୍ଧି ପ୍ରାୟ । ଯେଉଁଥିରେ ତୁମ ହୃଦୟ କୃତଜ୍ଞତାରେ ଭରିଗଲା, ଏବଂ ତୁମେ କ୍ଷଣକରେ ଭକ୍ତ ପାଲଟିଗଲ । ଭାବୁଛ, ଯେ କେମିତି ମୁରୁଛି ହେବ ଏଭଳି ଏକ ' ଆଧାତ୍ମ' ଅନୁଭବକୁ ?

ଏମିତି ଆହୁରି କେତେ ଅଛି । ମନେ ପକାଇବାକୁ ଡେରି ହେବ ନାହିଁ ।

ବୁଝୁଛି ଗୋପାଳବାବୁ, କିଭଳି ଯଂତ୍ରଣା ହେଉଛି ତୁମ ମନରେ ଏମାନଙ୍କୁ ଛାଡ଼ି ଯିବା ପାଇଁ । କିନ୍ତୁ ଭାବି ଦେଖ ଯେ ଏମାନେ ଯଦି ରହିବେ, ସେମାନେ ମଧ୍ୟ ରହିବାକୁ ବାଧ୍ୟ । ଯେତେକ ଦୁଃଖ, ଗ୍ଲାନି, କ୍ରୋଧ ଓ ପରାଭବର ନିଉଛୁଣା ଅନୁଭବ, ସେଇ ପରିବାର, ପିଲାଛୁଆ, ସମାଜ ସଂସାରକୁ ନେଇ । ଅପରଂତୁ ସବୁ କିଛି ଭୁଲି ହୋଇଗଲେ ଯେଉଁ ଝିଅ ତୁମକୁ ଛାଡ଼ି ଚାଲିଗଲା ଏବେ, ସବୁଦିନ ପାଇଁ, ସେ ନାହିଁ ବୋଲି ମନେ ହେବ ନାହିଁ । ସେ ବି ଅଛି, ଯେମିତି ଅନ୍ୟମାନେ ଅଛନ୍ତି, ଏବଂ ଅଛି ଏଇ ସୂର୍ଯ୍ୟ, ଦୋହଲୁଥିବା ପତର, ଟହଲ ମାରୁଥିବା ଭଦ୍ରଲୋକ, ଲାଂଗୁଡ଼ ହଲଉଥିବା କୁକୁର... ସଂସାରର ଲୀଳାୟିତ ଜୀବନ୍ତ ଜୀବନର ଚେତନା, ଅନ୍ତରଂଗରୁ ଅପର ଯାଏଁ ।

ତା'ଛଡ଼ା ଯେଉଁ ଅନୁଭବରୁ ରଂଗ ଛାଡ଼ି ଗଲାଣି, ବାସ୍ନା ଉଡିଗଲାଣି , ସେଇ କର୍ପୂର ବିହୀନ କନାଖଣ୍ଡକୁ ଯେତେ ସୁଂଘିଲେ ବି' କଣଟା ପାଇବ କହିଲ ? ସୁରା ହେଉ କି ଅମୃତ, ତା'କୁ ତ କେବେଠୁଁ ପିଇ ସାରିଲଣି । ଖାଲି ସ୍ମୃତି ନାମକ ଯେଉଁ ଖଦଡ଼ା ରହିଯାଇଛି ପାନପାତ୍ର ତଳକୁ, ତା'କୁ ଯେତେ ଚିପୁଡିଲେ ମଧ୍ୟ କେଇ ଲିଟର୍ ରସ ମିଳିଯିବ ତୁମକୁ ? ଛାଡ, ଛାଡ, ଯାଆନ୍ତୁ ସମସ୍ତେ, ବାଂଛିତ- ଅବାଂଛିତ ସ୍ମୃତିର ଦଳ, ଦରଖଣ୍ଡିଆ ଫିସାଦିଆ ଅତୀତର ସଂତାନ ! ଯେମିତିକି ତୁମକୁ ସହଜ ଶାନ୍ତି ମିଳିବ, ନିତ୍ୟନିୟତ ମୁହୂର୍ତ୍ତର ଲୟବିଲୟକୁ ନେଇ । ଅକ୍ଷୟ ଜନ୍ମ, ମୃତ୍ୟୁ, ଓ ପୁନର୍ଜନ୍ମକୁ ପାଉଥିଲା ପରି ।

ଗୋପାଳବାବୁଙ୍କ ମୁହଁ ଥମଥମ ଦିଶିଲା, ସତେକି ପାଂଚ ପତୁ ପଚିଶ ପତୁ, ସେ ଏଇ ସଦ୍ୟ ଆବିଷ୍କୃତ ଉପାୟକୁ ଆବୁରି ନେବେ । ଅଭିନବ ଚ୍ୟାଲେଂଜ୍‌ଟାକୁ ସ୍ୱୀକାର କରି ନେବେ । ଅତୀତକୁ ଭୁଲିଯିବେ । ତତ୍‌କ୍ଷଣାତ୍ । ନହେଲେ ମୁହୂର୍ତ୍ତଟା ଲଂବି ଲଂବି ଯିବ, କରିବି- କି - ନ କରିବିର ଦ୍ୱିଧା ଆସିଯିବ, ସେଇଠୁଁ ଯେଉଁ କଥାକୁ ସେଇ କଥା ।

କିଂତୁ.... କିଂତୁ.... ସ୍ମୃତି ଚାଲିଗଲେ କିଏ କଅଣ ? କିଏ ଏଇ ନାରୀମୂର୍ତ୍ତି ଯେ ହସୁଛି ମୋ ଆଡକୁ ଚାହିଁ ? ତା' ସାଙ୍ଗରେ ମୋର ସଂପର୍କ କଅଣ ? ଏବଂ ଏଇ ଯେଉଁ ବହି

Digitized by srujanika@gmail.com

ଖଣ୍ଡକ ପଡ଼ିଛି ମୋ ସାମ୍ନାରେ, ସେଥିରେ ଯେଉଁ ସବୁ ଶବ୍ଦ ଅଛି, ତା'କୁ ପଢ଼ିଲେ ଯଦି କିଛି ମନେ ନ ପଡିଲା, ତା' ହେଲେ କାହିଁ ମୋର ଜ୍ଞାନ, ଚିଂତା, ଧାରଣା, ଯାହାକି ମୋ ମଣିଷ ମନର ଦେୟ ? କେଉଁ ହିସାବରେ ମୁଁ ଭିନ୍ନ ବୋଲାଇବି ପଶୁମାନଙ୍କ ଠାରୁ ?

ଆହା — ସେଇ ତ ଅସୁବିଧା ! ଭିନ୍ନ ହେବା ପାଇଁ, ବିଶ୍ୱରେ ଥାଇ ବିଶ୍ୱଠାରୁ ଉର୍ଦ୍ଧ୍ୱରେ ରହିବା ପାଇଁ ଏଭଳି ଆତୁରତା କାହିଁକି ? ପ୍ରଥମ କଥା ହେଲା, ଯେ ଏଇ ଭିନ୍ନତାବୋଧ ଏବଂ ଉଚ୍ଚମନ୍ୟତାକୁ କାଟିଦିଅ । ମାନେ ଭୁଲିଯାଅ ତୁମେ ଆଉ ଜଣେ, ସଂସାରର ବାହାରେ ଅଛ ତାର ତାମ୍‌ସାକୁ ଦେଖିବା ପାଇଁ । କିମ୍ବା ତା' ମଝିରେ ରହିଛ କେନ୍ଦ୍ରବିଂଦୁ ହୋଇ ଓ ସେମାନେ ଘୁରୁଛନ୍ତି ତୁମ ଚାରିପାଖରେ । ଏବଂ ତାଆରି ଫାଇଦା ଉଠେଇ ହାସଲ କରୁଛ ତୁମ ଅନୁଭବର ଧନ, ତାକୁ ଜମଉଛ (ମିଛ ସ୍ମୃତି ଜରିଆରେ) ଓ କହୁଛ ଏଇ ମୋର ଜ୍ଞାନ, ମହାମହନୀୟ ନିଜତ୍ୱ ।

ବାବୁ, ତୁମେ ଯାହା ସବୁ ଦେଖୁଛ, ସେମାନେ ବି' ତୁମକୁ ଦେଖୁଛନ୍ତି । ଯେ ଦର୍ଶକ, ସେଇ ମଧ୍ୟ ମଂଚରେ ଅଛି ଅନ୍ୟମାନଙ୍କ ପାଇଁ । ତୁମେ ଯଦି ସଂସାରର କେଂଦ୍ରବିଂଦୁ ହୋଇଥାଅ, ଜାଣିରଖ ଯେ ସେମାନେ ସମସ୍ତେ ବି' ଗୋଟିଏ ଗୋଟିଏ କେଂଦ୍ରବିଂଦୁ । ତା' ମାନେ କେଂଦ୍ରବିଂଦୁ ବୋଲି କିଛି ନାହିଁ ! ପ୍ରବାହରେ ବୁଦ୍‌ବୁଦର ଭ୍ରମ, ଏଇ ଆତ୍ମବୋଧ, ସ୍ମୃତିଗତ ଜ୍ଞାନ, ଚିଂତା, ଧାରଣା ଓଗେର ।

ଅତଏବ ମନଟାକୁ କଷ୍ଟ ଦିଅ ନାହିଁ । ଆଂକୁଡ଼ି ଧର ନାହିଁ । ତା'କୁ ମୁକ୍ତି ଦିଅ ।

ତାକୁ କଳୁଷିତ କର ନାହିଁ ତୁମ ସ୍ମୃତି - ଜ୍ଞାନ- ଚିଂତା ଇତ୍ୟାଦିରେ ।

ତା' ହେଲେ ତୁମ ମନ ତୁମକୁ କ'ଣ ଦେବ ଜାଣିଛ ? ନିର୍ମଳ ନିରଂକୁଶ ଚେତନା । ତହୁଁ ତୁମେ ଅଲଗା ହୋଇ ରହିପାରିବ ନାହିଁ ବିଶ୍ୱଠାରୁ, ସକଳ ଦୃଶ୍ୟ ଅଦୃଶ୍ୟ ପ୍ରାଣୀର ଜଗତରୁ, ଜୀବିତର ସମଗ୍ର ଚେତନାରୁ ଏବଂ ତାର ପ୍ରବାହରୁ । ଯେଉଁଠି ଜୀବନ ଖେଳୁଛି ମୃତ୍ୟୁ ସାଂଗରେ । ଚଲାପାଣିରେ ଚିକିଚିକି ଆଲୁଅର ଛଇ, କେତେ ରଂଗ, କେତେ ପ୍ରେମ.. ଆଃ !

ଯେଉଁ ନାରୀମୂର୍ତ୍ତି ଜଣକ ହସୁଛି ତୁମ ଆଡକୁ ଚାହିଁ ହାତରେ ଚା' କପ୍‌ଟିଏ ଧରି, ସେ ଅବଶ୍ୟ ତୁମର ପତ୍ନୀ । ସ୍ମୃତିକୁ ବାତିଲ କରିଦେବାର ଅର୍ଥ ନୁହେଁ ବିସ୍ମୃତି ରୋଗ(amnesia) ରେ ପଡ଼ି ଆପଣା ସତ୍ତା ହରାଇବା । ତା' ବୋଲି ସତ୍ତାକୁ କେଉଁ ଏକ ସାରସତ୍ତା ବୋଲି ମଣିବା, 'ନିଜ'କୁ ଆଂକୁଡ଼ି ଧରିବା, ଯେ ମୁଁ ହେଉଛି ଏଇଆ, କାରଣ ଏଇ ମୋର ସଂପତ୍ତି, ମାନେ ମୋର ସ୍ମୃତିଗତ ଜ୍ଞାନ ମୋ ବିଷୟରେ, ସଂସାର ବିଷୟରେ, ମୋର ମତାମତ, ମୋର ଆଭିମୁଖ୍ୟ,ଇତ୍ୟାଦି ଇତ୍ୟାଦି... ସେଇ ହେଉଛି ଭ୍ରମ । ଅଶାନ୍ତିର ମଂଜି । ସତ୍ତାର ସାର୍ଥକତା ହେଉଛି ଚେତନାର କ୍ରମବର୍ଦ୍ଧମାନ ଦୀପ୍ତି, ତହୁଁ ଜାଗୃତି, ଯେମିତିକି କୌଣସି ବାଡ଼ବତା ରହିବ ନାହିଁ ତୁମର ଓ ଏଇ ଚଳଚଂଚଳ ସଂସାର ଭିତରେ ।

Digitized by srujanika@gmail.com

ସ୍ମୃତି ଆଣି ଦେଉଛି ଭାବ । ଗୋଟାଏ ଭଲ ଲାଗିବାର ଭାବ ଆସୁ ନାହିଁକି ଏଇ ନାରୀ ଜଣଙ୍କୁ ଦେଖିଲାରୁ ? ସେଇ ଭାବ ଯଦି ଆପେ ଆପେ ଆସୁଛି, ତାକୁ ଆସିବାକୁ ଦିଅ । କିଂତୁ ସେତିକି ଥାଉ । ତା'ର ଖିଅ ଧରି କେଉଁ ତଥାକଥିତ ଜ୍ଞାନ, ଅତୀତ ଅନୁଭୂତିର ଭଲମଂଦକୁ ଡାକି ଆଣ ନାହିଁ । ସେଇଠି ବିପଦ । କାହିଁକି ବା ଡାକିବ ? ଶରତର ସୁନେଲି ଖରା ପରି ଏଇ ହାଲୁକା ଭାବ ସୁଖ କ'ଣ ଯଥେଷ୍ଟ ନୁହେଁ ?

ସଚେତନ ତତ୍‌ସମତା । ଯାହାକୁ ଇଂରେଜିରେ ''suchness'' ବୋଲି କହିଛନ୍ତି ଆଲାନ୍ ୱାଟ୍‌ସ୍ ନାମକ ଜଣେ ମୁକ୍ତିକାମୀ ଆମେରିକାନ୍ । ଖାଲି ତା'କୁଇ ନେଇ ପାରି ହୋଇଯାଅ ମୁହୂର୍ତ୍ତରୁ ମୁହୂର୍ତ୍ତକୁ । ତା' ହେଲେ ଦେଖିବ ଏଇ ଭଲ ଲାଗିବାର ଭାବ କେମିତି ଫଉଲି ଯାଉଛି ତୁମ ଚେତନାରେ । ଖାଲି ତୁମର ପତ୍ନୀ ନୁହେଁ, କିଂବା ଆଉ କେଉଁ ସଂପର୍କୀୟ ନୁହେଁ, ସକଳ ସଂସାର ପ୍ରତି ମଧ୍ୟ ସେଇ ପ୍ରକାର ଭାବ ଆସୁଛି । ତା'କୁ ପ୍ରେମ ବୋଲି କହିଲେ ଭୁଲ୍ ହେବ, କାରଣ ପ୍ରେମରେ ମମତ୍ୱ ଅଛି । ପ୍ରୀତି ମଧ୍ୟ ଟିକିଏ ଉଗ୍ର ମନେ ହେଉଛି, କିନ୍ତୁ ଆଉ କେଉଁ ଶବ୍ଦ ବୋଧହୁଏ ନାହିଁ ସେହି ପ୍ରକାର ଭାବକୁ ସୂଚେଇବା ପାଇଁ ।

ମଜାକଥା ହେଉଛି ଯେ ଏଇ ପ୍ରୀତିକର ସଚେତନତା ଠାରୁ ତଲ୍ଲୀନତା ବେଶି ଦୂର ନୁହେଁ । ଦୁଇଟି ଖିଅ ବିପରୀତ ଦିଗରୁ ଆସି ବୃଉଟିଏ ଗଢ଼ିଲା ପରି । କବି ଏଲିୟଟଙ୍କ ଭାଷାରେ 'ସାମୁଦ୍ରିକ ଅନୁଭବ' (Oceanic feeling) । ତା'କୁଇ ଆଧ୍ୟାତ୍ମିକ ଅନୁଭବ ବୋଲି କହିଲେ କ'ଣ ଭୁଲ ହେବ ? ସେ ଯାହା ହେଉ, ସେକ୍‌ସିପିଅର୍ କହିଲା ପରି ଗୋଲାପ ତ ଗୋଲାପ ତ ଗୋଲାପ — ନାଆଁରୁ କ'ଣ ମିଳିବ ? ଅସଲ ହେଉଛି ଏଇ ଭାବଭରା ସଂପୂର୍ଣ୍ଣ ଚେତନା, ଯେଉଁଥିରେ ଉଦ୍ଦେଶ୍ୟ ନାହିଁ, ଉଦ୍ୟମ ନାହିଁ, ଦ୍ୱଂଦ ନାହିଁ, ନିର୍ଣ୍ଣୟର ଅବକାଶ ନାହିଁ । ଜୀବନ ଧାରଣ ପାଇଁ ଖାଇବ, ପିଇବ, ଶୋଇବ, ଏବଂ ସଂସାର କାମ କରିଯିବ । ହେଲେ ସ୍ମୃତିଶୂନ୍ୟ ହୋଇ । ଆକାଶରେ ଗାର କାଟି କାଟି ଉଡିଗଲା ପରି । ସେଇଠୁଁ ଯେଉଁ ଉପଲବ୍ଧି ମିଳିଯିବ ତୁମକୁ, ତା'କୁ ସତ୍ୟ କୁହ କି ଶାଂତି କୁହ, ସେତିକି ଆସିଯିବ ଆପେ ଆପେ... ଆପେ ଆପେ ।

ଏଇ ଯେଉଁ ବହିଖଣ୍ଡିକ ପଡ଼ି ରହିଛି ତୁମ ଆଗରେ ଓ ତୁମକୁ ଉସ୍‌କେଉଛି, ତା'କୁ ପଢୁ ନା' ଆଉ ଥରେ, କିଏ ମନା କରୁଛି ? କିଂତୁ ସାବଧାନ, ଦେଖିବ ତୁମ ମନଟା ଯେମିତି ସେଥିରେ ରଂଗେଇ ନ ହୁଏ । 'ଜ୍ଞାନଲାଭ'ର ଧୂଳି ମଇଳା ନ ଲାଗେ ସେଥିରେ ।

ଗୋପାଳବାବୁଙ୍କ ନିଃଶ୍ୱାସ ଜୋର୍‌ରେ ପଡ଼ିଲା, ଉଠିଲା । ସତେକି ସେ ଏଥର ପ୍ରସ୍ତୁତ, ରୀତିମତ ପ୍ରସ୍ତୁତ, ଚାଲେଂଜର ମୁକାବିଲା କରିବା ପାଇଁ । କହିଲେ, ମୁଁ ପାରିବି, ପ୍ରାଣପଣେ ଚେଷ୍ଟା କରିବି ।

Digitized by srujanika@gmail.com

ଆ- ହା- ହା.. ସେ ଭୁଲ କର ନାହିଁ ଗୋପାଳବାବୁ ! ଚେଷ୍ଟା କଲେ କଥା ସରିଲା । ଧ୍ୟାନ ହେଉ କି କର୍ମ ହେଉ, ଚେଷ୍ଟା କରିବାର ଭାବ ଆସିଲେ ପୁଣି ସେଇ ଦୁରବସ୍ଥାକୁ ଫେରିଯିବ । ନିର୍ମଳ ମନରେ ଆଂଚ ଲାଗିବ ଅତୀତ ଓ ଭବିଷ୍ୟତକୁ ନେଇ । ଚେଷ୍ଟା ନ କରିବାକୁ ମଧ୍ୟ ଚେଷ୍ଟା କରନାହିଁ । କଅଣ ବୁଝୁଛ ମୁଁ କ'ଣ କହିଲି ?

ଓଃ ! ତା' ହେଲେ ମୁଁ କ'ଣ କରିବି ?? ଅତୀତ ନାହିଁ, ସ୍ମୃତି ନାହିଁ । ମନଟା ବି' ନାହିଁ ନା କ'ଣ ମ ?

ଧରିନିଅ ନାହିଁ ବୋଲି । ଶୁଣ ଗୋଟାଏ ବଚନିକା । ଗୁରୁ-ଶିଷ୍ୟ ଉବାଚ । ବୋଧିଧର୍ମ ଓ ତାଂକ ଶିଷ୍ୟଙ୍କ ଭିତରେ ।

" ମୋ ମନରେ ଶାଂତି ଆସୁନାହିଁ । ଦୟାକରି ଶାଂତି ଆଣି ଦିଅନ୍ତୁ । "

" ତୁମ ମନଟାକୁ ନେଇ ଆସ ମୋ ପାଖକୁ । ମୁଁ ତା'କୁ ଅବଶ୍ୟ ଶାନ୍ତ କରିଦେବି ।"

" ତା'କୁ ଖୋଜି ପାଉ ନାହିଁ ତ । "

" ବାସ୍ ! ଦେଖିଲ ମୁଁ ତା'କୁ କେମିତି ଶାନ୍ତ କରିଦେଲି ! "

ସହାସ୍ୟବଦନା ଆହୁରି ପାଖ ହୋଇ ଆସିଲେ । ଚା କପ୍‌ଟିକୁ ଗୋପାଳବାବୁଙ୍କ ହାତକୁ ବଢ଼େଇ ଦେଇ କହିଲେ, " କ'ଣ ଏମିତି ବସି ରହିଛ ମ ? କାଲି ନୂଆ ବର୍ଷ ପରା, ମନେ ନାହିଁ ତମର ? "

" ମନେ ନାହିଁ । ପୁରୁଣା ମନେ ନାହିଁ । ନୂଆକୁ ହେତୁ ଆସିବ କେଉଁଠୁ ? "

" ତା' ହେଲେ ? "

" ତା' ହେଲେ ଆଉ କଅଣ ? ମୁଁ ଖାଲି ତମକୁ ଦେଖୁଛି । ଆଉ ପାଉଛି । ଖାଲି ତମକୁ ନୁହେଁ ମ .. "

" ମୁଁ କ'ଣ ଜାଣେ ନାହିଁ ସେ କଥା ? ତୁମର ଯେଉଁ ଚଉଡା ଛାତି ନା, ସେଥିରେ ବିଶ୍ୱ ଖାପି ଯିବ ! "

ପରିହାସ କଲେ ସିନା , ତାଙ୍କର ମନେ ହେଲା ଯେ ସ୍ୱାମୀଙ୍କର ଏଭଳି ଚେହେରା ସେ ଦେଖି ନ ଥିଲେ ଏଥି ପୂର୍ବରୁ । ଆତୁରିଆ ଚେହେରା, ଉତ୍‌ଫୁଲ୍ଲ ଚେହେରା, ଗଂଭୀର ଚେହେରା, ଗୁମାନୀ ଚେହେରା, କ୍ରୋଧୀ ଚେହେରା, ହତାଶ ଚେହେରା... ସବୁ ଦେଖାଯାଉଛି । କିଂତୁ ମୁଁ ଦେଖି ନ ଥିଲି ଏଭଳି ମଧୁରିଆ ଚେହେରା, ସତେ ବିଶ୍ୱଟାକୁ ପାଇଲା ପରି...

ଦୁଃଖର ବିଷୟ ସେତିକି ବେଳେ ରାମବାବୁଙ୍କ ମନରେ ପାପ ଛୁଇଁଲା । ଅଭ୍ୟାସ ଦୋଷର ପାପ । ସେ ଗୋଟାଏ ଓଲଟା କାମ କଲେ । ଭାବିଲେ — ଏଇ ମୁହୂର୍ତ୍ତଟି ବଂଚି ରହିବ ତ ?

Digitized by srujanika@gmail.com

ଗୁରୁଜୀ

ଗୋପାଳବାବୁଙ୍କ ପତ୍ନୀ ସ୍ୱାମୀଙ୍କ ଆଡକୁ ଅନେଇଲେ । ପତ୍ନୀ ଯେପରି ଭାବରେ ଅନାଏ ପତିକୁ, ତା'ର ବହୁବିଧ ଗୁଣକୁ କିଏ ଭଲା କଳନା କରିପାରିବ ? କେତେବେଳେ ଜାୟା ତ କେତେବେଳେ କାନ୍ତା ଅବା କାମିନୀ, ପୁଣି କେତେବେଳେ ଭଗ୍ନିରୂପିଣୀ, ମାତୃରୂପିଣୀ.... ଏପରିକି ମହାମହୀୟସୀ ଶତ୍ରୁସ୍ୱରୂପିଣୀ, ମହିଷମର୍ଦ୍ଦିନୀଙ୍କ ପାଖାପାଖି କହିଲେ ଚଳେ । ଅଭିଜ୍ଞ ଗୋପାଳବାବୁଙ୍କୁ ତଥାପି ନିହାତି ନୂଆ ପରି ଲାଗିଲା ଆଜି ତାଙ୍କର ଏଇ ଚାହାଣୀ ଖଣ୍ଡକ । ମନେ ହେଲା ଯେ ଏଥିରେ ସାଧାରଣ ଅନୁରାଗ- ବିରାଗର କୌଣସି ଲକ୍ଷଣ ନାହିଁ । କହିବାକୁ ଗଲେ ସେ ସ୍ୱାମୀଙ୍କ ଆଡକୁ ଅନେଇ ନାହାନ୍ତି । ହୁଏତ ଅନେଇଛନ୍ତି, ହେଲେ ଜଣେ ବିଶ୍ୱସନୀୟ ସାକ୍ଷୀକୁ ପାଖରେ ପାଇଲା ପରି । ଯେ ମୋତେ ଦେଖ । ମୁଁ କେତେ ଖୁସି ଅଛି ଦେଖ । ଆଗରୁ କେବେ ଦେଖିଥିଲ ଏମିତି, ଏତେ ଦିନର ଦାମ୍ପତ୍ୟ ଇତିହାସରେ ?

କଥା କଅଣ ? ଶ୍ରୀମତୀ ସଦ୍ୟ ଫେରିଛନ୍ତି ମିସେସ୍ ମିଶ୍ରଙ୍କ ଘରୁ । ମିସେସ୍ ମିଶ୍ର ଗୋପାଳବାବୁଙ୍କ ଜଣେ ପ୍ରାକ୍ତନ ସହକର୍ମୀଙ୍କ ପତ୍ନୀ । ଏଭଳି ବନ୍ଧୁଙ୍କୁ ବିଶିଷ୍ଟ କୁହାଯିବ ନାହିଁ, କି ସେ ତାଙ୍କ ବୈଶିଷ୍ଟ୍ୟର କୌଣସି ପରିଚୟ ଦେଇ ନାହାନ୍ତି, ଯାହାକି ଗୋପାଳବାବୁଙ୍କ ଆଖିରେ ପଡ଼ିଛି କିମ୍ବା ସେ ଶୁଣିଛନ୍ତି ତାଙ୍କ ପତ୍ନୀଙ୍କଠାରୁ । ଦେଖିଛନ୍ତି କେବଳ ଏତିକି ଯେ ସ୍ତ୍ରୀ ଲୋକଟି ଧୀରବଚନା । ଅଧିକାଂଶରେ ତାଙ୍କ କଥା ସ୍ୱଗତୋକ୍ତି ଅଥବା ଗୋପନୀୟ ଫୁସ୍ ଫୁସ୍ ବୋଲି ମନେ ହୁଏ । ଏବଂ ଶୁଣିଛନ୍ତି ଯେ ସେ ଧର୍ମପରାୟଣା । କେଉଁଥିରେ କିଛି ନୂତନତ୍ୱ ନାହିଁ ।

କିନ୍ତୁ ଆଜି ତାଙ୍କରି ପାଖରୁ ଏମିତି କୋଉ ନିଧି ମିଳିଗଲା ଯାଙ୍କୁ, ଯେ ସେ ଏମିତି ଭାବରେ ଅନେଇଛନ୍ତି ମୋତେ ? ଅବଶ୍ୟ ଖୁସି ଅଛନ୍ତି । କିନ୍ତୁ କିଭଳି ସେ ଖୁସି, ସୁଖରେ ଶାନ୍ତି ମିଶିଗଲା ପରି, ଶାନ୍ତିରୁ ପ୍ରଶାନ୍ତିକୁ ଯାତ୍ରା କଲାପରି, ଯାହା ସେ ଥୋପିବାକୁ ଚାହାନ୍ତି ମୋ ଉପରେ, ଓ ତା'ର କାରଣ ବି' କହୁ ନାହାନ୍ତି ମୋତେ ? ସତେକି କାରଣ ବଖାଣିବା ଅନାବଶ୍ୟକ । ସ୍ୱାମୀଟେ ବୁଝିବା ଉଚିତ । ଅର୍ଥାତ୍ ଇଏ [illegible] ସାଧାରଣ ସୁଖର ବାର୍ତ୍ତା ନୁହେଁ ଯାହାକୁ ବ୍ୟକ୍ତ କରିବା କଥା । ଇଏ ଏକ ଅନବଦ୍ୟ ଆଧ୍ୟାତ୍ମିକ ସନ୍ଦେଶ ଯାହା ଛାଏଁ ଛାଏଁ

Digitized by srujanika@gmail.com

ପହୁଞ୍ଚିବା ଉଚିତ ନିଜ ଲୋକ ପାଖରେ, ଯଦି ସେ ତା'ର ଯୋଗ୍ୟ ହୋଇଥାଏ । ଗୋପାଳବାବୁ ବିରକ୍ତ ହେଲେ ନାହିଁ, ହେଲେ ତାଙ୍କ ବିସ୍ମୟ ଏମିତି ବଢ଼ିବାକୁ ଲାଗିଲା ଯେ ତାଙ୍କର ମନେ ହେଲା ସେ କ୍ଷଣକରେ ବିରକ୍ତ ହୋଇ ଉଠିବେ ।

ଯାହା ହେଉ କଥାଟା ସେତେଦୂର ଗଲା ନାହିଁ । ପତ୍ନୀ କାରଣଟିକୁ ଫିଟେଇ କହିଲେ ଆପଣା ସମୟର ଦୋଳାରେ ଝୁଲି ଝୁଲି, ଏବଂ ଗୋପାଳବାବୁ ବୁଝିଲେ ଯେ ପତ୍ନୀଙ୍କ ସୁଖବୋଧ ପ୍ରକୃତରେ 'ଆଧାତ୍ମିକ' । ଅବଶ୍ୟ ଶବ୍ଦଟିର ଦୁଇ ପାଖରେ ଉଦ୍ଧୃତ ଚିହ୍ନ ଦେବାକୁ ବାଧ ହେଲେ, କାରଣ ସେ ଏଭଳି ଆଶୁ ଆଧାତ୍ମିକତାକୁ ସମ୍ମାନ ଦେବାପାଇଁ ପ୍ରସ୍ତୁତ ନ ଥିଲେ । ପତ୍ନୀ ଯାହା କହିଲେ ତା'ର ବିଶେଷ ବିଶେଷ ଅଂଶ ଏହି ପ୍ରକାର —

" ଆଜି ଗୋଟାଏ ଅଦ୍ଭୁତ କଥା ହେଲା । ଭଗବାନଙ୍କ ଆଶୀର୍ବାଦ ବୋଲି କହିବାକୁ ହେବ । ଜଣେ ବାବାଙ୍କ ସାଙ୍ଗରେ ଦେଖାହେଲା ମିସେସ୍ ମିଶ୍ରଙ୍କ ଘରେ । ମୁଁ ତାଙ୍କୁ ଲୋଡ଼ି ନ ଥିଲି, ମୁଁ କୋଉ ଗୁରୁ ଖୋଜିବାରେ ବାହାରି ନ ଥିଲି, କିନ୍ତୁ ସେ ଆପଣାଛାଏଁ କହିଲେ ମୋତେ 'ଆଜିଠୁଁ ମୁଁ ତୋର ଗୁରୁ । ଆସିବୁ ମୋ ପାଖକୁ ତୋର ଯେତେବେଳେ ଇଚ୍ଛା ହେବ । ସୁଖରେ କି ଦୁଃଖରେ' । ତୁମେ ତ ଜାଣିଛ ମୁଁ କେମିତି ଦୂରେଇ ରହେ ଏମାନଙ୍କଠାରୁ । ମୁଁ ତୁମଠୁଁ ବେଶି ହୁସିଆର୍ । ବାବାଜୀ ବୈଷ୍ଣବ ଦେଖିଲେ ଚଟ୍‌କିନି ତାଙ୍କ ପାଦତଳେ ଲମ୍ବିଯାଏ ନାହିଁ, ତୁମ ମଣିଅପାଙ୍କ ପରି । କିନ୍ତୁ ଆଜି କ'ଣ ହେଲା କେଜାଣି... ସତରେ ତାଙ୍କୁ ଦେଖିଲେ ଭକ୍ତି ଆସିବ ମନରେ । ସେ ଏମିତି କିଛି ନୂଆ କଥା କହିଲେ ନାହିଁ ମୋତେ । ସେଇ ଆତ୍ମା ପରମାତ୍ମା ଇତ୍ୟାଦିର କଥା । କିନ୍ତୁ ତାଙ୍କ ଭାଷାରେ କି ଭଙ୍ଗୀରେ କ'ଣ ଥିଲା ଭଗବାନ୍ ଜାଣନ୍ତି, ମୋର ମନେ ହେଲା ଯେ ତାଙ୍କର ପ୍ରତ୍ୟେକ ଶବ୍ଦରେ ଶାନ୍ତି ଅଛି । ଏବଂ ମୁଁ ଏଇଥି ଶୁଣିବାକୁ ଅପେକ୍ଷା କରିଥିଲି ଆଜିଯାଏଁ । ଏବଂ ଯାଙ୍କରିଠାରୁ.... ତୁମେ ବୁଝିପାରିବନି' ମୁଁ କ'ଣ କହୁଛି । କିନ୍ତୁ ତାଙ୍କୁ ଦେଖିଲେ ଜାଣିବ... "

ଗୋପାଳବାବୁ ମୌନ ରହିଲେ । ଏବଂ ଅଧିକରୁ ଅଧିକ ମୌନ ରହିବେ ବୋଲି ସ୍ଥିର କଲେ । କହିଲେ ମନେ ମନେ — ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ । ତୁମକୁ ଥଟ୍ଟା କରିବି ନାହିଁ । ଯୁକ୍ତିତର୍କ ଚଳେଇବି ନାହିଁ ତୁମ ସାଙ୍ଗରେ । କିନ୍ତୁ କ୍ଷମା କର, ମୁଁ ତୁମକୁ କି ତୁମ ଗୁରୁଜୀଙ୍କୁ ବାହାବା କରିପାରିବି ନାହିଁ । ଏବଂ ମୋର ତାଙ୍କ ସାଙ୍ଗରେ ଦେଖା କରିବାର କୌଣସି କାରଣ ନାହିଁ, ଖାସ୍ ତୁମ ମନୋଭାବକୁ ବୁଝିବା ପାଇଁ । ମୁଁ 'ପ୍ରଥମ ଦେଖା' କୁହୁକର ପକ୍ଷପାତୀ ନୁହେଁ । ପ୍ରେମରେ ନୁହେଁ କି ଆଉ କୋଉଥିରେ । ବୁଝିଲ ?

ଗୋପାଳବାବୁ, ତୁମର ଏଇ ମୌନତା ଉଚିତରୁ ଅଧିକ ମନେ ହେଉ ନାହିଁକି ? ସତେକି ତୁମେ ରାଗୁଛ ! ଖାଲି ବୁଦ୍ଧିବିଚାରର ମୌନତା ହୋଇଥିଲେ ତୁମେ ଅନ୍ତତଃ କେଇଟା ପ୍ରଶ୍ନ କରିଥାଆନ୍ତ । ଗୁରୁଜୀଙ୍କ ନାଆଁ, ଗାଆଁ, ସଂସ୍ଥା ଏବଂ ତାଙ୍କ ଚେହେରାକୁ ନେଇ ।

Digitized by srujanika@gmail.com

ସ୍ୱାଭାବିକ କୌତୂହଳର ବଶବର୍ତ୍ତୀ ହୋଇ । ଅବଶ୍ୟ ତୁମେ ତୁମ ପତ୍ନୀଙ୍କୁ ଥଟ୍ଟା କରି ନ ଥାଆନ୍ତ କିମ୍ବା ତାଙ୍କ ସାଙ୍ଗରେ ଯୁକ୍ତି କରି ନ ଥାଆନ୍ତ, ଯେହେତୁ ତୁମେ ସେମିତିକା ଲୋକ ନୁହଁ । ତୁମେ ପତି-ପତ୍ନୀଙ୍କ ଯେଉଁ ଯେଉଁ ଉଦ୍ୟମରେ ବିଶ୍ୱାସ କର, ଯେଉଁ ଯେଉଁ ସୁଖଲାଭ ପାଇଁ । ଖାରା ନୀତି । ଯାହାକି ବିଶେଷ ଭାବରେ ପ୍ରଯୁଜ୍ୟ ଆଧାତ୍ମିକ କ୍ଷେତ୍ରରେ । କାରଣ ସେଠି ଭଗବାନ୍ ବୋଲି ଗୋଟିଏ ଉପରିସ୍ଥ ସତ୍ତାର ଭୂମିକା ରହିଛି, ଯାହାର ସମ୍ପର୍କ ପ୍ରତ୍ୟେକ ମଣିଷ ସାଙ୍ଗରେ, ତା'ର ସ୍ୱତନ୍ତ୍ର ଭାବଭାବନା କ୍ରିୟାକର୍ମ ସାଙ୍ଗରେ । କିନ୍ତୁ ତା' ବୋଲି ତୁମେ ତୁମ ଓଠରେ ତାଲା ପକେଇ ବସିବ, ତା'ର କୌଣସି ଅର୍ଥ ନାହିଁ । ଅର୍ଥ କେବଳ ଗୋଟିଏ ହୋଇପାରେ, ଯେ ତୁମେ ରାଗିଛ ।

ରାଗିଛ, ମାନେ ତୁମେ ଈର୍ଷାନ୍ୱିତ । ସତ ନା ମିଛ ?

ରୁହ, ରୁହ, କଥାଟାକୁ ଭୁଲ୍ ବୁଝ ନାହିଁ । ଇଏ ଇତର ପ୍ରେମ- ତ୍ରିଭୁଜର ଈର୍ଷା ନୁହେଁ । ଏହାକୁ ଏକ ପ୍ରକାର ସାରସ୍ୱତ ଅଥବା ଗହନ- ମାନବିକ ଈର୍ଷା ବୋଲି କହିପାର । କାରଣ ଏଠି ଜାନ୍ତବ ଓ ନିମ୍ନଗାମୀ ପ୍ରବୃତ୍ତିର ପ୍ରଶ୍ନ ଉଠୁନାହିଁ । ଇଏ ହେଉଛି ଉର୍ଦ୍ଧ୍ୱଗାମୀ ଉତ୍ତରଣର ବ୍ୟାପାର, ଏଠି ତତ୍ତ୍ୱ, ଚିନ୍ତା, ଓ ଦର୍ଶନର ଭିଡ, ଯେଉଁଠି ମଣିଷର ମନ ଥାଇ ଥାଇ ଉଚ୍ଚାଟ ହୁଏ କେଉଁ ଏକ ଅନିର୍ଦ୍ଦିଷ୍ଟ ଏବଂ (ସନ୍ଦିଗ୍ଧ) ଭଗବାନଙ୍କ ମୁହଁ ଦେଖିବା ପାଇଁ । ତେଣୁ ଈର୍ଷାବିଶେଷର ଗୁଣ ସଂପୂର୍ଣ୍ଣ ଭିନ୍ନ— କ'ଣ ବୁଝୁଛ ନା ?

ଈର୍ଷା ଏଇଥିପାଇଁ ଯେ ଆଉ ଜଣେ, ଆଉ ଗୋଟାଏ ମଣିଷ ତୁମ ପତ୍ନୀଙ୍କ ହାତ ଧରିନେବାକୁ ଚାହୁଁଛି ସେଇ ମୁହଁଦେଖା ଅଭିଯାନରେ । ରକ୍ତମାଂସଧାରୀ ମଣିଷ । କିନ୍ତୁ କାହିଁକି ? ମୁଁ ସେଇ ଲୋକଠାରୁ କେଉଁ ଗୁଣରେ କମ୍ ଯେ ମୋତେ ଛାଡ଼ି ତାକୁ ଗୁରୁ ବୋଲି ମଣିଲେ ଆମ ସ୍ତ୍ରୀ ? ଏହା ହିଁ ତୁମ ଈର୍ଷାର ଅସ୍ପଷ୍ଟ ଏବଂ ଅକୁହା ବ୍ୟଥା । କଅଣ ଭୁଲ୍ କହିଲି ?

ତୁମେ ' ପତି ପରମ ଗୁରୁ' ମିଥ୍‌ରେ ବିଶ୍ୱାସ କର, ଏବଂ ସେଇଲାଗି ତୁମକୁ ବାଧୁଛି ତା' ନୁହେଁ । ତୁମେ ସେମିତି ପୁରୁଣାକାଳିଆ ଅର୍ଥାତ୍ ସଂସ୍କୃତିବ୍ୟାଧିଗ୍ରସ୍ତ ସ୍ୱାମୀଟିଏ ନୁହଁ । କିନ୍ତୁ ସ୍ୱଭାବତଃ ତୁମର ଧାରଣା ଯେ ଘରକରଣାର ନାରୀ ହୋଇଥିବାରୁ ତୁମ ପତ୍ନୀ ବୋଧହୁଏ ମୁକ୍ତ ନୁହଁନ୍ତି ସଂସ୍କୃତିର ବ୍ୟାଧିରୁ । ସେହେତୁ ତାଙ୍କ ଆଖିରେ ଗୁରୁ କ'ଣ ବୋଲି କ'ଣ ହୋଇଯାଇ ପାରନ୍ତି, ଗୁରୁର୍ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଯେତେକ ଦାତା-ଗ୍ରହୀତା ସମ୍ପର୍କର ଆଦିମୂଳ, ଯେତେକ ଆନୁଗତ୍ୟର ଶେଷକଥା, କାହିଁକିନା ସେହି ଏକା ତାଙ୍କ ହାତ ଧରି ନେଇ ଯାଇପାରିବେ ଉପରକୁ । ତେଣୁ ତୁମର ଦୁଃଖ ହେଲା ଏଇ, ଯେ ଏଭଳି ଏକ ସକଳହେତୁର୍ଭୂ ଏବଂ ସର୍ବଗୁଣସମ୍ପନ୍ନ କର୍ତ୍ତା ଆସିଗଲାପରେ ତୁମର ମୂଲ୍ୟ କ'ଣ ରହିଲା କର୍ତ୍ତା ହିସାବରେ ? ଖାଲି ତାଙ୍କ ଦେହର ପଟ୍ଟାଦାର (ହେଲା ଏବେ ଚିରସ୍ଥାୟୀ), ଘର

Digitized by srujanika@gmail.com

କରଣାର ପ୍ରଭୁ, ଓ ତାଙ୍କ ପିଲାଙ୍କ ବାପ ? କର୍ତ୍ତୃତ୍ୱ ନା ତା'ର କାର୍ଟୁନ୍ ମ ? ମନା କରି ଲାଭ ନାହିଁ ଗୋପାଳବାବୁ, ତୁମକୁ ନିଶ୍ଚୟ ବାଧୁଛି, ବାଧିବା ଉଚିତ୍ ...

ହେଲା ! ମୋତେ ବାଧୁଛି । ମୁଁ ସ୍ୱୀକାର କରୁଛି ଯେ ମୋତେ ବାଧୁଛି । କିନ୍ତୁ ସେଥିରେ ଈର୍ଷାଭାବ ନାହିଁ । କେଉଁ ଗୋଟାଏ ଅଣଇଣ୍ଟେଲେକ୍‌ଚୁଆଲ୍ ମନ୍ତ୍ରପଢ଼ାଳି, ଚିତାଚଇତନଧାରୀ, ପେଟୁଆ କି ଦାଢ଼ିଆ ଲୋକକୁ ମୁଁ ମୋର ପ୍ରତିଦ୍ୱନ୍ଦ୍ୱୀ ବୋଲି ମନେ କରୁଛି, ଏଭଳି ଧାରଣା ହାସ୍ୟାସ୍ପଦ । କିନ୍ତୁ ମୋତେ ବାଧୁଛି ଯେ ମୋର ପତ୍ନୀ କେମିତି କିଛି ନ ଭାବି ନ ଚିନ୍ତି ଗୋଟାଏ ଲୋକକୁ ବରି ନେଲେ ତାଙ୍କ ଗୁରୁ ହିସାବରେ ? ଜାଣୁଛି ସେ ମୋ ପରି ଇଣ୍ଟେଲେକ୍‌ଚୁଆଲ୍ ନୁହେଁ, କିନ୍ତୁ ଯେତେହେଲେ ମୋର ପତ୍ନୀ ତ ! ଏତେ ବିକଳ ହେଉଥିଲେ ଜଣକ ହାତ ଧରି କୋଉ ପାହାଡ ଚଢ଼ିବେ ବୋଲି ଯେ ଜଣେ କହିଲା ଆ' ମୋ ସାଙ୍ଗରେ, ଆଉ ସେ ତା' କଥାରେ ବଶ ହୋଇଗଲେ ? ଏଇ ଜିନିଷଟା ମୋତେ ବାଧୁଛି । ତାଙ୍କର ଏଇ ଦୁର୍ବଳତା, ହୀନମନ୍ୟତା । ନ ବାଧିବାଟା ହିଁ ଭୁଲ୍ ହୋଇଥାଆନ୍ତା, କାହିଁକିନା.... କାହିଁକିନା ସ୍ୱାମୀତ୍ୱର ଗୋଟାଏ ଦାୟିତ୍ୱ ଅଛି ତ ?

ମୁଁ ବଢ଼େଇ କରୁ ନାହିଁ । କିନ୍ତୁ ଗୁରୁଜୀଜଣକ ଯାହା କିଛି ପାଠ ପଢ଼େଇଥିବେ ତାଙ୍କୁ, ମୁଁ ତା'ଠୁଁ ଅନେକ ବେଶୀ ଜାଣିଛି ଏଥିରେ ସନ୍ଦେହ ନାହିଁ । ସେ ଗୁଡାଏ ମନ୍ତ୍ର ଜାଣିଥିବେ ହୁଏତ, ଏବଂ କର୍ମକାଣ୍ଡର ଆଚାର ଉପଚାର । ହୁଏତ ଭାଗବତ କି ରାମଚରିତ ମାନସ ମୁଖସ୍ଥ ଥିବ ତାଙ୍କର । କିନ୍ତୁ ସେ କ'ଣ ଦର୍ଶନ ଚଷିଥିବେ ମୋ' ପରି ? ପ୍ରାଚ୍ୟ ବେଦାନ୍ତଠାରୁ ଆରମ୍ଭ କରି ଜୈନ୍ ବୌଦ୍ଧଧର୍ମ ଯାଏଁ, ତଥା ପାଶ୍ଚାତ୍ୟ ହିରାକ୍ଲିଟସ୍‌ଙ୍କଠାରୁ ସାର୍ତ୍ରେଙ୍କ ଯାଏଁ ? ମୁଁ ଯେମିତି କହିପାରିବି ମଣିଷର ଦୁଃଖ କେଉଁ ଉପାଦାନରେ ଗଢ଼ା ଓ ତା'ର କିଭଳି ପ୍ରତିକାର କରି ହେବ ଚିନ୍ତା ଓ ଚେତନା ମାଧ୍ୟମରେ, ସେ କ'ଣ କେବେହେଲେ ସେମିତି କରିପାରିବେ ? ପାରିବେ ନାହିଁ । ହଁ, ମୁଁ ମିଛୁଟାରେ କହିବି ନାହିଁ ଯେ ଦୁଃଖ କଟିଯିବ ଏଇଆ କଲେ, ଏଇ ନାମ ଜପ କଲେ, ଏହି ପ୍ରକାର ଧ୍ୟାନ କଲେ, ଅଥବା ଏଇ ଫୁଲ ଅମୁକ ଦେବତାଙ୍କୁ ଅର୍ପଣ କଲେ । ସେଭଳି ଆସ୍ପର୍ଦ୍ଧା ମୋର ନାହିଁ । ମୁଁ ସିଦ୍ଧ ନୁହେଁ । ଗୁରୁଜୀ ଯଦି ସେମିତି କିଛି ହୋଇଥିବେ ସେ କଥା ଭିନ୍ନ (ଗୋପାଳବାବୁ ହସିଲେ ମନେ ମନେ) । ତେବେ ଜଣାଶୁଣା କଥା ଯେ ପ୍ରିୟତମା ପତ୍ନୀ ମୋର ବକ୍ତବ୍ୟକୁ ଅଗ୍ରାହ୍ୟ ନ କଲେ ମଧ୍ୟ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବେ ନାହିଁ । ତା'କୁ ମୋର ପୋଥିବାଇଗଣ ବୋଲି ଭାବିବେ । କାରଣ ଯେତେ ବିଦ୍ୱାନ୍ ହେଲେ ମଧ୍ୟ ମୋର ଦେହର ସମ୍ପର୍କ ଅଛି ତାଙ୍କ ସାଙ୍ଗରେ, ତେଣୁ ତାଙ୍କ ହିସାବରେ ମୁଁ ଦେହର ଦାସ, ତେଣୁ ଦୁର୍ବଳ । ସେ ମୋତେ ଚିହ୍ନିଛନ୍ତି । ଅତଏବ ମୁଁ କସ୍ମିନ୍‌କାଳେ ତାଙ୍କ ଗୁରୁ ହୋଇପାରିବି ନାହିଁ । ମୁଁ ସେଇ ଷ୍ଟାଟସ୍‌ର ଯୋଗ୍ୟ ନୁହେଁ ।

Digitized by srujanika@gmail.com

ଠିକ୍ ଅଛି । ମୁଁ ବି ଚାହୁଁନାହିଁ ତୁମ ଗୁରୁ ହେବା ପାଇଁ —— ବୁଝିଲ ? ମୋତେ ଖାଲି ବାଧୁଛି ଯେ... ଛାଡ଼ଃ । ତୁମେ ଭୁଲ୍ ବୁଝିବ । ଭାବିବ ମୁଁ ମୋର ସ୍ୱାମୀତ୍ୱ ଦେଖଉଛି, ତେଣୁ ରାଗୁଛି, ହିଂସା କରୁଛି, କି ସେମିତି କିଛି । ସେହେତୁ ମୋର ଏଇ ମୌନତା । ତା'ଛଡ଼ା ଆଉ ଉପାୟ କଅଣ ?

ଆଃ ! ତୁମେ ଯଦି ଯତ୍‌ସାମାନ୍ୟ ଆଗ୍ରହ ଦେଖାଇଥାଆନ୍ତ ମୋ କଥା ଶୁଣିବା ପାଇଁ, ତା' ହେଲେ ମୁଁ ତୁମକୁ ସିଧାସଳଖ କହିଥାଆନ୍ତି ଯେ——

ମଣିଷ ହୋଇ ଆଉ ଗୋଟିଏ ମଣିଷକୁ ଗୁରୁ ବୋଲି ମଣିବା ମୂର୍ଖତା ଛଡ଼ା ଆଉ କିଛି ନୁହେଁ । ଆମର ଶାସ୍ତ୍ର କି ସଂସ୍କାର ଯାହା କହୁ ପଛେ ।

ତା'ର ଅର୍ଥ ନୁହେଁ ଯେ ମୁଁ ନାସ୍ତିକ । ମୁଁ ମଧ ସତ୍ୟକୁ, ବ୍ରହ୍ମକୁ, ହେଲା ଏବେ ତୁମ ଭଗବାନଙ୍କୁ (ସେଇ ଏକା କଥା) ଖୋଜୁଛି । କିନ୍ତୁ ସେଥିପାଇଁ ଆଉ ଗୋଟାଏ ଲୋକର ହାତ ଧରିବାକୁ ଯିବି କାହିଁକି ? ମୁଁ କ'ଣ ଜାଣେ ନାହିଁ ଯେ ଉଣା ଅଧିକେ ଆମେ ସମସ୍ତେ ସମାନ, ମଣିଷନାମଧାରୀ ଯେତେକ ମନ, ବୁଦ୍ଧି, ଉଦର ତଥା ଲିଙ୍ଗ-ଯୋନି ବିଶିଷ୍ଟ ପ୍ରାଣୀ ? କୋଉ ମଣିଷ ବାପୁଡାର ଅଧିକାର ଅଛି ଆଉଜଣକୁ ପାଠ ପଢ଼େଇବ ?

ସତ୍ୟ ? ତୁମକୁ କେମିତି ବୁଝେଇବି ଯେ ସତ୍ୟକୁ କୌଣସି ରାସ୍ତା ନାହିଁ, ଯେମିତିକି ରାସ୍ତାଟିକୁ ଦେଖିଲାମାତ୍ରେ, ହୁଏତ କେଉଁ ଗୁରୁ ତାକୁ ଦେଖାଇଲାମାତ୍ରେ ତୁମେ ମାଡ଼ିଯିବ ସେଥିରେ ଡଗ ଡଗ ହୋଇ ? ସତ୍ୟ ଏକ ପଥହୀନ ଦେଶ ।Truth is a pathless land, ଯାହା ଜୀଦ୍‌ଦୁ କୃଷ୍ଣମୂର୍ତ୍ତି କହୁଥିଲେ ବାରମ୍ବାର, ତାଙ୍କର ଶେଷ ନିଃଶ୍ୱାସ ଯାଏଁ ।

ତେଣୁ ଏକ ମହାନ୍ ଚିନ୍ତକ ହେଲେ ମଧ ସେ କାହାରି ଗୁରୁ ହେବାକୁ ଚାହୁଁ ନ ଥିଲେ । ଗୁରୁତ୍ୱର ପ୍ରୟୋଜନକୁ ଭୁଲ୍, ଭୁଲ୍, ଭୁଲ୍ ବୋଲି କହି ଚାଲିଥିଲେ । କାରଣ ସେ ବୁଝିଥିଲେ ଯେ ଗୁରୁପ୍ରାଣତା ହିଁ ମୁକ୍ତିବୋଧର ପ୍ରଧାନ ଶତ୍ରୁ, ଏବଂ ମଣିଷ ଯେତିକି ମୁକ୍ତ ହୋଇପାରିବ ତା'ର ଜ୍ଞାନଗତ ଅର୍ଥାତ୍ ଗୁରୁଦତ୍ତ (ସେ ମଣିଷ-ଗୁରୁ ହେଉ ବା ଗ୍ରନ୍ଥ ଗୁରୁ) ତଥ୍ୟ ଓ ତତ୍ତ୍ୱର ଶୃଙ୍ଖଳରୁ, ସେ ସେହି ପରିମାଣରେ ଆପଣା ସତ୍ୟକୁ ଅନୁଭବ କରିପାରିବ । ଚଳମାନ ଜୀବନର ସଂପୂର୍ଣ୍ଣ ଅନୁଭବ ହିଁ ସତ୍ୟ, ଯେଝାର ଯେଝା । ତା'କୁ ବ୍ୟାହତ କରେ ଆଉ ଜଣକର ତଥାକଥିତ ଉପଦେଶ, ମାର୍ଗଦର୍ଶନ । ଯେ କୁହେ ଯେ ଲେଖିନିଅ, ମୁଁ ଯାହା କହୁଛି ମୋରି ଚିନ୍ତା ଓ ଅନୁଭବର ଦର୍ଶନରୁ, ତାହା ହିଁ ସାରସତ୍ୟ । ତେଣୁ ଆସ ଏଇ ବାଟ ଦେଇ ।

କଥାଟା ସବୁଠାରୁ ହାସ୍ୟାସ୍ପଦ ହୋଇଉଠେ ଯେତେବେଳେ ସେଇ ମାର୍ଗଦର୍ଶକ ଓରଫ୍ ଗୁରୁମାନେ ମୁକ୍ତିର ମନ୍ତ୍ର ପଢ଼ାନ୍ତି ତୁମକୁ, ସତ୍ୟର ଉପଲବ୍ଧି ପାଇଁ । ସତେକି ଯେଉଁ ତାଲା ପଡ଼ିଛି ତୁମ ପିଞ୍ଜରାରେ, ତା' ଚାବିକାଠି ଆଉ କାହା ହାତରେ ! ଶୁଣ

Digitized by srujanika@gmail.com

ପ୍ରିୟେ ! ବାହାରୁ ତାଲା ପଡ଼ି ନାହିଁ, ପଡ଼ିଛି ଭିତରୁ । ଚାବିକାଠି ତୁମରି ହାତରେ । ଆମରି ଅଷ୍ଟବକ୍ର ଗୀତା, ଆତ୍ମାଦ୍ୱୈତ ଦର୍ଶନ ମଧ ସେଇ ଚେତାବନୀ ଓ ସାନ୍ତ୍ୱନା ଦେଇଛି ପ୍ରତ୍ୟେକ ମଣିଷକୁ — ମୁକ୍ତାଭିମାନୀ ମୁକ୍ତୋହି ବଦ୍ଧୋ ବଦ୍ଧାଭିମାନ୍ୟପି । ଆତ୍ମାଭିମାନ ଓ ମୁକ୍ତାଭିମାନ ଗୋଟିଏ ଧାତୁରେ ଗଢ଼ା । ସେଠି ଗୁରୁ କିମ୍ବା କୌଣସି ଅପର ବ୍ୟକ୍ତିର ସ୍ଥାନ ନାହିଁ । ପୂର୍ଣ୍ଣଚ୍ଛେଦ ।

ମାନୁଛି, ଯେ ଆମ ଶାସ୍ତ୍ରପୁରାଣରେ ଗୁରୁ ବନ୍ଦନାର ଅନ୍ତ ନାହିଁ । କିନ୍ତୁ ସେ ସବୁ ଆତ୍ମାଭିମାନ ବିବର୍ଜିତ ଅଜ୍ଞାନୀ ଗଣମାନସ ପାଇଁ । ତୁମ- ଆମ ପାଇଁ ନୁହେଁ (ଏଇଠି ମୁଁ ତୁମକୁ ମୋର ଯଥାର୍ଥ ସହଧର୍ମିଣୀ ବୋଲି ଧରି ନେଉଛି) । କାରଣ ଆମ ହିନ୍ଦୁଧର୍ମର ଦାର୍ଶନିକ ଭିତ୍ତି ହେଉଛି ଏଇ, ଯେ ଏହା ତୁମକୁ କେଉଁ ଆଦିଗୁରୁଙ୍କ ବିଚାରକୁ ଖୋଦ୍ ଭଗବାନଙ୍କ ଠାରୁ ମିଳିଥିବା ସାରସତ୍ୟ ବୋଲି ମାନିନେବାକୁ କୁହେ ନାହିଁ । ସ୍ୱାମୀ ଅଗେହାନନ୍ଦ ଭାରତୀ, ଯେ ଏକଦା ଲିଓଗୋଲଡ୍ ଫିସର୍ ନାମରେ ଅଭିହିତ ଥିଲେ, ଏବଂ ପରେ ହିନ୍ଦୁଧର୍ମରେ ଦୀକ୍ଷିତ ହୋଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲେ, ଏଇ କଥାଟିକୁ ଜୋର୍ ଦେଇ କହିଛନ୍ତି । କହିଲେ, ପ୍ରାଚ୍ୟଧର୍ମର ଉତ୍କର୍ଷ ହେଉଛି ଯେ । ଏଥିରେ କେଉଁ ଭଗବାନଙ୍କ ଦୂତ ଆସି ନାହାନ୍ତି ତୁମକୁ ପାଠ ପଢ଼େଇବା ପାଇଁ । କେବଳ ଅନେକ ଯୋଗୀଋଷି ଓ ସିଦ୍ଧସାଧକମାନେ ଆସିଛନ୍ତି, ଏବଂ ନିଜ ନିଜ ଉପଲବ୍ଧିର ଭାଷା ଶୁଣେଇଛନ୍ତି, ଯେତେଟା ସମ୍ଭବ । ଦୁଇ ଧରଣର ପ୍ରାଣୀଙ୍କ ଭିତରେ ପ୍ରଭେଦ ହେଉଛି ଯେ ପ୍ରଥମ ଜଣକ ତା'ର ଘନିଷ୍ଠ ଅନ୍ତରଙ୍ଗ ଅନୁଭୂତିକୁ ବାହ୍ୟ ଜଗତର ସ୍ଥୂଳ ସତ୍ୟ ସାଙ୍ଗରେ ସମାନ କରି ଥୋଇଦିଏ, ସତେକି ତା'କୁ ମୁଠେଇ ଧରି ହେବ, ଟେବୁଲ କିମ୍ବା ବିଅର୍ ବୋତଲ ପରି । କିନ୍ତୁ ଦ୍ୱିତୀୟ ଜଣକ କୁହେ କ୍ଷମାକର, ମୁଁ ପାରିବି ନାହିଁ । ମୁଁ ମୋର ଗହନ ଅନୁଭୂତିକୁ ଦର୍ଶାଇ ପାରିବି, ସେ ଧୃଷ୍ଟତା ମୋର ନାହିଁ । ମୁଁ ଖାଲି ସଂକେତ ଦେଇ ପାରିବି, ବଜର ବଜର ହୋଇ ପାରିବି ତୁମ ସାଙ୍ଗରେ, ତୁମର ଚିନ୍ତା- ଚେତନାକୁ ତେଜିବା ପାଇଁ । ସେଇଠୁଁ ତୁମେ ଜାଣିଥିବ ତୁମେ କ'ଣ କରିବ ଆପଣା ମୁକ୍ତି ପାଇଁ,ଆପଣା ସତ୍ୟର ଉପଲବ୍ଧି ପାଇଁ । ବୁଦ୍ଧ ମଧ୍ୟ ଶେଷକୁ ଏଇଆ କହିଥିଲେ, ଯେ - ମଣିଷର ଏକମାତ୍ର ଆଶ୍ରୟ ହେଉଛି ସେ ନିଜେ । Man is his only refuge.

ଅତଏବ ଗୁରୁଟିଏ କଅଣ କରିବ ତୁମର ? ପୁଣି ଏମିତି ଗୋଟିଏ ସାଧାରଣ ଲୋକ ଯେ ନିଃସନ୍ଦେହରେ ତୁମ ସାଧାରଣ ସ୍ୱାମୀର ବିଦ୍ୟାବୁଦ୍ଧିଠାରୁ ମଧ ଅନେକ ପଛରେ ?

ତେବେ ମୁଁ ଜାଣେ ତୁମର ଅସୁବିଧା କେଉଁଠି । ତୁମେ ଡରୁଛ । ପଚାରିଲେ ହୁଏତ କହିବ ଯେ ହଁ ମୁଁ ମଧ ମୁମୁକ୍ଷୁ, ମୁକ୍ତାଭିମାନୀ, ଇତ୍ୟାଦି । କିନ୍ତୁ ପ୍ରକୃତରେ ତୁମେ ଡରୁଛ ମୁକ୍ତ ହେବା ପାଇଁ । ମୁକ୍ତିଠାରୁ ସୁରକ୍ଷାହିଁ ତୁମର ବିଶେଷ ପ୍ରୟୋଜନ । ସତେକି ଅନ୍ୟଥା

Digitized by srujanika@gmail.com

ତୁମକୁ ଲଙ୍ଗଳା ହେଲାପରି ଲାଗିବ ! ଲଙ୍ଗଳା ପିଲା ଠିଆ ହୋଇଛି କେଉଁ ଶିଖରିର ଦାଢ଼ରେ, ଏବଂ କମ୍ପୁଛି । ଶୀତରେ ଓ ଭୟରେ । ହାୟ ! ତମେ ବୁଝୁନାହଁ ଯେ ଏଇ ସୁରକ୍ଷାପ୍ରବଣତା ହିଁ ବାଡବତା ଘେରାଇ ଆଣେ ତୁମ ଚାରିପାଖରେ , ଏବଂ ତୁମକୁ ବନ୍ଦୀ କରି ରଖେ । ବନ୍ଧୋ ବନ୍ଧାଭିମାନ୍ୟପି...

ଗୋପାଳବାବୁ ବାରମ୍ବାର ନିଜକୁ କୁହନ୍ତି ଯେ ଦାଢ଼ରେ ଠିଆ ହୋଇ ଭୟରେ ଓ ଶୀତରେ କମ୍ପିବାର ଦୃଶ୍ୟ ଆପେ ଆପେ ଆସିଥିଲା ତାଙ୍କ ମନକୁ । ଏବଂ ଏହି ସମୟରେ । ପଲେଇ ଗାଁକୁ ଯିବା ପୂର୍ବରୁ । ଏବଂ ସେଠିକାର ଘାଇ ଓ ତା'ର ବିରାଟ 'ଆଁ'କୁ ଦେଖିବା ପୂର୍ବରୁ । ସେହେତୁ କେଉଁ ସ୍ମୃତିର ନିର୍ଯ୍ୟାସ ରହି ଯାଇଥିଲା ତାଙ୍କ ମନରେ, ଏବଂ କେଜାଣି କାହିଁକି ରୂପାୟିତ ହେଲା ଗୁରୁଜୀଙ୍କ ବିଷୟରେ ଭାବିଲାବେଳେ, ତା' ନୁହେଁ । ତେଣୁ ମନେ ହେବ.... କ'ଣ ମନେ ହେବ ? ଯେ ଏହି ସୁନ୍ଦର — ଭୟଙ୍କର ଦୃଶ୍ୟ ତାଙ୍କ ଜନ୍ମଗତ ତଥା ନିଭୃତ ଏବଂ ଅଜ୍ଞାନ ସମ୍ପଦ, ଯାହା ତାଙ୍କ ଚେତନ ମନକୁ ସ୍ପର୍ଶ କରି ନ ଥିଲା ଆଜିଯାଏଁ ? ନା ଏକ ଭବ୍ୟ-ଭବିତବ୍ୟ ଦୃଶ୍ୟର ଛାଇ ପଡ଼ିଲା ତାଙ୍କ ଉପରେ ?

ଯାହାହେଉ ଏହାର କିଛିଦିନ ପରେ ଗୋପାଳବାବୁ ଗଲେ ପଲେଇ ଘାଇ ଦେଖିବାକୁ । ଘାଇଜନିତ କୌଣସି ସମସ୍ୟାର ସମାଧାନ ପାଇଁ ନୁହେଁ । ସେଭଳି ଦାୟିତ୍ୱ ତାଙ୍କୁ ଦେଇ ନାହାନ୍ତି କେହି । ତା' ହେଲେ ସେ କ'ଣ ଯାଉଥିଲେ ସେବା ଭାବରେ ପ୍ରଣୋଦିତ ହୋଇ ? ଧାତ୍, ସେ ସେସବୁ ସବୁ ଲୋକଦେଖାଣିଆ ତଥା ଅନାବଶ୍ୟକ ଉଦ୍ୟମରେ ବିଶ୍ୱାସ କରନ୍ତି ନାହିଁ । ମନ୍ତ୍ରୀ ଓ ତାଙ୍କ ଅଫିସରମାନେ ରହିଛନ୍ତି କାହିଁକି, ଯଦି ସେମାନେ ଘାଇ ଭଙ୍ଗା ଆଦି ଜାତୀୟ ବିପତ୍ତିରୁ ଉଦ୍ଧାର ନ କରନ୍ତି ଲୋକମାନଙ୍କୁ ? ତେବେ କ'ଣ ଦୃଶ୍ୟ ଦେଖିବା ପାଇଁ ? ନା, ତା' ବି' ନୁହେଁ । ସେ ଗଲେ ବନ୍ଧୁ ଓ ସୁଲେଖକ ବିକାଶବାବୁଙ୍କ ସବିଶେଷ ଅନୁରୋଧ ଏଡ଼ି ନ ପାରି । ବିକାଶବାବୁ ବିନା ଦ୍ୱିଧାରେ କହିଲେ ଯେ ସେ ସେଠିକି ଯିବାକୁ ଚାହାନ୍ତି, ତାଙ୍କ ସାହିତ୍ୟର ଖୋରାକ୍ ପାଇଁ । ଗୋଟାଏ ଚମତ୍କାର ସୁଯୋଗ ମିଳିଛି ଏକ ବାସ୍ତବ ହେଲେ ମଧ ଅଭିନବ ଦୃଶ୍ୟ ଦେଖାଇବା ପାଇଁ, ଏବଂ ସେଥିର ମର୍ମନ୍ତୁଦ କାହାଣୀ ଶୁଣାଇବା ପାଇଁ, ଯାହାକି ତାଙ୍କ ପାଠକ-ପାଠିକାଙ୍କ ମନକୁ ଚହଲାଇ ଦେଇ ପାରିବ । କିନ୍ତୁ କେଜାଣି କାହିଁକି ସେ ଗୋପାଳବାବୁଙ୍କୁ ବଳେଇଲେ ତାଙ୍କ ସାଙ୍ଗରେ ଆସିବା ପାଇଁ । ସତେକି ଡକ୍ଟର ୱାଟ୍‌ସନ୍ ସାଙ୍ଗରେ ନ ଥିଲେ ଶରଲକ୍ ହୋମ୍‌ସ୍ ତାଙ୍କ କରାମତି ଦେଖାଇ ପାରିବେ ନାହିଁ ! ଏବଂ ଗୋପାଳବାବୁ ତ ମୋହବତିଆ ଲୋକ (ଏଇ ମୋର ଦୁର୍ବଳତା ବୋଲି ସେ ନିଜକୁ ଦୋଷ ଦେଇ ଆସିଛନ୍ତି, ହେଲେ ଏହାହିଁ ମୋର ଭଲପଣିଆ ବୋଲି ସେ ଭିତରେ ଭିତରେ ଖୁସି ହୋଉଛନ୍ତି), ତେଣୁ ସେ ଶେଷକୁ ହଁ ଭରିଲେ ।

Digitized by srujanika@gmail.com

ପତ୍ନୀ ମଧ୍ୟ ଆସିପାରିଥାଆନ୍ତେ ତାଙ୍କ ସାଙ୍ଗରେ । କିନ୍ତୁ ଆସିଲେ ନାହିଁ । ନ ଆସିଲେ ନାହିଁ, ତାଙ୍କ ଇଚ୍ଛା । ବରଂ ବିକାଶବାବୁ ଯାହା କହିଲେ, ଯେ ଭଦ୍ର-ମହିଳାମାନଙ୍କୁ ନେବାର ନୁହେଁ ସେଭଳି ଅପନ୍ତରା ଜାଗାକୁ, ସେଥିରେ ତାଙ୍କର ନ ଆସିବା ହିଁ ଶ୍ରେୟସ୍କର ବୋଲି ଭାବିବା ଉଚିତ୍ । କିନ୍ତୁ ଗୋପାଳବାବୁଙ୍କୁ ଭଲ ଲାଗିଲା ନାହିଁ ଯେତେବେଳେ ପତ୍ନୀ କହିଲେ, " ମୁଁ ଆସିଥାଆନ୍ତି ଯେ.... କିନ୍ତୁ ଗୁରୁଜୀ ମୋତେ ଡାକିଛନ୍ତି ଆସନ୍ତା ରବିବାରକୁ.... । " ଏବଂ ସେ କୌଣସି ଉତ୍ତର ଦେଲେ ନାହିଁ ତାଙ୍କ ପରବର୍ତ୍ତୀ ପ୍ରଶ୍ନର—" ମୁଁ କ'ଣ କହୁଥିଲି କି ... ତୁମେ ସେଠୁଁ ଫେରିଆସ... ଗୁରୁଜୀଙ୍କୁ ଥରେ ଆମ ଘରକୁ ଡାକିଲେ କେମିତି ହୁଅନ୍ତା ? ଧର ଏଇ ପୂର୍ଣ୍ଣମୀ ଦିନ... "

ପଲେଇ ଘାଇକୁ ଯିବା ବାଟରେ ଜଣେ କର୍ମୀଜାତୀୟ ଲୋକ ଥିଲେ ତାଙ୍କ ସାଙ୍ଗରେ, ଗାଇଡ୍ ହିସାବରେ ବାଟ ବତେଇ ଘାଇ ଭଙ୍ଗା ଘଟଣାର ଇତିହାସ, ଭୂଗୋଳ ଏବଂ ସେଥିରୁ ଉପୁଜିଥିବା ସମସ୍ୟାର ସୂଚନା ଦେବାପାଇଁ । ବିକାଶବାବୁ ପିଇ ଯାଉଥାଆନ୍ତି ତାଙ୍କ କଥା । ଗୋପାଳବାବୁ ମଧ୍ୟ ମନଦେଇ ଶୁଣୁଥାଆନ୍ତି । ହେଲେ ମଝିରେ ମଝିରେ ସେ ଗୋଟାଏ ଅକାରଣ ଟୀପ୍‌ପଣୀ ଯୋଡ଼ି ଦେଉଥାଆନ୍ତି ମନେ ମନେ— ଗୁରୁଜୀଙ୍କ କାନରେ କଅଣ ପହୁଞ୍ଚି ନାହିଁ ଏଇ ଦାରୁଣ ଘଟଣାର କାହାଣୀ ? ଅନ୍ତତଃ ଖବରକାଗଜର ପୃଷ୍ଠାରୁ ? କିନ୍ତୁ ସେ କ'ଣ ଆସିଛନ୍ତି ଏଆଡେ ? କଦାପି ଆସି ନ ଥିବେ । ହୁଃ ! ସେବାପ୍ରବୃତ୍ତି ଯାହାର ନାହିଁ ସେ ଗୁରୁଜୀ ବୋଲାଉଛନ୍ତି କାହିଁକି ? ଆମ କଥା ଭିନ୍ନ, ଆମେ ସାଧାରଣ ଲୋକ....

ତେବେ କ୍ରମଶଃ ଗୁରୁଜୀଙ୍କର ଇମେଜ୍ ଅପସରିଗଲା ତାଙ୍କ ମନରୁ, ଅର୍ଥାତ୍ ତାଙ୍କ ଚୀରଚାଳନାର କ୍ଷେତ୍ରରୁ । ଏବଂ କେବଳ କର୍ତ୍ତୃପକ୍ଷର ଲୋକମାନେ ହାଉଜାଉ ହେଲେ, ଯେଉଁମାନେ ଶରବିଦ୍ଧ ହେବା ଉଚିତ, କିନ୍ତୁ ହେଉ ନାହାନ୍ତି । ବାଆଁକାଲିଆ ଦେଇ ପଳେଇ ଯାଉଛନ୍ତି । ଗାଇଡ୍ ମହାଶୟଙ୍କ ଟୀପ୍‌ପଣୀ ବାତାବରଣକୁ ଆହୁରି କୁହୁଡିଆ କରି ଦେଇଛି ।

" ଦେଖୁଛନ୍ତି ତ ଏ ଜମି ସବୁ କେମିତି ଦେଖାଯାଉଛି ? " ହଁ, ପ୍ରକୃତରେ ରୋଗଣା ଦେଖାଯାଉଛି । ଧାନ ଗୁଡ଼ାକ ସୁରୁକୁଟିଆ ଘାସ ପରି ଦିଶୁଛି । ଗୋପାଳବାବୁ ମୁଣ୍ଡ ଟୁଙ୍ଗାରିଲେ । "ଆଜ୍ଞା, ସବୁ ପଚିଗଲା ପରା ! ପଚିବ ନାହିଁ ? ବଢ଼ିପାଣି ଛାଡ଼ିଛି ମାତ୍ର ଏଇ କେଇ ଦିନ ହେଲା - । " ତା' ହେଲେ ଚାଷୀମାନେ ଖାଇବେ କ'ଣ ବୋଲି ପଚାରିଲାରୁ ଗାଇଡ୍ କୁରୁଳି ଖାଇଲେ ମଜା ଲାଗିଲା ପରି ଓ କହିଲେ, " ଗୋଟିଏ କଳାହାଣ୍ଡି କ'ଣ ଯଥେଷ୍ଟ ଆମ ଦେଶ ପାଇଁ ? "

ପୁଣି ଗୋପାଳବାବୁଙ୍କ ଆଖିରେ ପଡ଼ିଲା ବନ୍ଧକୁ ଉଠିଲା ପରେ ପରେ, ଯେ କେଜାଣି କେତେ କନାପଟା ଶୁଖୁଛି ତା' କାନ୍ଧରେ, ଆଜିକା ଟାଣୁଆ ଖରାର ସୁଯୋଗ ନେଇ, କିନ୍ତୁ କୋଉ ଗୋଟିକ ସତ ଧୋତୀ, ଜାମା, ଶାଢ଼ୀ, କି ଗାମୁଛା ବୋଲି ମନେ ହେଉ ନାହିଁ ।

Digitized by srujanika@gmail.com

ସବୁ ଯେମିତି ଖଣ୍ଡେ ଖଣ୍ଡେ ଘରପୋଛା କନା, ସେତିକି ଛିଣ୍ଡା ଓ ମଇଳା, ଯଦିଓ ତା'ର ପ୍ରସାରରୁ ଜଣା ପଡୁଛି ଯେ ସିଏ ମଣିଷ ଦେହକୁ ପାଇବ ହୁଏତ। ସେଇଠୁଁ ଗୋପାଳବାବୁ ପଚାରିଲେ, " କ'ଣ ଏଇଆକୁ ସବୁ ପିନ୍ଧୁଛନ୍ତି ସେମାନେ ? " ଉତ୍ତରରେ ତାଙ୍କୁ କୁହାଗଲା, " ଆଉ ପିନ୍ଧିବେ କଅଣ ? ଲଙ୍ଗଳା ହେବାକୁ ପଡ଼ି ନାହିଁ, ସେଇ ରକ୍ଷା ! "

କିନ୍ତୁ ତାଙ୍କର ମନେ ହେଲା ଯେ ଗାଇଡ୍ ଭଦ୍ରଲୋକ ଜଣକ ସୀମା ଟପି ଯାଉଛନ୍ତି ଯେତେବେଳେ ସେ କହିଲେ, " କ'ଣ ଭାବୁଛନ୍ତି ଯେ ଏଠି ତମ୍ବୁ ପଡ଼ିଛି କୋଉ ମେଳା ମଉଛବ ପାଇଁ ? ଆଜ୍ଞା, ଏଇ ହେଉଛି ତାଙ୍କ ଘର, ବାସସ୍ଥାନ। ହତଭାଗା ଆଉ ରହିଥାଆନ୍ତେ କେଉଁଠି ? କଂସାରି ନଈର ପେଟରେ ? " କାହିଁକିନା ଗୋପାଳବାବୁ ବିସ୍ଫାରିତ ନୟନରେ ଅନେଇ ଥିଲେ ସେଇ ବିଚିତ୍ର ଦୃଶ୍ୟ ଆଡକୁ। ବନ୍ଧର ଚାଖଣ୍ଡେ ଭୂଇଁ ଉପରେ ଧାଡ଼ି ଲାଗିଥିବା କଳା କଳା କୁଡିଆର ଦୃଶ୍ୟ, ଛତୁ ଫୁଟିଲା ପରି। କଳା ଏଇଥିପାଇଁ ଯେ କଳା ଟାର୍ପୋଲିନ୍ ପଡ଼ିଛି ପ୍ରତ୍ୟେକ ଟିଣ-ଅଖା-ଇଟାପଥର ଲଗା ଛାତ ଉପରେ, ବୋଧହୁଏ ତା'ର ଅସନାକୁ ଘୋଡେଇ ଦେବା ପାଇଁ। ଏବଂ ହୁଏତ ହତଭାଗାମାନଙ୍କୁ ସାମ୍ୟ-ମୈତ୍ରୀର ୟୁନିଫର୍ମ ପିନ୍ଧେଇବା ପାଇଁ ! " ଆଜ୍ଞା, ସରକାର ଘରୁ ଆସିନାହିଁ ଏଇ ଟାର୍ପୋଲିନ୍। ଇଏ ହେଉଛି କଳାବଜାରି ପେଟୁଆମାନଙ୍କ ଦୟା। " ଯୁବନେତା ପରି ମନେ ହେଉଥିବା ଜଣେ ପାର୍ଶ୍ୱଚର ଚେତାଇ ଦେଲା ତାଙ୍କୁ।

" କିନ୍ତୁ ଲୋକମାନେ ଚାଲିବେ କେଉଁବାଟେ ? " ଗୋପାଳବାବୁ ପଚାରିଲେ।

" କାହାନ୍ତି ଲୋକମାନେ ? କାହାକୁ ଦେଖୁଛନ୍ତି କି ଆପଣ ? "

ସତେ ତ ! କାହାନ୍ତି ସେମାନେ ? ଆଖପାଖ ଗାଆଁରୁ କେତେଜଣ ଆସିଛନ୍ତି ଅବଶ୍ୟ ତାଙ୍କ ସାଙ୍ଗରେ, ଘାଇଭଙ୍ଗା କାହାଣୀକୁ ଦୋହରେଇବା ପାଇଁ ତଥା ସରକାରଙ୍କୁ ଗାଳି ଦେବା ପାଇଁ। କିନ୍ତୁ ଏଠିକା ଲୋକ କାହାନ୍ତି, ଯେଉଁମାନଙ୍କ ଘର ଭାସି ଯାଇଛି, ଫସଲ ଗାଈଗୋରୁ ନଷ୍ଟ ହୋଇଯାଇଛି, ଆଉ ଯାହାଙ୍କ କନାକତରା ଶୁଖୁଛି ବନ୍ଧର କାନ୍ଧରେ ? ଗୋପାଳବାବୁ ଅନୁମାନ କଲେ ଯେ ସେମାନେ ସେଇ କଳାକଳା କୁଡିଆ ଭିତରେ ବସିଛନ୍ତି କୁକୁରିକାଙ୍କୁରି ହୋଇ। ପଦାକୁ ବାହାରିବେ କେମିତି କନାକବଟା ନ ଶୁଖିବା ଯାଏଁ ? କିନ୍ତୁ କାହାରିକୁ ପଚାରିବାର ସାହସ ହେଲା ନାହିଁ, କାଳେ ପୁଣି ଗୋଟାଏ ଚାଇଁ ଚତୁର ଜବାବ୍ ମିଳିଯିବ ତାଙ୍କୁ।

ତେବେ ଆଉ ପ୍ରକାରେ ଜବାବ୍ ମିଳିଗଲା ତାଙ୍କୁ ଜଣେ ଧୋତୀ ଜାମା ପିନ୍ଧା ଲୋକ ପାଖରୁ। ସେ ଗୋଟାଏ କୁଡିଆରୁ ବାହାରି ଆସୁଥାଏ। ହାତରେ ବିଡ଼ାଏ କାଗଜ। ବୁଝୁବୁଝୁ ଜଣାପଡ଼ିଲା ଯେ ସେ ଅନ୍ୟତମ ସରକାରୀ କର୍ମଚାରୀ। ବିଜୁଳି ପରିବହନ ସଂସ୍ଥାର ପିଆଦା। ଟିକସ ଅସୁଲ କରିବାକୁ ଆସିଛି ଏଇ କୁଡିଆ ଧାଡିକୁ। ଗୋପାଳବାବୁଙ୍କ

Digitized by srujanika@gmail.com

ପୁନଃବିସ୍ତାରିତ ଚକ୍ଷୁର ଉଦ୍ଦେଶ୍ୟ ଜାଣିପାରିଲା ପରି ସେ ତାଙ୍କୁ ବୋଧ ଦେଲା, " ସାର୍, ମୁଁ କ'ଣ ଏଇକ୍ଷଣି କିଛି ଆଦାୟ କରିବାକୁ ଆସିଛି ଯାଙ୍କଠୁଁ ? ମୁଁ କ'ଣ ଦେଖୁନାହିଁ ଯାଙ୍କ ଅବସ୍ଥା କଅଣ ? କିନ୍ତୁ ବିଲ୍ ଦେଇଯିବି ତ ... " କହି ଗୋଟାଏ ବିଲ୍ ଦେଖେଇଲା ଗୋପାଳବାବୁଙ୍କୁ । ସେଇଠୁଁ ଗୋପାଳବାବୁଙ୍କ ଆଖିରେ ପଡ଼ିଲା ଯେ ଇଏ ମଧ ମିଟର୍ ବିନିମୟରେ ନିର୍ଦ୍ଧାରିତ ଚାର୍ଜ୍ । ଯେମିତିକି ତାଙ୍କୁ ଦେବାକୁ ପଡ଼େ ତାଙ୍କ ସହରରେ ଥିବା ଦି'ମହଲା କୋଠାଘରର ବିଜୁଳି ବ୍ୟବସ୍ଥା ପାଇଁ । ଏବଂ ସମାନ ଅଙ୍କ, ମାସକୁ ଚାଳିଶ ଟଙ୍କା ।

ଦିହେଁ ମୁହଁ ଚୁହାଁଚୁହିଁ ହେଲେ । ଏବଂ ଗୋପାଳବାବୁଙ୍କ ଗମ୍ଭୀର, ଚିନ୍ତିତ ଏବଂ କ୍ରୋଧୀ ମୁହଁର ଚେହେରା ହଠାତ୍ ପାଣି ଫାଟିଗଲା । ତାଙ୍କର ମନେ ପଡ଼ିଗଲା କାମ୍ୟୁଙ୍କର ଉକ୍ତି । ଯେ ପୃଥିବୀର ଏଭଳି କୌଣସି ଦୁର୍ଗତି ନାହିଁ ଯାହାକୁ ହସି ଉଡ଼େଇ ଦେଇ ହେବ ନାହିଁ । ଅର୍ଥାତ୍ କୁହ ନାହିଁ ଅବିଚାର, କୁହ ନାହିଁ ଅନ୍ୟାୟ, ଅଥବା ନିର୍ମମ । କୁହ ଆବ୍‌ସର୍ଡ୍ ! ଏବଂ ହସି ଦିଅ ।

ସେଇଠୁଁ ତାଙ୍କୁ ସବୁ କିଛି ଆବ୍‌ସର୍ଡ୍ ମନେ ହେଲା । ସରକାର ଘର ଭିଆଣ ତଥା ବିଧାତାଙ୍କ ବିଧାନ । ଯାହାର ଅବଦାନ ବ୍ଲାକ୍ ହ୍ୟୁମର୍, ବିକୃତ ଆମୋଦ । ଏବଂ ପ୍ରାପ୍ୟ ତିକ୍ତ ଉପଭୋଗ । ଯଥା :

— ବୃହତ୍ ଝଙ୍କାଳିଆ ଗଛଟାଏ ଲେପ୍‌ଟେଇ ପଡ଼ିଛି ଗୋଟାଏ ଚାଳଘର ଉପରେ, ତାକୁ ଧର୍ଷଣ କଲା ପରି । ହେଲା ଏବେ ତା'ର ଅଣ୍ଟା ଭାଙ୍ଗିଯାଇଛି ।

—କୂଅଟାଏ ଧସି ଯାଇଛି କୋଉ ପାତାଳରେ, ହେଲେ ତା' ଚକାମୁହଁ ଅନେଇଛି ତୁମକୁ ବଲ ବଲ ହୋଇ । ଦାନୀ ଗୁଡ଼ାକ ସହଜେ ବୋକା ନୁହଁନ୍ତି କି ?

— ଲୋକବାକ କେହି ଦିଶୁ ନାହାନ୍ତି ସିନା, ଗୋଟାଏ ନଇଁବୁଢ଼ୀ ତାଙ୍କ ସାଙ୍ଗେ ସାଙ୍ଗେ ଚାଲିଛି ଏବଂ ବିଡ଼ିବିଡ଼ି ହେଉଛି । ତା'ର ସାରକଥା କେବଳ ଏତିକି ବୋଲି ବୁଝି ହେଉଛି ଯେ ସେ ପୁରସ୍ତମ ଯାଇଥିଲା, ଆଉ ସେଇଠି ସବୁ ଫଇସଲା କରି ଆସିଛି ।

ଏମିତି ଚାଲୁ ଚାଲୁ ସେମାନେ ଆସି ପହଞ୍ଚିଲେ ଗୋଟାଏ ଜାଗାରେ, ଯେଉଁଠି ଆଉ ବାଟ ନାହିଁ ଆଗକୁ ଯିବା ପାଇଁ । କାରଣ ଆଗରେ ବିଦୀର୍ଣ୍ଣ ପୃଥିବୀ । ଗୋଟାଏ ଦନ୍ତୁରିତ ପ୍ରକାଣ୍ଡ ଆଁ । କାହିଁ କେତେ ଦୂରରେ ଗଛ ଗହଳି ଭିତରେ କେଇଟା ଚାଳଘର ଅଛି ବୋଲି ମନେ ହୁଏ । " ପଲେଇ ଘାଇ ଏଇଠି ଭାଙ୍ଗି ଯାଇଛି ଆଷ୍ଟା ", ଗାଇଡ୍ କହିଲେ, " ମଝିରେ ବାରଶହ ଫୁଟ । "

ଗୋପାଳବାବୁ ଆଖି ବୁଜିଲେ ଓ ଖୋଲିଲେ ।

ଆଖି ବୁଜିବାକୁ ଚାହୁଁ ନ ଥିଲେ, କିନ୍ତୁ ଆଖି ଛାଏଁ ଛାଏଁ ବୁଜି ହୋଇଯାଉଥାଏ । ସତେକି ଉପଭୋଗକୁ ମାର ଗୋଲି, ଏଭଳି ଅପଦୃଶ୍ୟ ଦେଖିବାର ନୁହେଁ । କିନ୍ତୁ ବୁଜିଲାକ୍ଷଣି

Digitized by srujanika@gmail.com

ମନେ ହେଉଥାଏ ସେ ଦାଢ଼ରୁ ଖସି ପଡ଼ିବେ, ଅତଳ ତଳକୁ । ଶୂନ୍ୟ, ମହାଶୂନ୍ୟ, ଅସୀମ ପାରାବାର.... ଛାତିଟା ସ୍ତବ୍ଧ ହୋଇଯାଉଥାଏ ତା'ର କଳ୍ପନାରେ । ସେହେତୁ ତତ୍କ୍ଷଣାତ୍ ଆଖି ଖୋଲି ହୋଇଯାଉଥାଏ ।

ବିକାଶବାବୁ ତାଙ୍କ ଦେହରେ ହାତ ପକେଇ କହିଲେ, " ଯେତିକି ସୁନ୍ଦର, ସେତିକି ଭୟଙ୍କର — ନୁହେଁ ? "

ଅବଶ୍ୟ ଭୟଙ୍କର । କିନ୍ତୁ ସୁନ୍ଦର ନୁହେଁ, କୁତ୍ସିତ । (ବନ୍ଧୁଙ୍କ ମୁଣ୍ଡ ଖରାପ । କବି ଯେତେହେଲେ !) ସେଇଲାଗି ତ ମୋ' ଆଖି ବାରମ୍ବାର ବୁଜି ହୋଇଯାଉଛି । ବାରଶହ ଫୁଟ୍ ବ୍ୟାପୀ ଏଇ ଗହ୍ୱର ଯଦି ଖାଲି ଗୋଟାଏ ତଳ କି ଅତଳ ହୋଇଥାଆନ୍ତା, ତା' ହେଲେ ଜାଣନ୍ତି । କିନ୍ତୁ ତା' ନୁହେଁ । ଗହ୍ୱର ଭିତରେ ହଜାରେ ଦାନ୍ତ, ଜିଭ,ଆଉ ଚର୍ବଣ ଭକ୍ଷଣର ଲାଳ । କେନା କେନା ପାହାଡ, ମହା ମହା ଖାଲ, ଆଉ ପାଣି ନାଳି । ଅତି ଅସୁନ୍ଦର, କୁତ୍ସିତ...

କିନ୍ତୁ ବୁଜିଲ ଯଦି ତୁମ ଆଖି ଦି'ଟାକୁ ଅନ୍ଧାର ପାରାବାରର ଅନୁଭବ ପାଇଁ, ମିଛିମିଛିକା ସୁନ୍ଦରକୁ ହେଜିବା ପାଇଁ, ତା' ହେଲେ ତା'କୁ ପୁଣି ଖୋଲି ଦେଉଛ କାହିଁକି ଗୋପାଳବାବୁ ? ଡର ମାଡୁଛି ?

ମଲା, ଡରିବି କାହିଁକି ମ ? ମୁଁ କ'ଣ ପିଲା ହୋଇଛି ? ତା'ଛଡ଼ା ଆଖି ବୁଜିକରି ରଖିଲେ ଲୋକେ କ'ଣ କହିବେ ?

ତୁମେ ପିଲା ନୁହଁ, ତଥାପି ତୁମକୁ ଡର ଲାଗୁଛି । ଜାଣିନା କାହିଁକି ? ଜାଣିଛ । ତୁମର ମନେ ହେଉଛି ଯେ ତୁମେ ଯେଉଁ ଦାଢ଼ ଉପରେ ଠିଆ ହୋଇଛ, ସିଏ ପଳେଇ ଘାଇର ଦାଢ଼ ନୁହେଁ । ଜୀବନର, ଜୀବିତର । ଆଉ ସାମ୍ନାରେ ଯିଏ ଅଛି ତା' ନାଆଁ ମୃତ୍ୟୁ, କରାଳ ସୁନ୍ଦର.... ତୁମକୁ ଟିକିଏ ଶୀତ ଲାଗୁ ନାହିଁ କି ଗୋପାଳବାବୁ ?

ସେଇଠୁଁ ଗୋପାଳବାବୁ ତାଙ୍କ ଆଖିକୁ ଠିଆମେଲା କରି ରଖିଲେ । ରାଗିଲା ପରି । ରାଗିଲେ ବିକାଶବାବୁଙ୍କ ଉପରେ ଯେ ତାଙ୍କୁ ଆଣିଛନ୍ତି ଏଠିକି । ରାଗିଲେ ସରକାରଙ୍କ ଉପରେ, ଯାହାଙ୍କ ଯୋଗୁଁ ଏମିତି ହେଲା । କୁଆଡେ ଗତବର୍ଷ ବି' ଘାଇ ଭାଙ୍ଗିଥିଲା, କିନ୍ତୁ ମାତ୍ର ଶହେ ଦୁଇଶହ ଫୁଟ୍ । ଏବଂ ସରାକରଙ୍କୁ ମିନତି କରାଯାଇଥିଲା ବନ୍ଧକୁ ସେତିକି ବାଟ ଯାଏଁ ଆଉ ଟିକିଏ ଉଁଚ ଓ ଦୋରସ୍ତ କରିବା ପାଇଁ । କିନ୍ତୁ ସରକାର ଶୁଣିଲେ ନାହିଁ । ଆଉ ଏଇକ୍ଷଣି ଏଇ ଦଶା ଲୋକମାନଙ୍କର ! ଘର ନାହିଁ, ଖାଦ୍ୟ ନାହିଁ, କାମ ନାହିଁ, ଭବିଷ୍ୟତ ନାହିଁ । ରିଲିଫ୍‌ର ଚୂଡ଼ା ଚାଉଳ ତ କେବେଠୁଁ ସରିଗଲାଣି । ଏବେ ଚାଲିଛି ଦାତାମାନଙ୍କ ଦାନ । କିନ୍ତୁ ସିଏବି' ଆଉ କେତେ ଦିନ ? ଏ ଘାଇ କ'ଣ ସତରେ ଯୋଡା ହୋଇ ପାରିବ ?

Digitized by srujanika@gmail.com

କେତେ କୋଟି ଟଙ୍କା ଖର୍ଚ୍ଚ କରିବ ସରକାର ? ନା କହିବ ଆଉ କୋଉଠିକି ଯାଆ, ଆମେ ତମର ଥଇଥାନ କରିବୁ, ଯେମିତି କରିଛୁ ହୀରାକୁଦରେ, କରିବୁ ବାଲିଆପାଳରେ...?

ରାଗୁ ରାଗୁ ତାଙ୍କର ପୁଣି ମନେ ପଡ଼ିଗଲେ ଗୁରୁଜୀ । ପତ୍ନୀଙ୍କର ସେହି ଆକସ୍ମିକ ଅସମ୍ଭାବିତ ଗୁରୁଜୀ । ହେଲେ ଏଥର ସେ ତାଙ୍କୁ ଛିଗୁଲେଇଲେ ନାହିଁ । ଆହ୍ୱାନ କଲେ । ପରମଭକ୍ତ ଓରଫ୍ ପରମ ଶତ୍ରୁମାନେ ଯେମିତି ଆହ୍ୱାନ କରନ୍ତି ଭଗବାନଙ୍କୁ । — ଆସୁନାହାନ୍ତି ଏଠିକି, ଯଦି ଆପଣ ପ୍ରକୃତରେ ସତ ? ଆସୁନାହାନ୍ତି ଠିଆ ହେବେ ଏଇ ଦାଢ଼ରେ, ଆଉ ଦମ୍ଭ ଦେବେ ଆମକୁ, ଆଇ ମିନ୍ ଏମାନଙ୍କୁ ? ଲମ୍ବା ଦାଢ଼ି, ମସ୍ତ ଠେଙ୍ଗା, ସୁଦୀର୍ଘ ସୁନ୍ଦର ଚେହେରା, ବାଇବଲ୍‌ର ମୋଜେସ୍‌ଙ୍କ ପରି, ଯେ କହିବ ଭୟ ନାହିଁ,ଆସ ମୋ' ପଛରେ, ମୁଁ ଉରିଦେବି ଏଇ ଶୂନ୍ୟକୁ, ଆଉ ତମେ ସିଧାସଳଖ ଚାଲିଯାଇ ପାରିବ ତା' ଉପରେ । ଏବଂ ପହଞ୍ଚିବ ସେଇ ପ୍ରମିଜ୍‌ଡ୍ ଲ୍ୟାଣ୍ଡ, ଚିର ଅପେକ୍ଷିତ ରାଜ୍ୟରେ । ଆସି କୁହନ୍ତେ ନାହିଁ ଏମିତିକା କଥା ? ତା' ହେଲେ ଆପଣ ଯଥାର୍ଥ ଗୁରୁ ହୋଇପାରନ୍ତେ, ଏକାଧାରରେ ଗୁରୁ ଓ ନେତା, ନାବିକ, ପଥପ୍ରଦର୍ଶକ...

ଗୁରୁଜୀ ଆସିଲେ ତାଙ୍କ ଘରକୁ କିଛିଦିନ ପରେ, ପୂର୍ଣ୍ଣମୀ ଦିନ । ପତ୍ନୀଙ୍କ ନିମନ୍ତ୍ରଣକୁ ଉପେକ୍ଷା କରିବାର ପ୍ରଶ୍ନ ଉଠୁ ନ ଥିଲା । ଗୋପାଳବାବୁ ତାଙ୍କୁ ମୁଣ୍ଡିଆ ମାରିଲେ ନାହିଁ, ହେଲେ ଉଦ୍ରୋଚିତ ନମସ୍କାର କଲେ । ଏବଂ ତାଙ୍କୁ ଡ୍ରଇଂ ରୁମ୍‌ରେ ବସେଇଲେ, ଗାଲିଚା - ଗଦି ଉପରେ ହସ ହସ ହୋଇ । କିନ୍ତୁ ଦୂରେଇ ବସିଲେ ତାଙ୍କଠୁଁ ।

ଦୂରେଇ ବସିଲେ ଏବଂ ମନେ ମନେ କହିଲେ — କ୍ଷମା କରିବେ,ଆପଣ ମୋର ଗୁରୁଜୀ ନୁହନ୍ତି କି ହୋଇପାରିବେ ନାହିଁ । ମୋର ବୌଦ୍ଧିକ ଆତ୍ମାଟାକୁ ଆପଣ କଦାପି ବଶ କରିପାରିବେ ନାହିଁ । ଆପଣ କେବଳ ମୋର ପତ୍ନୀଙ୍କ ଅତିଥି । ସେତିକି ମାତ୍ର ।

ହଁ. ପତ୍ନୀ ଠିକ୍ କହୁଥିଲେ । ଆପଣଙ୍କୁ ଦେଖିବାକୁ ଭଲ ଲାଗୁଛି । ମୁଁ ଯେମିତି ଭାବିଥିଲି, ପ୍ରାୟ ସେମିତିକା । ବହଳ ନିଶ ଦାଢ଼ି, କପାଳରେ ଚିତା ଚନ୍ଦନ, ପରିପୁଷ୍ଟ ଗାଲ ଚହଲି, ନିର୍ମଳ ଚାହାଣୀ । ଏବଂ ଏକପ୍ରକାର ସୌମ୍ୟତା । ଯାହାକି ନିର୍ବୋଧତାର ରୂପାନ୍ତର ହୋଇପାରେ ।

କିନ୍ତୁ.... ଆଶ୍ଚର୍ଯ୍ୟ ! ମୋତେ ଆହୁରି ଆହୁରି ଭଲ ଲାଗୁଛି ଆପଣଙ୍କୁ ଦେଖିବାପାଇଁ । ଇଚ୍ଛା ହେଉଛି ପାଖକୁ ଘୁଞ୍ଚି ଆସିବି । ହେଲେ ହେବ ନାହିଁ ସେ କଥା । ଆପଣ ଥିବେ ସେଠି, ଆଉ ମୁଁ ଏଇଠି । ଆପଣଙ୍କ ମୁହଁ ହସ ହସ , ମୋ ମୁହଁ ହସ ହସ । ପତ୍ନୀ ହାତ ଯୋଡିଲେ ଯୋଡିଥାଆନ୍ତୁ, ମୋର ସେଥିରେ ଯାଏଆସେ ନାହିଁ । ଆମ ଦିହିଁଙ୍କ ଭିତରେ ଖାଲି ଏଇ ଭଲ ଲାଗିବାର, ହସ ସହ ପ୍ରସନ୍ନତାର କାରବାର । ମନେ ହେଉଛି ମୋ ' ଡ୍ରଇଂ ରୁମ୍‌ଟା

Digitized by srujanika@gmail.com

ପୂରି ଉଠୁଛି ଆପଣଙ୍କୁ ନେଇ । ସେଇ ଗୋଟାଏ ଅଭାବ ଥିଲା ମୋର ସ୍ୱଚ୍ଛଳ ସୁନ୍ଦର ଜୀବନର । ଆପଣ ମୋ' ବୌଦ୍ଧିକତାର ଶତ୍ରୁ ହେବେ କାହିଁକି ମ ? ଆପଣ ତା ' ପୃଷ୍ଠଭୂମିର ଅନ୍ୟତମ ଆଇଟେମ୍, ବିଶିଷ୍ଟ ଆଇଟେମ୍ । ଏକାଧାରରେ କଳାତ୍ମକ ଓ ଆଧ୍ୟାତ୍ମିକ । ମାନେ ଧରି ନେଉଛି ଆଧ୍ୟାତ୍ମିକ ବୋଲି । ଭଲ ଲାଗୁଛି ସେହି ପ୍ରକାର ଅନୁମାନ, କାରଣ ତା'ର ବି ଗୋଟାଏ ଭୂମିକା ରହିଛି, ମୁଁ ମନା କରୁ ନାହିଁ...

ଧ୍ୟାତ୍, ଆପଣ ସେ ଦାଢ଼ଫାଢ଼କୁ କାହିଁକି ଯିବେ ମ ? ଆପଣଙ୍କର ଆଉ କିଛି କାମ ନାହିଁ ? ନା ଭାବୁଛନ୍ତି ମୁଁ ବି ଆଉ ଯିବି ସେମିତିକା ଜାଗାକୁ, ବିକାଶବାବୁ କି ଆଉ କାହା ଶିକ୍ଷାରେ ପଡ଼ି ? ନ ଗଙ୍ଗଦରଃ ପୁନରେତି କୂପଂ !

ଏବଂ ଭାବୁଛି ମୁଁ ଗୋଟାଏ ପେଣ୍ଟିଂ କରେଇବି ପଲେଇ ଘାଇର, ସେଇ ବାରଶହଫୁଟ୍ ବ୍ୟାଦାନ୍‌ର, ଆଉ ତା'କୁ ଟାଙ୍ଗିବି ମୋ' ଡ୍ରଇଂ ରୁମ୍‌ରେ । ଆପଣ ଯେଉଁଠି ବସିଛନ୍ତି (ସେହି ହୁଏତ ହେବ ଆପଣଙ୍କର ନିମୟିତ ଆସ୍ଥାନ), ତା'ରି ଉପରକୁ । ଯେଉଁଥିରେ ଘାଇଟା ଦେଖାଯିବ ଗ୍ରାଣ୍ଡ କ୍ୟାନିଅନ୍ ପରି । କେବଳ ସୁନ୍ଦର, କୁତ୍ସିତ ନୁହେଁ କି ଭୟଙ୍କର ନୁହେଁ । ଅଥଚ କେହି କହିବ ନାହିଁ ଯେ ମୁଁ ତାକୁ ଭୁଲି ଯାଇଛି, ସେହି ଦୃଶ୍ୟ ଓ ସେଥିରେ ବସା କରିଥିବା ସର୍ବହରାମାନଙ୍କୁ ।

ରୁହନ୍ତୁ, ମୁଁ ଆଉ ଟିକିଏ ଘୁଞ୍ଚି ଆସିବି ଆପଣଙ୍କ ପାଖକୁ । ଯେମିତିକି ମୁଁ ଆହୁରି ପାଖରେ ଦେଖିବି ସେହି ସୁନ୍ଦର ଛବିଟିକୁ । ନିର୍ଭୟରେ ।

Digitized by srujanika@gmail.com

ସଖା ଓ ସୃଜନ

" ବୁଝିଲେ ଗୋପାଳବାବୁ, ଆଉ ଆମ୍ ଥୁ ! ଛାଡ଼ି ଦେଇଛି ଏକା ଥରକେ ! "

ଗୋପାଳବାବୁ ସସ୍ମିତ ବଂଧୁଙ୍କ ମୁହଁକୁ ଅନେଇଲେ । ଅନେକ ଦିନର ପରିଚିତ ମୁହଁକୁ, ଯାହା ଏମିତି ହସ ହସ ହୁଏ ଯେକୌଣସି 'ଗୁରୁତ୍ୱପୂର୍ଣ୍ଣ' ଘୋଷଣା କଲାବେଳେ, ସେଥିରେ କୌତୁକ ଥାଉ କି ବିଦ୍ରୂପ, ଦର୍ଶନ କି ରାଜନୀତି, କିଂତୁ ଯାହା କେବଳ ତାଙ୍କରି ତୁଣ୍ଡରୁ ବାହାରିପାରେ, ବିଜ୍ଞ- ଚତୁର ବିକାଶ ଚୌଧୁରୀଙ୍କ ବିଶିଷ୍ଟ ମସ୍ତିଷ୍କରୁ । ତାଙ୍କ ସ୍ମିତହାସ ତୁମକୁ ସାଦର ନିମଂତ୍ରଣ ଜଣାଏ ସେଥିର ଚମତ୍କାରିତାକୁ ଉପଭୋଗ କରିବା ପାଇଁ । ଗୋପାଳବାବୁ ଜାଣନ୍ତି । ଏବଂ ସାଧାରଣତଃ ତାଙ୍କର ପରମ ଆଗ୍ରହ ବ୍ୟକ୍ତ କରନ୍ତି , ତତ୍‌କ୍ଷଣାତ୍ । କିଂତୁ ବେଳେବେଳେ ସେ ଜାଣିଶୁଣି ଟିକିଏ ଡେରି କରି ଦିଅନ୍ତି, ମଜା ଦେଖିବା ପାଇଁ । ନିମଂତ୍ରଣକୁ ବୁଝିହେଉନାହିଁ, ଏହି ଭାବରେ । ତେବେ ସେ ବିଳଂବକୁ ଲଂବେଇ ଦେବାର ସାହସ କରି ପାରନ୍ତି ନାହିଁ । କାଳେ ବଂଧୁଙ୍କର ଅନବଦ୍ୟ ହସଟିକ ଲିଭିଯିବ, କପାଳ କୁଂଚେଇ ହୋଇଯିବ — ହେବ ନାହିଁ ? ଯେତେ ବଡ଼ ଲେଖକ ହୁଅନ୍ତୁ ପଛେ, ତାଙ୍କର କେତେ ଜଣ ଅଂତରଂଗ ବଂଧୁ ଅଛନ୍ତି ମୋ ପରି ?

କିଂତୁ ଇଏ କଅଣ ? ଆଜି ସେମିତି କିଛି ଡେରି ହୋଇ ନାହିଁ, ହେଲେ ଗୋପାଳବାବୁ ବଂଧୁଙ୍କ ମୁହଁକୁ ଅନେଇ ତାଙ୍କ ବିସ୍ମୟକୁ ଢୋକିଛନ୍ତି କି ନାହିଁ, ବଂଧୁଙ୍କ ହସ ଖଣ୍ଡକ ପଳେଇ ଗଲା ଚଟ୍‌କିନି ! ସତେକି ସେ ଅଭ୍ୟାସ ଦୋଷରୁ ହସୁଥିଲେ ସେମିତି । କାରଣ କଥାଟା ଚମତ୍କାର ହେଉ ପଛେ, ଉପଭୋଗ୍ୟ ନୁହେଁ । ଭାବିବାର ବିଷୟ । କ'ଣ ହେଲା ? କିଭଳି ଘଟଣା ଘଟିଛି ତାଙ୍କ କଲମପେଷା (ଦୁଇ ଆଡୁ କଲମପେଷା, ଲେଖକ ତଥା ଆକାଉଣ୍ଟାଣ୍ଟ ହିସାବରେ) ଜୀବନରେ ଯେ ତାଙ୍କୁ ଏଭଳି ଏକ ସତସତିକା ଗୁରୁଗଂଭୀର ଘୋଷଣା କରିବାକୁ ପଡ଼ିଲା ? ଚାକିରୀ ଛାଡି ଦେଲେ ? ସ୍ତ୍ରୀଙ୍କୁ ଛାଡ଼ିଦେଲେ ? ଗୋପାଳବାବୁ ଆତଙ୍କିତ ହେଲା ପରି ତାଙ୍କ ହାତକୁ ଧରି ପକେଇ ପଚାରିଲେ —

" କ'ଣ ହେଲା କି ? "

ବିକାଶ ବାବୁ ତାଙ୍କ ହାତକୁ କାଢ଼ି ଆଣିଲେ ଅବଶ୍ୟ, କିନ୍ତୁ ତାଙ୍କ ସ୍ମିତହାସକୁ ଫେରାଇ ଆଣିଲେ ନାହିଁ । ଅଧିକଂତୁ ତାଙ୍କ ଗଂଭୀରମୁଦ୍ରାକୁ ଅବ୍ୟାହତ ରଖି କହିଲେ, ଅଭିମାନ କଲା ପରି,

Digitized by srujanika@gmail.com

''ସରି, ଇଏ ଏମିତି କିଛି ବଡ଼ କଥା ନୁହେଁ ଆପଣଙ୍କ ପାଇଁ । କିଂବା ସମାଜ ପାଇଁ, ସଂସାର ପାଇଁ । କାହାରି କିଛି କ୍ଷତି ହେବ 'ନାହିଁ ଏଥିରେ । ଗୋଟାଏ ନିତାନ୍ତ ପିଲାଖେଳ ଖେଳୁଥିଲି ଆଜିଯାଏଁ । ଆସି ବୁଢ଼ା ହେବା ଯାଏଁ । ସେଇଥାକୁ ଛାଡ଼ିଦେଇଛି । ମୋ ଗପଲେଖା ବଂଦ କରି ଦେଇଛି । ପୂରାପୂରି । ଫୁଲ୍ ଷ୍ଟପ୍ । ''

''ଏଁ ? ''

ଏଥର ସେ ହସିଲେ ଟିକିଏ । ଗୋପାଳବାବୁଙ୍କ ବିମୂଢ଼ତାକୁ ସମ୍ମାନ ଦେଇ । କିଂତୁ ସେଥିରେ ରାଶି ରାଶି କାରୁଣ୍ୟ ଫୁଟି ଉଠିଲା । ସେଇଠୁଁ କହିଲେ ବଂଧୁଙ୍କୁ ବୋଧ ଦେବାର ଭାବ ଦେଖାଇ.

'' ଚିଂତା କରନ୍ତୁ ନାହିଁ । ମୁଁ ମୋ ନିଜ ଭଲ ପାଇଁ କରୁଛି ଏ କଥା । ଖାଲି ଏତିକି ଦୁଃଖ ଯେ ଅନେକ ଡେରି ହୋଇଗଲା । ଯାହାହେଉ ତଥାପି କେଇଟା ବର୍ଷ ବାକୀ ରହିଛି ତ ମୋ ପାଇଁ । ମୋର ଆଶା ଯେ ତାରି ଭିତରେ ମୁଁ ନିଜକୁ ସଜାଡ଼ି ଦେଇ ପାରିବି । ଗୋଟାଏ ନିରାଟ ବୋକାମି କି ପାଗଳାମିରୁ ନିବୃତ୍ତ ହେଲା ପରେ ମୁଁ ପ୍ରବୃତ୍ତ ହୋଇ ପାରିବି... ଯେଉଁଥିରେ ପ୍ରବୃତ୍ତ ହେବା ଉଚିତ । ମୁଁ ନିଜେ ଜାଣି ନାହିଁ ମୁଁ ଠିକ୍ କେଉଁଥିରେ ମାତିବି ଏଥର । ମାତିବି କି ମିଳେଇ ଯିବି । କିଂତୁ ସଂଦେହ ନାହିଁ ଯେ ସେଥିରେ ସୃଷ୍ଟିର ନାଆଁ ଗଂଧ ନ ଥିବ । ବୁଝୁଛନ୍ତି ନା ମୁଁ କ'ଣ କହୁଛି ?

(ଗୋପାଳବାବୁ ଆଦୌ ବୁଝିଲା ପରି ମନେ ହେଲା ନାହିଁ ।)

ସୃଷ୍ଟି, ସୃଷ୍ଟି, ସୃଷ୍ଟି ! ସେଇ ହେଉଛି ସବୁ ଅନର୍ଥର ମୂଳ । ତା'ରି ଯୋଗୁଁ ଆମେ ଏମିତି ଗରିବ, ଗୋଲାମ, ହୋଇ ରହିଛୁ । ''

ବଂଧୁ କ'ଣ କହୁଛନ୍ତି ? ଇଏ କଥାକାର ନା ସମାଜନେତା ? ଜନ୍ମନିରୋଧର ମହତ୍ୱ ଶୁଣାଉଛନ୍ତି ମୋତେ, ଯେ ସୃଷ୍ଟି ମାଡ଼ି ଯାଉଛି ବୋଲି ଆଜି ଆମର ଏଇ ଦଶା,ଆମେ ଗରିବ, ଆମେ ଗୋଲାମ, ଇତ୍ୟାଦି ଇତ୍ୟାଦି ?

ଗୋପାଳବାବୁଙ୍କୁ ହସ ଲାଗିଲା, ଏବଂ ଦୁଃଖ ଲାଗିଲା । ଦୟନୀୟ ଆତ୍ମବଡ଼ିମା । ଖାଲି ଯାଙ୍କର ନୁହେଁ, ପ୍ରତ୍ୟେକ ଶିଳ୍ପୀର । ହଁ, ଦୁଃଖର ବିଷୟ ଯେ ତମେ ଯାହା କହୁଛ ଅଭିମାନ କରି, ତାହାହିଁ ସତ । କାରଣ ତମ ଗପ, ଉପନ୍ୟାସ, କାବ୍ୟ କବିତା ଓଗେର ଦୁନିଆଯାକ ମାଡ଼ି ଯାଉ, କି ପ୍ରତ୍ୟେକଟି ଗର୍ଭରେ ଥାଇ ନଷ୍ଟ ହୋଇଯାଉ, ସେଥିରେ କାହାର କିଛି କ୍ଷତି ହେବ ନାହିଁ ।କ୍ଷତି ହେବ ନାହିଁ କି ଲାଭ ହେବ ନାହିଁ । କିଂତୁ ସେହି ମର୍ମରେ କିଛି କହି ହେବ ନାହିଁ ତମକୁ । ମୁଁ ଏତେ ନିର୍ଦ୍ଦୟ ନୁହେଁ । ବିଶେଷତଃ ଇଏ ଖାଲି ଜଣେ ଶିଳ୍ପୀର ପ୍ରଶ୍ନ ନୁହେଁ, ତମେ ମୋର ବଂଧୁ ଯେତେହେଲେ । ପ୍ରିୟ ସଖା ।

ବରଂ ମୋର କହିବା ଉଚିତ ଗୀତାର ଶ୍ରୀକୃଷ୍ଣଙ୍କ ପରି, ''କ୍ଲୈବ୍ୟଂ ମାସ୍ମଗମଃ ପାର୍ଥଃ'' । ଦେଖିବାକୁ ଗଲେ ଶ୍ରୀକୃଷ୍ଣ କ'ଣ ଅର୍ଜୁନଙ୍କର ବେଶୀ ଘନିଷ୍ଠ ଥିଲେ ଆମ ଦି'ଜଣଙ୍କ ଠାରୁ ?

Digitized by srujanika@gmail.com

ଗୋପାଳବାବୁ ଧରିନେଲେ ଯେ ବଂଧୁଙ୍କର ଏଇ କ୍ଳୀବତ୍ୱ ଏକ ସାମୟିକ ବିଚ୍ୟୁତି । ଭାବି ହେଉ ନାହିଁ ଯେ ବିକାଶବାବୁ ଲେଖାଲେଖି ନ କରି ରହି ପାରିବେ । ସେ ନିଜେ ତଥା ପୃଥିବୀର ଅନେକ ବଡ଼ ବଡ଼ ଲେଖକ କହିଛନ୍ତି ସେ କଥା । ଯେ ବାଗ୍‌ଦେବୀ ଛାଟ ଧରି ଠିଆ ହୋଇଛନ୍ତି ତାଙ୍କ ପଛରେ । ଲେଖିବା ଛଡ଼ା ଅନ୍ୟ ଗତି ନାହିଁ ତାଙ୍କର । ସ୍ୱୀକାର କରିଛନ୍ତି ଯେ ଥୋକେ ଜନ୍ମ ହୋଇଛନ୍ତି ଜୀବନକୁ ନେଇ ବଂଚିବା ପାଇଁ, ଟୁ ଲିଭ୍ ଲାଇଫ୍, ସେଥିରେ ଉପଭୋଗ ଥାଉ କି ଯଂତ୍ରଣା । ଏବଂ ଆଉ କେତେକଙ୍କର ଜନ୍ମ ହେଉଛି ବଂଚିବାକୁ ନେଇ କିଛି କହିବା ପାଇଁ, ଶବ୍ଦରେ, ରଂଗତୂଳୀରେ, କି ଆଉ କେଉଁଥିରେ । ନ ହେଲେ ତାଙ୍କର ଉପଭୋଗ କି ଯଂତ୍ରଣା ସାର୍ଥକ ହେବ ନାହିଁ । ବିଚରା ! ତେଣୁ ବିକାଶବାବୁ ଲେଖିବେ, ପୁଣି ଲେଖିବେ, ଅବଶ୍ୟ ଲେଖିବେ । ତେବେ ତାଙ୍କର ଜଣେ ବିଶିଷ୍ଟ ଓ ଅନ୍ତରଙ୍ଗ ବଂଧୁ ହିସାବରେ ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି ତାଙ୍କୁ ଠିକଣା ବାଟକୁ ଆଣିବା ପାଇଁ । ଯେମିତିକି ଏଇ କ୍ଳୀବତ୍ୱ ଶୀଘ୍ର କଟିଯିବ, ଏବଂ ସେ ପୁଣି ଅସ୍ତ୍ର ଧରିବେ ।

ସେଇଠୁଁ ମହାଭାରତ ଯୁଦ୍ଧ, ଯାହା ମଧ ଅଶ୍ରୁପାତ ଓ ରକ୍ତପାତର କାହାଣୀ, କାହାଣୀ ପରେ କାହାଣୀ, ତାଙ୍କ ମନକୁ ଆସିଲା, ଏବଂ ସେ ଭାବିଲେ — ବିକାଶ ବାବୁ ଯେଉଁ ଗପଫପ ଲେଖୁଛନ୍ତି ଆମର ଏଇ ସଂସାରକୁ ନେଇ, ସେଥିରେ ଆଉ କଅଣ ଅଛି କି ଲୁହ ଲହୁର ଇସ୍ତାହାର ଛଡ଼ା ? ସହଜେ ବିକାଶବାବୁଙ୍କୁ କ'ଣ ହାଲିଆ ଲାଗିବ ନାହିଁ ଏତେ ବର୍ଷର ଗପ ଲେଖା ପରେ ? ତାଙ୍କର କ'ଣ ମନେ ହେବନାହିଁ ବେଳେ ବେଳେ ଯେ ଦୁର୍ଯ୍ୟୋଧନ ନୁହେଁ, ସେଇ ନିଜେ ରକ୍ତନଦୀ ପହଁରି କରି ଆସିଛନ୍ତି, ଏବଂ ସେଇ ନିଜେ ଧକଉଛନ୍ତି କୂଳରେ ଲାଗିଲା କ୍ଷଣି ? କଥାକାରମାନେ ନିଜକୁ ମିଶେଇ ଦିଅନ୍ତି ପରା ତାଙ୍କ ଚରିତ୍ରମାନଙ୍କ ସାଂଗରେ, ନ ହେଲେ କୁଆଡେ ତାଙ୍କ ଗପ ସତ ବୋଲି ମନେ ହେବ ନାହିଁ ? ତା' ହେଲେ... ତା' ହେଲେ ସେଇଆ ହୋଇଛି ନିଶ୍ଚୟ ! ଇଏ ଯୁଦ୍ଧପୂର୍ବର ଦ୍ୱିଧା ନୁହେଁ, ଯୁଦ୍ଧଜନିତ ଅବସାଦ । ତେଣୁ ଏଠି ଶ୍ରୀକୃଷ୍ଣଙ୍କର ଭୂମିକା ମଧ୍ୟ ଭିନ୍ନ ହେବା ଉଚିତ । ଅର୍ଥାତ୍ ଶ୍ରୀକୃଷ୍ଣ ଉବାଚ ମୋତେ ସାହାଯ୍ୟ କରିପାରିବ ନାହିଁ, ଇତିହାସ କି ପୁରାଣର ନଜିର୍ ଦେଖାଇ । ଗୋପାଳ ବାବୁଙ୍କ ଦାୟିତ୍ୱବୋଧ ଅଳ୍ପ ବହୁତ ବଢ଼ିଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ କ'ଣ କରିବି ? କେଉଁ ବାଟେ ଯିବି ? ଭାବୁ ଭାବୁ ତାଙ୍କୁ ଗୋଟାଏ ଆଲୁଅର ଝଲକ ଦିଶିଗଲା । ଗପ ଲେଖିଲେ ସିନା ଏମିତି ହୀନସ୍ତା ହେବାକୁ ହୁଏ, ବଂଧୁବର କବିତା ଲେଖିବେ ନାହିଁ କାହିଁକି ? ତତ୍‌କ୍ଷଣାତ୍ ସେ ତାଙ୍କର ପରାମର୍ଶ ବାଢ଼ି ଦେଲେ । କହିଲେ —

" ଆଚ୍ଛା ବିକାଶବାବୁ, ମୁଁ କ'ଣ କହୁଥିଲି କି.. ଅବଶ୍ୟ ଆପଣଙ୍କୁ ଯାହା ଭଲ ଲାଗୁଛି ଆପଣ ସେଇଆ କରିବେ, ମୁଁ କିଏ କହିବାକୁ ସାହିତ୍ୟର ଭଲମଂଦ ବିଷୟରେ,

Digitized by srujanika@gmail.com

ତେବେ ଗୋଟାଏ ବିଚାର ମୋ ମନକୁ ଜୁଟିଲା । ଆପଣ କହିଲେ ଯେ ଗପଲେଖା ବଂଦ କରିଦେବେ । ବେଶ୍, ସେଇଆ ହେଉ, ଅଂତତଃ କିଛି ଦିନ ପାଇଁ । କିନ୍ତୁ କବିତା ଲେଖୁନାହାନ୍ତି ? ଆପଣ ତ ପିଲାଦିନେ କବିତା ଲେଖୁଥିଲେ - ''

ତାଙ୍କ ପାଟିରୁ କଥା ସରିଛି କି ନାହିଁ ବିକାଶ ବାବୁ ଚିହିଁକି ଉଠିଲେ । କହିଲେ, '' ଓ - ନୋ ! ସିଏ ତ ଆହୁରି ମାରାତ୍ମକ । ଗପ ଲେଖାର ସୃଷ୍ଟି ହେଉଛି ଭଗବାନଙ୍କୁ ନକଲ କରିବାର ପଣ । ସର୍ବଶକ୍ତିମାନ୍ ବାପକୁ କପି କଲାପରି, କିଂବା ରାଗ ଦେଖାଇ ତାଙ୍କୁ ଖତେଇ ହେଲା ପରି । କିଂତୁ କବିତା ଲେଖାର ସୃଷ୍ଟି ଆହୁରି ବିପଜ୍ଜନକ । ଆହୁରି ହାସ୍ୟାସ୍ପଦ । ସେଥିରେ ଅଛି ' ମୁଁ ବି' କିଛି କମ୍ ନୁହେଁ ! ' ର ଆସ୍ଫାଳନ । ଅର୍ଥାତ୍ ମୁଁ ଆଉ କୋଉ ଚରିତ୍ର ଭିତରେ ପଶିବି କାହିଁକି, ମୋର ନିଜର କିଛି କହିବାର ଅଛି । ମୋର ସ୍ପେଶାଲ୍ ହସ, କାଂଦ, ଖୁସି କି କୁଣ୍ଠାଣର ଭାଷା, ଯାହା ତମର ଶୁଣିବା ଉଚିତ । ମଧ୍ୟ ସେଇ କୋଉ ବିଧାତାର । ଏଇ କେବଳ ପାଗଳାମି ନୁହେଁ, ଅତି ନିର୍ବୋଧ ଓ ନିକୃଷ୍ଟ ଧରଣର ପାଗଳାମି । ମସ୍ତିଷ୍କ ବିକୃତିର ମହାଭ୍ରମ, ସିଜୋଫ୍ରେନିକ୍ ଡ଼ିଲ୍ୟୁଜନ୍... କଣ ବୁଝୁଛନ୍ତି ନା ମୁଁ କ'ଣ କହୁଛି ?''

ବୁଝିବା ଦୂରର କଥା, ମନେ ହେଲା ଯେ ଗୋପାଳବାବୁ ଆହତ । ସତେକି ସେ ଲେଖକ ନୁହନ୍ତି ବୋଲି ତାଙ୍କୁ ଏମିତି ପାଠ ପଢ଼ଉଛନ୍ତି ବିକାଶବାବୁ । କାରଣ ତାଙ୍କ ବିଦ୍ୟାବୁଦ୍ଧି ଖଟିବ ନାହିଁ ଏଠି । ବିକାଶବାବୁ ପୁଣି କହି ଉଠିଲେ ବୀର ବିକ୍ରମରେ ।

'' ସୃଷ୍ଟି - ହୁଁଃ ! ମନେ ରଖନ୍ତୁ ଗୋପାଳବାବୁ ଗପ ହେଉ, କବିତା ହେଉ, ଛବି ଅଂକା ବା ଆଉ ଯାହା କିଛି, ଯାହାକୁ ତମେ ସୃଜନ ବୋଲି କୁହ, ତାର କଣ୍ଟୁ ହେଉଛି ସବୁ ନାଟର ଗୋବର୍ଦ୍ଧନ.... ଆରେ ଏମିତି ଅନେଇଛନ୍ତି କ'ଣ ମ ମୋ ଆଡକୁ ? ଭାବୁଛନ୍ତି ମୋ ମୁଣ୍ଡ ବିଗିଡ଼ି ଯାଇଛି ? ନା ଛୋଟ ମୁହଁରେ ବଡ଼ କଥା ବୋଲି ମନେ ହେଉଛି ? ଶୁଣନ୍ତୁ, ନିଜେ ସ୍ୱାମୀଜି, ସ୍ୱାମୀ ବିବେକାନଂଦ, ମୋତେ ଚେତାଇ ଦେଲେ ଏବେ । କହିଲେ — '' ସୃଷ୍ଟି କରିବା ବଂଦ କର ! ତା' ହେଲେ ଯାଇଁ ସତ୍ୟକୁ ଚିହ୍ନିବ । ''

କହିଲେ, ଇଏ ହେଉଛି ପ୍ରକୃତିର ଫିସାଦି, ଏଇ ସୃଷ୍ଟି ପ୍ରବଣତା, ଯେମିତିକି ସେ ତମକୁ ଗରିବ କରି ରଖିବ, ଗୋଲାମ କରି ରଖିବ । କିଂତୁ ମଣିଷ ଜନ୍ମର ଲକ୍ଷ୍ୟ ହେଉଛି ଏଇ ପ୍ରକୃତିଗତ ନିୟମକୁ ପାରି ହୋଇଯିବା । ଯେଉଁଠୁ ତା'ର ମନ ଆଉ ହମ ହମ ହେବ ନାହିଁ କିଛି ଗୋଟାଏ କରିବା ପାଇଁ, ଗଢ଼ିବା ପାଇଁ । କଳ୍ପନାର ଅବକାଶ ରହିବ ନାହିଁ । ସେ ତାର ସ୍ୱଧର୍ମରେ ଧନୀ ହୋଇ ରହିବ । ସ୍ଥିର, ଶାନ୍ତ, ସମାହିତ...

'' ସ୍ୱାମୀଜି କହିଲେ ଏଇ ସବୁ କଥା ? ''

'' ହଁ, ଯାହା କହିଥିଲେ ଏଇ ହେଉଛି ତା'ର ଭାବାର୍ଥ । କିଂତୁ ସେଇ ଶେଷ ପଦକ ଗୁଂଜରୁଛି ମୋ ମନରେ - ସୃଷ୍ଟି କରିବା ବଂଦ କର ! ''

Digitized by srujanika@gmail.com

କରୁ ନା' ବଂଦ, କିଏ ତମକୁ ମନା କରୁଛି ? କିଂତୁ ତାର ଘୋଷଣା କାହିଁକି ? ଆଉ ଯଦି ବା ଘୋଷଣା କରିବାକୁ ଚାହିଁଲ, ସତେକି ଇଏ ଗୋଟାଏ ଯୁଗାନ୍ତକାରୀ ଘଟଣା, ତା' ହେଲେ ତା'କୁ ଛପେଇଲ ନାହିଁ ଖବରକାଗଜରେ ? ତୁଛାଟାକୁ ଗର୍ଜୁଛ କାହିଁକି ତମ ଅଣଲେଖକ ବଂଧୁ ଆଗରେ ?

ହେଲେ ତମେ ଏମିତି ରାଗୁଛ କାହିଁକି ଗୋପାଳବାବୁ ? ତମେ ତାଙ୍କ ପରମବଂଧୁ ପରା, ପ୍ରଥମେ ତମ ଆଗରେ କହିବେ ନାହିଁ ତ, ଆଉ କହିବେ କାହା ଆଗରେ ? ତା' ଛଡ଼ା ତମ ଦେହକୁ କାହିଁକି ଲାଗିଯାଉଛି ଏମିତି, ସେ ଲେଖିଲେ କି ନ ଲେଖିଲେ ?

ଯାହା ହେଉ ଗୋପାଳବାବୁଙ୍କ ପାଟିରୁ କଥା ବାହାରିଲା ନାହିଁ । ଏବଂ ସେ ଅଧିକରୁ ଅଧିକ ଆହତ ଓ ପରାହତ ଦେଖାଗଲେ । କିଂତୁ ମନେ ହେଲା ସେ ନଇଁ ପଡ଼ିଥିଲା ବେଳେ ବିକାଶବାବୁ ତା'ର ସୁଯୋଗ ନେଇ ତାଙ୍କୁ ଆହୁରି ଚୋଟେ ମାରିବାକୁ ଚାହାନ୍ତି । କହିଲେ,

" ଗୋଟାଏ ଭ୍ରାନ୍ତ ଧାରଣା ସାଧାରଣ ଲୋକମାନଙ୍କର । ଯେ ପ୍ରବୃତ୍ତିର ତାଡ଼ନାକୁ ମାନି ନେବାର ଏକମାତ୍ର ଅର୍ଥ ପଂଚେନ୍ଦ୍ରିୟଙ୍କୁ ପ୍ରଶ୍ରୟ ଦେବା, ଷଡରିପୁଙ୍କୁ ଘରେ ପୂରେଇବା, ଇତ୍ୟାଦି, ଯେଉଁଥିରେ ତୁମର ମନୋବୃଦ୍ଧି ଉପରକୁ ଉଠି ପାରେନାହିଁ, ଆଉ ତୁମେ ଛାର ମଣିଷଟାଏ ହୋଇ ରହିଯାଅ । ପଶୁବତ୍ । ଅଥଚ ଏଇ ଗପ କବିତା ଲେଖିଲେ, ଭାଗବତ କି ବୃଦ୍ଧିଗତ ସ-ର୍ଜ-ନାରେ ମାତିଲେ ତୁମେ ଉର୍ଦ୍ଧ୍ୱଗାମୀ ହୁଅ,ପାଖେଇ ଆସ କେଉଁ ଉପଲବ୍ଧିର ସ୍ୱର୍ଗ ଆଡକୁ । ନନ୍‌ସେନ୍‌ସ୍ !

କହିବାକୁ ଗଲେ ସେକ୍ସର କ୍ଲାଇମାକ୍ସ, ଆଉ ଗପ କବିତାରେ ମୁଣ୍ଡି ମାରିବାର ଉଲ୍ଲାସ, ସେଇ ଏକା କଥା — ବୁଝିଲେ ଗୋପାଳବାବୁ ? (ହୋ-ହୋ) ସବୁ ସେଇ ପ୍ରକୃତିର ଗୋଲାମି,ଲୋଭନୀୟ ଗୋଲାମି... "

କିଂତୁ ବିଧ୍ୱସ୍ତ ଗୋପାଳବାବୁ ତାଙ୍କ ବର୍ଦ୍ଧିଷ୍ଣୁ ରାଗକୁ କ୍ଲାଇମାକ୍ସ ଯାଏଁ ଯିବାକୁ ଦେଲେ ନାହିଁ । ଭାବିଲେ ଥାଉ ମୁଁ କିଛି କହିବି ନାହିଁ ଏଇକ୍ଷଣି । କାରଣ ତମ ଆଖି ଦି'ଟା ଯେମିତି ଝଳି ଉଠିଛି, ସତେକି ସତ୍ୟକୁ ନ ଚିହ୍ନିଲେ ମଧ୍ୟ କ୍ଷଣକରେ ଚିହ୍ନିବ କି କଅଣ, ଆଉ ମୋ ବିତଣ୍ଡା ଯୁକ୍ତିକୁ ଜାଳି ପୋଡିଦେବ, ଏଇ ଅବସ୍ଥାରେ ତମକୁ କହି ହେବ ନାହିଁ କିଛି । କିଂତୁ ମୁଁ କାଲି କହିବି, ପଅରଦିନ କହିବି । ତାତ୍ତ୍ୱିକ ବିବାଦରେ ସେ ଜିଣିଯିବେ ମୋତେ, ତାହା କଦାପି ହୋଇପାରିବ ନାହିଁ । କିଓ ସେ ତାଙ୍କ ସୃଷ୍ଟି ବ୍ୟବସାୟକୁ ଛାଡ଼ି ଦେଇ ପାରନ୍ତି, କିଂତୁ ତା' ବୋଲି କ'ଣ ମୋର ଚିଂତା ବ୍ୟବସାୟରେ ଦଖଲ ଦେଇ ମୋତେ ହିଁ ଟପିଯିବେ ବୋଲି ବସିଛନ୍ତି ? ନୈବ ଚ ନୈବ ଚ । କିଛି ଲେଖ ବା ନ ଲେଖ ତମେ ଆମ 'କବି' ହୋଇ ରହିବ ମଲାଯାଏଁ, ଓ ମୁଁ ହେବି ତମ ଇଣ୍ଟେଲେକ୍‌ଚୁଆଲ୍ ବଂଧୁ, ଯେ ତୁମକୁ ଉଦ୍ଧାର କରିବ ଏହି ପ୍ରକାର କଣ୍ଟକରୁ । ଖାଲି ଟିକିଏ ନଇଁ ଯାଉ ତମର ଏଇ ତାତି, ଏଇ ହାଲୋଳ, ଆଉ ମୁଁ ଟିକିଏ ହୋମ୍‌ୱାର୍କ କରି ନିଏ ଏହା ଭିତରେ ।

Digitized by srujanika@gmail.com

ଗୋପାଳବାବୁ ଯଥାଶୀଘ୍ର ବିଦାୟ ନେଲେ ସେଦିନ ପାଇଁ । କିଂତୁ ସହାସ୍ୟ ବଦନରେ କହିକରି ଗଲେ ଯେ ଆସିବେ କାଲି ସକାଳେ । ଏବଂ ପୁଣି କଥାଭାଷା ହେବେ ଏ ବିଷୟରେ ।

ହୋମ୍‌ୱାର୍କ କଲେ । ସାହିତ୍ୟ, ସାହିତ୍ୟକାର, ଏବଂ ସଂପୃକ୍ତ ଜୀବନ-ଦର୍ଶନକୁ ନେଇ ଯେତେ ଯାହା ବହିପତ୍ର ରହିଛି ତାଙ୍କ ନିଜ ଲାଇବ୍ରେରୀରେ, ତା'କୁ ଦେଖି ଚାହିଁ ପଢ଼ିଲେ । ତାଙ୍କ ସଂଚିତ ଜ୍ଞାନର ସ୍ମୃତିକୁ ଆହୁରି ସତେଜ ଓ ସମୃଦ୍ଧ କରିବା ପାଇଁ । ଯେମିତିକି ବିକାଶବାବୁଙ୍କୁ ଠିକଣା ଉତ୍ତର ଦେଇ ହେବ । କିନ୍ତୁ କେଉଁ ଲାଇନ୍‌ରେ ଗଲେ ଭଲ ହେବ ?

— ଗୁଣଗାନ କରିବି କି ସାହିତ୍ୟ ସର୍ଜନାର ? ଇଚ୍ଛା କଲେ ଅନେକ କିଛି କହି ହେବ ପ୍ରଖ୍ୟାତ ଲେଖକ ଓ ଦାର୍ଶନିକ ମାନଙ୍କ ଉକ୍ତିକୁ ଉଦ୍ଧାର କରି । ଯଥା : ସ୍ୱାଧିନତା ଖୋଜୁଛ ? ପଚାର ସମରସେଟ୍ ମମ୍‌ଙ୍କୁ । କହିଲେ ଯେ ଲେଖକ ହିଁ ଏକମାତ୍ର ସ୍ୱାଧିନ ବ୍ୟକ୍ତି ଭଗବାନଙ୍କ ସୃଷ୍ଟିରେ । ସେଇ ତିଆରି କରେ ତା ପୃଥିବୀର ନୀତି ନିୟମ । ଏବଂ କୌଣସି ଅନୁଭୂତିର ସଂଘାତ ତା'କୁ ବଳେଇଯିବ ନାହିଁ, କାରଣ ସେ ତା'କୁ ଗପଟିଏ କି କବିତାଟିଏ କରି ଅକାମି କରି ଦେଇ ପାରିବ, ଏବଂ ଫେରି ପାଇବ ନିଜକୁ । ପୂର୍ବପରି ସୁସ୍ଥ ଓ ସଂପୂର୍ଣ୍ଣ । ପୁଣି ଗ୍ରାହାମ୍ ଗ୍ରୀନ୍ କଣ କହିଲେ ଶୁଣ, ଏହି ସୁସ୍ଥ ହୋଇ ରହିବା ବିଷୟରେ । କହିଲେ ମୁଁ ବେଳେ ବେଳେ ବୁଝିପାରେ ନାହିଁ ଯେ ମଣିଷଦଶାରେ ଯେଉଁ ଦୁଃଖ, ଭୟ ଓ ଆତଙ୍କ ଠେସି ହୋଇ ରହିଛି, ସେଥିରୁ ସେମାନେ କେମିତି ବରିି ଯାଇ ପାରନ୍ତି, ଯେଉଁମାନେ ଲେଖନ୍ତି ନାହିଁ, ଆଙ୍କନ୍ତି ନାହିଁ, କି ସ୍ୱରଲିପି ତିଆରି କରନ୍ତି ନାହିଁ । ବୋଦେଲେୟର୍ ତ ସିଧା କହିଲେ ଯେ ନ ଲେଖିଲେ ସେ ପାଗଳ ହୋଇଯିବେ ! ଏମିତି କେତେ କିଏ କହିଛନ୍ତି, ସେଇ ପାଗଳ ସଂପ୍ରଦାୟ, ନିଜକୁ ମହାସୁସ୍ଥ ବୋଲି ମନେ କରି । ଏବଂ ବୋଧହୁଏ ଯେଉଁ ଲେଖକମାନେ ଦାର୍ଶନିକ ବୋଲାନ୍ତି, ତାଙ୍କରି ଆସ୍ପର୍ଦ୍ଧା ସବୁଠୁଁ ବେଶୀ । ଯେମିତି ଆଲବର୍ଟ୍ କାମୁ୍ୟ କହିଲେ ମୁକ୍ତିକାମୀ ମଣିଷ ଉଦ୍ଦେଶ୍ୟରେ । କହିଲେ ଯେ ମଣିଷର ମୁକ୍ତି କେବଳ କେଉଁଥିରୁ ନୁହେଁ, ମଧ୍ୟ କେଉଁଥିପାଇଁ । ଏବଂ ତାହା ହେଉଛି ସୃଷ୍ଟି କରିବା ପାଇଁ ! ସ୍ୱାମୀଜି କାନ୍ଦି ପାରନ୍ତି ଏଭଳି ସଂପୂର୍ଣ୍ଣ ଓଲଟା କଥା ଶୁଣିଲେ, କିନ୍ତୁ କେଉଁ କଳାକାରକୁ ବାଧିଛି ନା ବାଧିବ ସିଦ୍ଧପୁରୁଷଙ୍କ ଦୁଃଖ ?

ନାଇଁ, ଚଳିବ ନାହିଁ । କାହିଁକିନା ଏମାନେ ମଧ୍ୟ ବେଳେ ବେଳେ ଏଭଳି କଥା କୁହନ୍ତି ଯେ ମନେ ହେବ ସେମାନେ ମ୍ୟାସୋଚିଷ୍ଟ (masochist), ନିଜକୁ ଯଂତ୍ରଣା ଦେବାରେ ହିଁ ତାଙ୍କର ଆନଂଦ । ନିର୍ଲଜ୍ଜଙ୍କ ପରି କୁହନ୍ତି — ଆଃ ! ଇଏ ଯଂତ୍ରଣା ହୋଇପାରେ, କିଂତୁ ଏଥିରେ ଯେଉଁ ଅଂତରଂଗତା ଅଛି ନା, ତୁମେ କେଉଁଠୁ ବୁଝିବ ତା' ମଜା ? ଜଣେ ଆଧୁନିକ ଲେଖିକା ଆଇରିସ୍ ମର୍ଡକ୍ ଏହି ପ୍ରକାର ଆସ୍ଫାଳନ କଲେ ତାଙ୍କର ଏକ କଳାକାର ଚରିତ୍ରର ମାଧ୍ୟମରେ । ପୁଣି କିଏ କୁହେ ଯେ ମୁଁ ମୋ ଚରିତ୍ରମାନଙ୍କୁ ଭଲ ପାଏ ସିନା, ମୁଁ ମଧ୍ୟ ଡରିଯାଏ ତାଙ୍କୁ ଦେଖିଲେ । ମୋର ମନେ ହୁଏ ଯେ ମୁଁ ଯେଉଁ

Digitized by srujanika@gmail.com

ଲକ୍ଷ୍ମଣରେଖାଠାରୁ ଦୂରେଇ ରହିଛି କି ଆଡେଇ ହୋଇ ଆସିଛି ସେମାନେ ତାକୁ ହିଁ ମାଡି ଦଳି ଆଗେଇ ଚାଲିଛନ୍ତି । ଅର୍ଥାତ୍ ସେମାନେ ମୋରି ଭୟାବହ ସଂଭାବନା ! ଏମିତି ଅନେକ ଉଦ୍‌ଭଟ କଥା କୁହନ୍ତି । କିଂତୁ ସବୁଠାରୁ ମାରାତ୍ମକ ହେଉଛି,ଯାହାକି ସତ୍ୟନିଷ୍ଠ ଇଣ୍ଟେଲେକ୍‌ଚୁଆଲ୍‌ର ଅସହ୍ୟ, ଅନେକେ ଆସ୍ଫାଳନ କରି କୁହନ୍ତି ଯେ ପ୍ରକୃତରେ ସତ୍ୟ କି ବାସ୍ତବ ସାଂଗରେ ତାଙ୍କର କୌଣସି ସଂପର୍କ ନାହିଁ । କାରଣ ସେମାନେ ଯାହା ସୃଷ୍ଟି କରନ୍ତି ତାହା ହିଁ ବାସ୍ତବ-ସତ୍ୟ ମୂଢ଼ ପାଠକ ପାଇଁ । ଅନ୍ୟ ଅର୍ଥରେ ସେମାନେ ଏକାଧାରରେ ମ୍ୟାଜିସିଆନ୍ ଓ ମିଛୁଆ । ଏବଂ ସେଇ ହେଉଛି ତାଙ୍କର ବାହାଦୂରୀ ! ନା, ଚଳିବ ନାହିଁ । ମୋତେ ହିଁ ବାଧା ହେବ ଏ ଲାଇନ୍‌ରେ ଗଲେ । ସାହିତ୍ୟିକ ମାନଙ୍କ ମୁହଁରେ ସାହିତ୍ୟର ଗୁଣଗାନ କଲେ । ମୁଇଁ ଅଡୁଆରେ ପଡ଼ିବି । ବିକାଶ ବାବୁ ଲେଖିବେ, କାହିଁକିନା ତାଙ୍କର ଲେଖିବା ଉଚିତ । ତାହାହିଁ ତାଙ୍କର ସ୍ୱଧର୍ମ । ପୂର୍ଣ୍ଣଛେଦ ।

— ସାହିତ୍ୟ ନୁହେଁ ଖାରା ଦର୍ଶନ ଶୁଣେଇବି ତାଙ୍କୁ । କହିବି ଯେ ବିବେକାନଂଦ କିଛି ନୂଆ କଥା କହିନାହାନ୍ତି । ମନୋନିଗ୍ରହ ହେଉଛି ଶମର ଅନ୍ୟ ନାମ,ଯାହାକି ''ଶମଦମାଦି ଷଟ୍‌କ ସଂପତ୍ତି '' ଅଂତର୍ଭୁକ୍ତ । ଏବଂ ଏଇ ସଂପତ୍ତି ହେଉଛି ଶଂକରାଚାର୍ଯ୍ୟଙ୍କ '' ତତ୍ତ୍ୱବୋଧ '' ରେ ଥିବା ''ସାଧନ ଚତୁଷ୍ଟୟ''ର ଅନ୍ୟତମ ସାଧନ । କ'ଣ ନା ମନ ହିଁ ମନୁଷ୍ୟ ମାନଙ୍କର ବଂଧନ ଓ ମୁକ୍ତିର କାରଣ । ଗୀତାର ଶ୍ରୀକୃଷ୍ଣ ମଧ୍ୟ ''ମନୋ ଦୁର୍ନିଗ୍ରହଚଳଂ'' ବୋଲି ଚେତାଇ ଦେଇଛନ୍ତି । ବେଶ୍ । କିଂତୁ ମନର ସ୍ୱଧର୍ମ ହେଉଛି ସଂଚାର, ତା'କୁ ପ୍ରକୃତିର ଗୋଲାମି କୁହ କି ଆଉ ଯାହା । ତା'କୁ ଗଢ଼ିବାକୁ ମନା କଲେ ସେ ଭଂଗାରୁଜା ଆରମ୍ଭ କରିଦେବ, କାହିଁକିନା ସେ ଚୁପ୍ ହୋଇ ରହିପାରିବ ନାହିଁ । ଏବଂ ତା'କୁ ଦବେଇ ଦେଲେ ସେ ଫୁଟି ଫାଟି ପଡ଼ିବ, ହଜାରେ ରୋଗ-ବିକୃତିର ଚେହେରା ଦେଖାଇ । ଏଇ ହେଉଛି ମନୋବିଜ୍ଞାନର ତଥ୍ୟ । ନାନା ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରମାଣିତ, ନିର୍ଣ୍ଣୀତ । ଶୁଣ, ବିକାଶ ବାବୁ... କିଂତୁ ସେ କ'ଣ ଶୁଣିବେ ? କହିବେ ତମେ କ'ଣ ବେଶୀ ଜାଣିଛ ସ୍ୱାମୀଜିଙ୍କ ଠାରୁ ? ପୁଣି ତମ ବିଜ୍ଞାନ କହୁଛି ସାଧାରଣ ମଣିଷଙ୍କ କଥା । ଯେଉଁଠି ସ୍ୱାମୀଜି କହୁଛନ୍ତି ଇତର- ସାଧାରଣ ପଣର ଉର୍ଦ୍ଧ୍ୱକୁ ଉଠିବା ପାଇଁ । ତା' ହେଲେ ? ନା ତମେ ଭାବୁଛ ଯେ ତମ ବଂଧୁ ଉପରକୁ ଉଠିବାର ଯୋଗ୍ୟ ନୁହଁନ୍ତି ?

ଧ୍ୟାତ୍, ମୁଁ ସେ କଥା କହୁନାହିଁ । ହଉ ହେଲା, ସ୍ୱାମୀଜିଙ୍କୁ ମନେ ପକାଅ । ମୁଁ ମଧ୍ୟ ସ୍ୱାମୀଜିଙ୍କର ବିଭିନ୍ନ ଲେଖା ଓ ଭାଷଣ ପଢ଼ିବାର ସୁଯୋଗ ପାଇଛି । ସ୍ୱାମୀଜି କ'ଣ ଉଦ୍‌ବୋଧନ ଦେଇ ନାହାନ୍ତି ଆମକୁ, ତମସାଛନ୍ନ ଭାରତର ସଂତାନ ମାନଙ୍କୁ, ଚେଇଁଉଠି କିଛି ଗୋଟାଏ କରିବା ପାଇଁ, ଯେମିତିକି ଆମେ ପାଶ୍ଚାତ୍ୟ ଦେଶର ସମକକ୍ଷ ହୋଇ ପାରିବୁ ? ଅବଶ୍ୟ କହିଥିଲେ ଏମିତିକା କଥା । ମୁଁ ତା'ର ଯଥେଷ୍ଟ ପ୍ରମାଣ ଦେଇ ପାରିବି ବିକାଶବାବୁଙ୍କୁ । କିଂତୁ.... କିଂତୁ ଅସୁବିଧା ହେଉଛି ଯେ ବିବେକାନଂଦ କେବଳ ଏତିକି

Digitized by srujanika@gmail.com

କହି ନ ଥିଲେ । ଏବଂ ମୁଁ, ଓକିଲଙ୍କ ପରି ଖାଲି ମୋତେ ସୁହାଇଲା ପରି କେତୋଟି କଥାମୃତର ନଜିର୍ ଦେଇ ମୋ ବକ୍ତବ୍ୟକୁ ଛିଣ୍ଡେଇ ଦେଇ ପାରିବି ନାହିଁ । ହଁ, ସ୍ୱାମୀଜି ଗର୍ଜି ଉଠିଥିଲେ ଆମ ଦେଶର ଘୋର ତାମସିକତା ବିରୁଦ୍ଧରେ । ରାଜସିକତାର ରାଜତ୍ୱକୁ ଫେରାଇ ଆଣିବାକୁ ଚାହିଁଥିଲେ । କିଂତୁ ଭାରତୀୟ ଦର୍ଶନର ଶେଷକଥା ଓ ମଣିଷ ଜୀବନର ଲକ୍ଷ୍ୟକୁ ଭୁଲି ନ ଥିଲେ । ଯାହାକି ସତ୍ତ୍ୱଗୁଣର ବିକାଶ । ମନର ଅବଂଧନ । ଏବଂ ସେ ସେହି କ୍ରମରେ ହୁଏତ କେଉଁଠି କହିଥିବେ ଯେ ସୃଷ୍ଟି କରିବା ବଂଦ କର । ତା' ବୋଲି କ'ଣ କହିଥିଲେ ଲେଖକମାନଙ୍କୁ, ଯେ ଲେଖାଲେଖି ବଂଦ କରିଦିଅ ? କଲମ ଛାଡ଼ିଦେଇ.. କିଓ କଲମ ଛାଡ଼ିଦେଲେ ଆଉ କ'ଣଟା କରିପାରିବ ତମେ ? ଯାହା ବା କରିବ ସିଏ ବି' କ'ଣ ସୃଷ୍ଟି ନୁହେଁ ? କିଂତୁ ଯାହା ହେଉ ସ୍ୱାମୀଜିଙ୍କ ବାଟ ଦେଇ ଯାଇ ହେବ ନାହିଁ । ତାଙ୍କ ଆଂଶିକ କଥାମୃତର ଅର୍ଦ୍ଧସତ୍ୟକୁ ପୂରା ସତ୍ୟ ବୋଲି ଚଳେଇ ଦେଇ ହେବ ନାହିଁ । ହଁ, ଭାବୁଥିଲି କହିବି ଯେ ଏଇ ପ୍ରକୃତିକୁ ନ ମାନିବା କଥାଟା ବିଜ୍ଞାନ - ସମ୍ମତ ନୁହେଁ । ବିଶେଷତଃ ଆଜିକାର ପରିବେଶପ୍ରେମୀ ଯୁଗରେ, ଯେତେବେଳେ କୁହାଯାଉଛି ଯେ ପ୍ରକୃତିର ଭାରସାମ୍ୟକୁ ନଷ୍ଟ କରିବା ହେତୁ ଆମର ଏଇ ଦୁର୍ଦ୍ଦଶା ଆଜିକାଲି, ବର୍ଦ୍ଧିଷ୍ଣୁ ରୋଗ ବଇରାଗ, ବନ୍ୟା ବାତ୍ୟା, ଓ ଧୂ ଧୂ ମରୁଭୂମି । ମଣିଷ ମନର ସ୍ୱଚ୍ଛଂଦ ଓ ସ୍ୱାଭାବିକ ପ୍ରକ୍ରିୟା କ'ଣ ତରୁଲତା ଜୀବଜନ୍ତୁଙ୍କର ସ୍ୱଚ୍ଛଂଦ ଜୀବନଯାପନ ଠାରୁ ଅଧିକ ମୂଲ୍ୟବାନ ନୁହେଁ ? ଏବଂ ତା' ଉପରେ ଜୋର୍ ଖଟେଇବା ପ୍ରାକୃତିକତାର ବିରୋଧୀ, ଏଭଳି ଯୁକ୍ତି ବାଢ଼ିଲେ କ'ଣ ଭୁଲ ହେବ ? କିନ୍ତୁ ସତକଥା କହିବାକୁ ଗଲେ ସ୍ୱାମୀଜି କହିନାହାନ୍ତି ପ୍ରକୃତିକୁ ଅମାନ୍ୟ କରିବା ପାଇଁ । ନା କହିଛନ୍ତି ତା'କୁ ପାରି ହେବା ପାଇଁ । ଅମାନ୍ୟ ନୁହେଁ, ଅତିକ୍ରମ କରିବା ପାଇଁ ।

ଓଃ ! ଏଇ ହେଉଛି ଅସୁବିଧା ଇଣ୍ଟେଲେକ୍‌ଚୁଆଲ୍‌ର । ତା'ର ସତ୍ୟନିଷ୍ଠତା । ହେଲା ଏବେ ସେ ସହଜେ କୌଣସି ନିଷ୍କର୍ଷରେ ପହୁଂଚି ପାରେ ନାହିଁ, ବିଶେଷତଃ ଯଦି କଥାଟି ତାତ୍ତ୍ୱିକ ହୋଇଥାଏ । ତେଣୁ ଆଲୁଅ ଦେଖାର ଆନଂଦ ପାଇପାରେ ନାହିଁ । ହେଲେ ମିଛ କି ଅଧାସତକୁ ସତ ବୋଲି ଚଳେଇ ନେଇ ନିଜକୁ କି ଆଉ କାହାକୁ ଠକେଇବା ତା' ଜାତକରେ ନାହିଁ । ନ ହେଲେ କି ଭାବାକୁଳ ଭାବସଂକୁଳ ଲେଖକଟିଏ ବଳେଇ ଯାଆନ୍ତା ମୋତେ ? ମୁଁ ତାଙ୍କୁ ବାଂଧି ପକାନ୍ତି ନାହିଁ ମୋ ଜ୍ଞାନଗର୍ଭ ଯୁକ୍ତିତର୍କର ଫାଂଦରେ ?

ହଉ, ତା' ହେଲେ ଶୁଣ ବିକାଶ ବାବୁ, ମୋର ଅନୁଭୂତ ସତ୍ୟର ଦର୍ଶନ । ମୁଁ କେବଳ ଇଣ୍ଟେଲେକ୍‌ଚୁଆଲ୍ ଅର୍ଥାତ୍ ବୌଦ୍ଧିକତାର ପୂଜାରୀ ନୁହେଁ, ମୁଁ ମଧ୍ୟ ଦାର୍ଶନିକ । ସ୍ୱାମୀଜି ମୋର ନମସ୍ୟ । ତଥା ତାଙ୍କ ପରି ନାନା ସିଦ୍ଧପୁରୁଷ । କିଂତୁ ସେମାନେ ଆମ ବାସ୍ତବ ଅନୁଭୂତିର ସଂସାରରୁ ଫେରାର୍ ହୋଇ ଯାଇଛନ୍ତି । ରାମକୃଷ୍ଣ ପରମହଂସଙ୍କ ଭାଷାରେ ଲୁଣ ମିଳେଇ ଗଲାଣି ସମୁଦ୍ରରେ । ସେମାନେ ତାଙ୍କ ଉପଲବ୍‌ଧିକୁ କଦାପି ବୁଝେଇ

Digitized by srujanika@gmail.com

ଦେଇ ପାରିବେ ନାହିଁ । ତେଣୁ ବାକୀ ଯେଉଁ ତତ୍ତ୍ୱକଥାମାନ କହିବେ ତା'ର କ'ଣ ମୂଲ୍ୟ ଆମ ପାଇଁ, ସେଥିରେ ସଂହତି ଓ ଯୌକ୍ତିକତା ଯେତେ ଥାଉ ନା କାହିଁକି ? ପଣ୍ଡିତ- ଦାର୍ଶନିକମାନେ ଯାହା କହି ଯାଇଛନ୍ତି ନିରୋଳା ଚିଂତାର ମାଧ୍ୟମରେ, ତା'ର ମୂଲ୍ୟ ମଧ୍ୟ ସୀମିତ । କାରଣ ତାହା ନିରପେକ୍ଷ ଅଂକକଷା ଚିଂତା । କିଂତୁ ଆମେ ଇଣ୍ଟେଲେକ୍‌ଚୁଆଲ ମାନେ ଯାହା କହିଥାଉ ମଝିରେ ମଝିରେ, ତାହା ଅନୁଭବୀର ଚିଂତା, ଅନ୍ୟ ଏକ ଅନୁଭବୀ ପାଇଁ । ଅଂଗେ ନିଭେଇଥିବା ଗୋପାଳବାବୁଙ୍କ ଚିଂତା ତାଙ୍କରି ପରି ଆଉ ଜଣେ, ସେହି ପ୍ରକାର ମନୋବୁଦ୍ଧିସଂପନ୍ନ ତଥା ସେହିପ୍ରକାର ଦୁଃଖୀର ଅବଗତି ପାଇଁ । ଅନ୍ୟ ଅର୍ଥରେ ବିକାଶବାବୁଙ୍କ ପାଇଁ । ତେଣୁ ତାହାର ମୂଲ୍ୟ ଅନେକ ଅଧିକ ଉପଯୋଗୀ ନୁହେଁ କି ? କହିବାକୁ ଗଲେ ଏଇ ହେଉଛି ସ୍ଥିତିବାଦୀ(existentialist) ର ଦାର୍ଶନିକତା, ଯଦିଓ ମୁଁ କୌଣସି 'ବାଦ'ର ଆଗ୍ରହୀ ନୁହେଁ । ତେଣୁ ଶୁଣ ମୋର ଏଇ ସାନକୁହା —

କହୁଛି କ'ଣ କି, ଏଇ ନିଆଁଲଗା ମନଟାକୁ ପାରି ହେବ ନାହିଁ, ଯିଏ ଯାହା କହୁ ପଛେ । ମୁଁ ଯାଇଛି ସେ ବାଟେ, ବିଭିନ୍ନ ଗୁଣୀଜ୍ଞାନୀଙ୍କୁ ସ୍ମରଣ କରି, କିଂତୁ ମୁଁ ହାରି ଯାଇଛି । ତେଣୁ ତା'ର ସହଜ ସ୍ୱଚ୍ଛଂଦ ଗତିକୁ ବାଧା ଦିଅ ନାହିଁ । ବିଶେଷତଃ ତାର ଏଇ ସୃଜନ ଧର୍ମ, ଯାହା ତୁମ ପରି କେତେଜଣ ଭାଗ୍ୟବାନ୍ ଲୋକଙ୍କୁ ଆଶ୍ରୟ କରିଛି । ସେଥିରେ କେଉଁ ସ୍ୱର୍ଗାରୋହଣର ପଛା ଥାଉ ବା ନ ଥାଉ, ସୁଖ ଅଛି । ଦିବ୍ୟ ସୁଖ, ତୁମ ପାଇଁ ଓ ମୋ ପାଇଁ, ଆଉ ମିନ୍ ତୁମ ବିଦଗ୍ଧ ପାଠକମାନଙ୍କ ପାଇଁ.. (ଗୋପାଳବାବୁ, ଯେତେ ବଂଧୁ ହେଲେ ବି' ତମେ କେଇଟା ଗପ-ଉପନ୍ୟାସ ପଢ଼ିଛ ବିକାଶବାବୁଙ୍କର ? ଓଃ ପଢ଼ିଛି, କିଛି ହେଲେ ପଢ଼ିଛି, ଆହୁରି ପଢ଼ିବି, କିଂତୁ ସେ କଥା ଭିନ୍ନ । ତାଙ୍କ ସାହିତ୍ୟରେ ମୋର ସୁଖ, ଏଥିରେ ସଂଦେହ ନାହିଁ) ।

କିଂତୁ ମୁଁ ଜାଣେ ତୁମେ ମୋ କଥା ଶୁଣିବ ନାହିଁ । କାରଣ ମୁଁ ସିଦ୍ଧ ନୁହେଁ କି ଦାର୍ଶନିକ ନୁହେଁ । ସହଧର୍ମୀ ସ୍ରଷ୍ଟା ମଧ୍ୟ ନୁହେଁ । ଅର୍ଥାତ୍ ତୁମ ଜ୍ଞାତିକୁଟୁମ୍ବର ନୁହେଁ, ଯାହାଙ୍କ ପ୍ରତି ଗୋଟାଏ ଆତ୍ମୀୟତାର ଭାବ ରହିବ ହିଁ ରହିବ ତୁମ ହୃଦୟରେ, ଆଜି ସେମାନେ ତୁମର ଯେତେ ଅପର ବୋଲି ମନେ ହୁଅନ୍ତୁ ନା କାହିଁକି । ମୁଁ କେବଳ ତୁମର ଜଣେ ଇଣ୍ଟେଲେକ୍‌ଚୁଆଲ୍ ବଂଧୁ ।

ଏହି ପରିପ୍ରେକ୍ଷୀରେ ଗୋପାଳବାବୁଙ୍କର ମନେ ପଡ଼ିଲା ଯେ ଥରେ ବିକାଶବାବୁ ତାଙ୍କର ସେହି ମଂଦ ମଧୁର ହସ ସହିତରେ ମହାକବି ମିଲଟନ୍‌ଙ୍କର " ପାରାଡାଇସ୍ ଲଷ୍ଟ"ରୁ କେତୋଟି ପଂକ୍ତି ପଢ଼ି ଶୁଣାଉଥିଲେ ତାଙ୍କୁ । ଯେଉଁଠି କବି କହୁଥିଲେ ସେଇମାନଙ୍କ କଥା, ଯେଉଁମାନେ ସ୍ୱର୍ଗର ନୁହନ୍ତି କି ନର୍କର । ନର୍କର ଉପକଣ୍ଠରେ ଥାଆନ୍ତି, ଏକଘରକିଆ ହୋଇ, କାରଣ ସେମାନେ ନର୍କର ମହତ୍ତ୍ୱ ବି ହାସଲ କରି ପାରି ନାହାନ୍ତି, ସ୍ୱର୍ଗ ତ ସହଜେ ତାଙ୍କ ଦିଗନ୍ତରେ ନାହିଁ । କାରଣ ସେମାନେ ପାପ କି ପୁଣ୍ୟ କେଉଁଥିକୁ ସାହସ କରନ୍ତି

Digitized by srujanika@gmail.com

ନାହିଁ । ତାଙ୍କର ଗର୍ବ ଯେ ତାଙ୍କ ମନଟା ଯେତିକି ଉଦାର ସେତିକି ଉନ୍ମୁକ୍ତ । ତେଣୁ ସେମାନେ କାହାକୁ ପ୍ରଶଂସା କରନ୍ତି ନାହିଁ କି ନିନ୍ଦା କରନ୍ତି ନାହିଁ । ଯୁକ୍ତିରେ ପୃଥିବୀ କଂପେଇ ଦିଅନ୍ତି, ହେଲେ କିଛି କହନ୍ତି ନାହିଁ । ଭଗବାନ୍ କି ଶଇତାନ୍ କେହି ପଚାରନ୍ତି ନାହିଁ ଏଇ ଦୟନୀୟ ପ୍ରାଣୀମାନଙ୍କୁ । ଦାନ୍ତେଙ୍କର ଏତେ ଘୃଣା ସେମାନଙ୍କ ପାଇଁ ଯେ ଶେଷକୁ କହିଲେ- Speak not of them, but look, and pass them by । କିଛି କହିବା ଦରକାର ନାହିଁ ତାଙ୍କ ବିଷୟରେ । ଖାଲି ଟିକିଏ ଅନେଇ ଦେଇ ଚାଲିଯାଏ ତୁମ ବାଟରେ ।

ବିକାଶବାବୁ କାହାକୁ ଆକ୍ଷେପ କରି ଶୁଣାଉଥିଲେ ଏଇ ମହାକାବ୍ୟର ଅଂଶ, ଯଦିଓ ମୁଁ ବି' ଟିକିଏ ହସି ଦେଇଥିଲି ତାଙ୍କ ସାଙ୍ଗରେ ? ମୋରି ପରି ଇଣ୍ଟେଲେକ୍‌ଚୁଆଲ୍ ମାନଙ୍କୁ ନୁହେଁ କି ? ଯଦିଓ ସେ ମୋତେ ସେହି ଦୃଷ୍ଟିରେ ଦେଖୁ ନ ଥିବେ ସେତେବେଳେ ।

ଅନ୍ୟାୟ ! ଘୋର ଅନ୍ୟାୟ ! ସତ୍ୟନିଷ୍ଠ ହେଲେ ଯେ ଦିଗ୍‌ଦର୍ଶନ ଦେଇ ହୁଏ ନାହିଁ, କୌଣସି ନିଷ୍କର୍ଷରେ ପହଁଚି ହୁଏ ନାହିଁ, ଏଇ ସହଜ କଥାଟିକୁ ବୁଝନ୍ତି ନାହିଁ କାହିଁକି ଲୋକମାନେ ?

... ତା' ପରଦିନ । ବିକାଶ ବାବୁଙ୍କ ଘର । ମନୋରମ ସକାଳ, କିଂତୁ ଦୁଇ ବଂଧୁ ଯେପରି ଭାବରେ ବସିଛନ୍ତି ନୀରବ ହୋଇ, ଏବଂ ମଝିରେ ମଝିରେ ଅନାଉଛନ୍ତି ପରସ୍ପରର ଓହଳା ମୁହଁକୁ, ସେଥିରୁ ମନେ ହେବ ଯେ ଦିହିଁଙ୍କର କେହି ଜଣେ ମରି ଯାଇଛି, ଯେ ଦୁହିଁଙ୍କୁ ସମାନ ଭାବରେ ସୁଖ ଦେଉଥିଲା । ଏବଂ ସେହେତୁ ନୀରବତାହିଁ ଶ୍ରେୟସ୍କର ।

କିଂତୁ ଯେତେବେଳେ ତାଙ୍କର ଖିଆଲ୍ ହେଉଥିଲା ଯେ ସେମାନେ ପ୍ରକୃତରେ ଶୋକ ମନେଇଲା ପରି ଦିଶୁଥିବେ ସକାଳର ଉତଳା ପବନକୁ, ପଡିଶାଘର ସଙ୍ଗମୁହାଁ ଝିଅଟିକୁ ଯେ ତାଙ୍କ ବଗିଚାରୁ ଫୁଲ ତୋଳୁଛି ଗୁଣୁଗୁଣୁ ହୋଇ, ଏବଂ ଉଚ୍ଛନ୍ନ ହୋଇ ଘେରାଏ ବୁଲି ଆସୁଥିବା ଓ କେଁ - କାଁ ହେଉଥିବା ଚଢ଼େଇଙ୍କୁ, ସେତେବେଳେ ସେମାନେ ଅଯଥାରେ ପଦେ ପଦେ କଥା ଛାଡ଼ି ଦିଅନ୍ତି, ଯାହାର ଉତ୍ତର ଆଶା କରନ୍ତି ନାହିଁ । ଯଥା :

— '' ଗରମ ପଡ଼ିବାକୁ ଆଉ ବେଶୀ ଡେରି ନାହିଁ । '' ହେଲେ କହି ହେଉ ନାହିଁ ଯେ ଯାକୁହିଁ କହନ୍ତି ବସନ୍ତ ।

—'' କାଉ ଗୁଡ଼ାକ କେଡ଼େ ବଡ଼ କଣା କରି ସାରିଲେଣି ଦେଖୁଛ ?'' କିଂତୁ କହି ହୋଇଥାଆନ୍ତା ଯେ ଆହୁରି କେତେ ଅମୃତଭଣ୍ଡା ଝୁଲୁଛି ଘର ବଗିଚାରେ, ଏବଂ ଟୁଳୁଟୁଳୁ ହୋଇ ପାଚି ଆସୁଛି ।

ମନେ ହେବ ଯେ ଲୋକ ଦେଖାଣିଆ ବାର୍ତ୍ତାଳାପ ସୁରୁ କଲେ ମଧ୍ୟ ତାଙ୍କର ଅସଂଲଗ୍ନ ଖଣ୍ଡି ଖଣ୍ଡି କଥା କେବଳ ତାଙ୍କ ଦୁଃଖ ଏବଂ ଅସଂତୋଷର ସୂଚନା ଦେଉଛି ।

କିଂତୁ କେଉଁଥିପାଇଁ ଏ ଦୁଃଖ ? ଗୋପାଳବାବୁଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ବଂଧୁଙ୍କର ଚେହେରା ଦେଖି । ଯଦି ତମେ ସ୍ୱେଚ୍ଛାରେ ଛାଡ଼ି ଦେଇଛ କିଛି, କୌଣସି ଏକ ମହତ୍

Digitized by srujanika@gmail.com

ଉଦ୍ଦେଶ୍ୟରେ, ଏବଂ କେଉଁ ଏକ ଉନ୍ନତ ଧରଣର ଆନଂଦ ପାଇବା ପାଇଁ ତା' ହେଲେ ତା'କୁ ଏମିତି ଝୁରୁଛ କାହିଁକି ? କିଓ, କାଲି ତମ ମୁହଁ ଚଂଦ୍ରଉଦିଆ ପରି ଝଳି ଦିଶୁଥିଲା, ଆଜି ପୁଣି କ'ଣ ହେଲା ? ସେଇଠୁଁ କ୍ରମଶଃ ତାଙ୍କର ହୃଦ୍‌ବୋଧ ହେଲା ଯେ ବିକାଶବାବୁ କେବଳ ଗୋଟାଏ ଅନେକ ଦିନର ଅଭ୍ୟାସକୁ ଛାଡ଼ି ଦେଇଛନ୍ତି ବୋଲି ଦୁଃଖ କରୁଛନ୍ତି, ତା' ନୁହେଁ । ତାଙ୍କର ଅନେକ ଦିନର ବଂଧୁକୁ ମଧ୍ୟ ବାଧୁଛି ତାଙ୍କର ଏହି ଅସଂଭାବିତ ଏବଂ ଅକାରଣ ନିଷତ୍ତି, ଏହା ହିଁ ତାଙ୍କ ଓହଳାମୁହଁ ଦୁଃଖର ମଂଜି । ମୋ ଦୁଃଖର ଛାଇ,ଘନ ଓ ଘନିଷ୍ଠ ଛାଇ, ପଡ଼ିଛି ତାଙ୍କ ମନ ଉପରେ, ଏବଂ ବିଚରା ତାକୁ ସଂଭାଳି ପାରୁ ନାହାନ୍ତି । ଗୋପାଳବାବୁ ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିଲେ ।

ହେଲେ ତମେ ବି' କାହିଁକି ମୁହଁ ଓହଳେଇ ବସିଛ ଗୋପାଳବାବୁ ? ତାଙ୍କ ଉପରେ ପଡ଼ିଥିବା ଛାଇ ଆହୁରି ଘନୀଭୂତ ହୋଇ ଫେରି ଆସୁଛି ତମ ଉପରକୁ , ଏଇଆ କହିବାକୁ ଚାହଁ ?

ସତ କୁହ, ତମେ କ'ଣ ଏତେ ଦୁଃଖ କରୁଛ ଖାଲି ତାଙ୍କରି ଭଲ ପାଇଁ ? ନା ତମ ସ୍ୱାର୍ଥର କେଉଁ ମୂଲ୍ୟବାନ୍ ଧନସଂପତ୍ତି ଚାଲିଗଲା ବୋଲି ତମେ ଥକା ହୋଇ ବସି ପଡ଼ିଛ ?

ହଁ, ହଁ, ହଁ !! ମୋ ବଂଧୁ ଆଉ ସେମିତି ମୃଦୁ ମୃଦୁ ହସିବେ ନାହିଁ ମୋ ପାଖରେ ଥାଇ, ରସିକ ହୋଇ ରହିବେ ନାହିଁ, ଚିଂତକ ପାଲଟି ଯିବେ, ଏଇ ଦାରୁଣ ବିପର୍ଯ୍ୟୟ କ'ଣ ଖାଲି ତାଙ୍କର, ମୋର ନୁହେଁ ? ଏବଂ ଏଇଆକୁ ତମେ ସ୍ୱାର୍ଥ ବୋଲି କହୁଛ ?

କିଂତୁ ଉପାୟ କଅଣ ? ମୁଁ ତାଙ୍କୁ କେମିତି ବୁଝେଇବି ? ବୁଝେଇବାର ଯଥେଷ୍ଟ ମାଲମସଲା ଅଛି ମୋ ପାଖରେ । କିଂତୁ ମୋର ଆଶଂକା, ଆଶଂକା ନୁହେଁ ଦୃଢ଼ ଧାରଣା, ଯେ ସେ ମୋ ଯୁକ୍ତିର ସାରବତ୍ତାକୁ ଗ୍ରହଣ କରିବେ ନାହିଁ । ହୁଏତ ଦାନ୍ତେଙ୍କର ସେଇ ହତଭାଗା ପ୍ରାଣୀଟିକୁ ମନେ ପକେଇବେ, ଯେ ନର୍କପୁରୀକୁ ମଧ୍ୟ ଯିବା ପାଇଁ ଅକ୍ଷମ । ଅଥଚ ଯେହେତୁ ମୁଁ ଇଣ୍ଟେଲେକ୍‌ଚୁଆଲ, ମୁଁ ଜାଣିଶୁଣି ମୋ ତାତ୍ତ୍ୱିକ ସାକ୍ଷୀପ୍ରମାଣକୁ ଭେଜାଲ୍ କରି ଥୋଇବି ନାହିଁ କେସ୍ ଜିତିବା ପାଇଁ । ମୁଁ ମିଛ କହିବି ନାହିଁ ।

ଗୋପାଳବାବୁ ମନେ ମନେ କାଂଦିଲେ । ଏବଂ ସେଠୁ ଫେରି ଯାଇ ଘରେ ପହଂଚିଲା ବେଳକୁ ଗୋଟାଏ ବିରାଟ କୋହ ଉଠିଲା ତାଙ୍କ ଛାତିରୁ । ମୁଁ କ'ଣ ତା' ହେଲେ ପାରିବି ନାହିଁ ? ଏବଂ ଏମିତି ହରେଇ ବସିବି ମୋ ବଂଧୁଙ୍କୁ ?

ଏ କଥା ଠିକ୍ — ସେ ଯାହା କହିଲେ — ଯେ କାହାରି କିଛି କ୍ଷତି ହେବନାହିଁ ସେ ଲେଖାଲେଖି ନ କଲେ । କାରଣ ସେ ଯେଉଁ ସବୁ ବସ୍ତୁ ତିଆରି କରନ୍ତି, ତାହା ପ୍ରକୃତରେ କାହାରି କାମରେ ଆସେ ନାହିଁ । କିଂତୁ ସୃଜନ ପ୍ରକ୍ରିୟାରେ ତାଙ୍କର ଯେଉଁ ଆନଂଦ, ଯାହା ପ୍ରତିଫଳିତ ହୁଏ ତାଙ୍କର ଅତୁଳନୀୟ ମଂଦହାସରେ, ମୁଁ କଣ ସେତିକ ଫେରାଇ ଆଣି ପାରିବି ନାହିଁ ତାଙ୍କ ପାଇଁ ? ହେଲା ଏବେ ମଧ୍ୟ ମୋ ନିଜ ପାଇଁ ?

Digitized by srujanika@gmail.com

ସେଦିନ ଖରାବେଳେ ତାଙ୍କର କ'ଣ ମନ ହେଲା କେଜାଣି ସେ ତାଙ୍କ ଯେତେକ ବହି ଆଲମାରୀ ଘାଣ୍ଟିଲେ । ବିକାଶବାବୁଙ୍କର କେଇଟା ବହି ଅଛି ମୋ ପାଖରେ ? ମୁଁ ନିଜେ କିଛି କିଣି ନ ଥାଇ ପାରେ, କିଂତୁ ଉପହାର ହିସାବରେ କ'ଣ ଚାରି ପାଂଚଟା ମିଳି ନ ଥିବ ତାଙ୍କଠୁଁ ? ଆଉ କିଏ କହିଲା ଯେ ମୁଁ ତାଙ୍କ ଲେଖା ପଢ଼ିନାହିଁ ? ପଢ଼ିଛି । ଅଳ୍ପ ବହୁତ ପଢ଼ିଛି, ତା'କୁ ତମେ ଯଥେଷ୍ଟ ବୋଲି କହିବାର କି ନ କହିପାର ସେ କଥା ଭିନ୍ନ ।

ଏବଂ ମୁଁ ତାଙ୍କ ଲେଖାରୁ କିଛି ବୁଝେ ନାହିଁ, ଅଥବା ତାଙ୍କ ଲେଖାର ଘଟଣା-ଚରିତ୍ର ଓ ଭାବଭାବନା ମୋ ମନକୁ ଛୁଏଁ ନାହିଁ, ଏଭଳି ମନେ କରିବା ମଧ୍ୟ ଭୁଲ । କଥା ହେଉଛି, ମୋତେ ପ୍ରତ୍ୟକ୍ଷ ଓ ପ୍ରମାଣିତ ତଥ୍ୟ, ଓ ତା'କୁ ନେଇ ନାନା ତାତ୍ତ୍ୱିକ ବିଚାର ବିଷୟରେ ପଢ଼ିବାକୁ ବେଶି ଭଲ ଲାଗେ । ତାହା ନୃତତ୍ତ୍ୱ ହେଉ କି ମନସ୍ତତ୍ତ୍ୱ, ଭୂଗୋଳ, ଇତିହାସ, ଇତ୍ୟାଦି । ତା' ବୋଲି ମୁଁ ଯେ କଳ୍ପନାର ସତ୍ତା ଅସାର ବୋଲି ମନେ କରେ ତା'ନୁହେଁ । ସେ ମୋର ବଂଧୁ, ତେଣୁ 'ଗାଁ କନିଆଁ ସିଂଘାଣିନାକି' ନ୍ୟାୟରେ ମୁଁ ତାଙ୍କ ସାହିତ୍ୟକୃତିର ଯଥାବିଧି ସମ୍ମାନ ଦେଇ ନାହିଁ, ଏଭଳି ଆକ୍ଷେପ କରିବା ମଧ୍ୟ ଅନୁଚିତ । ମୋଟ କଥା ମୋ ହାତରେ ଯଥେଷ୍ଟ ସମୟ ନ ଥାଏ । ଘର କାମ, ଅଫିସ୍ କାମ ଓ ମୋତେ ବିଶେଷ ଭାବରେ ଯାହା ସବୁ ପଢ଼ିବାକୁ ଭଲ ଲାଗେ, ତା' ସଂଧିରେ ଜାଗା ନ ଥାଏ ସାହିତ୍ୟ ପାଇଁ । ହେଲେ ବିକାଶବାବୁଙ୍କ ସାହିତ୍ୟକୁ ମୁଁ ଅଗ୍ରାଧିକାର ଦେଇ ଆସିଛି । ଭାବିଛି ଯେ ଆଉ ଟିକିଏ ଖୋଲା ସମୟ ପାଇଲେ ମୁଁ ତାଙ୍କରି ଲେଖାକୁ ଆଗେ ପଢ଼ିବି ।

କିଂତୁ କେଉଁଠି ଅଛି ସେଇ ସବୁ ବହି ? ଗୋପାଳବାବୁ ଖୋଜି ବସିଲେ । ଏବଂ ବେଶ୍ କିଛି ସମୟ ଗୋଳିଆ ଘଣ୍ଟା କଲାପରେ ସେ କେତୋଟିକୁ ଉଦ୍ଧାର କରି ଆଣିଲେ ବିଭିନ୍ନ ଅଂଧାରିଆ ଗହ୍ୱରରୁ, ଏବଂ ତାର ଧୂଳି ଝାଡ଼ି ଦେଇ ରଖିଲେ ତାଙ୍କ ସାମ୍ନାରେ । ସେଗୁଡ଼ିକୁ ହାତରେ ଧରିଲେ । ଏବଂ ତା' ଉପରେ ହାତ ବୁଲେଇଲେ । କଭର୍ ଜ୍ୟାକେଟ୍‌ର ପୁରୁଷ-ସ୍ତ୍ରୀ, ଘର ଦୁଆର ଘାସ ଆକାଶକୁ ଆଦରରେ ଆଉଁସିଲା ପରି । ଏବଂ ପ୍ରଥମେ ପଢ଼ି ବସିଲେ ତା'ର ଶିରୋନାମା ଗୁଡ଼ିକୁ —

ଅସ୍ଥିର ଯମ

ନାରୀ- ନାରାୟଣ

ଶଂଖ ଓ ଶାମୁକା..

ପ୍ରଥମଟି ଗଳ୍ପ ସଂକଳନ । ଅନ୍ୟ ଦୁଇଟି ଉପନ୍ୟାସ । କେଉଁ ଗୋଟିକ ଜାତୀୟ ପୁରସ୍କାର ପାଇଛି ଯା' ଭିତରୁ ? ବୋଧହୁଏ ଏଇଟି, ଅସ୍ଥିର ଯମ । ହଁ, ମୋର ବେଶ୍ ମନେ ପଡୁଛି । ଆଉ ମୁଁ ତାଙ୍କୁ ପରିହାସ ଛଳରେ ପଚାରିଥିଲି — ଯମମାନେ କଣ ଅସ୍ଥିର ହୋଇ ଉଠନ୍ତି ? ସ୍ଥିର କରି ପାରନ୍ତି ନାହିଁ କାହାକୁ ଆଗେ ନେବେ ଓ କାହାକୁ ପଛେ ? ଆଗେ ଅମୁକ ମାଆର ସୁଖକୁ ଶୋଷିନେବେ ନା ସାଫ୍ କରିଦେବେ ସମୁକ ପ୍ରେମିକର ସ୍ୱପ୍ନକୁ ? ଆଗେ ଲଲିପପ୍, ନା ଖରି ଖରିସା ? ସେଇଠୁଁ ସେ ମୃଦୁ ମୃଦୁ ହସିଲେ ଓ

Digitized by srujanika@gmail.com

କହିଲେ — ଅନେକ ଧରଣର ବ୍ୟଥା ଅଛି ଗୋପାଳବାବୁ, ଆମର ଏଇ ମଣିଷ ଜଗତରେ, କିଂତୁ ପ୍ରତ୍ୟେକଟି ସ୍ୱାଦିଷ୍ଟ ଆମ ପାଇଁ । ଯମ ଆଉ କିଏ କି ? ଆମେ ନିଜେ ପରା ? ମୁଁ ଅବଶ୍ୟ ବୁଝିଲି ନାହିଁ ତାର ଅର୍ଥ, କିଂତୁ ମୋର ମନେ ହେଲା ଯେ କଥାଟି ତାଙ୍କ ଅଂତଃସ୍ଥଳରୁ ବାହାରିଛି । ଏବଂ ବ୍ୟଥାରେ ଟୁଲୁ ଟୁଲୁ ।

ତା' ହେଲେ ତା'କୁ ଇ ପଢ଼ିଲେ ହେବ । ସଂକଳନର ଶୀର୍ଷକ ଗଳ୍ପ 'ଅସ୍ଥିର ଯମ' । ବେଶି ସମୟ ଲାଗିବ ନାହିଁ । ଗୋପାଳବାବୁ ପଢ଼ି ବସିଲେ, କିଂତୁ ତରତର ହେଲେ ତା'କୁ ସାରି ଦେବାପାଇଁ । ସତେକି ବ୍ୟଥା ହେଉ କି ସ୍ୱାଦୁ ହେଉ ସେ ବି' ଅସ୍ଥିର ହେଉଛନ୍ତି ତା'ର ଅନୁଭବ ପାଇଁ !

ପଢୁପଢୁ ସେ ଗୋଟାଏ ଜାଗାରେ ପହୁଁଚିଲେ, ଯେଉଁଠି ତାଙ୍କର ମନେ ହେଲା ଯେ ଏଇ ଆରମ୍ଭ ହେଲା, ଯାହାକୁ ସେ ଅପେକ୍ଷା କରି ବସିଛନ୍ତି । ତେଣୁ ସେ ନିଠେଇ ନିଠେଇ ପଢ଼ିଲେ ପ୍ରତ୍ୟେକ ଶବ୍ଦ ଓ ଧାଡ଼ିକୁ, ତା'ର ସମସ୍ତ ଦେୟକୁ ଗ୍ରହଣ କରିବା ପାଇଁ । ପଢ଼ିଲେ... ଏବଂ ବ୍ୟଥିତ ହେଲେ ...

ଆଃ ! ଟୋକାଟାକୁ ଏଭଳି କଷ୍ଟ ଭୋଗିବାକୁ ଥିଲା ? ଏକେ ଚାକିରୀ ଛାଡ଼ି ଦେଇଛି ହାକିମଠାରୁ ଅପମାନ ପାଇ । କ'ଣ କରିବ ଏଇକ୍ଷଣି, ଭାବି ପାରୁନାହିଁ । ଭାବୁଛି ଗାଆଁକୁ ପଳେଇ ସେଇଠି ରହିବ କିଛି ଦିନ ସ୍ୱପତ୍ନୀ ଓ ସହଧର୍ମିଣୀ ଶୋଭାକୁ ନେଇ । କିଂତୁ ଅବେଳରେ ଘରକୁ ଫେରି ଆସି ଦେଖୁଛି କ'ଣ ନା ଶୋଭା ପରପୁରୁଷ ସାଂଗରେ.. ଛିଃ, ଛିଃ ! ସେଇଠୁଁ ତା'ର ମନେ ପଡ଼ିଲା ସରୋଜିନୀ କଥା । ସେଇ ସରୋଜିନୀ, ଯେ ତା'କୁ ଭଲ ପାଉଥିଲା, ଅଥଚ ଯାହାର ନୀରବ ପ୍ରଣୟ- ଯାଚନାକୁ ସେ ସ୍ୱୀକାର କରି ନ ଥିଲା । ଏବଂ କିଛି ନ ଜାଣିଲା ପରି ବାହା ହୋଇ ପଡ଼ିଲା ସୁଂଦରୀ ଓ ଧନିକ ଦୁଲାରୀ ଶୋଭାକୁ । କ୍ଷତ ବିକ୍ଷତ ଶରତ ଧାଇଁଗଲା ସରୋଜିନୀ ପାଖକୁ । ଯଦିଓ ସେ ତା'ର ସୁଖରେ ଥିବ ଏଇକ୍ଷଣି, ବାହା ସାହା ହୋଇ, ଘରଦ୍ୱାର କରି । ଖାଲି ତା'କୁ ଟିକିଏ ଦେଖିବ ବୋଲି, ତା'ଠୁଁ କିଛିହେଲେ ପାଇବ ତା' ଘାଆରେ ମଲମ ଦେବା ପାଇଁ । କିଂତୁ ଇଏ କଅଣ ହେଲା ? ତାର ପହଂଚିବାକୁ ଥିଲା ସେଇ ସମୟରେ ଯେତେବେଳେ ସରୋଜିନୀର ପିଲାଟିଏ ଚାଲି ଯାଇଛି ଦିନକ ତଳେ । ତେଣୁ..... ସରୋଜିନୀର ଦୋଷ ନାହିଁ... କିଂତୁ ସେ ଯେମିତି ଭାବରେ ଅନେଇଲା ଶରତ ଆଡକୁ, ଆଉ କାଂଦି କାଂଦି କହିଲା ଛିଗୁଲେଇଲା ପରି — ଆସିଛ ଏତେ ଦିନକେ ଶରତ ଭାଇ ? ମନେ ପଡ଼ିଲା ଏତେ ବେଳକୁ ? ସେଇଠୁଁ ହସିଲା ବାୟାଣୀଙ୍କ ପରି.. ଓଃ, ଆଉ ପଢ଼ି ହେଉ ନାହିଁ !

ଅନେକ ବ୍ୟଥା । କିଂତୁ ଅତି ଗୋଳମାଳିଆ ବ୍ୟଥା । ତେଣୁ ଗୋପାଳବାବୁ ବୁଝି ପାରିଲେ ନାହିଁ ଠିକ୍ କେଉଁ ଜାଗାରେ ତାଙ୍କ ଛାତିଟା ମଂଥି ହେଲା ବିଶେଷ ଭାବରେ, ଏବଂ କାହା ପାଇଁ । ଯାହାହେଉ ସେ ଆଉ ପଢ଼ି ପାରିଲେ ନାହିଁ । ବହିଟାକୁ ଛାତି ଉପରେ ପକେଇ ଆଖି ବୁଜି ଦେଲେ । ଏବଂ କ୍ରମଶଃ ଶୋଇ ପଡ଼ିଲେ ।

Digitized by srujanika@gmail.com

ହେଲେ ଛାଇ ଲେଉଟିଲା ପରେ ପରେ ସେ ଧାଇଁଗଲେ ବିକାଶ ବାବୁଙ୍କ ଘରକୁ । ଏବଂ ଭେଟ ହେଉ ନ ହେଉଣୁ କହିଲେ ଅସଂଭାଳ ହୋଇ, ‘‘ଜାଣିଛନ୍ତି ବିକାଶବାବୁ ? ମୁଁ ଆଜି ପଢୁଥିଲି ଆପଣଙ୍କର ‘ ଅସ୍ଥିର ଯମ’ । ଓଃ ! କି ଦୁର୍ଦ୍ଦାନ୍ତ ଲେଖା ! ଯଂତ୍ରଣାର ସୀମା ନାହିଁ । ଯେତେବେଳେ ଶରତ ଗଲା ସରୋଜିନୀ ପାଖକୁ । କିଂତୁ ସରୋଜିନୀ କାଂଦୁଥିଲା ସେତେବେଳେ ତା’ ପୁଅ ପାଇଁ .. ’’

ବିକାଶବାବୁ ବଲବଲ ହୋଇ ଅନେଇଲେ ଗୋପାଳବାବୁଙ୍କ ମୁହଁକୁ । ଖାଲି ପଚାରିଲେ, ‘‘ଆପଣଙ୍କୁ ଭଲ ଲାଗିଲା ? ’’

‘‘ ଆଜ୍ଞା, ଭଲ ଲାଗିବ କ’ଣ ମ ? ମୁଁ ଶେଷକୁ ଆଉ ପଢ଼ି ପାରିଲି ନାହିଁ । ମୋ ଛାତିଟା ଏମିତି ମଂଥି ହେଲା ଯେ ମୁଁ ଭାବିଲି ମୁଁ ବି’ କାଂଦି ପକେଇବି । ବୋଧହୁଏ ଶରତ ଓ ସରୋଜିନୀ ଉଭୟଙ୍କଠୁ ବେଶି, ଯଦିଓ ଜଣେ ପ୍ରକାଶ୍ୟରେ କାଂଦୁଥିଲା, ଏବଂ ଆଉ ଜଣେ ଭିତରେ ଭିତରେ .. ’’

‘‘ସତେ ?’’

‘‘ମୁଁ ସତ କହୁଛି । ମୁଁ ଆଉ ପଢ଼ି ପାରିଲି ନାହିଁ । ବହିଟାକୁ ଛାତିରେ ଜାବୁଡ଼ି ଧରି ଆଖି ବୁଜି ଦେଲି । ଏବଂ ଆଖି ବୁଜୁ ବୁଜୁ ଶୋଇ ପଡ଼ିଲି । ’’

‘‘ ସତେ ?? ’’ ଏଇଆ କହି ବିକାଶବାବୁ ଗୋଟାଏ ବିଚିତ୍ର କାମ କଲେ । ହଠାତ୍ ଗୋପାଳବାବୁଙ୍କୁ କୁଣ୍ଢେଇ ପକେଇଲେ । ଏବଂ ୟାଙ୍କର କି ତାଙ୍କର ହୁଏତ ଉଭୟଙ୍କର ଆଖିରେ ଟୋପାଏ ଲୁହ ଜକେଇ ଆସି ନ ଥିଲା ବୋଲି କିଏ କହିବ ?

ଗୋପାଳବାବୁଙ୍କ ଉଲ୍ଲାସରେ ମଳିଧୂଳି ନ ଥିଲା । ଯେତେବେଳେ ସେ ଫେରି ଆସିଲେ ଘରକୁ, ଏବଂ ବହିଟିକୁ ପୁଣି ଥାକ ଭିତରେ ରଖିଦେଲେ । ବଂଧୁ ପୁଣି ଲେଖାଲେଖି କରିବେ । ଲେଖି ନିଅ ମୋଠୁଁ ! କିଂତୁ ତା’ ସାଂଗକୁ ସେ ବାରଂବାର ନିଜକୁ ବୁଝେଇବାରେ ଲାଗିଥିଲେ — ମୁଁ ମିଛ କହି ନାହିଁ । ପ୍ରକୃତରେ ମୋ ଛାତିଟା ମଂଥି ହେଉଥିଲା ସେତେବେଳେ ।'ପ୍ରକୃତରେ ମୁଁ କାଂଦି ପକେଇବା ଅବସ୍ଥାରେ ଥିଲି, ମୁଁ ସତ କହୁଛି ...

କିଂତୁ ପ୍ରଶ୍ନଟା ତାଙ୍କୁ ରହି ରହି ବିରକ୍ତ କଲାରୁ ସେ ଲେଉଟି ଯାଇ ଗୋଟାଏ ପାଲଟା ପ୍ରଶ୍ନ ଫିଙ୍ଗି ଦେଲେ କର୍ତ୍ତାର ମୁହଁ ଉପରକୁ । କହିଲେ — ଲେଖକର ସର୍ଜନା ଯଦି ଅଭିନୟ ହୋଇ ମଧ୍ୟ ସତ୍ୟ ହୁଏ, ପାଠକର ସହ- ଅନୁଭବ ମଧ୍ୟ ଅଭିନୟ ହେବ ନାହିଁ କାହିଁକି ? ଏବଂ ତା’କୁ ମିଛବୋଲି କହିବ କାହିଁକି ? ମୁଁ ମାନୁଛି ଯେ ମୁଁ ତାଙ୍କୁ ଏତେ ଭଲ ପାଉ ନ ଥିଲେ ଏଭଳି ଅଭିନୟର ଅବକାଶ ନ ଥାଆନ୍ତା । ଶରତ କି ସରୋଜିନୀ, କେହି ମୋର କିଛି କରି ପାରି ନ ଥାଆନ୍ତେ । କିନ୍ତୁ ଉପସ୍ଥିତ କ୍ଷେତ୍ରରେ ମୁଁ ନିଜକୁ ମିଶେଇ ଦେଲି, ମିଶେଇ ଦେଇ ପାରିଲି , ତାଙ୍କ ବ୍ୟଥାରେ । ମୁଁ ସତ କହୁଛି । ଇଏ ଅଭିନୟ ନୁହେଁ, ସର୍ଜନା ।

ମୁଁ ମୋ ସ୍ୱଧର୍ମ ତୁଟି ନାହିଁ । ହେଲା ଏବେ ସ୍ରଷ୍ଟା ହୋଇ ପଡ଼ିଲି କିଛି ସମୟ ପାଇଁ !

Digitized by srujanika@gmail.com

ନିଆଁଲଗା ମନ

ଆଃ ! କି ଆନଂଦ ଏଇ ପୃଥିବୀରେ ! ଆନଂଦର ଅର୍ଥ ନୁହେଁ ଯେ ମୁଁ ଏଇ ପୃଥିବୀକୁ ଉପଭୋଗ କରୁଛି, ତାକୁ ଭକ୍ଷଣ କଲାପରି । ତା’ ଉପରେ ଚଢ଼ଉ କରି । କିଂବା ତା’ଠୁ ପୂଳାଏ ପୂଳାଏ ଛଡେଇ ଆଣି ଚେତନାରେ ଯୋଡି ଦେଲା ପରି । ଏଇ ମଂଦାରର ନାଲିରୁ, ମାଳତୀର ବାସ୍ନାରୁ, ପିଲାଙ୍କ କୁହାଟରୁ, ଚଢ଼େଇଙ୍କ କଳକାକଳିରୁ । ସୂର୍ଯ୍ୟର ମଧୁରିଆ ଉଷୁମରୁ । ନା, ତା’ ନୁହେଁ । ମୁଁ ମୋ ମନର ଲଗାମ ଛାଡ଼ି ଦେଇଛି । ତାକୁ ଯେତକ ଭାବନା-କାମନା ଆଶା- ଅଭିଳାଷର ଦାୟିତ୍ୱରୁ ମୁକ୍ତ କରି ଦେଇଛି । ଚଂଚଳିଆକୁ ଛାଡ଼ି ଦେଇଛି ମହାସମୁଦ୍ରରେ, ତା’ର ତରଂଗରେ । କେଉଁ ବଂଦରରେ ପହଂଚିବା ପାଇଁ ନୁହେଁ, ଖାଲି ନାଚି ନାଚି ଯିବା ପାଇଁ, କେବଳ ଭାସି, ଭାସି ଯିବା ପାଇଁ ।

ଏହା ହିଁ ମୋ ଉପଭୋଗର ସ୍ୱରୂପ । ସମର୍ପିତର ଉପଭୋଗ, ଭକ୍ଷକର ନୁହେଁ । ଅଚିଂତକ ଦର୍ଶକ ଏବଂ ଗ୍ରହୀତାର ଉପଭୋଗ; ଏଇ ଅନୁଭବଟିକ ।

ସୁନେଲି ସଂଧ୍ୟା । ମନୋରମ ବଣ ବଗିଚା । ପିଲାମାନେ ହସୁଛନ୍ତି, ଖେଳୁଛନ୍ତି, ପାଟିତୁଣ୍ଡ କରୁଛନ୍ତି । ଖାଲି ନିଜ ପିଲା ନୁହେଁ, ପର ପିଲା ମଧ । ନରନାରୀ ଘୂରି ବୁଲୁଛନ୍ତି, ଖୁସିଗପ କରୁଛନ୍ତି । ନିଜ ନାରୀ ମଧ୍ୟ ସେଇଠି କେଉଁଠି ଅଛି, ମାତିଛି ପିଲାଙ୍କ ସାଂଗରେ । ମୁଁ ସବୁଥିରେ ଅଛି, କେଉଁଥିରେ ନାହିଁ । ଏଇ ହେଉଛି ଭାସମାନତାର ତତ୍ତ୍ୱ । ଗୋପାଳବାବୁ ନିଜକୁ ବଧେଇ ଦେଉଥିଲେ । ବାରଂବାର ବଧେଇ ଦେଉଥିଲେ ଯେ, ସେ ତାଙ୍କ ମନଟାକୁ ଏହି ପ୍ରକାର ଆନଂଦ ସହିତ ପରିଚିତ କରି ପାରିଛନ୍ତି । ଆଜି ନୁହେଁ, ଆସି ଅନେକ ଦିନ ହେଲାଣି । ଏବଂ ଖାଲି ପରିଚିତ ନୁହେଁ, ତା’ ସହିତ ଅଂତରଂଗ... କ୍ଷମା କର, ଅଂତରଂଗ ନୁହେଁ, ଭାସମାନତାରେ ଅଂତରଂଗ ଭାବର ପ୍ରଶ୍ନ ଉଠୁ ନାହିଁ... ସୁପରିଚିତ ହୋଇ ପାରିଛନ୍ତି ।

ଏବଂ ମୋର ମନ ଯେ କେବଳ ଏଇ ସାଂଧ୍ୟବିହାର ଜାତୀୟ ସୁଯୋଗର ଫାଇଦା ଉଠେଇବାକୁ ଚାହେଁ, ତା’ ନୁହେଁ । ସଂସାରର ଅନିବାର୍ଯ୍ୟ କାମଦାମ ଭିତରେ ଯାହା କିଛି ସମୟ ମିଳୁଛି ମୋତେ ଆଜିକାଲି — ଅବଶ୍ୟ ଯେତେବେଳେ ସ୍ତ୍ରୀଙ୍କର ଅଭିମାନ — ଅଭିଯୋଗ ଏତେ ପ୍ରଚଣ୍ଡ ବୋଲି ମନେ ହୁଏ ନାହିଁ ଯେ ତାକୁ ନ ଶୁଣିଲେ ବିପଦ, ଯେତେବେଳେ ଆପଣା ସଂସାର କରୁଥିବା ପୁଅଝିଅଙ୍କ ଠାରୁ ଏଭଳି କୌଣସି ଖବର

Digitized by srujanika@gmail.com

ଆସି ନ ଥାଏ ଯେଉଁଥିରେ ଅଂତରଂଗତାର ସ୍ମୃତି ପୁଣି ଡେଗଁ ଉଠିବ ଓ ମନଟାକୁ ବାଧ୍ୟ କରିବ ତାଙ୍କ ଦୁଃଖରେ ଦୁଃଖୀ ହେବାପାଇଁ, ଯେତେବେଳେ କ୍ଷୟିଷ୍ଣୁ ଦେହର ବାତପିତ୍ତ ଶ୍ଳେଷ୍ମ କଫ ଉଗ୍ର ହୋଇ ଉଠେ ନାହିଁ, ଅଥବା ସୁଦୀର୍ଘ ବିଜୁଳି କାଟ ସାଂଗକୁ ଗୁଳୁଗୁଳିର ପ୍ରକୋପ ଚରମରେ ନ ଥାଏ — ମୁଁ ସେହି ସମୟ କେତୋଟିକୁ ଅଟକେଇ ଦିଏ ଓ ଭାସିଯାଏ ତା'ର ଭେଳାରେ । ଏହେତୁ ମୁଁ ଆଶା କରୁଛି [ଆଶାର ଅର୍ଥ ଇଚ୍ଛା ନୁହେଁ ମ, କେବଳ ଗୋଟାଏ ସଂଭାବନା - ବୋଧ] ଯେ ଅଚିରେ ମୁଁ ଭାସମାନତାର ସ୍ୱର୍ଗକୁ ଚାଲିଯିବି । ବେଳେ ବେଳେ ନୁହେଁ, ପ୍ରାୟ ସଦାବେଳେ—

ଯେମିତି ମାଛ ପାଣିରେ ପହଁରୁଥାଏ, କିଂତୁ ପାଣି ଅଛି ବୋଲି ସେ ଜାଣେ ନାହିଁ । ଯେମିତି ଚଢ଼େଇ ଆକାଶରେ ଉଡୁଥାଏ, କିଂତୁ ପବନ କଅଣବୋଲି ଜାଣେ ନାହିଁ ।

ଯେଉଁ ଆନଂଦ ପାଇଲା ପରେ କୌଣସି କାରଣ ନାହିଁ ଧର୍ମ, ଆଧ୍ୟାତ୍ମିକତା, ଆଦି ଧାରଣାକୁ ଅଯଥାରେ ମନ ଭିତରେ ଠୁଂକିବା ପାଇଁ ଚେଷ୍ଟା କରିବି । ସତେକି ଯାହା ଅନୁଭବକୁ ଦିଶୁ ନାହିଁ ତାହା ହିଁ ସାର, ଯାହା ଜୀବନ ସାଂଗରେ ମିଶୁ ନାହିଁ, ତାହାହିଁ ସତ ! ପବନ ବୋଲି କେଉଁଠି କିଛି ନାହିଁ, ଅଥଚ ଢେଉ ତୋଳିବି,ପାଲ ଉଡେଇବି, ଏଭଳି ହାସ୍ୟାସ୍ପଦ ପ୍ରୟାସ କରିବି ନାହିଁ ଛେନାଗୁଡ଼ ଉତରଣ ପାଇଁ । କେମିତି ମୁଁ ଆଗରୁ ବୁଝିଲି ନାହିଁ 'ଜେନ୍' ଗୁରୁଙ୍କ ଏଇ ସରଳ ସତ୍ୟଟିକୁ, ଯେ ମନକୁ ମନ ଦେଇ ଠିକଣା କରିବା ଏକାନ୍ତ ଅସଂଭବ ? ଯେ ମନର ଭାବନାକୁ ସେଇ ମନର ସାହାଯ୍ୟରେ ଲିଭେଇବା କି ସଜାଡିବା ଯାହା, ରକ୍ତକୁ ରକ୍ତରେ ପୋଛିଦେବା ସେଇଆ ?

ହେବ, ହେବ । ଦିନେ କେବେ ମୁଁ ଏହି ସଦାବିହାରୀ ପୃଥିବୀରେ ଖଂଜିହୋଇ ଯିବି । ଆପେ ଆପେ ଜୀବନକୁ ଉପଭୋଗ କରିବି, ତଥା ମରଣକୁ । ଘାସ ଯେମିତି କଅଁଳେ, ବଢ଼େ, ଶୁଖିଯାଏ, ପୁଣି କଅଁଳେ । ବସନ୍ତ ଯେମିତି ଆସେ, ଚାଲିଯାଏ, ପୁଣି ଆସେ..

ହାୟ ! ଆଗେ ଏମିତି ନ ଥିଲା । ମୁଁ ପଣ୍ଡ ପରିଶ୍ରମ କରୁଥିଲି ମନଟାକୁ ସ୍ଥିର କରିବା ପାଇଁ । ନିଆଁଲଗା ମୋ ବୋଲ ମାନୁନାହିଁ ବୋଲି ତାକୁ କେତେ ଗାଳି ନ ଦେଇଛି ! ଏବଂ ପୁଣି ଅଣ୍ଟା ଭିଡ଼ିଛି, ଝାଳନାଳ ହୋଇ ଚେଷ୍ଟା କରିଛି ତାକୁ ମଣ କରିବା ପାଇଁ ! ଗୀତାର କୃଷ୍ଣାର୍ଜୁନ ସଂବାଦକୁ ସ୍ମରଣ କରି — ଅସଂଶୟଂ ମହାବାହୋ ମନଦୁର୍ନିଗ୍ରହଚଳଂ.. ଇତ୍ୟାଦି ।

କାହିଁକି ଭଲା ଏମିତି ହଇରାଣ କରୁଥିଲି ବିଚରାକୁ ? କେଉଁ ସରଗ ଲଡୁ କି ସ୍ୱର୍ଣ୍ଣ ପଦକ ପାଇବି ବୋଲି ?

କାହିଁକି ପଚାରୁଛ ସେ କଥା ? ଗୋପାଳବାବୁ ମୃଦୁ ମୃଦୁ ହସିଲେ ସେଇ ନିର୍ବୋଧ ଅଭିଯାନକୁ ମନେ ପକାଇ, ଯାହା ପ୍ରାୟ ତାଙ୍କ ସାରା ଜୀବନକୁ ଅଧିକାର କରି ରଖିଥିଲା

Digitized by srujanika@gmail.com

କେଉଁ ଏକ ମହାନ ପୁରସ୍କାରର ଲୋଭ ଦେଖାଇ ।

ଏକ ନୁହେଁ, ଏକାଧିକ । ଜୀବନର ବିଭିନ୍ନ ସମୟରେ ବିଭିନ୍ନ ସୁନା ହରିଣକୁ ପାଇବା ପାଇଁ ।

ମୂଳରୁ ଆସିଥିଲା ଜ୍ଞାନର ପିପାସା । ପରେ ମଧ୍ୟ, ଅନ୍ୟାନ୍ୟ ଉଦ୍ଦେଶ୍ୟର ଲାଂଗୁଡ ହୋଇ । ନାନା ଜ୍ଞାନୀମୁନି ବତେଇଲେ ମୋତେ, ପଶ୍ଚିମର ପ୍ଲାଟୋଙ୍କ ଠାରୁ ଆରମ୍ଭ କରି ଆମର ଭର୍ତ୍ତୃହରି ଯାଏଁ, ଯେ ଜ୍ଞାନ ଯାହା ଧର୍ମ ସେଇଆ । ବେଦାନ୍ତର ବ୍ରହ୍ମ ଜିଗ୍ୟାଁସା ଓ ପଣ୍ଡିତର ଜ୍ଞାନ ପିପାସା,ସେଇ ଏକା କଥା । ଏବଂ '' ଧର୍ମେଣ ହୀନାଃ ପଶୁଭିଃ ସମାନାଃ'' । କିଂତୁ ଅସଲ ଜ୍ଞାନ କେଉଁ ବାଟେ ଆସିବ ? ଚିଂତା । ଆଚ୍ଛା,ଏକେ ତେଲ ଲୁଣର ଦୋସରା 'ଚିଂତା', ଦୁଜେ ଏଇ କୋଳାହଳ, ଯା ଭିତରେ ଚିଂତା କରିହେବ କେମିତି ? ହେବ, ମନକୁ ଛଡେଇ ଆଣିବାକୁ ହେବ ସଂସାରର ସେହି ସବୁ ତୁଚ୍ଛ ରୂପଗଂଧ-ସ୍ପର୍ଶଗତ ଇତର ଚେତନାରୁ, ଏବଂ ତା'କୁ ଗୋଟାଏ ଖୁଣ୍ଟରେ ବାଂଧିବାକୁ ପଡ଼ିବ । ଯେମିତି ସେ କ୍ରମଶଃ ସ୍ଥିର ହୋଇଯିବ । ସେଇଠୁଁ ଆସିବ ଚିଂତା, ନିରୋଳା ଚିଂତା । ତହୁଁ ଧୀରେ ଧୀରେ ସତ୍ୟ ଧରା ଦେବ ତୁମ ହାତରେ । ଏବଂ ସେଇ ଖୁଣ୍ଟଟି କ'ଣ ଜାଣିଛ ? ଧ୍ୟାନ । ଅଂଧାର ଭିତରେ ଆଖି ବୁଜି ଚକା ମାଡ଼ି ବସି ମନକୁ ଧରି ରଖିବାର ଉଦ୍ୟମ । ସେଇ ହେଲା ପ୍ରଥମ ସୋପାନ, ପଶୁପଦରୁ ଉପରକୁ ଉଠି ପ୍ରକୃତ ମଣିଷ ହେବା ପାଇଁ ।

କ୍ରମଶଃ ବୁଝି ପାରିଲି, ହେଲେ ସେଥିରେ ଦୁଃଖ କରିବାର କାରଣ ନ ଥିଲା, ଯେ ଏଇ ଜ୍ଞାନର ପିପାସାରେ ଜ୍ଞାନ ମୁଖ୍ୟ ନୁହେଁ । ପ୍ରଧାନତଃ ନିଜକୁ ଉଂଚକୁ ନେଇଯିବା ହିଁ ପଶୁ - ମଣିଷରୁ ପ୍ରକୃତ ମଣିଷ ହେବାର ଅର୍ଥ । ସାଧାରଣ ସଂସାର ଓ ସାଧାରଣ ମଣିଷଙ୍କ ଉପରକୁ । କିଂତୁ ଉପରେ କ'ଣ ଅଛି ? ମଲା, ଏତିକି ବୁଝି ପାରୁ ନାହଁ ? ଉପରେ ଅଛି କ୍ଷମତା । ପିଢ଼ାର ଉର୍ଦ୍ଧ୍ୱରେ ଚଉକି, ତଦୁର୍ଦ୍ଧ୍ୱେ ସିଂହାସନ । ରାଜ୍ୟ ଥାଉ ବା ନ ଥାଉ, ନିଜକୁ ରାଜା ବୋଲି ମଣିବା ହିଁ ସାରକଥା । ସେଇଥିରେ ସୁଖ । ତେଣୁ ଆସ, ଆଖିବୁଜ, ମନଟାକୁ ସ୍ଥିର କର । କିଂବଦନ୍ତୀର ସତ୍ୟୋୟଂ, ଯା ମତି ସା ଗତି ଭବେତ୍ । ଯାହା ଭାବିବ, ସେମିତି ହେବ । ଅତଏବ ଆ'ରେ ଅରଣା ମହିଁଷି ତୋତେ ଆଗ ବାଂଧେ ଏଇ ଖୁଣ୍ଟରେ, ତା ପରେ ତୋତେ ବାଧ୍ୟ କରିବି ଭାବିବାକୁ, ଯାହା ଭାବିବା ଉଚିତ ।

ତେବେ କାଳେ ଏଇ ସିଂହାସନଲାଭର ମହତ୍ତ୍ୱକୁ ଅନେକେ ହୃଦୟଙ୍ଗମ କରି ପାରି ନ ଥିଲେ, ସେଥିପାଇଁ ଆବିର୍ଭୂତ ହେଲେ କେତେଜଣ ପ୍ରାକ୍ଟିକାଲ ଯୋଗୀମୁନି । ଆମର ପ୍ରାକ୍ଟିକାଲ ଆଧୁନିକତାକୁ ଖାପ ଖାଇଲା ପରି । ଯେଉଁମାନେ କଥାଟାକୁ ପ୍ରାଂଜଳ ଭାବରେ ବୁଝେଇଦେଲେ । କହିଲେ ଯେ ଏଇ ଉଉରଣଧର୍ମୀ ଧ୍ୟାନ ସହଜେ ଫଳପ୍ରସୂ । ରେଜଲ୍ଟ ଓରିଏଣ୍ଟେଡ୍ । ଜ୍ଞାନ ଫ୍ୟାନ କଥା ଛାଡ଼ । ମୋଟ ଉପରେ ତୁମରି ଦକ୍ଷତା ବଢ଼ିବ । ଫାଇଲ୍‌ରେ ବଢ଼ିଆ ନୋଟ ଲେଖି ପାରିବ, ଟେନିସରେ ଅପରପକ୍ଷକୁ ଅନାୟାସରେ ହରେଇ ପାରିବ,

Digitized by srujanika@gmail.com

କହିବାକୁ ଗଲେ ଯେ କୌଣସି ଲଢ଼େଇରେ ଜିତି ପାରିବ । ଏବଂ ସବୁଠାରୁ ବଡ଼ ସୁଖବର, ତୁମେ ସେକ୍‌ସରେ ସଫଳ ହେବ । ଆଉ କ'ଣ ଦରକାର ? ଧ୍ୟାନର ଏଇ 'ଉପଯୋଗୀତା' ମଧ୍ୟ ଦିନାକେତେ ଘାରିଥିଲା ମୋତେ ମୋର ମଧ୍ୟବୟସରେ ।

କିଂତୁ ଜୀବନଯାତ୍ରାର ଦ୍ୱଂଦ, କଂଦଳ, ଗଣ୍ଡଗୋଳ, କ୍ରମଶଃ ଏତେ ବଢ଼ିଗଲା ଯେ କ୍ଷମତାଲାଭର ପୁରସ୍କାର ମଧ୍ୟ ମୋତେ ଅସାର ବୋଲି ମନେ ହେଲା । ଭାବିଲି ଯେ ଏକମାତ୍ର ପୁରସ୍କାର ଯାହା ପାଇଁ ମୁଁ ଯେ କୌଣସି ଉଦ୍ୟମ କରିବାକୁ ତଥା ତ୍ୟାଗ ସହିବାକୁ ପ୍ରସ୍ତୁତ, ତାହା ହେଉଛି ମୁକ୍ତି । ଏଣେ ବୟସ ବଢ଼ିଲାରୁ ଗୋଟାଏ ଭୂତର ଛାଇ ଡରାଉଥିଲା ମୋତେ । ତା' ନାଆଁ ମୃତ୍ୟୁ । କହୁଥିଲା — ମନେ ଅଛି ତ ? ମୁଁ ମଧ୍ୟ ଅଛି ସବା ଶେଷକୁ । ଏଇ ଅବସ୍ଥାରେ ମୋତେ ମୁକ୍ତିର ବାଣୀ ଶୁଣେଇଲେ ସ୍ୱାମୀଜି । କହିଲେ, ମୁକ୍ତି ପାଇବା ତୁମର ଜନ୍ମଗତ ଅଧିକାର । କେବଳ ଜୀବନରୁ ନୁହେଁ, ମଧ୍ୟ ମରଣରୁ । ଗୋଟାଏ ଚେଟାରେ ଯୋଡାଏ ଦୁର୍ଦ୍ଧାନ୍ତ ଚଢ଼େଇଙ୍କୁ ମାରି ଦେଲା ପରି । ତା'ର ତ୍ରିବିଧ ପଥ— ଜ୍ଞାନ,ସେବା ଏବଂ ଉପାସନା । କିଂତୁ ସେଥିରେ ପ୍ରଥମ ସୋପାନ, ଯାହାକି ସେବାର ଅନୁକୂଳ ଏବଂ ଜ୍ଞାନ ତଥା ଉପାସନା ପାଇଁ ଅନିବାର୍ଯ୍ୟ, ହେଉଛି କ'ଣ ନା ଧ୍ୟାନ । ପୁଣି ସେଇ ନିଆଁଲଗା ମନଟାକୁ ବାନ୍ଧି ଆଣିବା ଏବଂ ଜବତ୍ କରି ଶକ୍ତିମନ୍ତ କରିବାର ଉପଦେଶ ।

ଗୋପାଳବାବୁ ମନେ ପକାଇଲେ ତାଙ୍କର ଶେଷ କ୍ରଂଦନର ସ୍ୱର । ପ୍ରୌଢ଼ତ୍ୱରେ ପୁଣି କବାଟ କିଳି ଆଖିବୁଜି ଧ୍ୟାନ କରିବାର ପ୍ରୟାସ । ଯେତେବେଳେ ପୂର୍ବର ଦମ୍ଭ ଓ ଆତ୍ମବିଶ୍ୱାସ ଆଉ ନ ଥିଲା । ଏବଂ ଆଖିବୁଜିଲା ଆଗରୁ ବାରଂବାର ଗୋଟାଏ ସଂଦେହ ମନକୁ ଆସୁଥାଏ,— ପାରିବି ତ ? ଯାହା ନ ହୋଇଛି ବାଳକାଳେ, ତାହା କି ହେବ ପାକଲାବାଳେ ?

ହେଲା ନାହିଁ ତ ! ପୂର୍ବରୁ ଯେଉଁମାନେ ମନ ଭିତରକୁ ପଶି ଆସୁଥିଲେ , ଏବଂ ତାକୁ ଥିର ହେବାକୁ ଦେଉ ନ ଥିଲେ, ତାଙ୍କ ରୂପଗୁଣ ହୁଏତ ଭିନ୍ନ ଏବେକା ଠାରୁ । କିଂତୁ ସମସ୍ତେ ସମାନ । ଘୋର ଶତ୍ରୁ ମୋ ଧ୍ୟାନର । ଆଗେ ଗୁଡାଏ ଲୋକ ଏବଂ ଅନେକ ଖଣ୍ଡି ଖଣ୍ଡି ଭାବ- ଭାବନା ହାଉଳାଉ ହେଉଥିଲେ ଏବଂ ତାକୁ ବାରଂବାର ଘଉଡେଇବାକୁ ପଡୁଥିଲା । ବୟସ ବଢ଼ିଲାରୁ ତାଙ୍କ ସଂଖ୍ୟା ଅବଶ୍ୟ କମି ଆସିଥିଲା, କିଂତୁ ଆପଣା ଇଗୋ ଅଯଥାରେ ମୁଣ୍ଡ ପୂରାଉଥିଲା ମୋ ମନ ଭିତରେ, ଏବଂ ବକର ବକର ହେଉଥିଲା । ଆଃ, କେତେ ଖଂଜରେ ଆସନ୍ତି ଏମାନେ, କେତେ ଛଳି ପୋଷାକ ପିଂଧି, ଏଇ ଅନୁପ୍ରବେଶକାରୀଙ୍କ ଦଳ ।

ପୂର୍ବେ — ପ୍ରଥମେ ଧାରଣା, ତା' ପରେ ଧ୍ୟାନ । ଯାହା ସ୍ୱାମୀଜି କହିଛନ୍ତି । ଧାରଣା ପାଇଁ ନିଜ ଦେହର କୌଣସି ଅଂଶରେ ଅଟକି ଯାଅ, ଯଥା ନିଜର ତାଳୁ, ହୃଦୟ ଇତ୍ୟାଦି, ଯେମିତିକି ମନର ଚେତନା କେବଳ ସେଇ ବାଟ ଦେଇ ଆସିବ । କିଂତୁ ହାୟ,

Digitized by srujanika@gmail.com

ମୁଁ ସେଭଳି କସରତ କରି ପାରିଲି ନାହିଁ । ସେଇଠୁଁ ପରମହଂସଙ୍କ ସହଜ ଉପାୟ ଗ୍ରହଣ କଲି । ତୁମର ପ୍ରିୟଜନ, ସେଇଠୁଁ ତୁମର ପ୍ରିୟ ଠାକୁର- ଠାକୁରାଣୀଙ୍କ ଚେହେରାରେ ଥାପିଦିଅ ମନଟାକୁ, ସେଇଠୁଁ ଦେଖିବ । କିଂତୁ କଣ ଦେଖିଲି ? ଦେଖିଲି.. ବାପା କି ମାଆ କି କୌଣସି ଭାଇ ବନ୍ଧୁ ପ୍ରିୟ ହୋଇ ରହିପାରୁ ନାହାନ୍ତି ବେଶି ସମୟ । ପତ୍ନୀ— ପ୍ରିୟତମା ଅବଶ୍ୟ ଆସିଥିଲେ, ଏବଂ ଥାନ ମାଡ଼ି ବସିଲେ ବେଶ୍ କିଛି ସମୟ ଯାଏଁ, କିଂତୁ ସେ ଥିବା ଭିତରେ ମଧ୍ୟ ବିଭିନ୍ନ ଅଧା-ପ୍ରିୟା, ମିଛ-ପ୍ରିୟା, ଅଣ-ପ୍ରିୟା ଆସି ମୁହଁ ଦେଖେଇ ପଳେଇ ଯାଉଥିଲେ, ଏବଂ ତାଙ୍କୁ ବାରଂବାର ଘଉଡେଇବାକୁ ପଡୁଥିଲା । ପ୍ରିୟ ସଂତାନର ମୁହଁ ବି ଖେଳିଲା ମୋ ସାଂଗରେ, ଏବଂ ହସିଲା ମୋତେ ଥଟ୍ଟା କଲାପରି । ଏବଂ ଏହି ପ୍ରକାର ଛାୟାଛବିର ଉପରେ ତଳେ ଯେତେକ ଉଦ୍‌ଭଟ ଓ ଅସଂଲଗ୍ନ ଭାବ ଭାବନାର ପ୍ରବାହ । ଯଥା, କାଲି ମୋ ହାକିମ ମୋତେ କ'ଣ କହିଲା, ଆଜି ମୁଁ କେମିତି କଚଡାଏ ପଡ଼ିଲି ମିସେସ୍ ମିତ୍ରଙ୍କ ସାମନାରେ, ମାଂକଡ଼ମାନେ କାହିଁକି ଦାନ୍ତ ଗିଜିଡନ୍ତି, ଖୁଶୱନ୍ତ ସିଂହଙ୍କର କଣ ମତ ମାଂକଡ଼ଙ୍କ ପଶ୍ଚାଦ୍‌ଭାଗର ନାଲିରଂଗ ବିଷୟରେ, ରମାକାନ୍ତଙ୍କ କବିତାର ଧାଡ଼ି ' ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତମ ଆଲିଂଗନ' (ତା ସାଂଗକୁ ଗୁଡାଏ ଅସଭ୍ୟ କଳ୍ପନାର ଛବି, ଯାହକୁ କେବଳ 'ଗେଟ୍ ଆଉଟ୍' କହିଲେ ଯଥେଷ୍ଟ ନୁହେଁ, 'ଇଡିଅଟ୍', 'ଷ୍ଟୁପିଡ୍' ଇତ୍ୟାଦି କହି ଘଉଡେଇବାକୁ ହୁଏ), ଇତ୍ୟାଦି । ଫଳରେ ଧ୍ୟାନ ଗଲା ଚୁଲିକୁ ।

ଏବେ — ଭାବ ରୂପ ହାଉଜାଉ ହେଉ ନ ଥିଲେ ଆଗ ଭଳି । ଏତେ ଫେଚକାମି କରୁ ନ ଥିଲେ । ତା ଛଡ଼ା ଯା' ଭିତରେ ମୁଁ ଗୋଟାଏ ନୂଆ ତଥ୍ୟ ଶିଖି ଯାଇଥିଲି ବୌଦ୍ଧ ଶାସ୍ତ୍ରରୁ । ଯେ ଏକାଗ୍ର ହେବାକୁ ଚେଷ୍ଟା କର ନାହିଁ । ଅର୍ଜୁନ ଯେମିତି ଅନେଇଥିଲେ ଘୂରନ୍ତା ମାଛର ଆଖିକୁ । ସେଥିରେ କିଛି ଲାଭ ନାହିଁ । ତୁମ କାମ ହେଉଛି ମନଟାକୁ ଖାଲି କରିଦେବା । କିଛି ନ ଭାବିବା, କିଛି ନ ଦେଖିବା । ଯେମିତିକି ସେ ଆପଣା ଧନରେ ଧନୀ ହୋଇଯିବ । ନିଜର ନିଜତ୍ୱକୁ ଫେରି ପାଇବ । ଯାହାକୁ କହନ୍ତି ମାଇଣ୍ଡଫୁଲ୍‌ନେସ୍, ସଂପୂର୍ଣ୍ଣ ମନର ଅବବୋଧ । ତା ହେଲେ ଦେଖିବ... କିନ୍ତୁ କଣ ଦେଖିଲି ? ଅବଶ୍ୟ କୌଣସି ପ୍ରିୟଜନ ମୋତେ ହଇରାଣ କରୁ ନ ଥିଲେ (ବେଳେ ବେଳେ ମନେ ହେଉଥିଲା ଯେ ମୋର ପ୍ରିୟଜନ ବୋଲି କେହି ନାହାନ୍ତି, ସମସ୍ତେ ଭେଜାଲ), କିଂତୁ ଅଂଧାର ଭିତରକୁ ଆସିଲେ ନାନା ବିଂନ୍ଦୁ, ବୃତ୍ତ, ତ୍ରିଭୁଜ, ଚତୁର୍ଭୁଜର ଦଳ । ଏବଂ ଯେତେକ ଭାବ ଭାବନା ଆପଣା ଇଗୋକୁ ନେଇ — ଦେଖ, ମୁଁ ଧ୍ୟାନ କରୁଛି । ଅଂତତଃ ପଂଦରମିନିଟ୍ ଯାଏଁ କରିବାକୁ ପଡ଼ିବ । କିଂତୁ ଦୂରଦର୍ଶନର 'ତଲାଶ୍' ସିରିୟାଲ ଆସିଯିବ ଯା ଭିତରେ ? ଧ୍ୟାତ୍, ଧ୍ୟାନ ବଡ଼ ନା ସିରିୟାଲ୍ ବଡ଼ ? ମୁଁ ଧ୍ୟାନ କରୁଛି । ମୁଁ ଧ୍ୟାନ କରୁଛି । ଚିନ୍ତା ନାହିଁ, ଡାକେଣିର ଚିଂତା କି ଭାବନାର ଚିଂତା । କେବଳ ଶୂନ୍ୟତା । ଏବଂ ତା ସାଂଗକୁ ପ୍ରାର୍ଥନା । ଅସତୋ ମାଂ

Digitized by srujanika@gmail.com

ସଦ୍‌ଗମୟ... କିଂତୁ ମୋ ସଂସାରରେ କେତେଜଣ ବୁଝନ୍ତି ଯାର ମହତ୍ତ୍ୱ ? ଯେତିକି ବୁଢ଼ା ହେଉଛନ୍ତି, ସେତିକି ଘାରି ହେଉଛନ୍ତି ଛାର ଜମିଜମା ଓ ଘରକରଣାର ହାନିଲାଭକୁ ନେଇ । କିଂତୁ ମୁଁ ସେମିତି ନୁହେଁ । ହେଲେ କେହି ବୁଝୁନାହାନ୍ତି ସେ କଥା ।

ମୋର ଭିନ୍ନତା, ବଡ଼ପଣ । ଛାଡ଼ଃ । ତୁମେ ତ୍ୱମେବ ମାତା ଚ... କଅଣ ପଂଦର ମିନିଟ ହୋଇନାହିଁ ଏତେବେଳ ଯାଏଁ ?..

ଥ୍ୟାଂକ ଗଡ୍ ! ମୁଁ ଉଭୟ ପ୍ରକାର ଶଠତାରୁ ରକ୍ଷା ପାଇ ଯାଇଛି । ବୁଝିଲିଣି ଯାହା ଜୈନ ମୁନିମାନେ କହି ଆସିଛନ୍ତି, ଯେ ଚେଷ୍ଟା କରିବାମାନେ ହିଁ ବିଫଳତାକୁ ଡାକି ଆଣିବା । ଯାହା ଆସିବ, ଆପେ ଆପେ ଆସିବ । ଆସୁ । ଆମର ଖାଲି ଏଇ ଭାସିବା କଥା ।

ଆଃ, କି ଆନଂଦ !

ଗୋପାଳବାବୁ, 'ଆନନ୍ଦ ! ଆନଂଦ ! ' ବୋଲି ହୁରି ପକେଇ ନ ଥିଲେ ଚଳି ଥାଆନ୍ତା, କାରଣ ସେଥିରେ ବୋଧହୁଏ ତାଙ୍କ ମନ ଭିତରେ ଥିବା ଆର ଜଣକ ଚିଡି ଉଠିଲା । କହିଲା —

ଆନଂଦ ?? ଗୋପାଳବାବୁ, ତୁମେ କଣ ତାର ଅର୍ଥ ବୁଝିନାହଁ ଆଜି ଯାଏଁ ? କିଓ, ଭାସମାନତାରେ ସୁଖ ଅଛି ସିନା, ଆନଂଦ କାହିଁ ? ସାଦା ନିର୍ମଳ ସୁଖ ଅଛି, ଯେଉଁଥିରେ ରୋମ ଟାଂକୁରି ଉଠିବାର ଭୟ ନାହିଁ । ଦୌଡ଼ି ଯାଇ କିଛି ଗୋଟାଏ କରିବାର, ଯଥା ଫୁଲଟାଏ ଛିଣ୍ଡେଇବାର କି ଗୁଲୁଗୁଲିଆ ପିଲାଟାକୁ ଟେକି ଆଣି ଚୁମା ଦେବାର ଆତୁରତା ନାହିଁ । ଯେହେତୁ ଆବେଗର ଡଂକ ମୋଡି ହୋଇ ଯାଇଛି ...

ଗୋପାଳବାବୁ ଥମକି ରହିଗଲେ । ସେଇଠୁଁ ହଠାତ୍ ଚେଙ୍ଗି ଉଠିଲେ । କହିଲେ— ନା ! ମୁଁ ମିଛ କିହବି ନାହିଁ । ମୁଁ ମୋ ପୁଲକକୁ ନାସ୍ତି କରି ପାରିବି ନାହିଁ । ମୋର ପ୍ରକୃତରେ ସେମିତି କିଛି କରିବାକୁ ଇଚ୍ଛା ହେଉଛି ...

ଏହି ସମୟରେ ତାଙ୍କର ନିଜ ନାରୀ, ବହୁ ଦିନର ପତ୍ନୀ ତାଙ୍କ ପାଖ ଦେଇ ଗଲେ ପିଲାଙ୍କ ସାଂଗରେ ଦୌଡାଦୌଡି ହୋଇ । ଅତ୍ୟଧିକ ଆନଂଦ ହେତୁ ହେଉ, ବା ଅତ୍ୟଧିକ ରକ୍ତ ସଂଚାଳନ, ତାଙ୍କ ଗୋରା ମୁହଁଟା ଲାଲ ଦିଶୁଚି । ବର୍ଷୀୟସୀ ସୁଂଦର ଦେଖାଯାଉଛନ୍ତି । ସେଇଠୁଁ ସେ ଗୋପାଳବାବୁଙ୍କ ଆଡକୁ ଅନେଇ ଯେମିତି ହସି ଦେଲେ ଟିକିଏ, ଗୋପାଳବାବୁଙ୍କ ଇଚ୍ଛା ହେଲା — ।

ହଁ ମୋର ଇଚ୍ଛା ହେଉଛି । କ୍ଷମା କର, ଏଇ ହେଉଛି ସତ କଥା ...

ତା'ର ଅର୍ଥ ଗୋପାଳବାବୁ, ଯେ ତୁମେ ଜେନ୍‌ତତ୍ତ୍ୱକୁ ପ୍ରକୃତରେ ଆଦରି ପାରୁନାହିଁ । ସୁଖବୋଧ ତୁମକୁ ପିଟା ଲାଗିଲାଣି । ଭାସି ଭାସି ଯିବାରେ ବୋର୍ ହୋଇ ଗଲିଣି ।

ହଉ ହେଲା, ସୁଖ ଯଥେଷ୍ଟ ନୁହେଁ । ମୁଁ ଚାହେଁ ଆନଂଦ । ଆନଂଦରୁ ଉଲ୍ଲାସ । ଏକ୍‌ଷ୍ଟାସି । ହୁଏତ ମୋର ବର୍ଷୀୟସୀକୁ ଆଗ ଭଳି ଭଲ ପାଇବାକୁ ଚାହେଁ, ଉଚ୍ଛଳ ପ୍ରେମ ଦେଇ । ଦେହରେ, ମନରେ, ପ୍ରାଣରେ ...

ସତେ ? ଆଗେ ଦେହରେ ନା ?...

Digitized by srujanika@gmail.com

ହଁ । ମନର ଏଇ ନିତିଦିନିଆ ଚେତନା, ତା'କୁ ଯେତେ ହାଲୁକା ଓ ନିଷ୍କ୍ରିୟ, ଏବଂ ସେହି ଅନୁଯାୟୀ ସୁଖୀ କଲେ ମଧ୍ୟ ସେଇଥିରେ କ'ଣ ମୋର ପେଟ ପୂରିବ ଜୀବନର ବାକୀତକ ? ଶୁଣ, ମୋତେ ଥଟ୍ଟା କରନାହିଁ । ଏଥର ମୁଁ ପାରିବି । ମନଟାକୁ ଉପରକୁ ସିନା ଉଠେଇ ହେଲା ନାହିଁ, ତା'କୁ କଣ ବୁଡେଇ ଦେଇ ପାରିବି ନାହିଁ ? ଉତ୍ତରଣକୁ ସିନା ବଳ ପାଇଲା ନାହିଁ, ନିମଜ୍ଜନ ବି ହବ ନାହିଁ ମୋ ଦେଇ ? ଚିଂତା ହୁଏତ ଦଗା ଦେଲା ମୋତେ, ଧ୍ୟାନ ମୋ ବୋଲ ମାନିଲା ନାହିଁ, ହେଲେ ଚେତନାକୁ କଣ ତୀବ୍ର, ତୀବ୍ରତର, ତୀବ୍ରତମ କରି ହେବ ନାହିଁ, ମହାନଂଦ ପାଇବା ପାଇଁ ? ହୁଏତ (ଏବଂ ସହଜେ) ପହିଲେ ଇଂଦ୍ରିୟ ଦେଇ, ଦେହ ଦେଇ । ହଉ, ସେଇ ବି ପ୍ରଥମ ସୋପାନ ।

ଆଲଡସ ହକ୍‌ସଲି ଯାହା କହିଥିଲେ, ଯେ ଅନୁଭବର ପାରାକୁ ବଢ଼େଇବାକୁ ହେବ, ତା' ହେଲେ ଯାଇଁ ଅବବୋଧର ଦ୍ଵାର ଖୋଲିଯିବ ତୁମ ପାଇଁ । ମେସ୍କାଲିନ ଜାତୀୟ ଡ୍ରଗ ମଧ୍ୟ ତୁମ କାମରେ ଲାଗିପାରେ ... ।

ଡି.ଏଚ୍.ଲରେନ୍‌ସ ଯାହା କହିଥିଲେ, 'ରକ୍ତର ଦୀକ୍ଷା' ନେଇ ଆଧ୍ୟାତ୍ମିକ ହେବା ପାଇଁ ... କଲିନ ଉଇଲସନ ଯାହା କହିଛନ୍ତି, ଯେ ନିତିଦିନିଆ ଚେତନା ଗୋଟାଏ ମସ୍ତ ମିଛୁଆ, ମନର ଘେର ଏତେ ସୀମିତ ନୁହେଁ, ହୋଇ ନ ପାରେ ...

ଭଗବାନ ରାଜନୀଶ ଯାହା କହିଛନ୍ତି, ଯେ ସଂଭୋଗରୁ ସମାଧି ଲାଭ କରିବା ଭୁଲ୍ କି ଖରାପ ବାଟ ନୁହେଁ...

ସେମାନେ ତ' ସମସ୍ତେ ଇଂଦ୍ରିୟକୁ ଉତ୍ତେଜିତ କରି ମଧ୍ୟ ତା'ର ଦାସ ହୋଇ ନାହାନ୍ତି ଏବଂ ସେଇ ବାଟେ ପାଇଛନ୍ତି, ଯାହା ପାଇ ହେବ ଜୀବନରେ ? ତା' ହେଲେ ମୁଁ କାହିଁକି ପାରିବି ନାହିଁ ?

ନା, ମୁଁ ଡୁବ ଦେବି । ଚିଂତା ନ ହେଲା ନାହିଁ । ଅଂତତଃ ଏଇ ଇଂଦ୍ରିୟକୁ ଉତ୍ତେଜିତ କରି, ଅଳପେଇଷା ମନଟାରେ ସତକୁ ସତ ନିଆଁ ଲଗେଇ... । ମୋର ଚଳିବ ନାହିଁ ତମ ଶେଷ ସୁଂଦର ସୁଖ । ଅର୍ଦ୍ଧ - ଅନୁଭବର ଦୁଃଖ । ଭକ୍ତକବି ଆକ୍‌କା ମହାଦେବୀ କହିଲାପରି — ଆକାଶର ଗହୀରକୁ କ'ଣ ଛଂଚାଣ କେବେହେଲେ ବରି ପାରିବ, ଜହ୍ନ ପରି ?

X X X

ରାତି ପରଦିନ ସକାଳେ ଗୋପାଳବାବୁଙ୍କୁ ଅବଶ୍ୟ ଭଲ ଲାଗୁଥିଲା । କିଂତୁ ସେ ଜାଣିଥିଲେ ଯେ ଏଇ ଭଲ ଲାଗିବା ପୁଣି ତାଙ୍କୁ ଚିଟା ଲାଗିବ । ମନେ ହେବ ଯେ, ତୃପ୍ତି, ଅର୍ଥାତ୍ ଦେହର ତୃପ୍ତି ପରେ ଅବସାଦ ଆସିବା ସ୍ୱାଭାବିକ । ମନେ ପଡ଼ିବ - 'ନାହଂ ଦେହୋ ନ ମେ ଦେହୋ...' ଇତ୍ୟାଦି । କିଂତୁ ସେ ଏହା ମଧ୍ୟ ଜାଣିଥିଲେ ଯେ ସେ ହାରିବେ ନାହିଁ । କାରଣ କାମ୍ୟୁ କହିଲା ପରି, ସଂସାରଟା ଆବସର୍ଡ୍ ହୋଇପାରେ, କିନ୍ତୁ ମଣିଷ ନୁହେଁ । ଯେହେତୁ ସ୍ରଷ୍ଟାଙ୍କ ପ୍ରାଣୀମାନଙ୍କ ଭିତରେ ସେଇ ଏକା ଜିଦି କରି ବସିଛି ବଂଚିବାର ଅର୍ଥ ବାହାର କରିବ ବୋଲି । ଆଜି ନ ହେଲେ କାଲି, କାଲି ନ ହେଲେ ଆର ଜନ୍ମକୁ ।

Digitized by srujanika@gmail.com

ସତ ଉପୁଜିବ ସତରକୁ

କିଏ ଜାଣିଥିଲା ଯେ ଆମୋଦ ଚାହୁଁ ଚାହୁଁ ବିପଦ ବୋଲି ମନେ ହେବ ଏବଂ ଏଭଳି ଭୟ ଆଣିଦେବ ଗୋପାଳବାବୁଙ୍କ ମନରେ ?

ଆମୋଦ ଆସିଲା, ଯେତେବେଳେ ନାତି ଟୋକା ରିଂଗୋ ତାଙ୍କ କାହାଣୀ ଶୁଣୁ ଶୁଣୁ ହଠାତ୍ ଠିଆ ହୋଇ ପଡ଼ିଲା ଏବଂ କହିଲା, '' ନୋ ଫିଅର୍ସ୍ ! ମୁଁ ଯାଉଛି ତାକୁ ଖତମ୍ କରିଦେବି । କଅଣ ବୋଲି ପାଇଛନ୍ତି କି ଆମ ଅଜାକୁ ? ଅବିକା । ରାଇଟ୍ ନାଓ ! ''

କିନ୍ତୁ ବିପଦର ଘଣ୍ଟି ବାଜିଲା ତାଙ୍କ ମନରେ ଯେତେବେଳେ ସେ ସେଇଠି ଠିଆ ହୋଇ ଫିସ୍‌ଫିସ୍ ହେଲା କେଉଁ ଅଦୃଶ୍ୟ ଶତ୍ରୁ ଉଦ୍ଦେଶ୍ୟରେ । କେତେଗୁଡ଼ିଏ ଖରାପ ଶବ୍ଦ, ଯଥା 'ବ୍ଲଡି ବାଷ୍ଟାର୍ଡ' ଏବଂ 'ହ୍ୟାପ ଶଳା ' ଛଡା (ତା'ଠାରୁ ମଧ୍ୟ କେଇଟା ମାରାତ୍ମକ ଶବ୍ଦ ଶୁଣିଲା ପରି ମନେ ହେଲା ଏବଂ ଗୋପାଳବାବୁ ତାଙ୍କ କାନକୁ ବିଶ୍ୱାସ କରିପାରିଲେ ନାହିଁ), ତା'ର ପୈଶାଚିକ ତଳମୁହାଁ ଚାହାଣି ଏବଂ ପ୍ରଜ୍ୱଳିତ ଫିସ୍-ଫିସ୍ ମାରଣର ମନ୍ତ୍ର ପଢ଼ିଲା ପରି, ସେଇଥିରେ ସେ ଡରିଗଲେ । ଏବଂ ତାଙ୍କ ଭୟ ତଥାପି ତୁଟିଲା ନାହିଁ, ଯେତେବେଳେ ରିଂଗୋ ତା'ର ମନ୍ତ୍ରପଢ଼ା ଶେଷ କରି ହସି ଉଠିଲା ହୋ' ହୋ' ହୋଇ । ତାଙ୍କର ମନେ ହେଲା ଯେ ଏଇ ହସ ବି ପୈଶାଚିକ !

ମୋତେ କୁହ ନାହିଁ ଯେ ଟୋକା ରାକ୍ଷସର ପାର୍ଟ କରୁଛି । ଯେ ସେ ଗୋଟାଏ ବିରାଟ ଅଭିନେତା ହେବ । ଇତ୍ୟାଦି । ଯାକୁ ହିଁ କହନ୍ତି ହିଂସ୍ରତା । ଏବଂ ପ୍ରତିରକ୍ଷା ପାଇଁ ନୁହେଁ, କାରଣ କୋଉ ସାପ କି ସିପାହୀ ପ୍ରକୃତରେ ନ ଥିଲା ତା' ସାମ୍ନାରେ,ଆଉ ତା'କୁ ମାରିବାକୁ ବସି ନ ଥିଲା । ତେଣୁ ଇଏ ହେଉଛି ହିଂସ୍ରତାର ଉପଭୋଗ, ତାହା ଯେତେ ମିଛିମିଛିକା ହେଉ ପଛେ । ସେ ଯେଉଁ ଚାହାଣୀ ! ଯେ ଯେଉଁ ଫିସ୍ ଫିସ୍ ! ସତେକି... ସତେକି....

(ସତେକି ଯା'କୁ ସ୍ୟାଡିଜିମ୍ ବୋଲି ବି' କହିହେବ, ନୃଶଂସ ସେକ୍ସର ଉପଭୋଗ)

ନା ! ରିଂଗୋ ମୋରି ନାତି । ଏବଂ ମୋରି ସୁକୁମାରୀ, କହିବାକୁ ଗଲେ ନାକ କାନ୍ଦୁରୀ, କୋମଳ ଭାବରେ ସରି ଯାଇଥିବା ଝିଅର ପୁଅ । ମୋ କ୍ୱାଇଁ ବି' ଶାନ୍ତଶିଷ୍ଟ

Digitized by srujanika@gmail.com

ମଣିଷଟିଏ । ତେଣୁ ତା'ର ଜିନ୍ସ୍ (genes) ରେ କୌଣସି ଅବିଗୁଣ ନାହିଁ । ଆଠ ବର୍ଷ ନ ପୂରୁଣୁ ତା'ର ଏଇ ହିଂସାଭାବ, ଇଏ ହେଉଛି ଗୋଟାଏ ବିକୃତି, ସଂକ୍ରାମକ ବ୍ୟାଧି, ଏବଂ ସେଥିପାଇଁ ଦାୟୀ ହେଉଛି ଆମର ଅପସଂସ୍କୃତି, ଟି.ଭି.-କମିକ୍ସର କଲଚର୍ । ଆଉ କିଛି ନୁହେଁ , ଆଉ କିଛି ନୁହେଁ...

କିନ୍ତୁ ସେଥିରେ ଏମିତି ଛାନିଆ ହେବାର କ'ଣ ଅଛି ଗୋପାଳବାବୁ ? କଥା ହେଉଛି, ତୁମର ମନେ ହେଲା ଯେ ସଂସ୍କୃତି ହେଉ କି ବାପ ଅଜାଙ୍କ ଜିନ୍ସ୍, ଏହାହିଁ ଅସଲ ଚେହେରା ତୁମ ନାତିର । ଅର୍ଥାତ୍ ତୁମ ଉତ୍ତରାଧିକାରୀ ଭବିଷ୍ୟତର । ହୁଏତ ଖାଲି ତୁମର ନୁହେଁ. ସାରା ମଣିଷ ଜାତିଙ୍କ ଭବିଷ୍ୟତ ଏମିତି ଦେଖିବାକୁ । ହେଲେ ସେଥିରେ କୋଉ କମିଯିବ ତୁମ ଛାତି ଧୁଡୁଧୁଡୁ ?

କମ୍ଫୁ ନାହିଁ । ତେବେ ମୁଁ ଏତେ ସହଜରେ ନାତି କିମ୍ବା ଭବିଷ୍ୟତକୁ ଦୋଷୀ କରିବାକୁ ଚାହେଁ ନାହିଁ । ଅବଶ୍ୟ ମୋତେ ଡର ମାଡୁଛି । ଅନେକ ଅଜା ଆଇ ଏବଂ ବିଭିନ୍ନ ସାହିତ୍ୟିକ, ଇତିହାସବିଶାରଦ, ସମାଜବିତ୍, ସାମ୍ବାଦିକ ଓଗେର ମଧ୍ୟ ମୋର ଏହି ଭୟର ପୃଷ୍ଠପୋଷକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କ'ଣ ନା ସଂସାରଟା ରସାତଳକୁ ଯାଉଛି ! ପ୍ରାଚୀନ ଗ୍ରୀସ୍‌ର ପ୍ଲାଟୋ ମଧ୍ୟ ସେଇଆ କହିଥିଲେ ଏବଂ ଗୋଟାଏ ହାସ୍ୟାସ୍ପଦ ସୁପାରିଶ କଲେ ଯେ ଦାର୍ଶନିକମାନଙ୍କୁ ରାଜା କରିଦିଅ । ହେଲେ ସେହି ପ୍ଲାଟୋଙ୍କର ବିଶ୍ୱାସ ଥିଲା, ଦମ୍ଭ ଥିଲା ଯେ ଯଥାକ୍ରମେ ମୋଡ ବଦଳିଯିବ, କାରଣ ତାହା ହିଁ ସୃଷ୍ଟିର ଉଦ୍ଦେଶ୍ୟ । ଜଡବସ୍ତୁରୁ ଚିନ୍ତନସ୍ୱର୍ଗରେ ପହଞ୍ଚିବାର ଜୟଯାତ୍ରା । କେଉଁଠୁ ସେ ଦମ୍ଭ ଆସିଲା ତାଙ୍କର, ଉପସ୍ଥିତ ବର୍ତ୍ତମାନକୁ ଅଗ୍ରାହ୍ୟ କରିବାର ଜିଦ୍‌ଜିରେ ? ଯୁଗେ ଯୁଗେ ଅନ୍ତତଃ ଇତିହାସର ଗତ ଅଢ଼େଇ ହଜାର ବର୍ଷ ଭିତରେ ଏମିତି କେତେ କିଏ ଡରେଇ ଆସିଛନ୍ତି ଆମକୁ । ବିଶେଷତଃ ଯନ୍ତ୍ରଶିଳ୍ପ ବିପ୍ଳବ(Industrial Revolution) ର ପରେ ପରେ ଯେତେବେଳେ ରୋମାଣ୍ଟିକ୍ କବିମାନଙ୍କ ଶ୍ୱାସରୁଦ୍ଧ ହେଲା ତା'ର ବିଷାକ୍ତ ବାଷ୍ପରେ । ଅଥଚ ତାଙ୍କରି ଭିତରୁ ଜଣେ ନିଃସଙ୍କୋଚରେ ଘୋଷଣା କଲେ ଯେ କବିମାନେ ହିଁ ସଂସାରନୀତିର ବିଧାୟକ ! ଗୋଟାଏ ' ମାର ପଛେ ମୁଁ ମରିବି ନାହିଁ'ର ଟାଣ, ତାକୁ ଦମ୍ଭ କୁହ କି ପ୍ରଗଲ୍‌ଭତା. ଅଥବା କବିସୁଲଭ ବାଚାଳତା । ଦି' ଦି'ଟା ବିଶ୍ୱଯୁଦ୍ଧ ପରେ, ବିଶେଷତଃ ପରମାଣୁ ବୋମାର ଆବିର୍ଭାବ ପରେ ଧ୍ୱଂସଭୟ ପୁଣି ମାଡ଼ି ବସିଛି ଆମମାନଙ୍କୁ ଏବଂ ବେଳେ ବେଳେ ମନେ ହୁଏ ଯେ ମଣିଷର ଚେହେରା ଚରିତ୍ର ପୂରାପୂରି ବଦଳିଯିବ, ନାଶ ପାଇବା ପୂର୍ବରୁ । କିନ୍ତୁ ଇଏ ମିଛ ଭୟ । ମିଛ ନ ହେଲେ ବି ଅର୍ଦ୍ଧସତ୍ୟ । ଗୋପାଳବାବୁ କହିଲେ ଯେ ସେ ଦାର୍ଶନିକ ନୁହନ୍ତି ପ୍ଲାଟୋଙ୍କ ପରି; କି କବି ନୁହନ୍ତି ଟେନିସନ୍‌ଙ୍କ ପରି, ତେଣୁ ତାଙ୍କର କୌଣସି ଅଧିକାର ନାହିଁ କବିପଣର ଆଣ୍ଡ ଦେଖେଇବେ କିମ୍ବା ସ୍ୱପ୍ନ ଦେଖିବେ । ତଥାପି ମୋ ମନ ମାନୁନାହିଁ, ସେ କହିଲେ । ମୋର କ୍ଷୁଦ୍ର ବୁଦ୍ଧି, ମୋର ସ୍ୱଳ୍ପ

Digitized by srujanika@gmail.com

ଜ୍ଞାନ, ମୁଁ ତାକୁ ମଧ୍ୟ ଅସ୍ୱୀକାର କରି ପାରିବି ନାହିଁ ଏବଂ ସେଇଥାକୁ ନେଇ ମୁଁ ମୋ ଭୟ ଉପରେ ସବାର୍ ହୋଇ ପାରିବି । ସେଇଠୁ ସେ ତାଙ୍କ ନାତିକୁ ହେଜିଲେ ଏବଂ ଯୁକ୍ତି ବାଢ଼ିଲେ ତା'ର ଉଜ୍ଜଳ ଭବିଷ୍ୟତ ସପକ୍ଷରେ ।

ଦେଖିପାର ଯେ ସେ ମୋଠୁ ଯଥେଷ୍ଟ ଡେଙ୍ଗା ହେବ, ତା' ବାପାଠାରୁ ବି', ଯାହା ଜଣା ପଡୁଛି ଏଇକ୍ଷଣି । ଆଜିକାର ହାରାହାରୀ ନାତିନାତୁଣୀଙ୍କ ପରି । ସନ୍ଦେହ ନାହିଁ ଯେ ସେ ମୋଠୁ ବେଶୀ ବୁଦ୍ଧିଆ ହେବ । ଏଇ ବୟସରୁ ସେ ଯେମିତି ସ୍ମାର୍ଟ ହେଲାଣି, ନବାବ ପୁଅକୁ ଜବାବ୍ ଦେଇ ପାରୁଛି, ଲେଖି ଦେଇ ପାରୁଛି ଯେ ବୁଶ୍ ହାରିବ କ୍ଲିଣ୍ଟନ ଜିତିବ, ସଦ୍ଦାମ ହୁସେନ୍‌କୁ ଜିତିଗଲା ସିନା ଏଇଥର ବୁଢ଼ା ମରିବ, ଏଣେ ଲେଖାପଢ଼ାରେ ଦୋରସ୍ତ ବଢ଼ିଆ ଇଂରାଜିରେ (ବଢ଼ିଆ ମାନେ ପଣ୍ଡିତିଆ ନୁହେଁ ଆମ ବେଳ ପରି, ରସ ବୋଧ, ସାଙ୍ଗକୁ ଛବିଳ ଭାଷା, ଜୋକ୍ ପରେ ଜୋକ୍) ଚିଠି ଲେଖି ପାରୁଛି ତା' ଅଜା ପାଖକୁ, ଏଇଥିରୁ କ'ଣ ଜଣା ପଡୁନାହିଁ ଯେ ସେ ବୁଦ୍ଧିରେ ବଳିଯିବ ତା' ବାପଅଜାଙ୍କୁ ? ରୁହ, ମୁଁ ଜାଣେ ତୁମେ କ'ଣ କହିବାକୁ ଯାଉଛ । ବୁଦ୍ଧି ଓ ଜ୍ଞାନ ଏକା କଥା ନୁହେଁ । ତା' ଉପରକୁ ଅଛି ବିଜ୍ଞତା । କିନ୍ତୁ ତୁମେ ଭୁଲି ଯାଉଛ ଯେ ତା' ବୁଦ୍ଧିକୁ ସାହାଯ୍ୟ କରିବ ଆଜିକା କାରିଗରି ବିପ୍ଳବ(Technological revolution) ର ସର୍ବଶ୍ରେଷ୍ଠ ଅବଦାନ : କଂପ୍ୟୁଟର୍ । ଯାହାକି ଜ୍ଞାନ ସମୁଦ୍ରକୁ ମନ୍ଥନ କରି ଆଣିବ ଏବଂ ସାରସଂକ୍ଷିପ୍ତ ତଥ୍ୟ ଆଣି ଥୋଇଦେବ ମୋ ନାତିର ହାତରେ । ସେଣିକି ବୁଦ୍ଧିଆ ଠିକଣା କରିବ ସେ କୋଉବାଟେ ଯିବ ସଫଳ ହେବା ପାଇଁ । ରେଡିମେଡ୍ ବିଜ୍ଞତା ମିଳିଯିବ ତା'କୁ । ଆଉ କ'ଣ ଦରକାର ?

ନା, ସବୁ ଠିକ୍ ଅଛି । ମୋ ନାତି ତଥା ପୃଥିବୀର ଯେତେକ ନାତିନାତୁଣୀଙ୍କର । କିଓ, ଏତିକି ବୁଝୁନାହଁ ? ଯଦି ପ୍ରକୃତରେ ପୃଥିବୀ ରସାତଳକୁ ଖସୁଥାଆନ୍ତା, ଖସି ଚାଲିଥାଆନ୍ତା, ଏଇ ଦି' ହଜାର କି ତିନି ହଜାର ବର୍ଷ ହେଲା, ତା' ହେଲେ ସେ କେତେ ତଳକୁ ଖସି ଯାଆନ୍ତାଣି ଏତେବେଳକୁ ? ମଣିଷଗୁଡାକ ବଞ୍ଚିଥାଆନ୍ତେ କୋଉଠୁ ? ସନ୍ତରାବନରେ ଯଦୁବଂଶ ପରି ପରସ୍ପରକୁ କୋକୁଆ ମନେ କରି ମରାମରି ହୋଇ ଧ୍ୱଂସ ହୋଇ ଯାଇ ନ ଥାଆନ୍ତେ ? ଅତଏବ ଲଜିକ କହୁଛି ଯେ ପୃଥିବୀ କେତେ ଉପରକୁ ଉଠିଛି କି ନ ଉଠିଛି ତା'ର ବିଚାର ପରେ, କିନ୍ତୁ ଅନ୍ତତଃ ତଳକୁ ଖସିନାହିଁ ।

ଉପରକୁ ଉଠିବା ହିଁ ସ୍ୱାଭାବିକ । ଆଚ୍ଛା, ଯଦି ନିର୍ବିବାଦରେ କୁହାଯାଇପାରେ ଯେ ଜ୍ଞାନବିଜ୍ଞାନଜନିତ ବୁଦ୍ଧିବିଚାରର ପରିସର ବଢ଼ିଛି (ଯାହାର ଜ୍ୱଳନ୍ତ ପ୍ରମାଣ ହେଉଛି ମୋ ନାତି), ତା' ହେଲେ ଭାବାବେଗର ଚେହେରା କ'ଣ ସେହି ଅନୁଯାୟୀ ଝଳି ଉଠିବା ଯୁକ୍ତିଯୁକ୍ତ ନୁହେଁ ? ପ୍ରେମ, ପ୍ରୀତି, ଦୟା, କରୁଣା ଆଦି ଭାବ କେବଳ ଧର୍ମାନୁମୋଦିତ ନୁହେଁ, ତାହା ମଧ୍ୟ କମନ୍‌ସେନ୍‌ସ, ତୁଚ୍ଛା ସାଧାରଣଜ୍ଞାନ । ତେଣୁ ମଣିଷ କାହିଁକି ଅଯଥାରେ

Digitized by srujanika@gmail.com

ରାକ୍ଷସ ହେବାକୁ ଚାହିଁବ, ଏବଂ ନିଜ ବେକରେ କଟୁରୀ ଦେବ ? ତା'ଛଡ଼ା ପ୍ରଗତିର ଗୋଟାଏ ଲାଇନ୍ ପୂର୍ବକୁ ଯିବ ତ ଆରଟା ପଶ୍ଚିମକୁ, ଏମିତି କୋଉଠି ହେଲାଣି ?

ଗୋପାଳବାବୁ ଦୋହରାଇ ହେଲେ ଯେ ସବୁ ଠିକ୍ ଅଛି ଏବଂ ଭାବିଲେ ଯେ ଟୋକାର ହିସାଂରୂପ, ଯାହାକି ମୋଟେ ଖାପ୍ ଖାଉନାହିଁ ଏଇ ବୁଦ୍ଧିଜ୍ଞାନର ପ୍ରତିଶ୍ରୁତି ସାଙ୍ଗରେ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବା ଉଚିତ ନୁହେଁ । ଅର୍ଥାତ୍ ସିଏ ଛାଏଁ ଛାଏଁ ବଦଳିଯିବ । ଖାଲି ଅଳ୍ପବହୁତ 'ଔଷଧ' ଯୋଗାଇ ଦେଲେ, ଯାହାକି ତା'ର ପ୍ରାପ୍ୟ, ତା'ର ବାପଅଜା ତଥା ସମାଜଠାରୁ । ଆମକୁ ବୁଝିବାକୁ ହେବ ଯେ କେଉଁଥିପାଇଁ ନାତିକୁ ଏମିତି ଭଲ ଲାଗୁଛି ରାକ୍ଷସ ହେବା ପାଇଁ ।

ସେଇଠୁ ସେ ସ୍ଥିର କଲେ ଯେ ଜିନ୍‌ସର ଦୋଷ ତ୍ରୁଟି ହେଉ ବା ଅପସଂସ୍କୃତି (ସଂସ୍କୃତି ଜିନ୍‌ସକୁ ବଦଳେଇ ଦେଇ ପାରେ ସେ ଥିଓରି ମଧ୍ୟ ଅଛି), ଦୋଷ ମୋଟ ଉପରେ ଆମରି । ସଚେତନ ବୁଦ୍ଧିବାଜୀ ମଣିଷଙ୍କର, ଯେଉଁମାନେ ଇଚ୍ଛା କଲେ ତାଙ୍କ ନାନା ଭାବଗତ ଦୁର୍ବଳତାକୁ ଦବେଇ ଦେଇ ପାରି ଥାଆନ୍ତେ, ତାକୁ ବାଧ୍ୟ କରି ଥାଆନ୍ତେ ସିଧା ବାଟରେ ଚାଲିବା ପାଇଁ । ବୁଦ୍ଧିଜ୍ଞାନ ସାଙ୍ଗରେ ପାଦ ମିଳେଇ ।

ଯଥା, ମୋରି ଦୋଷ, ମୁଁ ଯେଉଁ ଯେଉଁ କାହାଣୀ କହିଲି ଓ ଯେଉଁ ଭାବରେ କହିଲି, ମୋର ତୃତୀୟ ପୀଢ଼ିର ଶ୍ରୋତାମାନଙ୍କୁ ଚମତ୍କୃତ କରିବା ପାଇଁ । ଯେମିତିକି ସେମାନେ ଭାବିବେ ଯେ ମୁଁ ହିରୋ ନ ହେଲେ ମଧ୍ୟ ହିରୋଯୁଗର ଲୋକ । ୧୯୪୨ର ଅଗଷ୍ଟ ବିପ୍ଳବ ବେଳେ ମୁଁ ମଧ୍ୟ ଇଂରେଜ ସିପାହୀଙ୍କଠାରୁ ଚାବୁକ୍ ଖାଇ ରାସ୍ତାରୁ ଇଟା ପଥର ହଟେଇ ନେବାକୁ ବାଧ୍ୟ ହେଲି, ମୋ ହଷ୍ଟେଲର ଅନ୍ୟ ଛାତ୍ରମାନଙ୍କ ସାଙ୍ଗରେ ମିଶି । ଇଏ କେବଳ ଗୋଟାଏ ଅଭିନବ, ତେଣୁ ସ୍ମରଣୀୟ, ଘଟଣା ନୁହେଁ ପିଲଙ୍କୁ ଶୁଣେଇବା ପାଇଁ । ମୁଁ ପ୍ରକାରାନ୍ତରେ ଜଣେଇ ଦେଲି ଯେ ମୁଁ ମଧ୍ୟ ସହିଛି, ମୁଁ ମଧ୍ୟ ଲଢ଼ିଛି । ବୀର ବନିଛି । କୋଉଥିପାଇଁ, ନା ଦେଶର ସ୍ୱାଧିନତା ପାଇଁ । ବଡ଼ ବଡ଼ ହରଫ୍‌ରେ ଲେଖା 'ଦେଶ' ଓ 'ସ୍ୱାଧିନତା' । ତଥା 'ବୀରତ୍ୱ' ।

ମୋତେ ଯଦି କିଏ ବାନ୍ଧି ପକେଇଲା ଓ ମୋତେ ସେଥିରେ କଷ୍ଟ ହେଉଛି, ମୁଁ ତ ସହଜେ ଚାହିଁବି ସେଥିରୁ ମୁକୁଳି ଆସିବି ବୋଲି । ତା ସାଙ୍ଗକୁ 'ବୀରତ୍ୱ' ବୋଲି ଗୋଟିଏ ବସ୍ତୁ ଆସିଲା କେଉଁଠୁ ? ଏବଂ କ'ଣ ସେ ଜିନିଷଟି ? ସେହିପରି 'ଦେଶ', ତଦୁପରି 'ଭାରତମାତା' ଆଦି ବସ୍ତୁର ରୂପରେଖା କଅଣ ? ସ୍ୱାଧିନତା କ'ଣ ପ୍ରାଣୀର ସୁଖବୋଧ ପାଇଁ ନୁହେଁ, କେବଳ କେଉଁ ପୁଣ୍ୟ ଅର୍ଜିବାର ମନ୍ତ୍ର ? ଯାହାର ଶେଷ କଥା ହେଲା ଶହୀଦ୍‌ପଣିଆ, ମୃତ୍ୟୁଲୋଭ ?

ବୀରତ୍ୱ ଯେଉଁଠି, ହିଂସା ସେଇଠି । ନାତି ଟୋକା ତେଜି ଉଠିଲା, କାହିଁକିନା ସେ ଭାବିଲା ସେ ବି' ଗୋଟାଏ ବୀର ହେବ ଅଜାଙ୍କ ପରି । ଏବଂ ତା'ର ପହିଲା କାମ ହେଲା

Digitized by srujanika@gmail.com

ତାଙ୍କ ଶତ୍ରୁମାନଙ୍କୁ ଖତମ୍ କରିଦେବ । ଯା'କୁ ପିଲାଳିଆମି କହିପାର, କିନ୍ତୁ ଭାବିବା ବିଷୟ ଯେ ମୁଁ ବୀରତ୍ୱ ଓରଫ୍ ପ୍ରତିହିଂସା ଓରଫ୍ ହିଂସାର ଅନ୍ୟତମ ବୀଜ ପୋତି ଦେଲି ତା'ର ମନରେ ଯାହାକି ଅଧିକ ଇଂଧନ ଯୋଗାଇବ ତା'ର ଭବିଷ୍ୟତକୁ 'ତେଜିବା' ପାଇଁ । ନାନାବିଧ କାର୍ଯ୍ୟ କରିବାପାଇଁ, ବୀରତ୍ୱ ସହକାରେ । ଯଥା :-

— ବସ୍‌ଭଡ଼ା ବୃଦ୍ଧି ନାମକ ଘୋର ଅନ୍ୟାୟର ପ୍ରତିବାଦ କରି ଅତ୍ୟାଚାରୀ ସରକାରର ବସ୍ ଜିପ୍ ଆଦି ସମ୍ପତ୍ତିକୁ ଜଳେଇ ଦିଅ ।

— ସୁପ୍ରିମ୍‌କୋର୍ଟ ରାୟର ଘୋର ଅବିଚାର ବିରୁଦ୍ଧରେ ଶୋଇପଡ଼ ରେଳ ଲାଇନ୍ ଉପରେ । ଚ୍ୟାଲେଞ୍ଜ କର ଟ୍ରେନ୍‌ର ଚକ ତଥା ପୋଲିସ୍‌ର ଗୁଳିକୁ ।

ଏବଂ ଯଦି ସେ ଧାର୍ମିକ ବନିଯାଏ, ପଞ୍ଜାବ ଜାତୀୟ ହେଉ କି ଅଯୋଧ୍ୟା ଜାତୀୟ, ତାହା ହେଲେ ତ କଥା ସରିଲା ।

ଆଉ କେମିତି ଭଲା ବୀର ହୋଇ ପାରିବ ମଣିଷ, ଏଇ ସ୍ୱାଧୀନୋତ୍ତର ଭାରତରେ ? ଏବଂ ବୀର ନ ହେଲେ ଲାଭ କ'ଣ ବଞ୍ଚି ରହି ? ବୋର୍ ହେବା ପାଇଁ ?

ଶବ୍‌ଦ, ଶବ୍‌ଦ, ଶବ୍‌ଦ । ଭାବାବେଗରେ ବୋଝେଇ ହୋଇଥିବା ନିରର୍ଥକ ଶବ୍‌ଦର ଅତ୍ୟାଚାର । ଦ୍ୱିତୀୟରେ ଗୋଷ୍ଠୀ ମନୋଭାବ । ଯେମିତିକି ମହାନ ଗୋଷ୍ଠୀ-ସ୍ୱାର୍ଥର ଆଳରେ ତୁମର ମନ୍ଦ ପ୍ରବୃତ୍ତିଗୁଡାକ ଚରିତାର୍ଥ ହୋଇ ପାରିବ । ଧୂଳେଇ ହୋଇ ଯିବ କଳାଧନକୁ ଧଳା କଲାପରି । ଗୋପାଳବାବୁ ବିଚାରିଲେ ଯେ ମୁଖ୍ୟତଃ ଏଇ ଦୁଇଟି କାରଣରୁ ମଣିଷ ଏମିତି ଆତ୍ମଘାତୀ କାମ କରୁଛି ତା' ବୁଦ୍ଧିର ସାନକୁହା ନ ମାନି । କେତେକ ବିଶିଷ୍ଟ ଚିନ୍ତକ ମଧ୍ୟ ସେଇଆ କହନ୍ତି । ଯାହା ମିଶି ଯାଉଛି ଆପଣା ଅନୁଭୂତି ସାଙ୍ଗରେ । ମନେ ପଡ଼ିଲା—

ଇଂରେଜ ସିପାହୀଙ୍କଠାରୁ ମାଡ଼ ଖାଇବା କଥା ଛାଡ଼ିଦିଅ । ସେତେବେଳକୁ ମୁଁ ତ ଏମ୍.ଏ ପଢ଼ିଲିଣି ଏବଂ ଥିଲି ଓଡ଼ିଶା ବାହାରେ, ଯେଉଁଠି ରକ୍ଷଣଶୀଳ ପରିବାରର ଲମ୍ବା ହାତ ମୋତେ ଛୁଇଁ ପାରିବ ନାହିଁ ବୋଲି ମନେ ହେଉଥିଲା । ସେଇ ଲାଗି ମୁଁ ସିପାହୀ କଥା ମାନିଲି ନାହିଁ ଏବଂ ମାଡ଼ ଖାଇଲି । ବୀରତ୍ୱର ପରିଚୟ ଦେଲି । କିନ୍ତୁ ଆହୁରି କଞ୍ଚା ବୟସରେ, ଯେତେବେଳେ ମୁଁ କଲେଜରେ ନାଆଁ ଲେଖେଇଥିଲି, ଓଡ଼ିଶାରେ ଥିଲି, ଏବଂ ମୋର ଅଭିଭାବକ ଥିଲେ ଜଣେ ଅତି ପାର୍ଥିବ ରକ୍ଷଣଶୀଳ ପିତୃବ୍ୟ, ସେତେବେଳେ କ'ଣ ହେଲା ? ସେତେବେଳେ ମୁଁ ବି କାହିଁକି କ୍ଲାସରୁମ୍ ସାମନାରେ ପିକେଟିଂ କଲି, କଲେଜ ଷ୍ଟ୍ରାଇକ୍ ବେଳେ ? କୋଉ ଆଇନ୍ ପ୍ରଫେସରଙ୍କୁ ବଦଳି କରାଗଲା ବି ତଡାଗଲା, ସେଥିରେ ମୋର କିମ୍ବା ମୋ ଆଇ.ଏ ପାଠର କ'ଣ ଯାଏ ଆସେ ? କହିପାର ମୁଁ ଗୋଟାଏ ହୋ'ରେ ମାତି ଗଲି । କିନ୍ତୁ ସେଇ 'ହୋ' ପଛରେ ଥିଲା କେତେଗୁଡିଏ ମାରାତ୍ମକ ଶବ୍‌ଦର ତାଡନା । 'ଗଣତନ୍ତ୍ର', 'ଛାତ୍ରଶକ୍ତି' ଇତ୍ୟାଦିର ସିପାହୀ ହୋଇ 'ଅମଲାତନ୍ତ୍ର', 'ସାମ୍ରାଜ୍ୟବାଦ' ଇତ୍ୟାଦିର ବିରୁଦ୍ଧରେ ଲଢ଼ିବାର ବୀରତ୍ୱ । ଭାବିଲି, ମୁଁ କ'ଣ ଏତେ ଭୀରୁ ଯେ ମୋର

Digitized by srujanika@gmail.com

ମରହଟ୍ଟୀ ବଡ଼ବାପାଙ୍କ ପୁତୁରା ହୋଇ ରହିବି ଏବଂ ଏଭଳି ଏକ ମହତ୍ ଉଦ୍ଦେଶ୍ୟ (Cause)ର ଆହ୍ୱାନରୁ ଦୂରେଇ ଯିବି ? ବଡ଼ହେଲାରୁ ମୋର ବୁଦ୍ଧିବୃତ୍ତି ବଢ଼ିଲା, ତେଣୁ ମୁଁ ଏମିତି ହମହମ ହେଲି ନାହିଁ । ଯେଉଁ Cause ର ପତାକା ଉଡେଇବା ପାଇଁ । ତଥାପି ଏଇ ବୁଢ଼ା ବୟସରେ ମୁଁ କାହିଁକି ବଖାଣି ବସିଲି ମୋର ଅନ୍ୟତମ ବୀରତ୍ୱର ଗାଥା ? କାହିଁକିନା ' ଦେଶର ସ୍ୱାଧୀନତା' ଏହି ଶବ୍ଦ ଦୁଇଟିର ସଂଯୋଗ ଏଭିଳ ପବିତ୍ର ଯେ ମୁଁ ମଧ୍ୟ ସେହି ପବିତ୍ରତାରେ ଅଭ୍ରବହୁତ ବୁଡ଼ ଦେଇଛି, ବୁଡ଼ ନ ଦେଲେ ମଧ୍ୟ ପାଣି ଛିଞ୍ଚି ହୋଇଛି, ଏହି ଶୁଭ ସମ୍ବାଦଟିକୁ ମୋର ଉତ୍କର୍ଣ୍ଣ ଓ ଢ଼ିମାଆଖିଆ ଶ୍ରୋତାମାନଙ୍କୁ ନ ଶୁଣେଇ ରହି ପାରିଲି ନାହିଁ । ଭୁଲିଗଲି ଯେ ଯେକୌଣସି ଲୋକ ଯେ କୌଣସି ବଳାତ୍କାରର ପ୍ରତିରୋଧ କରିବ, ସେ ନିହାତି ନିର୍ଜୀବ ନ ହୋଇଥିଲେ ।

ଲେଖକ-ଚିନ୍ତକ ଆର୍ଥର କୋଏସ୍ଲର୍ (Arthur Koestler)କହିଲା ପରି — ''ରାଜ୍ୟ ପାଇଁ ଯୁଦ୍ଧ କରାଯାଏ ନାହିଁ; ଶବ୍ଦ ପାଇଁ । '' ଯାହାକୁ ମାରିବା କଥା ସେ ଆଉ ଜଣେ ଲୋକ ନୁହେଁ । ' ବିଦେଶୀ', 'ବିଚ୍ଛିନ୍ନତାବାଦୀ' 'କର୍ତ୍ତୃପକ୍ଷ' ଇତ୍ୟାଦି ସଂଜ୍ଞା ବହନ କରିଥିବା ଶତ୍ରୁ । ପ୍ରତ୍ୟେକ ଶବ୍ଦ ଭାବାବେଗରେ ଭାସ୍ୱର । ପ୍ରଭେଦ ଭିତରେ କାହାର ଦୀପ୍ତି କେତେ ଅଧିକ, ତତେଇବାରୁ ଜଳେଇବା ଯାଏଁ । ଆଲ୍‌ଡସ୍ ହକ୍ସଲି ଚମତ୍କାର ଭାବରେ ବୁଝେଇଛନ୍ତି ଏହି ଶବ୍ଦର ଦୌରାତ୍ମ୍ୟ । କହିଲେ, ଆମେ ବାସ୍ତବତାକୁ ସ୍ପଷ୍ଟ ଭାବରେ ଜାଣିବାକୁ ଚାହୁଁ ନାହିଁ, କାରଣ ତାହା ମଗଜ ଓ ସମୟ ଖଟେଇବାର କଷ୍ଟକର ବ୍ୟାପାର । ତେଣୁ ଆମେ କେତେଗୁଡ଼ିଏ ଶବ୍ଦର ଚକଚକିଆ ଖୋଳ ତିଆରି କରୁ, ଯାହା ଆମର ଆଳସ୍ୟ ଏବଂ ଅଜ୍ଞତାକୁ ଘୋଡେଇ ପକେଇବ ଓ ଆମକୁ ଇନ୍ଧନ ଯୋଗେଇବ କିଛି ଗୋଟାଏ ଆଖିଦୁରୁଶିଆ କାମ କରିବା ପାଇଁ । ସେଇ ଶବ୍ଦଗୁଡ଼ିକୁ ଖିନ୍‌ଭିନ୍ କରି ଦେଖି ହେବ ନାହିଁ, କାରଣ ସେଗୁଡ଼ିକ ଅତି ଉଜ୍ଜଳ, ହୁଏତ ପବିତ୍ର । ଅନ୍ୟ ଅର୍ଥରେ ଦିଗହଜା ଓ ଦରବୁଝା । ସାମୁହିକ ଅତୀତର ଆନୁମାନିକ ଅନୁଭୂତିରେ ଧ୍ୱନିତ, ପ୍ରତିଧ୍ୱନିତ, ଝଂକୃତ । କେଉଁ ବୁଦ୍ଧିବାଦୀ ଚଣ୍ଡାଳର ସାହସ ଅଛି ସେଥିରେ ହାତ ଦେବାକୁ ଯିବ ? ବରଂ ତୁମେ ବି ତାତିଯାଅ ଏବଂ କର କିଛି ଗୋଟାଏ କଳା ପରି କାମ, ଯେଉଁଥିରେ ତୁମେ ବି' ଉଜ୍ଜଳ ଦିଶିବ ନିଜ ଆଖିକୁ । ମାଡ଼ିଯାଅ, ମାଡିଯାଅ — ଦିଲ୍ଲୀକୁ,ଅଯୋଧ୍ୟାକୁ, ଅବା 'ଖାଲିସ୍ତାନ'ର କଳ୍ପିତ ସିଂହାସନ ଆଡକୁ, ଆପଣା ଆପଣା ଶବ୍ଦର ଚାହିଦାକୁ ମେଣ୍ଟାଇବା ପାଇଁ ।

ଦ୍ୱିତୀୟରେ ଏଇ ସମଷ୍ଟି, ଗୋଷ୍ଠୀ, ବିରାଦରି ଇତ୍ୟାଦିରେ ସାମିଲ୍ ହୋଇ ବ୍ୟକ୍ତି ସତ୍ତାକୁ ଗୋଟେଇବାରେ ଲୋଭ । ଫ୍ୟାସିଜ୍‌ମ୍‌ର ପ୍ରତୀକ ହେଲା ଏକାଠି ବନ୍ଧା ହୋଇଥିବା କେତେ ଗୁଡିଏ ଯଷ୍ଟିର ସମଷ୍ଟି 'ଫାସେସ୍' । ଏବଂ ତା'ର ବାର୍ତ୍ତା ଥିଲା ଏଇ ଯେ ବ୍ୟକ୍ତି ଏକ ନଗଣ୍ୟ ଏବଂ ନିପାରିଲା ସତ୍ତା; ସମଷ୍ଟିରେ ହିଁ ତା'ର ଶକ୍ତି ସଞ୍ଚରିତ ହୁଏ ଏବଂ ସେ

Digitized by srujanika@gmail.com

ମଣିଷ ପରି ମଣିଷ ହୋଇପାରେ । ହଁ, ଏକାଠି ମିଶି କିଛି ଗୋଟାଏ କାମ କଲେ ଭଲ, ତା'ର ସମ୍ୟକ୍ ସଫଳତା ପାଇଁ । କିନ୍ତୁ ଅଧିକାଂଶରେ ତାହା କେବଳ ଏକ ଭାବାବେଗର ଇନ୍ଧନ, ତଥା ପ୍ରକୃଷ୍ଟ ଉପାୟ ନିଜଠାରୁ ନିଜର ଦାୟିତ୍ୱକୁ ଖସେଇନେବା ପାଇଁ । ଭୀରୁତା ଏବଂ ଅଜ୍ଞତାର ପୃଷ୍ଟପୋଷକ । ଏବଂ ତାହା ସବୁଠାରୁ ମାରାତ୍ମକ ହୋଇ ଉଠେ ଯେତେବେଳେ କ୍ରିୟାଶୀଳ ବ୍ୟକ୍ତି ଅନ୍ତର୍ନିହିତ ହିଂସାକ୍ରୋଧ ଆଦି ପ୍ରବୃତ୍ତିକୁ ଚରିତାର୍ଥ କରେ ସମଷ୍ଟିର ମାଧ୍ୟମରେ, ଏବଂ ନିଜକୁ ବୋଧ ଦିଏ ଯେ ତା'ର କିଛି ଦୋଷ ନାହିଁ, କାରଣ ସେ ସମଷ୍ଟିର ଆଦର୍ଶ ଅନୁଯାୟୀ କରୁଛି ଏମିତିକା କାମ । ରଣଭୂମିର ସୈନିକ ତା' ସେନାପତିକୁ ମାନିଲା ପରି । କୋଏସ୍‌ଲର୍‌ଙ୍କ ଭାଷାରେ ଏହା ଇତିହାସର ଏକ ମର୍ମନ୍ତୁଦ ଶ୍ଳେଷ, ରସିକତା । ଯେ ମଣିଷସମାଜରେ ଘଟୁଥିବା ଅଧିକାଂଶ ହତ୍ୟାକାଣ୍ଡ ତଥା ଅନ୍ୟାନ୍ୟ ଜଘନ୍ୟତା ଓ ବୀଭତ୍ସତା ବ୍ୟକ୍ତିର ଆକ୍ରମକ ସ୍ୱଭାବ ଯୋଗୁ ଘଟି ନ ଥାଏ, ଘଟିଥାଏ ତା'ର ଏହି ଭକ୍ତିଭାବର ଆଧିକ୍ୟ ହେତୁ । ସମଷ୍ଟି ପ୍ରତି ଭକ୍ତି, ସମଷ୍ଟିର ନେତାଙ୍କ ପ୍ରତି, ଗୁରୁଙ୍କ ପ୍ରତି ଏବଂ ସେଥିର ତଥାକଥିତ ଆଦର୍ଶ ପ୍ରତି । ଏହି ଭକ୍ତିପ୍ରବଣତାକୁ ନେଇ ଗୋଟାଏ ଏକ୍ସପେରିମେଣ୍ଟ କରା ହୋଇଥିଲା ଆମେରିକାର ୟେଲ୍ ୟୁନିଭର୍ସିଟିରେ । ମନସ୍ତତ୍ତ୍ୱ ବିଭାଗର ଡକ୍ଟର ଷ୍ଟାଲିନ୍ ମିଲ୍‌ଗ୍ରାମ୍‌ଙ୍କ ଦ୍ୱାରା । ଏବଂ ସେହି ଏକ୍ସପେରିମେଣ୍ଟକୁ ପୁଣି ଥରେ ଜର୍ମାନୀ, ଇଟାଲୀ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆର ଲ୍ୟାବୋରେଟରିମାନଙ୍କରେ ଅନୁଷ୍ଠିତ କରା ହୋଇଥିଲା । ସେଥିରେ ଦେଖାଗଲା ଯେ ଶହ ଶହ ଶାନ୍ତିପ୍ରିୟ ଲୋକ ଯେଉଁମାନେ ତାଙ୍କ ଦୈନନ୍ଦିନ ସଂସାରରେ ମାଛିକୁ ମର୍ ବୋଲି କୁହନ୍ତି ନାହିଁ ଏବଂ ତାଙ୍କ ନୀତିବୋଧ ବେଶ୍ ଉଚ୍ଚ ଧରଣର, ତାଙ୍କୁ ଯେତେବେଳେ ନିର୍ଦ୍ଦିଷ୍ଟ ପରିବେଶରେ ନାନାଦି 'ହୁକୁମ୍' ତାମିଲ୍ କରିବାକୁ କୁହାଗଲା,ସେମାନେ ତାକୁ ତତ୍‌କ୍ଷଣାତ୍ ଓ ବିନା ଦ୍ୱିଧାରେ ତାମିଲ୍ କରି ବସିଲେ, ବୁଦ୍ଧିବିଚାର ତାଙ୍କ ବାଟ ଓଗାଳିଲା ପୂର୍ବରୁ । ଯଦିଓ ସେହି ହୁକୁମ୍ ପାଳନ ବିଭିନ୍ନ ଧ୍ୱଂସ ବିନାଶର କାରଣ ହୋଇ ପାରିଥାଆନ୍ତା । କୋଏସ୍‌ଲର୍ ଏକ ବିଚିତ୍ର ଥିଓରି ବାଢ଼ିଛନ୍ତି ଏହି ସମ୍ପର୍କରେ । କହିଲେ ଯେ ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମଣିଷ ସବୁଠାରୁ ବେଶିଦିନ ଅସହାୟ ହୋଇ ରହିଥାଏ ଏବଂ ପୂରାପୂରି ନିର୍ଭର କରେ ତା'ର ବାପମାଆ ଅଥବା ବାପମାଆଜାତୀୟ ଅନ୍ୟ କେଉଁ ମଣିଷ ଉପରେ । ଏହି ଅନୁଭୂତି ତା'ର ଚିହ୍ନ ରଖିଯାଏ ଜୀବନଯାକ । ଯାହାକୁ ସେ ଅବଶ୍ୟ ଅସ୍ୱୀକାର କରିବାକୁ ଚାହେଁ, କିନ୍ତୁ ପାରେ ନାହିଁ ଅନେକ ସମୟରେ । ଆନୁଗତ୍ୟର ପ୍ରବୃତ୍ତିକୁ ଦବେଇ ଦେଇ ପାରେ ନାହିଁ । ସେହେତୁ ଲୋଭ କରେ କେଉଁ ଗୋଷ୍ଠୀଗତ ହୁକୁମ୍ ପାଳନ କରିବା ପାଇଁ ; ସେଥିର 'ଆଦର୍ଶ', ଏବଂ ସଂଲଗ୍ନ ସମୁଜ୍ଜ୍ୱଳ ଶବ୍ଦରେ ଢୋଲ ବଜାଇ । କ'ଣ ସତ ନା ମିଛ ଏଇ ଥିଓରି ? କଥାଟା ସତ ପରି ଲାଗିଲା ଗୋପାଳବାବୁଙ୍କୁ । ଭାବିଲେ ଯେ ପରସ୍ପର ବିରୋଧୀ ବିସ୍ମୟ (Paradox)ବୋଲି ମନେ ହେଲେ ବି ଏହା ହିଁ ସତ । ପ୍ରତ୍ୟେକ ବିଦ୍ରୋହ ବସ୍ତୁତଃ

Digitized by srujanika@gmail.com

କୌଣସି ଏକ ମାଲିକର ହୁକୁମ ପାଳନ କରେ, ତାକୁ ଗୋଷ୍ଠୀଗତ ସ୍ୱାର୍ଥ କୁହ ବା ଆଦର୍ଶ । ଆନୁଗତ୍ୟର ଅପରପାଖ ଆଧିପତ୍ୟ; ମଝିରେ ବ୍ୟକ୍ତିତ୍ୱର ମୃତ୍ୟୁ । ଏବଂ ମଣିଷ ତାହାହିଁ ଚାହେଁ, ଜାଣି ଶୁଣି ବା ଅଜାଣତରେ ।

ଗୋପାଳ ବାବୁ, ଆଲଡସ୍ ହକ୍ସଲି, ଆର୍ଥର କୋଏସ୍ଲର୍, ତଥା ୟେଲ୍ ୟୁନିଭର୍ସିଟିର ଅଧ୍ୟାପକ ମହାଶୟଙ୍କୁ ନମସ୍କାର, କିନ୍ତୁ ତାଙ୍କ ତଥ୍ୟ ବିଶେଷର କାର୍ଯ୍ୟକାରୀ ଉପଯୋଗିତା କ'ଣ, ବୈକ୍ତିକ ଅବା ସାମାଜିକ କ୍ଷେତ୍ରରେ ? ଧର କୌଣସି ଉପାୟରେ ଆମେ ସମସ୍ତ ଶବ୍ଦମାନଙ୍କୁ ସମାନ ଆସନରେ ବସାଇବା, କବି, ନେତା ଆଦି ଶବ୍ଦର ବ୍ୟବସାୟୀମାନଙ୍କୁ ଆୟତ୍ତରେ ରଖିବା, ତା' ହେଲେ କ'ଣ ଅବସ୍ଥା ସୁଧୁରିଯିବ ? ଏବଂ ଯଦି ସାବାଳକ ମଣିଷପିଲାକୁ ପରିବାର, ଜାତି, ବିରାଦରି, ଧର୍ମ, ଅଞ୍ଚଳ, ଦେଶ ଆଦି ଯାବତୀୟ ଗୋଷ୍ଠୀଗାରିମାର ଲୋଭରୁ ବଞ୍ଚେଇ ରଖିପାରିବା, ତା'ହେଲେ କ'ଣ ସେ ଭଲ ମଣିଷ ହୋଇଯିବ ? ଭାବି ଦେଖ । ଶବ୍ଦସୁନ୍ଦରର ବାନା ଉଡେଇ, ଭାବ ନିଶାରେ ମସ୍ତ ହୋଇ ମଣିଷ କ'ଣ ଖାଲି ହଣାକଟା ଭଙ୍ଗାରୁଜା କରିଛି ? ବନ୍ଧ ବାନ୍ଧି ନାହିଁ, ପାହାଡ କାଟି ନାହିଁ, ମଣିଷକୁ ମଣିଷ ସାଙ୍ଗରେ ଯୋଡି ନାହିଁ ? ହିଂସାର ଉଲ୍ଲାସକୁ ହିଁ ଅହିଂସାର ଖୋଳ କରତାଳ ଧରେଇ ନାହିଁ ? ତା'ହଲେ ଶବ୍ଦକୁ ବଦ୍‌ନାମ କରିବା କ'ଣ ଉଚିତ ହେବ, ନା ସେହି ମୂର୍ଖ ଅଥବା ପାଗଳ ଲୋକମାନଙ୍କୁ ଯେଉଁମାନେ ତାକୁ ଅବାଟରେ ନିଅନ୍ତି ଏବଂ ଜାଣିଶୁଣି ମରନ୍ତି, ବୁଝନ୍ତି ନାହିଁ ଯେ ମାରିବା ଯାହା ମରିବା ସେଇଆ ? ବାକୀ ରହିଲା ଏଇ ସମଷ୍ଟି ପ୍ରବଣତା । 'ବ୍ୟକ୍ତି-ସ୍ୱାଧୀନତା' ନାମକ ଅନ୍ୟ ଏକ ଶବ୍ଦର ଫାନ୍ଦରେ ପଡ଼ି (ହେଲା ଏବେ ବୁଝି ବିଚାରି) ତୁମେ ଯଦି ନିରଙ୍କୁଶ ସ୍ୱର୍ଗରେ ବସିବାକୁ ଚାହୁଁଛ, ତୁମର କାମନା କେତେଦୂର ସଫଳ ହେବ ଭଗବାନଙ୍କୁ ଜଣା । କିନ୍ତୁ ସେହି କାମନା ଯେ ତୁମକୁ ମୂର୍ଖ ଅଥବା ପାଗଳ କରେଇପାରେ, ତା'ର ଆଶଙ୍କା କ'ଣ କେବେହେଲେ ଛୁଇଁନାହିଁ ତୁମ ମନକୁ ? ମନେ ପଡୁନାହିଁ ଗୋପାଳବାବୁ, ତୁମ ବିଦେଶ ଅନୁଭୂତିର ନାନା ପଢ଼ିଥିବା, ଶୁଣିଥିବା, ତଥା ସ୍ୱଚକ୍ଷୁରେ ଦେଖିଥିବା ଘଟଣା ?

— କ୍ୟାନେଡାର ନିଉଓ୍ୱେଷ୍ଟମିନ୍‌ଷ୍ଟର୍ ନାମକ ସମୃଦ୍ଧ ସହରରେ ଥିବା ସଂଭ୍ରାନ୍ତ ସ୍କୁଲର ପିଲାମାନେ କେମିତି ଗୋଟିଏ ଛୁଟି ଦିନ ଦେଖି ଆପଣା ସ୍କୁଲ ଭିତରେ ପଶି ଭଙ୍ଗାରୁଜାର ଧ୍ୱଂସଲୀଳା ଆରମ୍ଭ କରି ଦେଲେ ? କିଛି କାରଣ ନାହିଁ । କୌଣସି ଉଦ୍ଦେଶ୍ୟ, ଛୋଟ କି ବଡ଼ ହରଫ୍‌ରେ ଲେଖା ହୋଇଥିବା Cause ର ନାଆଁ ଗନ୍ଧ ନାହିଁ । କିନ୍ତୁ ସେଇ ତ ମଜା !

— ସମ୍ବାଦ । କ'ଣ ହେଲା ? ରେପ୍ ନୁହେଁ ଅଥଚ ଝିଅଟାକୁ ସେକ୍ସରେ - ସେକ୍ସରେ ମାରି ଦିଆଁଗଲା ଏବଂ ତାହା ଲିପିବଦ୍ଧ ହେଲା ଭିଡିଓ ଟେପ୍‌ରେ ? ପୁଣି ସେ ତାହାହିଁ ଚାହୁଁଥିଲା ? କଥା କଅଣ ? ଧ୍ୟାତ୍, କଥା ନାହିଁ କି କାରଣ ନାହିଁ ? କିନ୍ତୁ ସେଇ ତ ମଜା ।

Digitized by srujanika@gmail.com

ନା,ଗୋପାଳବାବୁ, ନିରଙ୍କୁଶ ସ୍ୱାଧୀନତା ଓ ନିଃସଙ୍ଗ ସ୍ୱାଧୀନତା, ସେଇ ଏକା କଥା । ସ୍ଥିତିବାଦର ସୁନ୍ଦର ଓ ଭୟଙ୍କର ସ୍ୱାଧୀନତା । ତା'ର ଶୂନ୍ୟତାକୁ ଧର୍ଷଣ କରିବାର 'ମଜା' ତୁମଆମ ପାଇଁ ନୁହେଁ । କିଏର୍‌କେଗାର୍ଡ କହିଲେ ଚିନ୍ତା ନାହିଁ, ଭୟରେ ଥରିଲେ ଯାଇ ଭଗବାନଙ୍କୁ ଡକା ଛାଡିବ 'ମଲି ମଲି'ହୋଇ । ସାର୍ତ୍ରେ କହିଲେ ଭଗବାନ ଫଗବାନ୍ ବାଜେ କଥା । ତୁମେ ହିଁ ଅଛ, ପୂରାପୂରି ଅଛ,ଆପଣା ବିକଳ୍ପ ବିଚାର (Choice)ର ସ୍ୱାଧିନତା ନେଇ । ସେହି ଆତ୍ମସମ୍ମାନ ହିଁ ଲକ୍ଷେ ଟଙ୍କା, ଆଉ କ'ଣ ଦରକାର ? ହେଲେ କେହି କହିଲେ ନାହିଁ ସମଷ୍ଟିର ଗାମୁଛାଟିଏ ବେଢ଼େଇ ହେବା ପାଇଁ, ସତେକି ସେଇଟା ନିହାତି ଲାଜ କଥା । ଏଇ ତତ୍ତ୍ୱ କ'ଣ ତୁମ ମନକୁ ପାଉଛି ଗୋପାଳବାବୁ ?

ଉହୁଁଃ ! ଆବରଣ ମଧ୍ୟ ଆବଶ୍ୟକ । କିନ୍ତୁ ଯତ୍‌ସାମାନ୍ୟ ଉଷୁମ ପାଇଁ । ନିଜତ୍ୱର ଦାୟିତ୍ୱକୁ ଠକେଇବା ପାଇଁ କି ଘୋଡେଇବା ପାଇଁ ନୁହେଁ । କହିବାକୁ ଗଲେ ବୁଦ୍ଧଙ୍କ ଶରଣ (ଅର୍ଥାତ୍ ନିଜତ୍ୱର ଅବବୋଧ) ଏବଂ ସଂଘର ଶରଣ, ଏଇ ଦୁଇଟିର ମଝିରେ କେଉଁଠି ରହି ପାରିଲେ ଭଲ । କିନ୍ତୁ ତା' ହେଉ ନାହିଁ । ସଂଘ ଶରଣ ହିଁ ବେଶି ସୁହାଉଛି ମଣିଷକୁ । ଏବଂ ସଂଘ ଥାଇ ଥାଇ ରକ୍ତମୁଖା ହୋଇ ଉଠୁଛି । ସେଥିକୁ ଉପାୟ କଅଣ ?

ଉପାୟ ନାହିଁ । ଏହା ହିଁ ନିରାଟ ସତ କଥା ଯେ ମଣିଷର ବୁଦ୍ଧିରେଖା ଯେତିକି ପୂର୍ବକୁ ଯାଉଛି ତା'ର ଭାବରେଖା ସେତିକି ପଶ୍ଚିମକୁ । ପଶ୍ଚିମକୁ ନ ଗଲେ ମଧ୍ୟ ମୋଟାମୋଟି ଯେଉଁଠି ଥିଲା ସେଇଠି ଅଛି । ଭାବଗତ ପ୍ରଗତି ଶୂନ୍ । ହୁଏତ କହିଲେ ଭୁଲ ହେବ ନାହିଁ ଯେ ରିଂଗୋ ବୟସରେ ତୁମକୁ ମଧ୍ୟ ହିଂସାଭାବ ଭଲ ଲାଗୁଥିଲା ବେଳେ ବେଳେ । କିନ୍ତୁ ସେବେଳେ ସମାଜରେ ତୁମର ସାହସ ନ ଥିଲା ତାକୁ ଦେଖେଇ ହେବା ପାଇଁ । ଆଜି ତା'ର ପ୍ରୋତ୍‌ସାହନ ମିଳୁଛି ତଥାକଥିତ ଅପସଂସ୍କୃତିର ଆବ୍‌ହାଉଆରୁ । କିନ୍ତୁ ପ୍ରଶ୍ନ ହେଉଛି ଯେ କ୍ରମଶଃ ଡେଙ୍ଗା ହେଉଥିବା, ଉତ୍ତରୋତ୍ତର ନୀରୋଗ ଓ ଦୀର୍ଘଜୀବି ହେଉଥିବା, ତଥା ବୁଦ୍ଧିରେ ବିଶ୍ୱ ବ୍ରହ୍ମାଣ୍ଡକୁ ନିଶେଷରେ ଖେଦି ଆସୁଥିବା ଏବଂ ତା'ର ରହସ୍ୟକୁ ଚିହ୍ନି ପାରୁଥିବା ରିଂଗୋମାନେ ସେହି ଅନୁପାତରେ ଶାନ୍ତ ଓ ସଂଯତ ହୋଇ ପାରୁ ନାହାନ୍ତି କାହିଁକି ? ବାହାର ପୃଥିବୀକୁ ଅନାୟାସରେ ଜିଣିପାରୁଚନ୍ତି, ହେଲେ ଭିତର ପୃଥିବୀ, ମାନେ ମନ ଭିତରେ କୁହୁଳୁଥିବା ହିଂସା, ଈର୍ଷା, କ୍ରୋଧ ଏବଂ ଯୌନତାର ଲୋଭକୁ ଚିହ୍ନିପାରୁ ନାହାନ୍ତି ? ଚିହ୍ନିଲେ ମଧ୍ୟ ତାକୁ ଆୟତ୍ତରେ ରଖିପାରୁ ନାହାନ୍ତି ? ଅଧିକନ୍ତୁ ଭାବର ଅପରିପକ୍ୱତା ସାଙ୍ଗରେ ବୁଦ୍ଧିର ପ୍ରଖରତା ମିଶିଯିବାରୁ ପୃଥିବୀରେ ପ୍ରଳୟ ହେବ, ଏହି ଦୁଃସ୍ୱପ୍ନ ସତ ହେବ ବୋଲି ମନକୁ ଆସୁଛି । ଆମ ମାଳିକା କହିଛି ପରା—ଚଉଦ ପନ୍ଦର କେହି ନ ରହିବେ, ସତ ଉପୁଜିବ ସତରକୁ ... !

କିନ୍ତୁ ଆସନ୍ନ ପ୍ରଳୟର ଲକ୍ଷଣ ତ ଦିଶିଯାଉଛି ଜଳଜଳ ହୋଇ, ସତ — ସତରର ଆଭାସ କିଛି ମିଳୁଛି କି ଆମକୁ ? ତା'ଛଡ଼ା କୁଆଡେ ଗଲା ପ୍ଲାଟୋଙ୍କ ଦାର୍ଶନିକ ପ୍ରଗତିବାଦ

Digitized by srujanika@gmail.com

(teleology) ର ତତ୍ତ୍ୱ, ଅବା ଡାର୍‌ଉଇନ୍ ଆଦିଙ୍କ ଜୈବିକ ବିବର୍ତ୍ତନବାଦ(evolution) ର ତଥ୍ୟ ? ସେ ସବୁ କ'ଣ ତୁଚ୍ଛା ଆଶାବାଦୀ ବାଗାଡମ୍ବର ?

ରୁହ, ରୁହ, ଗୋପାଳବାବୁ, ନଈ ନ ଦେଖୁଣୁ ଲଙ୍ଗଳା ହୁଅ ନାହିଁ । ତେବେ ହତାଶାକୁ ଆହୁରି ଦୋରସ୍ତ କରିଦେଲେ ମନ୍ଦ ହେବ ନାହିଁ । ଯେମିତି କି ତୁମେ ପାତାଳରେ କଚାଡି ହୋଇ ପଡ଼ିବ ଏବଂ ସେଇଠୁ ହୁଏତ ଲମ୍ଫ ଦେଇ ପାରିବ ସ୍ୱର୍ଗକୁ । ରବର ବଲ୍ ପରି ।

ହତାଶାର ଏକ ବୈଜ୍ଞାନିକ ତଥ୍ୟ, ଯାହାକୁ ହସି ଉଡେଇ ହେବ ନାହିଁ । ତା'ର ସାରକଥା ହେଉଛି ଯେ ସୃଷ୍ଟିରେ ଗୋଟାଏ ଭୁଲ୍ ରହିଗଲା । ସ୍ରଷ୍ଟା ଜାଣିଶୁଣି ଏମିତି କଲେ ମଜା ଦେଖିବା ପାଇଁ କି ସେ ଅନ୍ୟମନସ୍କ ହୋଇଗଲେ ଅଥବା ପ୍ରମାଣିତ ହେଲା ଯେ ସେ ମଧ୍ୟ ଭୁଲ୍ କରନ୍ତି, ସେ କଥା ଭିନ୍ନ । ଇଏ ହେଲା ''ପାପେଜ୍ - ମ୍ୟାକ୍‌ଲିନ୍ ଭାବାବେଗ ଥିଓରି '' (Papez- Maclean Theory of Emotion), ଯାହାର ମୁଖ୍ୟ ରଚୟିତା ହେଉଛନ୍ତି ଡକ୍ଟର ପଲ୍.ଡି. ମ୍ୟାକ୍‌ଲିନ୍, ଆମେରିକାର ବେଥେସ୍‌ଡାରେ ଥିବା National Institute of Mental Healthର ମସ୍ତିଷ୍କ - ପ୍ରଗତି ବିଭାଗର କର୍ତ୍ତା । ଏବଂ ଏହି ଥିଓରି ପଛରେ ବୁଆଡେ ଅଛି ପଇଁତିରିଶ ବର୍ଷର ବ୍ୟାପକ ପରୀକ୍ଷା ନିରୀକ୍ଷା । କହିଲେ ଯେ hypothalamus ନାମକ ପୁରୁଣା ମସ୍ତିଷ୍କ ଯାହାକି ପ୍ରାୟତଃ ସମାନ ପଶୁ ଓ ମଣିଷଙ୍କ ଭିତରେ, ତା' ସାଙ୍ଗରେ ଯେତେବେଳେ neocortex ନାମକ ନୂଆ ମସ୍ତିଷ୍କକୁ ଯୋଡି ଦିଆଗଲା, ମଣିଷ ଗଢ଼ିବା ପାଇଁ, ସେଇଠି ଗୋଟାଏ ମସ୍ତବଡ଼ ଭୁଲ ରହିଗଲା । ଦୁଇଟିର ସମ୍ୟକ୍ ସଂଯୋଗ ହୋଇ ପାରିଲା ନାହିଁ । କହିବାକୁ ଗଲେ ଯୋଡାଏ ସ୍କ୍ରୁ ଢ଼ିଲା ରହିଗଲା ।

ତା' ହେଲେ ଉପାୟ ??

ଉପାୟ ଆଉ କଅଣ ଗୋପାଳବାବୁ ? ମୌଳିକ ଗଢ଼ଣରେ ଯଦି କିଛି ଗୋଟାଏ ତ୍ରୁଟି ରହିଗଲା, ଯାହାକୁ କହନ୍ତି ଷ୍ଟ୍ରକ୍‌ଚରାଲ୍ ଡିଫେକ୍ଟ, ତା ହେଲେ ବସ୍ତୁଟିକୁ ଭାଙ୍ଗିବା ଛଡ଼ା ଆଉ ଗତି କଅଣ ଅଛି ? ଏହି ଦୃଷ୍ଟିରୁ ମନେ ହେଉଛି ଯେ ରକ୍ଷା ନାହିଁ, ରକ୍ଷା ନାହିଁ, ମଣିଷ ଜାତି ଧ୍ୱଂସ ହେବ । ଏବଂ ସେଇଠୁ ଠିକଣା ପ୍ରାଣୀଟିଏ ଗଢ଼ା ହେବ, ତାକୁ ମଣିଷ କୁହ ବା ଆଉ ଯାହା ।

ବେଶ୍ ; କିନ୍ତୁ ବର୍ତ୍ତମାନ ତ ଆହୁରି ତଳକୁ ଯାଇ ହେବ ନାହିଁ । ତେଣୁ ଉଠି ଆସ ଉପରକୁ । ଯାହା ତୁମ ମନ କହୁଛି ତାକୁଇ ଶୁଣ ।

ମନ କହୁଛି ଯେ ବିଜ୍ଞାନ ତ ଏତେ କଥା କଲା, ଏଇ ସ୍କ୍ରୁ କେଇଟାକୁ ଆଣ୍ଟି ପାରିବ ନାହିଁ ? ବିଜ୍ଞାନ କ'ଣ ସୃଷ୍ଟିର ତଥାକଥିତ ଉଦ୍ଦେଶ୍ୟକୁ ପଣ୍ଡ କରି ଦେଇ ନାହିଁ, ମଣିଷର ଚାହିଦା ଅନୁଯାୟୀ ? ଯଥା ସୃଷ୍ଟି ଡାକିଆଣେ ସୃଷ୍ଟିକୁ; ସେକ୍‌ସର ଗୁଡ଼ ଚଖେଇ । କିନ୍ତୁ ବିଜ୍ଞାନୀମଣିଷ କମ୍ ଚାଲାଖ ନୁହେଁ । ବ୍ୟକ୍ତି ତଥା ସମାଜର ସୁଖ ପାଇଁ ସେ ଏଭଳି ଉପାୟ ଉଦ୍‌ଭାବନ କଲା ଯେଉଁଥିରେ ଗୁଡର ସ୍ୱାଦୁ ମିଳିବ, କିନ୍ତୁ ସୃଷ୍ଟି ମାଡ ଖାଇଯିବ । ବିଭିନ୍ନ

Digitized by srujanika@gmail.com

ଔଷଧ, ଇଞ୍ଜେକ୍ସନ୍, ଟୀକା ଆଦି ମଣିଷକୁ ବଞ୍ଚେଇ ଦେଇଛି ହଜାର ହଜାର ମାରକ ବ୍ୟାଧିରୁ । ଯେଉଁଥିପାଇଁ ଆଶା କରିବାର ଯଥେଷ୍ଟ କାରଣ ରହିଛି ଯେ ଭବିଷ୍ୟତର ନାତିନାତୁଣୀମାନେ ଆହୁରି ଆହୁରି ଡେଙ୍ଗା ହେବେ ଓ ସୁସ୍ଥସବଳ ହୋଇ ଅନେକ ଦିନ ବଞ୍ଚିବେ । ମଣିଷର ମସ୍ତିଷ୍କକୁ ମଧ୍ୟ ନାନା ଭାବରେ ବାଗେଇ ଦିଆ ଯାଇପାରୁଛି, ଯେଉଁଥିରେ ସେ ସତ କହିବ, ସ୍ୱପ୍ନ ଦେଖିବ, ତେଜି ଉଠିବ, ଘୁମେଇ ପଡ଼ିବ ଏବଂ 'କର୍ତ୍ତା'ଙ୍କ ଅନୁଯାୟୀ କାମ କରିବ । ତା' ହେଲେ ତା'ର ଭାବାବେଗର ଢ଼ାଞ୍ଚାକୁ ମୌଳିକ ଓ ଚିରସ୍ଥାୟୀ ଭାବରେ ବଦଳେଇବାକୁ କେତେ ସମୟ, ଯେମିତିକି ସେ ନୂଆ ମସ୍ତିଷ୍କର ବୌଦ୍ଧିକତା ସାଙ୍ଗରେ ତାଳ ଦେଇ ପାରିବ ? ହଉ, ସେଇଆ ହେଉ । ମନ ମିତର ତୁଣ୍ଡ ସୁତୁଣ୍ଡ ହେଉ ।

ପୁଣି ମନ କହୁଛି ବିବର୍ତ୍ତନବାଦର ତଥ୍ୟକୁ କୁଣ୍ଢେଇ ଧରିବା ପାଇଁ....

କିନ୍ତୁ ଏଇଠି ଗୋପାଳବାବୁ ଚିତ୍କାର କରି ଉଠିଲେ । କହିଲେ ନା-ନା- ବଡ଼ ଗଣ୍ଡଗୋଳିଆ ସେଇ ଇଭଲ୍ୟୁସନ୍‌ର ତଥ୍ୟ । ବିଜ୍ଞାନ ଅନେକ ବାଟ ଆଗେଇ ଆସିଲାଣି ଡାର୍‌ଉଇନ୍‌ଙ୍କଠାରୁ ଏବଂ ଗଣ୍ଠି ମୁଣ୍ଡ ଧରି ହେଉ ନାହିଁ ଆଉ । ସବୁଠାରୁ ଯିଏ ସକ୍ଷମ କେବଳ ସେହି ବଞ୍ଚି ରହିବ ପୃଥିବୀରେ(survival of the fittest), ଡାର୍‌ଉଇନ୍‌ଙ୍କର ଏହି ତଥ୍ୟ ଯେତେ ନିଷ୍ଠୁର ହେଲେ ମଧ ତା'ର ଅର୍ଥ ବୁଝି ହେଉଥିଲା । କିନ୍ତୁ ତାଙ୍କ ଟୀକାକାର ଓ ସଂସ୍କାରକ ପ୍ରାଣୀ-ତତ୍ତ୍ୱବିତ୍‌ମାନେ ଯାହା କହି ଆସୁଛନ୍ତି ସେଥିରୁ ମନେ ହୁଏ ଯେ କେତେବେଳେ କାହାର ଆଉ ଗୋଟାଏ ଲାଞ୍ଜ ଉଠିବ,ଅଥବା ମୁଣ୍ଡର ଯୋଡାଏ ସିଂଘରୁ ଗୋଟାଏ କଟିଯିବ କେଉଁ ଏକ ବିପଦକୁ ଏଡାଇବା ପାଇଁ ଏବଂ ସେହି ପରିବର୍ତ୍ତନ ଜନ୍ମଗତ ହୋଇ ରହିଯିବ କାଳକାଳକୁ, ତାହା କହି ହେବନାହିଁ । ଅର୍ଥାତ୍ ବିବର୍ତ୍ତନର ଧାରା ଆକସ୍ମିକ ଏବଂ ଖାମ୍‌ଖିଆଲି । ଏବଂ ତାହା ଯେ ସବୁବେଳେ ଅଧିକ ସକ୍ଷମତାର ପରିଚାୟକ ତା ନୁହେଁ । ତା' ହେଲେ ବିବର୍ତ୍ତନ କ'ଣ ଗୋଟାଏ ବିରାଟ ଲଟେରୀ ? ଏବଂ ଇଏ କି ଅଦ୍‌ଭୁତ ନିର୍ମାଣକୌଶଳ ବିଶ୍ୱକର୍ମାଙ୍କର ? ବୈଜ୍ଞାନିକ ୱାଡିଂଗ୍‌ଟନ୍‌ଙ୍କ ଭାଷାରେ, ଇଟା ପଥରକୁ କୁଢ଼େଇ ଦେଲା ପରି, ଯେମିତିକି ଘରଟାଏ ଛାଏଁ ଛାଏଁ ଗଢ଼ି ହୋଇଯିବ ସେଥିରେ ? ପୁଣି ଜିନ୍‌ସରୁ ଯେଉଁ ନୂଆ ଜିନିଷଟିଏ ଆସିଲା ଆକାରପ୍ରକାର ଏବଂ ହୁଏତ ଯାନ୍ତ୍ରିକ ବ୍ୟବହାର କ୍ଷେତ୍ରରେ, ତା'ର ପହୁଞ୍ଚ କେତେଦୂର ମାନସିକତାକୁ ବଦଳେଇବା ପାଇଁ ? ଅପରପକ୍ଷରେ ମନର ସଚେତନ ଆମଦାନୀ କ'ଣ ଜିନ୍‌ସ୍‌କୁ ବଦଳେଇ ଦେଇପାରେ ? ଲାମାର୍କ୍ ଏଇ କଥା କହିଲେ ବୋଲି ତାଙ୍କୁ ସମସ୍ତେ ହସି ଉଡେଇ ଦେଲେ । କିନ୍ତୁ ପୁଣି ତାର ଆଦର କରାଯାଉଛି, ନୂଆ ନୂଆ ଏକ୍‌ସପେରିମେଣ୍ଟର ଫଳାଫଳକୁ କାଟି ଦେଇ ନ ପାରି । ଇତି ମଧ୍ୟରେ ଜର୍ଜ୍ ମେଣ୍ଡେଲ୍ ବୋଲି ଜଣେ ବୈଜ୍ଞାନିକ ଚେତେଇ ଦେଲେଣି ଆମକୁ ଯେ ଏହି ପ୍ରକାର ତର୍କ ଅର୍ଥହୀନ । କହିଲେ — ଶୁଣ, ବିଚ୍ୟୁତିଗତ ପରିବର୍ତ୍ତନ ଓ ପ୍ରଗତିମୂଳକ

Digitized by srujanika@gmail.com

ବିବର୍ତ୍ତନ ଏକା କଥା ବୋଲି କିଏ କହିଲା ? ଦିହିଁଙ୍କ ବାଟ ଅଲଗା । ତେବେ ଏ କଥା ସତ ବାଟ ଦୁଇଟା ଏକାଠି ହୋଇଯାଏ ବେଳେ ବେଳେ ଏବଂ ପ୍ରଗତିର ସୂଚନା ଦିଏ । କିନ୍ତୁ ଏଇ ବିଭିନ୍ନ ପନ୍ଥାର ଉଦ୍ଦେଶ୍ୟ କଅଣ ? ପରିଣାମ କଅଣ ?

ଜଣା ନାହିଁ । ତେବେ ବିଜ୍ଞାନର ଆଧୁନିକତମ ଅନୁମାନକୁ ଶୁଣିବା ପାଇଁ ଭଲ ଲାଗୁଛି । ହେଲା ଏବେ ଅନୁମାନ, ତଥ୍ୟ ନୁହେଁ, ଯେହେତୁ ଆଜିକାଲିକାର ବୈଜ୍ଞାନିକ ମାନେ ' ଏହାହିଁ ସତ୍ୟ'ବୋଲି କିଛି କହିବାକୁ ନାରାଜ । କିନ୍ତୁ ଏହି ଅନୁମାନ ମଧ୍ୟ ନାନା ପରୀକ୍ଷା ନିରୀକ୍ଷାରୁ ଉଦ୍‌ଭୂତ । ଏହାର ବିଶିଷ୍ଟ ପ୍ରବକ୍ତା ହେଉଛନ୍ତି ନୋବେଲ୍ ପୁରସ୍କାର ବିଜେତା Albert Szent Gyorgye, ଏବଂ କଥାଟିର ନାଆଁ Syntropy । ଯାହାର ଭାବାର୍ଥ ହେଲା ଏଇ ଯେ ଜନ୍ମଗତ ନୂତନତ୍ୱ ଆକସ୍ମିକ ହେଉ ବା ପରିବେଶ ଜନିତ ଏବଂ ତା'ର କ୍ରମଶୀଳତାରେ ଯେତେ ଉଠାପକା ଥାଉ ନା କାହିଁକି, ପ୍ରତ୍ୟେକ ଜୀବଜୀବନ (organism)ଭିତରେ ଗୋଟାଏ ଅନ୍ତର୍ନିହିତ ତାଡନା ରହିଛି 'ଭୁଲ୍' ସୁଧାରିବା ପାଇଁ ଏବଂ ନିଜକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ (an innate drive in living matter to perfect itself)...

ଗୋପାଳବାବୁଙ୍କ କାନ ଠିଆ ହୋଇଗଲା । କିଏ କହୁଛି ଏ କଥା ? ବୈଜ୍ଞାନିକ ନା ଦାର୍ଶନିକ ? ନା କେଉଁ ସିଦ୍ଧ ପୁରୁଷ ?

ତା' ହେଲେ କିଏ କହିବ ଯେ ପ୍ଲାଟୋ ଦିବାସ୍ୱପ୍ନ ଦେଖୁଥିଲେ ଯେତେବେଳେ ସେ କହିଲେ ଯେ ''ଶେଷରୁ ହିଁ ଆରମ୍ଭ'' ଏବଂ ଆମେ ଚାଲିଛୁ ସେହି ଆରମ୍ଭର ପୂର୍ଣ୍ଣତା ଆଡକୁ ? କିମ୍ବା କେମିତି କହିବା ଯେ ଜୀବାତ୍ମା ସ୍ୱଭାବତଃ ଆଗେଇ ଚାଲିଛି ପରମାତ୍ମା ସାଙ୍ଗରେ ମିଶିବା ପାଇଁ, ବେଦାନ୍ତର ଏହି ଦମ୍ଭ ଏବଂ ରାମକୃଷ୍ଣ ପରମହଂସଙ୍କର ସସ୍ନେହ ସାନ୍ତ୍ୱନା ଯେ ମାଆର ଦୁଆରରୁ କେହି ଫେରିଯାଏ ନାହିଁ ଭୋକିଲା ହୋଇ, ତେଣୁ ତୁମର ପାଳି ଆସିବ ହିଁ ଆସିବ, ଏ ସବୁ ତୁଚ୍ଛା ଧର୍ମକଥା ? ଏବଂ ଯାହା ବ୍ୟକ୍ତି ପାଇଁ ପ୍ରଯୁଜ୍ୟ, ତାହା ବିଶ୍ୱସଂସାର ପାଇଁ ମିଛ ହେବ କେମିତି ?

ବିଶ୍ୱାସ କର, ବିଶ୍ୱାସ କର, ଗୋପାଳ ବାବୁ, ଯେ ଏଇ ସଂସାର ଆଗେଇ ଚାଲିଛି, ଏବଂ ଅଲକ୍ଷଣା ସ୍କୃ ଦି'ଟା ଆପେ ଆପେ ଆଣ୍ଟି ହୋଇଯିବ ।

ପ୍ରଳୟ ହେଲେ ହେଉ, ସତ ଉପୁଜିବ ସତରକୁ ।

ଧ୍ୟାତ୍, ପ୍ରଳୟ କାହିଁକି ହେବ ମ ? ଉଠାପକା, ଲୟବିଲୟ ତ ଚାଲିଛି ସଭ୍ୟତା ଓ ସଂସ୍କୃତିର ଇତିହାସରେ, ତା' ବୋଲି ସବୁକିଛି ସାଫ୍ ହୋଇଯିବ ଓ ତା' ପରେ କେଉଁ ନୂଆ ସୃଷ୍ଟିର ଆବିର୍ଭାବ ହେବ, ଏଇ ପୌରାଣିକ ବିଶ୍ୱାସ କ'ଣ ଅପରିହାର୍ଯ୍ୟ ? ପ୍ରଗତି କ'ଣ ସିଧାସଳଖ ନ ଯାଇ ଗୋଲ୍‌ଗୋଲ୍ ବୁଲିବାକୁ ବାଧ୍ୟ ? ବରଂ ବିଶ୍ୱାସ କର ଯେ ହରେକୃଷ୍ଣ ମହତାବ କହିଲା ପରି '' କଳିଯୁଗକୁ ସତ୍ୟଯୁଗରେ ପରିଣତ କରିବ ଏଇ

Digitized by srujanika@gmail.com

ମନୁଷ୍ୟ । ସେଥିପାଇଁ ଅଶ୍ୱାରୋହଣ କରି କଲ୍‌କୀ ଅବତାରଙ୍କୁ ଆସିବାକୁ ପଡ଼ିବ ନାହିଁ କାହାରିକୁ ନାଶ କରିବା ପାଇଁ । '' ଭୟ ନାହିଁ, ଭୟ ନାହିଁ...ରିଂଗୋର ଭବିଷ୍ୟତ ଉଜ୍ଜ୍ୱଳ, ତଥା ତା'ର ନାତି, ଅଣନାତି, ପଣନାତିମାନଙ୍କର.....

ଠିକ୍ ଏଇ ସମୟରେ ରିଂଗୋ କେଉଁଠି ଥିଲା ଆସି ପହଞ୍ଚିଗଲା ସେଠି । ହାତରେ ଗୋଟାଏ ବନ୍ଧୁକ । ଏବଂ ତାକୁ ଗୋପାଳ ବାବୁଙ୍କ ଆଡକୁ ଦେଖେଇ କହିଲା, '' ଜାଣିଛ ଇଏ କଅଣ ? ଏଇ ହେଉଛି ଏ.କେ. ଫର୍ଟି ସେଭେନ୍ ରାଇଫଲ୍, ଲକ୍ଷେ ଗୁଳି ବାହାରିବ ଗୋଟାଏ ପରେ ଗୋଟାଏ, ଖ୍ରଟ୍ ଖ୍ରଟ୍... ଖ୍ରଟ୍ ଖ୍ରଟ୍... ଖ୍ରଟ୍ ଖ୍ରଟ୍... ଦେଖିବ ? ଦେଖିବ...?

କିନ୍ତୁ ସେ ଗୁଳି ଛାଡ଼ିଲା ନାହିଁ । ଲମ୍ଫ ଦେଲା ଗୋପାଳବାବୁଙ୍କ ଉପରେ ଏବଂ ତାଙ୍କୁ ଗେହ୍ଲା କଲା । ତାଙ୍କ ଦି' ଗାଲରେ, ହାତରେ, ଛାତିରେ, ଓଠରେ ବି । ସତେକି ସେ ତାଙ୍କୁ ଲକ୍ଷେ ଚୁମା ଦେଇ ବଞ୍ଚେଇବାକୁ ଚାହେଁ ଶତ୍ରୁ ମୁହଁରୁ । ତା' ପରେ ଯାଇ ଗୁଳିର କାରବାର ।

ଗୋପାଳବାବୁ ତାକୁ ଆଖି ଫାଡି ଅନେଇଥିଲେ ପ୍ରଥମେ । ନିର୍ବାକ୍ ହୋଇ । ସତେକି ତାଙ୍କର ସମସ୍ତ ଆଶା ଧୂଳିସାତ୍ ହୋଇ ଯାଇଛି । କିନ୍ତୁ ସେଇ ଆଖି ଚାହୁଁ ଚାହୁଁ ଓଦା ହୋଇ ଆସିଲା । ହିଂସାଭାବ ବନ୍ଧୁ କି ଛିଡୁ, ଏଭଳି 'ପ୍ରେମ' ଯଦି ରହିଛି ସଂସାରରେ ଏବଂ ରହିଥିବ, ପୁଣି ନାତିର ତା' ଅଜାପାଇଁ, ଯାହାର ସୁଦୃଢ଼ ସମ୍ପର୍କ ନାହିଁ ''ସୃଷ୍ଟିର ନିୟମ'' ସାଙ୍ଗରେ, ତା' ହେଲେ ଆଉ ଭାବିବାର କଅଣ ଅଛି ।

Digitized by srujanika@gmail.com

ଭାରତୀ ଓ ଭାରତବର୍ଷ

ବିକାଶବାବୁ ବନ୍ଧୁଙ୍କୁ ଆବିଷ୍କାର କଲେ ତାଙ୍କ ଘରର ବାରିଆଡ ପୋଖରୀ କୂଳରେ । ସେଠି ସେ କ'ଣ ଗୋଟାଏ ବହି ପଢୁଛନ୍ତି, ଏବଂ ବେଳେ ବେଳେ ଅନଉଛନ୍ତି ପରିପାର୍ଶ୍ୱକୁ, କଟମଟ କରି । ସତେ କି ସେ ଗୋଟାଏ ଉତ୍ତର ଲୋଡ଼ୁଛନ୍ତି, କିନ୍ତୁ କେହି ହେଲେ ତାଙ୍କୁ ଆପ୍ୟାୟିତ କରିବାକୁ ନାହାନ୍ତି । ବନ୍ଧୁଙ୍କ ଆଗମନରେ ତାଙ୍କ ମୁହଁ ଉଦ୍ଭାସିତ ହୋଇ ଉଠିଲା । ଏବଂ ' ଆସନ୍ତୁ, ଆସନ୍ତୁ, ବସିବା ହୁଅନ୍ତୁ' କହିବା ପରେ ପରେ ସେ ବଙ୍ଗଳା କବିତାର ଗୋଟାଏ ପଂକ୍ତି ଆବୃତ୍ତି କରିବାକୁ ଲାଗିଲେ । ରବୀନ୍ଦ୍ରନାଥ । ବୋଧହୁଏ ସେଇଆକୁ ବସି ପଢୁଥିଲେ ବାବୁ, ତାଙ୍କ ନିରୋଳା ଅପରାହ୍ନରେ ।

''... ଏଇ ଭାରତେର୍ ମହାମାନବେର୍ ସାଗର୍‌ତୀରେ । ' ଆଃ ! ଏଇ ହେଉଛି କବିତା । ଯେତେ ପଢ଼ିବ ଆହୁରି ପଢ଼ିବାକୁ ଇଚ୍ଛା ହେବ । ଦେହ ଉଲୁସି ଉଠିବ .... ଆମେ ଭାରତୀୟ । ଆମେ ଅନେକ, ତଥାପି ଆମେ ଏକ । ଆମ ଦେଶ ଭଳି ଆଉ ଗେଟାଏ ଦେଶ ଅଛିକି ଏଇ ପୃଥିବୀରେ ? ''

ବିକାଶବାବୁ ଧୀରେ, ଅତି ଧୀରେ, ତାଙ୍କ ମୁଣ୍ଡ ହଲାଇଲେ । ବନ୍ଧୁଙ୍କ ଭାବବିହ୍ୱଳ ମୁହୂର୍ତ୍ତକୁ ଯଥାବିଧି ସମ୍ମାନ ଦେଲାପରି । କିନ୍ତୁ ସେ ତାଙ୍କ ଦ୍ୱିତୀୟ ପ୍ରଶ୍ନ ପାଇଁ ପ୍ରସ୍ତୁତ ନ ଥିଲେ ।

'' କିନ୍ତୁ କ'ଣ ଲେଖୁଛନ୍ତି ଆପଣମାନେ ଆଜିକାଲି ? ହୁଏତ ଉତ୍ତମ, ଆପଣଙ୍କ ଅନୁଭୂତ ସତ୍ୟ ଦୃଷ୍ଟିରୁ, ଆପଣ ଯାହାର ଗୁଣ ଗାଇ ଆସିଛନ୍ତି ସଦାବେଳେ । କିନ୍ତୁ ମୁଁ ପଚାରିବାକୁ ଚାହେଁ, ବିକାଶବାବୁ, ଯେ ଆପଣଙ୍କର ଏଇ ଅନୁଭୂତ ସତ୍ୟ ଭିତରେ ଦେଶପ୍ରାଣତା ଜିନିଷଟା କ'ଣ ସାମିଲ ହୋଇ ନାହିଁ ? ଆପଣଙ୍କର ଦେହ କ'ଣ ବେଳେ ବେଳେ ଉଲୁସି ଉଠେ ନାହିଁ, ଫରଫର ହୋଇ ଉଡୁଥିବା ତ୍ରିରଙ୍ଗ ପତାକାର ସଦର୍ପ ଠାଣି ଦେଖିଲେ ? ତା' ହେଲେ ଆପଣମାନେ କାହିଁକି ବିଶେଷ କିଛି ଲେଖୁନାହାନ୍ତି ସେଇ ଥିମ୍ ଉପରେ, ଯେଉଁଥିରେ ଏଇ 'ସାଗରତୀର'ର ମହତ୍ୱ ପ୍ରତିଭାତ ହୋଇ ଉଠିବ ?

ମୋର ମନେ ହୁଏ ଆଜି ବେଶି ଦରକାର ସେହି ପ୍ରକାର ଲେଖା, ରବୀନ୍ଦ୍ରନାଥଙ୍କ ସମୟଠାରୁ । ସେତେବେଳେ ଦେଶ ପରାଧୀନ ଥିଲା କିନ୍ତୁ ବିକଳାଙ୍ଗ ନ ଥିଲା, କି କୌଣସି

Digitized by srujanika@gmail.com

ଭୟ ନ ଥିଲା ସେ ଦିଗରେ । ସେଇଠୁଁ ପ୍ରଥମେ ଆସିଲା ପାକିସ୍ତାନ, ଯାହାକୁ ସ୍ୱାଧୀନତାର ଅପରିହାର୍ଯ୍ୟ ଦାମ୍ ବୋଲି କହିପାର, ତାହା ଯେତେ ରକ୍ତରଞ୍ଜିତ ହେଉ ପଛେ । ତା' ପରେ ଯଥାକ୍ରମେ ଆଜିକାର ଏଇ ନିତ୍ୟନିୟମିତ ଭୟ... ଗୋଡ ଛିଣ୍ଡିପଡ଼ିବ, ହାତ ଛିଣ୍ଡି ପଡ଼ିବ, ଆଜି ଡାହାଣ ହାତ ତ କାଲି ବାଆଁ ହାତ । କାରଣ ଥୋକେ କହୁଛନ୍ତି ଯେ ଆମେ ଭାରତୀୟ ନୁହେଁ, ଆମେ ଭିନ୍ନ । ତେଣୁ ଆମେ ଅଲଗା ହୋଇଯିବାକୁ ଚାହୁଁ ତମଠୁଁ । ମାନିବ ଯଦି ମାନ, ନ ହେଲେ ଆମେ ତମ ସ୍ତ୍ରୀ ପିଲାଙ୍କୁ ଗୁଳିକରି ମାରିଦେବୁ ସେମାନେ ବସ୍‌ରେ ଗଲାବେଳେ, ଅଥବା ତମ ଘର ପୋଡିଦେବୁ । ତମ ଭାରତର ଖାଲି ହାତଗୋଡ ଛିଣ୍ଡିଯିବ ନୁହେଁ, ତା'ର ଆତ୍ମା ବି' ଖତମ୍ ହୋଇଯିବ । ଲେଖୁଥା' କେତେ କବିତା ଲେଖିବ !

ପଢ଼ିଛନ୍ତି ଆଜିକା ଖବରକାଗଜ ? ଜମ୍ମୁର ଗୋଟାଏ ବସ୍‌ରେ ଯେଉଁ ବୋମା ବିସ୍ଫୋରଣ ହେଲା, ସେଥିରେ କେତେ ନିରୀହ ଲୋକ ପ୍ରାଣ ହରାଇଲେ ? ଆସାମର ନ'ଗାଆଁ ଅଞ୍ଚଳରେ ଯେଉଁ ମୁକ୍ତିର ମଶାଲ ଜଳା ହେଲା ଶହ ଶହ ଗରିବ ' ବାହାର ଲୋକ'ଙ୍କ କୁଡିଆ ଜାଳିଦେବା ପାଇଁ ? ଲେଖୁଥା'ନ୍ତୁ କେତେ ନୂଆ ଗପ ଲେଖିବେ । କେତେ ନୂଆ ହୁନ୍ଦର ଦେଖାଇବେ ଆପଣଙ୍କ ଅନୁଭୂତ ସତ୍ୟର !

ଆଗେ ଆମ ଦେଶଟାକୁ ଯୋଡି ଧରନ୍ତୁ ଆପଣଙ୍କ ସାହିତ୍ୟରେ — ବୁଝିଲେ ବିକାଶବାବୁ ? ତା' ପରେ ଲେଖନ୍ତୁ ଯାହା ଲେଖିବେ, କେହି ମନା କରୁନାହିଁ ଆପଣଙ୍କୁ, ଯାହା ସବୁ ଘଟିଲା ଆପଣମାନଙ୍କର ବେଡ୍‌ରୁମ୍‌ରେ କି ବାରିଆଡେ, କି ଆପଣମାନଙ୍କ ଛାତିକୁଟୁମ୍ବ ବିରାଦରିଙ୍କ ଗହଣରେ । ତେବେ ତ୍ରିରଙ୍ଗ ପତାକା ଯଦି କେହି ନୁହେଁ ଆପଣଙ୍କର, ଏବଂ ଭାରତବର୍ଷ ଗୋଟାଏ ଭୌଗଳିକ ଭୂଖଣ୍ଡ ଛଡା ଆଉ କିଛି ନୁହେଁ, ତା' ହେଲେ ମୋର କିଛି କହିବାର ନାହିଁ ସେ ବିଷୟରେ..."

ଏମିତି କହିଗଲେ ଗୋପାଳବାବୁ ଉତ୍ତେଜିତ ହୋଇ ଏବଂ ଅଳ୍ପବହୁତ ଅଭିଯୋଗ କଲାପରି । ଏବଂ ବିକାଶବାବୁ ତାଙ୍କୁ ଶୁଣିଗଲେ । ପଦୁଟିଏ କଥା ବାହାରିଲା ନାହିଁ ତାଙ୍କ ମୁହଁରୁ, ଯଦିଓ ଗୋପାଳବାବୁ ମଝିରେ ମଝିରେ ରହିଯାଇ 'କ'ଣ କହୁଛନ୍ତି ?' ବୋଲି ପଚାରୁଥାନ୍ତି ତାଙ୍କୁ ।

ଶେଷକୁ ଗୋପାଳବାବୁ ଟିକିଏ ବିରକ୍ତ ହୋଇ ଉଠିଲେ । ପଚାରିଲେ, "କ'ଣ କିଛି ହେଲେ କହିବାର ନାହିଁ ଆପଣଙ୍କର ? ମୁଁ ଯାହା କହୁଛି ତା'ର କିଛି ମୂଲ୍ୟ ନାହିଁ ନା କୌଣସି ଉତ୍ତର ନାହିଁ ଆପଣଙ୍କ ପାଖରେ ? "

ବିକାଶବାବୁ ଗୋଟାଏ ଦୁର୍ବଳ ହସ ହସିଲେ, ବ୍ୟଥିତ ହେଲାପରି ଏବଂ କହିଲେ "ମୁଁ ବି' କାନ୍ଦୁଛି ଗୋପାଳବାବୁ । ଏଇ କାନ୍ଦଣା ଅବଶ୍ୟ ଆନ୍ତରିକ, କିନ୍ତୁ ମୁଁ ବୁଝିପାରୁ ନାହିଁ ତାକୁ ନେଇ କ'ଣ କରିବି ବୋଲି । "

Digitized by srujanika@gmail.com

ଗୋପାଳବାବୁଙ୍କ କଥା ସୁଅ ଅଟକି ଗଲା । ସମବେଦନା ତଥା ଜିତାପଟର ଉଦାରତା ନେଇ ସେ ବନ୍ଧୁଙ୍କ ପିଠି ଥାପୁଡେଇ କହିଲେ, " କ୍ଲୈବ୍ୟଂ ମାସ୍ମଗମଃ ପାର୍ଥଃ... ଚାଲନ୍ତୁ ଘରକୁ ଯିବା, ଡ୍ରଇଂ ରୁମ୍‌ରେ ବସିବା । "

କିନ୍ତୁ ବିକାଶବାବୁ ତାଙ୍କୁ ବାରଣ କଲେ । କହିଲେ, " ନାଇଁ, ଏଇଠି ବସିବା । ମୋତେ ଭଲ ଲାଗେ ଆପଣଙ୍କର ଏଇ ପୋଖରୀ କୂଳଟି । "

"ସତେ ? " ଗୋପାଳବାବୁ ଆନନ୍ଦ-ବିସ୍ମୟର ଭାବ ଦେଖାଇଲେ, ଏବଂ କହିଲେ, " ଜାଣନ୍ତି, ମୁଁ ନୂଆ ଘରଟିଏ କଲି ସିନା, କିନ୍ତୁ ମୋର ସତ ବଳିଲା ନାହିଁ ଆମର ଏଇ ଟୁବି ଗଡ଼ିଆକୁ ପୋତିଦେବା ପାଇଁ, କିମ୍ବା ତା' କୂଳର ଏଇ ଅନାବନା ଚେହେରାକୁ କାଟିକୁଟି ଚଞ୍ଚାଚଞ୍ଚ୍ କରି ସଭ୍ୟ କରିବା ପାଇଁ । କାରଣ ମୁଁ ତାକୁ ଏମିତି ଭଲ ପାଇବାକୁ ଚାହେଁ, ଜୀବନର ଯାବତୀୟ ସ୍ମୃତିକୁ ନେଇ । ଉଇ ହୁଙ୍କାଟା ସେମିତି ଥିବ, କୁଦ ଖଣ୍ଡକ ସେମିତି ଥିବ, ଆଉ ଏଇ ପଥର ଚଟାଣ, ଯାହା ଉପରେ ଆମେ ବସିଛେ । ଏବଂ ସେପାଖର ସେଇ ଡେଙ୍ଗା ତାଳଗଛଟା ଯାହାର ସମ୍ପର୍କ ନାହିଁ କାହାରି ସାଙ୍ଗରେ, କଦଳୀ ଗଛର ମେଳା, ଆଉ ଯେତେକ ଚମ୍ପା, ଟଗର ଓ ପୋକସୁଙ୍ଘା ଫୁଲଗଛର ଗହଳି । କାହାରିକି ଛାଡିବି ନାହିଁ, କାରଣ ପ୍ରତ୍ୟେକେ ମୋତେ କିଛି କହିବାକୁ ଚାହାନ୍ତି, କିଛି ମନେ ପକେଇଦେବାକୁ ଚାହାନ୍ତି । ଅତି ଆତ୍ମୀୟ ମୋର ଏଇ ପୋଖରୀ କୂଳଟି । ଭାବିଲି ଘରଟା ତ ନୂଆ, ଆଧୁନିକ, ଚକଚକିଆ ହୋଇଗଲା ଭବିଷ୍ୟତ ପାଇଁ, କିନ୍ତୁ ଅନ୍ତତଃ ଏଇ ପୋଖରୀ କୂଳଟି ସେମିତି ଥାଉ, ଅତୀତର ନାନା ଆଳିମାଳିକା ଅନ୍ତରଙ୍ଗ ସ୍ମୃତିକୁ ନେଇ । ବନ୍‌ଶିଛଡ଼ରେ ପ୍ରଥମ କେରାଣ୍ଡି ମାଛକୁ ଧରିବାର ଆହ୍ଲାଦଠାରୁ ଆରମ୍ଭ କରି ଯା'ରି ପାଣିରେ ବାପାଙ୍କ ଶ୍ରାଦ୍ଧ ପତର ଭସେଇଦେବା ଯାଏଁ । ଏବଂ ମଝିରେ ନାନା ସ୍ମୃତିର କଳବଳ ଓ କଉତୁକ । ଯାହାସବୁ ମୋତେ ଚିହ୍ନେଇ ଦିଏ 'ମୁଁ' ବୋଲି, ଯେତେବେଳେ ମୁଁ ଫେରି ଆସେ ଘରକୁ, ମୋ ଦେଶ ବିଦେଶର ଧନ୍ଦାରୁ..." । ଗୋପାଳବାବୁ ଗୋଟାଏ ବିରାଟ ଦୀର୍ଘ ନିଃଶ୍ୱାସ ପକେଇଲେ ।

ଯୁଗପତ୍ ଆଉ ଗୋଟିଏ ଦୀର୍ଘନିଃଶ୍ୱାସ ବାହାରି ଆସିଲା ବିକାଶବାବୁଙ୍କ କଣ୍ଠରୁ । ଏବଂ ସେ କହିଲେ,

"ତାହାହିଁ ଆମ ଦୁର୍ଦ୍ଦଶା, ଗୋପାଳବାବୁ । "

" ହ୍ୱାଟ୍ ଡୁ ୟୁ ମିନ୍ ? "

" ଆମେ ସାଗରତୀର ନାଆଁ ଶୁଣିଛୁ, ହୁଏତ ସେ ବାଟ ଦେଇ ବୁଲି ଆସିଛୁ କେତେବେଳେ କେମିତି, ଏବଂ ଇଏ ମଧ୍ୟ ଆମର, ଆମ ସମସ୍ତଙ୍କର ବୋଲି ଖୁସି ହୋଇଛୁ । କିନ୍ତୁ ଆମକୁ କଥା କୁହେ କେବଳ ଆମର ଏଇ ପୋଖରୀ କୂଳଟି । ଚିହ୍ନା ମୁହଁ, ସ୍ୱର,

Digitized by srujanika@gmail.com

ବାସ୍ନା ଓ ଥଣ୍ଡା-ଉଷୁମର ଆତ୍ମୀୟତାକୁ ନେଇ । ଯାହା ଆମ ରକ୍ତକୁ ଚଞ୍ଚଳ କରିଦିଏ, ଆନନ୍ଦରେ ହେଉ କି ଉଦ୍‌ବେଗରେ, ଶୋକରେ, ସନ୍ତାପରେ । ଏବଂ ଦୁଃଖର ବିଷୟ, ତାହାହିଁ ସାହିତ୍ୟର ଭାଷା । ଭାରତୀର ବର୍ଣ୍ଣମାଳା । ''

'' ଅର୍ଥାତ୍ ଆପଣ କହିବାକୁ ଚାହାନ୍ତି ଯେ ଭାରତୀୟତାର ଅନୁଭବ ଜୀବନ୍ତ ହୋଇପାରିବ ନାହିଁ ଆପଣଙ୍କ ମନରେ, ଏଇ ପୋଖରୀ କୂଳର ବାସିନ୍ଦା ହୋଇ ରହିବାଯାଏଁ । ଆପଣଙ୍କୁ ବସା ବାନ୍ଧିବାକୁ ପଡ଼ିବ ସାଗରତୀରର ପ୍ରତ୍ୟେକ ଅଞ୍ଚଳରେ, ଯେଉଁଠି ଲୋକେ ଭିନ୍ନ ଭାଷାରେ କଥା କୁହନ୍ତି, ଭିନ୍ନ ପୋଷାକ ପିନ୍ଧନ୍ତି, ଭିନ୍ନ ଉତ୍ସବ ମନାନ୍ତି, ଇତ୍ୟାଦି ? ଏବଂ ଆପଣଙ୍କୁ ଚିହ୍ନି ଚିହ୍ନାଇବାକୁ ହେବ ଆପଣଙ୍କ ସାହିତ୍ୟରେ, ଯେ ଶୁଣ ଭାଇ ଓ ଭଉଣୀମାନେ, ତଥାପି ଆମେ ଏକ ? ହେ ଲେଖକ ମହାଶୟ, ଆପଣ ପରା ଶିକ୍ଷିତ, ଆପଣଙ୍କୁ କ'ଣ କିଛି ଖବର ମିଳୁନାହିଁ ସେସବୁ ଅଞ୍ଚଳର ? ତା'ଛଡ଼ା ଆପଣଙ୍କ ମହାମହିମ କଳ୍ପନାର ଅଶ୍ୱ କ'ଣ ଥକି ଯାଉଛି, ଭାରତୀୟତାର ବାସ୍ନା ବାରିଲାକ୍ଷଣି ? ମୁଁ ଆପଣଙ୍କ କଥା କହୁନାହିଁ ବିକାଶବାବୁ, ଆପଣ ତ ବିଶ୍ୱପର୍ଯ୍ୟଟକ, ମୁଁ କହୁଛି ଗୋଟାଏ ଲେଖକୀୟ ତଥ୍ୟ ହିସାବରେ । ଯେ କେହି ଜଣେ ଲେଖକ ଯଦି ପ୍ରକୃତରେ କାନ୍ଦୁଥାଏ, ତା' ହେଲେ ତା'ର ଆବେଗହିଁ ତାକୁ ବାଟ କଢ଼େଇ ନେବ । ଏବଂ ଆବେଗ ସାଂଗକୁ କଳ୍ପନା । ଆପଣ ପାରିବେ ଆଜ୍ଞା, ଆପଣ ପାରିବେ, ତଥା ଆପଣଙ୍କ ଲେଖକ ବଂଧୁମାନେ.... । ''

'' ଆମେ ଲେଖୁଛୁ ଗୋପାଳବାବୁ, ତଥାପି ଆମେ ଲେଖୁଛୁ । କିନ୍ତୁ ମୋର ଦୁଃଖ ଯେ ତା'ର ପହୁଞ୍ଚ ଆଶାନୁରୂପ ନୁହେଁ । ଆଦୌ ନୁହେଁ । ଏବଂ ଆମେ ବୁଝିଛୁ ଯେ କେବଳ ଉଦ୍‌ବୋଧନ ଦେଲେ ଚଳିବ ନାହିଁ । ସେଥିରେ ରୋମ ଟାଙ୍କୁରି ଉଠିପାରେ, କିନ୍ତୁ ତାହା କ୍ଷଣସ୍ଥାୟୀ ହେବାକୁ ବାଧ୍ୟ । ଠାକୁରଙ୍କ ପାଖରେ ହାତ ଯୋଡିଲାବେଳେ ଯେମିତି ରୋମ ଟାଙ୍କୁରି ଉଠେ କ୍ଷଣକ ପାଇଁ, କିନ୍ତୁ ତା'ପରେ ଯୋଉ କଥାକୁ ସେଇ କଥା । କାରଣ ଠାକୁର ଆଉ ଜଣେ । ମହାପ୍ରତାପୀ, ହେଲେ ନିଜର ନୁହଁନ୍ତି ସ୍ତ୍ରୀପିଲାଙ୍କ ପରି । ଆମର ଗଦ୍ୟପଦ୍ୟ ଏମିତି ହେବା ଉଚିତ, ଯେଉଁଥିରେ ଗାର ପଡ଼ିଯିବ ପାଠକର ଚେତନାରେ, ଗହୀରିଆ ଦାଗ । ଚିହ୍ନା ଚରିତ୍ର ଏବଂ ସର୍ବସାଧାରଣ ଓ ବିଶ୍ୱସନୀୟ ଘଟଣା ମାଧ୍ୟମରେ । କେତୋଟି ସଫଳ ଗପ ମନେ ପଡ଼ି ଯାଉଛି -

ଧରନ୍ତୁ ସମରେଶ ବସୁଙ୍କର ବଙ୍ଗଳା ଗଳ୍ପ ''ଆଦବ୍'' । ଯେଉଁଥିରେ ସାମ୍ପ୍ରଦାୟିକ ଦଙ୍ଗା ଚାଲିଥିବା ସମୟରେ କଲିକତାର ଯୋଡିଏ ଦୁଃଖୀ ନାଗରିକ, ଜଣେ ହିନ୍ଦୁ ଓ ଜଣେ ମୁସଲମାନ, ପରସ୍ପରକୁ ଛକୁଛନ୍ତି ଓ ପରସ୍ପରଠାରୁ ଲୁଚୁଛନ୍ତି, ରାସ୍ତାକଡ଼ର କାଛବାତ ଆଡୁଆଳରେ । କାଳେ ଆରକ ତାକୁ ହତ୍ୟା କରିବ । ହେଲେ ଶେଷକୁ ବୁଝୁଛନ୍ତି ଯେ ଦିହିଙ୍କି ଦିହେଁ ସମାନ । ଏକା ଭଳି ଦୁଃସ୍ଥ ଏବଂ ଭୟଭୀତ , ଏବଂ ସ୍ୱଭାବତଃ ସେମାନେ

Digitized by srujanika@gmail.com

ସୁଖେ ଦୁଃଖେ ସହାବସ୍ଥାନ କରିବାକୁ ଚାହାନ୍ତି ଏଇ ମହାନଗରୀରେ । ଏଠି ଏକତ୍ୱବୋଧ ଆଣି ଦେଉଛି ଦିହିଁଙ୍କର ସମାନ ସାମାଜିକ ସ୍ଥିତି ଓ ଜୀବନଧାରା, ବିଭିନ୍ନ ଧର୍ମାବଲମ୍ବୀ ହୋଇଥିଲେ ମଧ୍ୟ । ଏହା ଅବଶ୍ୟ ଗୋଟିଏ ସଫଳ ଗପ, କିନ୍ତୁ ଏହାର ପୃଷ୍ଠଭୂମିରେ ରହିଛି ଏକ ବିସ୍ଫୋରକ ଏବଂ ଆପତ୍କାଳୀନ ପରିସ୍ଥିତି । ହିନ୍ଦୁ-ମୁସଲମାନ ଦଙ୍ଗା । ଯାହାକି ସର୍ବସାଧାରଣ ନୁହେଁ, ତେଣୁ ତା'ର ସୀମିତ ଭୂମିକା ରହିଛି ଭାରତୀୟତାର ଯଥାର୍ଥ ଓ ବଳିଷ୍ଠ ଅବବୋଧ ଆଣିଦେବା ପାଇଁ । ଏବଂ କେବଳ ସେହି ଶ୍ରେଣୀର ଲୋକମାନଙ୍କ ମନରେ, ଯେଉଁମାନେ ଦଙ୍ଗା କରନ୍ତି ଅନ୍ୟମାନଙ୍କ କଥାରେ ପଡ଼ି, ଯଦିଓ ସେଇମାନେ ହିଁ ବେଶୀ କ୍ଷତିଗ୍ରସ୍ତ ହୁଅନ୍ତି । ହେଲେ ସେହି ଶ୍ରେଣୀର ଲୋକମାନେ କ୍ୱଚିତ୍ ପଢ଼ିବେ ସମରେଶବାବୁଙ୍କ ଗପ ।

ଆଉ ଗୋଟିଏ ଉଦାହାରଣ ଦେଉଛି । ଶାନ୍ତନୁ ଆଚାର୍ଯ୍ୟଙ୍କର ଗୋଟିଏ ଆଧୁନିକ ଓଡ଼ିଆ ଗପ । "ହୃଦକୋଳପ ।" ବିଭିନ୍ନ ଅଞ୍ଚଳର ବିଭିନ୍ନ ଭାଷାଭାଷୀ ଏବଂ ବିଭିନ୍ନ ବେଶଭୂଷା ପରିହିତ ଲୋକେ ସହଯାତ୍ରୀ ହୋଇ ଯାଉଛନ୍ତି ଗୋଟିଏ ଦକ୍ଷିଣମୁଖୀ ଟ୍ରେନରେ । ପରସ୍ପରଙ୍କ ମଧ୍ୟରେ ସାଂସ୍କୃତିକ ବୈଷମ୍ୟର ସୁସ୍ପଷ୍ଟ ସୂଚନା ଦିଆଯାଇଛି । କିନ୍ତୁ ଟ୍ରେନ୍ ଯେତେବେଳେ ଗତି କରେ ଗୋଦାବରୀ ନଦୀର ପୋଲ ଉପରେ, ସେତେବେଳେ ସମସ୍ତେ (ଜଣଙ୍କ ଦେଖାଦେଖି ଅନ୍ୟମାନେ) ତତ୍ପର ହୋଇ ଉଠନ୍ତି ତମ୍ବା ପଇସାଟିଏ ଲେଖାଏଁ ପକାଇବା ପାଇଁ ଗୋଦାବରୀର ପବିତ୍ର ଜଳରେ, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ । କାରଣ "ଗଙ୍ଗାଶ୍ଚ,ଗୋଦାବରୀଶ୍ଚ, ନର୍ମଦେ, ସିନ୍ଧୁ କାବେରୀ..." ପିତୃତର୍ପଣର ଏଇ ମନ୍ତ୍ରଟିରେ କୌଣସି ବିଭେଦ ନାହିଁ ପବିତ୍ର ଭାରତଭୂମିର ବିଭିନ୍ନ ନଦୀମାନଙ୍କ ମଧ୍ୟରେ, ଏବଂ ଆମର ପିତୃପୁରୁଷମାନେ ମଧ ବିଭିନ୍ନ ନୁହଁନ୍ତି । ଗପଟି ଚମତ୍କାର, ଏବଂ ସେଥିରେ ଭାରତୀୟତାର ଅବବୋଧ ପରିସ୍ଫୁଟ ହୋଇ ଉଠିଛି । କିନ୍ତୁ ଇଏ ଭାରତ ଭ୍ରମଣର ଗପ । ଏବଂ ଭାରତ ଭ୍ରମଣ କେତେଜଣଙ୍କ ପକ୍ଷରେ ସମ୍ଭବ ? ଦ୍ୱିତୀୟରେ ଏଠି ଐକ୍ୟର ଭାବ ଆଣି ଦେଉଛି ଏକ ସାଂସ୍କୃତିକ ଚେତନାବୋଧ, ଯାହା ଅନ୍ୟାନ୍ୟ ସାଂସ୍କୃତିକ ବୈଷମ୍ୟକୁ ନଗଣ୍ୟ ବୋଲି ଜଣାଇ ଦେଉଛି । କିନ୍ତୁ ଏହାର ଉତ୍ସ ହେଉଛି ହିନ୍ଦୁତ୍ୱ । ସେଥିର ଅନୁଭବକୁ ଅଧିକରୁ ଅଧିକ ପ୍ରବ୍ଦ୍ଧିତ କଲେ କ'ଣ ଆମେ ପୂର୍ବର ଏକତ୍ୱବୋଧକୁ ପ୍ରତିଷ୍ଠିତ କରି ପାରିବା ଆଜିର ଭାରତବର୍ଷରେ ? ଏହା ଏକ ବିବଦମାନ ପ୍ରଶ୍ନ ।"

"କିନ୍ତୁ କ୍ଷମା କରିବେ ବିକାଶବାବୁ, ଏଇ ହିନ୍ଦୁତ୍ୱର ସଂସ୍କାର, ତାହା ଯେତେ ବାହ୍ୟିକ ଏବଂ ଔପଚାରିକ ହେଉ ପଛକେ, କଅଣ ପ୍ରକୃତରେ ଏକତ୍ୱବୋଧ ଆଣି ଦେଉ ନାହିଁ ଆମ ଅଧିକାଂଶଙ୍କ ମନରେ ? ମୋ ଅଞ୍ଚଳର ନଈ ପୋଖରୀ କ'ଣ ଆତ୍ମୀୟ ହୋଇ ଉଠୁନାହିଁ ଅନ୍ୟାନ୍ୟ ପ୍ରାନ୍ତର ନଈ ପୋଖରୀ ସାଙ୍ଗରେ ?"

Digitized by srujanika@gmail.com

"ଅବଶ୍ୟ । ଅଧିକାଂଶ ତଥାପି ଗୋଟିଏ ଭଗ୍ନାଂଶ । ତା'ଛଡ଼ା ଧର୍ମର ସମସ୍ତ ସଂସ୍କାର ସୁ-ସଂସ୍କାର ନୁହେଁ, ଏବଂ ଧର୍ମ ଜନିତ ଆବେଗ ପରି ନିଆଁଧରା ବସ୍ତୁ ପୃଥିବୀରେ ନାହିଁ । ତେଣୁ ସେ ଦିଗରେ ମାଡ଼ିଯିବା କ'ଣ ଉଚିତ ହେବ ?

ବରଂ ମୁଁ କହିବି ଯେ ଯୁଗୋପଯୋଗୀ ଭାରତୀୟତାକୁ ବାନ୍ଧି ରଖିପାରିବ କେବଳ ଗୋଟାଏ ଧର୍ମନିରପେକ୍ଷ ସଂହିତା, ଯାହା ଭାରତର ସମ୍ବିଧାନ ଏବଂ ସାର୍ବଜନୀନ ମାନବବାଦ ଉପରେ ପ୍ରତିଷ୍ଠିତ ... "

" ଯେତେକ ବଡ଼ ବଡ଼ କଥା, ଫମ୍ପା ଆୱାଜ ! ଆପଣଙ୍କ ଭାଷାରେ ହିଁ କହୁଛି ଆପଣଙ୍କୁ ଜବାବ୍ ଦେବା ପାଇଁ — ଆଚ୍ଛା, କାହାରି ରକ୍ତ ଚଞ୍ଚଳ ହୋଇ ଉଠିବ ନାଇଁ ଭାରତୀୟ ସମ୍ବିଧାନର ଭାଷାରେ, କି କେଉଁ ଏକ ବିଶ୍ୱବ୍ୟାପୀ ମହାନ୍ ଆଦର୍ଶର ଧାରଣାରେ, ଯାହାକି ଆମ ପୋଥିପୁରାଣରୁ ଆସି ନାହିଁ ।

ତା'ଛଡ଼ା ଆପଣଙ୍କର ଉଦାର ଓ ବୌଦ୍ଧିକ ମନୋଭାବର ଭାଷା ଶୁଣାଯାଏ କେବଳ ଆମରିମାନଙ୍କ ଗହଣରେ,ଯେଉଁମାନେ ଉଚ୍ଚଶିକ୍ଷିତ, ଏବଂ ଯାହାଙ୍କ ଆଭିମୁଖ୍ୟର ଉତ୍ସ ହେଉଛନ୍ତି ଉନବିଂଶ ଶତାବ୍ଦୀର ରାଜା ରାମମୋହନ ରାଏ ଆଦି ପାଶ୍ଚାତ୍ୟ ଆଦର୍ଶରେ ପ୍ରଭାବିତ ସଂସ୍କାରକଗଣ । ସେମାନଙ୍କ ସନ୍ଦେଶ ଏବେ ମଧ୍ୟ ପହୁଞ୍ଚିନାହିଁ ଆମ ଗାଆଁ ଗହଳିରେ, ଏଇ ବାସ୍ତବ ସତ୍ୟଟି ଅଜଣା ନ ଥିବ ଆପଣଙ୍କର... "

" ଅଜଣା ନାହିଁ । ଏବଂ ତାହାହିଁ ମୋର ବକ୍ତବ୍ୟ । ଏବଂ ମୋର ଦୁଃଖ । ଯେ ଯତ୍‌ସାମାନ୍ୟ ଐକ୍ୟର ଭାଇ-ଭାଇ ଭାବ ଆସୁଛି କେବଳ ଯୋଡିଏ ସ୍ତରରେ । ଉଚ୍ଚଶିକ୍ଷିତ ଇଂରେଜି ପଢୁଆ ମହଲରେ ଏବଂ ଇଂରେଜି ଭାଷାର ମାଧ୍ୟମରେ । ଅଥବା ହିନ୍ଦୁତ୍ୱର ସଂସ୍କାରକୁ ନେଇ । ଏବଂ ଉଭୟ ଉପସ୍ଥିତ ସଂବିଧାନିକ ଓ ସର୍ବଭାରତୀୟ ଅନୁଭବର ପ୍ରତିକୂଳ । ପ୍ରଥମଟି ଅଧିକାଂଶ ବି' ନୁହେଁ, ଭାରତୀୟ ଜନମାନବର ଟୁକୁଡାଏ ମାତ୍ର । "

ବର୍ତ୍ତମାନ ଗୋପାଳବାବୁ ଯେପରି ଭାବରେ ଅନେଇଲେ, ବିକାଶବାବୁଙ୍କୁ ତାହା ଅନନ୍ୟ । ସେଥିରେ କେବଳ କ୍ରୋଧ ନ ଥିଲା, ମଧ୍ୟ ଥିଲା ତାଚ୍ଛଲ୍ୟଭାବ । କେତେବେଳେ ସେ କହିଲେ —

" ବେଶ୍ । ବୁଝିଲି । ବୁଝିଲି ଯେ ଆପଣ ହାର ମାନୁଛନ୍ତି । ଆପଣଙ୍କ ସାହିତ୍ୟ ଠିକଣା ସମ୍ପର୍କ ଯୋଡି ପାରିବ ନାହିଁ ଭାରତବର୍ଷ ସାଙ୍ଗରେ । ତେଣୁ ଆପଣ କେବଳ କାନ୍ଦୁଥିବେ ଏବଂ ଆମ ଭାରତମାତା ବି' କାନ୍ଦୁଥିବ ଆପଣଙ୍କ କାନ୍ଦଣା ଦେଖି, ଯେତେବେଳେ ତା'ର ହାତଗୋଡ ଛିଣ୍ଡି ପଡୁଥିବ ଗୋଟି ଗୋଟି କରି, ରକ୍ତରେ ଜୁଡୁବୁଡୁ ହୋଇ ।"

" ଓଃ ! ଆପଣ ଅତି ନିର୍ମମ ଗୋପାଳବାବୁ । କିନ୍ତୁ ମୁଁ କ'ଣ କହୁଛି, ଶୁଣନ୍ତୁ । ଆମ ଭାରତୀୟ ସାହିତ୍ୟର ଗୋଟାଏ ସ୍ୱାତନ୍ତ୍ର୍ୟ ରହିଛି ଆବହମାନ କାଳରୁ । ଏବେ ମଧ୍ୟ

Digitized by srujanika@gmail.com

ରହିଚି, ଯଦିଓ ତାହା ସୁସ୍ପଷ୍ଟ ନୁହେଁ ଆଗଭଳି । ତେଣୁ ମୁଁ ଯୁକ୍ତି ଛଳରେ କହିପାରେ ଯେ ଦେଖ ଆମ ସାହିତ୍ୟ କେମିତି ବାରି ହୋଇ ଯାଉଛି ଅନ୍ୟ ଦେଶର ସାହିତ୍ୟରୁ । ଏହାହିଁ ତା'ର ଭାରତୀୟତା । ଅତଏବ କାହିଁକି ଭଲା କହୁଛ ଆମକୁ, ଦେଶର ଏକତ୍ୱବୋଧ ପାଇଁ କିଛି କରିବା ପାଇଁ ? ଆମେ ପରା ସେଇ ଏକତ୍ୱର ଅନ୍ୟତମ ପରିଚାୟକ ? ତା'ରି ପ୍ରତିଫଳନ ?''

ଗୋପାଳବାବୁ ଉଦ୍‌ଗ୍ରୀବ ହେଲେ ଶୁଣିବା ପାଇଁ । ଏବଂ ବିକାଶବାବୁ ତାଙ୍କୁ ଏହି ପ୍ରକାର ପାଠ ପଢ଼େଇଲେ । କହିଲେ,

'' ଏକ — ଆମର ପରମ୍ପରାରେ ଅଛି ଗୋଟାଏ ଉଦ୍ଧତ ଭକ୍ତିଭାବ, ଯାହା ବାସ୍ତବ ସମ୍ପର୍କର ସତକଥାକୁ ଅସ୍ୱୀକାର କରେ, ତାକୁ ଗୌଣ ମନେକରି । ତେଣୁ ପବିତ୍ରତାବୋଧ ଆମର ସମୂହ ସାଂସ୍କୃତିକ ଚେତନା (ethos) ର ଏକ ଅବିଚ୍ଛେଦ୍ୟ ଅଂଗ । ପବିତ୍ର ଭାରତଭୂମି, ପବିତ୍ର ନଦନଦୀ, ଗୋମାତା, ମାତୃଜାତି, ଓଗେର ଓଗେର । ସାହିତ୍ୟ ମଧ୍ୟ କେଉଁ ଇତର ମଣିଷମନରୁ ବାହାରି ନାହିଁ, ତାହା ବାଗ୍‌ଦେବୀଙ୍କ ପ୍ରସାଦ, ତେଣୁ ନମସ୍ୟ । ବେଳେବେଳେ ଶ୍ୱାସରୁଦ୍ଧ ହୋଇଯାଏ ଆଧୁନିକ ବୁଦ୍ଧିଜୀବି ଭାରତୀୟର, ଏହି ଭକ୍ତିଭାବର ଆଧିପତ୍ୟ ଦେଖି । ସେ ଦୁଃଖ କରେ ଯେ ଏହି କାରଣରୁ ଆମେ ଯଥାର୍ଥ ସମୀକ୍ଷା କରିବାରେ ଅକ୍ଷମ, ତାହା ଆତ୍ମସମୀକ୍ଷା ହେଉ ବା ସାହିତ୍ୟ ସମାଲୋଚନା । ଆମ ସାହିତ୍ୟରେ ପ୍ରତିଫଳିତ ହୋଇଛି ଏଇ ଭକ୍ତିଭାବର ସୁନ୍ଦର-ଭୟଙ୍କର ସ୍ୱରୂପ । ମନେ ପଡୁଛି ବଙ୍ଗଳା ଗାଳ୍ପିକ 'ବନଫୁଲ୍'ଙ୍କ ଗଳ୍ପ 'ତିଳୋତ୍ତମା' । ଏଇ ନିର୍ଯ୍ୟାତିତ ହିନ୍ଦୁରମଣୀ ସ୍ୱାମୀଠାରୁ ତଥା ସମାଜଠାରୁ ଯଥେଷ୍ଟ ପରାଭବ ପାଇଥିଲେ ମଧ୍ୟ ଶଙ୍ଖ ନ ଫୁଙ୍କି ରହିପାରୁ ନାହିଁ, ଯେତେବେଳେ ସ୍ୱାମୀର ଦ୍ୱିତୀୟ ସ୍ତ୍ରୀ ନବବଧୂ ହୋଇ ପାଦ ଦେଇଛି ତାଙ୍କ ଘରେ । କାରଣ ବିବାହ ନାମକ ଗୋଟାଏ ଏତେବଡ଼ ପବିତ୍ର ଅନୁଷ୍ଠାନ, ତା'ର ନୀତିନିୟମକୁ ସେ ଅମାନ୍ୟ କରିବ କେମିତି ? ଆମ ପୂର୍ବର ଲେଖକମାନେ ଏଇ ଭକ୍ତିଭାବର ସୂଚନା ଦେଉଥିଲେ ଶ୍ରଦ୍ଧାର ସହ, ଏବଂ ଆଜିକାଲି ହୁଏତ କେତେକେ ତା' ପଛରେ ଥିବା ନିଷ୍ଠୁରତା, ମିଥ୍ୟା ଓ ପ୍ରତାରଣାକୁ ଦେଖାଇ ଦେବାକୁ ଚାହାନ୍ତି । କିନ୍ତୁ ଭକ୍ତିଭାବର ରାଜତ୍ୱକୁ ଆମେ ତଥାପି ସ୍ୱୀକାର କରି ଆସୁଛୁ, ମଥା ନୋଇଁ କିମ୍ବା ଦୂରରୁ ତାକୁ ଖତେଇ ହୋଇ ।

ଦ୍ୱିତୀୟରେ ଆମ 'ଧର୍ମ'ର ଅନୁଶାସନ, ଯାହା ପୂଜାପାଠର ଧର୍ମ ନୁହେଁ, କର୍ତ୍ତବ୍ୟର ଧର୍ମ । ଯାହା ଭରି ଯାଇଛି ଆମ ଇଥସ୍‌ରେ, ତେଣୁ ଆମ ଜୀବନାନୁଭୂତିରେ । ସେହେତୁ ସାହିତ୍ୟରେ । ରାମଚନ୍ଦ୍ର ରାବଣ ବଧ କରି ସୀତାଙ୍କୁ ଫେରାଇ ଆଣିଲେ, କାରଣ ତାହା କ୍ଷାତ୍ର ଧର୍ମ । କିନ୍ତୁ କିଛି ଦିନ ଉତ୍ତାରୁ ସେ ତାଙ୍କ ପ୍ରାଣପ୍ରିୟା ପତ୍ନୀଙ୍କୁ ନିର୍ବାସିତ କଲେ (ଦାରୁଣ ଦୁଃଖ ସତ୍ତ୍ୱେ) କାରଣ ତାହା ରାଜଧର୍ମ । 'ଭାବନା ସେ କର୍ତ୍ତବ୍ୟ ଉଞ୍ଚା ହେ ' । ଏଇ କର୍ତ୍ତବ୍ୟବୋଧ ମଧ୍ୟ ଯେତିକି ସୁନ୍ଦର, ସେତିକି ଭୟଙ୍କର । କାରଣ ତାହା ଆଜିକାର ସାମାଜିକ

Digitized by srujanika@gmail.com

ଓ ରାଜନୈତିକ ଆଦର୍ଶକୁ ଅଗ୍ରାହ୍ୟ କରେ । ଯଥା,ମୋର କର୍ତ୍ତବ୍ୟ ହେଉଛି ଧର୍ମପତ୍ନୀର ଯତ୍ନ ନେବା । ତା' ବୋଲି ତାକୁ ଭଲପାଇବା କ'ଣ ନିତାନ୍ତ ଆବଶ୍ୟକ ? ନା ତାକୁ ଭଲରେ ରଖି ଆଉ କେଉଁ ସ୍ତ୍ରୀ ସଙ୍ଗରେ ପ୍ରେମ କଲେ କିଛି କ୍ଷତି ଅଛି ? ମୋର କର୍ତ୍ତବ୍ୟ ଅଛି ମୋର ବାପମାଆ, ପରିବାର ଓ ବିରାଦରି ପ୍ରତି, ଜାତିକୂଳର ସଂସ୍କାର ଅନୁଯାୟୀ । ତେଣୁ ସେମାନଙ୍କ ମଙ୍ଗଳ ପାଇଁ ଲାଞ୍ଚ, ଯୌତୁକ, ପ୍ରିୟାପ୍ରୀତି ତୋଷଣ ଅଥବା ପୋଲିଙ୍ଗ୍ ବୁଥ୍‌ର ଜବରଦଖଲ ଆଦି ତଥାକଥିତ ବେଆଇନ୍ କାମ ଆଦୌ ଦୂଷଣୀୟ ନୁହେଁ ମୋର କର୍ତ୍ତବ୍ୟ ଦୃଷ୍ଟିରୁ । ଆମ ଭାରତୀୟ ସାହିତ୍ୟ ଚିହ୍ନି ଆସିଛି ଏଇ କର୍ତ୍ତବ୍ୟବୋଧର ଦୌରାତ୍ମ୍ୟକୁ । ଯାହା ବ୍ୟକ୍ତିସ୍ୱାଧିନତା ତଥା ସାମାଜିକ ପ୍ରଗତିର ପ୍ରତିକୂଳ ହୋଇଥାଏ ଅନେକ ସମୟରେ । ତେଣୁ ସଂଘର୍ଷ ଅନିବାର୍ଯ୍ୟ, ପ୍ରତ୍ୟକ୍ଷରେ ଅବା ପରୋକ୍ଷରେ , ଏବଂ ଏହି ବିଷୟବସ୍ତୁ ଏକ ସ୍ୱତନ୍ତ୍ର ଭାରତୀୟ ଥିମ୍, ଯାହା କ୍ୱଚିତ୍ ମିଳିବ ପାଶ୍ଚାତ୍ୟ ସାହିତ୍ୟରେ । ସଂସ୍କାରଗତ କର୍ତ୍ତବ୍ୟବୋଧ ସାଙ୍ଗରେ ସ୍ୱାଧୀନ ଚିନ୍ତାର ମୁକାବିଲା ।

ତୃତୀୟରେ ମୁଁ ଏକମତ ପ୍ରତିଷ୍ଠିତ ହିନ୍ଦି ସାହିତ୍ୟିକ ନିର୍ମଳ ବର୍ମାଙ୍କ ସହିତ,ଯେ ଆମ ସାହିତ୍ୟିକ ପରମ୍ପରା ମନସ୍ତାତ୍ତ୍ୱିକ ନୁହେଁ , ଦାର୍ଶନିକ । ଯେଉଁଥିପାଇଁ କାଳିଦାସ ଏବଂ ସେକ୍ସପିୟର ଦୁହେଁ ମହାନ୍ ଲେଖକ ହୋଇଥିଲେ ମଧ୍ୟ ତାଙ୍କ ସାହିତ୍ୟିକ ଜିନିୟସ୍ ସମ୍ପୂର୍ଣ୍ଣ ଭିନ୍ନ ପରସ୍ପରଠାରୁ । ଆମର ଏହି ଦାର୍ଶନିକତାରେ ତିନୋଟି ବିଶେଷ ଗୁଣ ରହିଛି : (କ) କିଛି ଯାଏ ଆସେ ନାହିଁ, (ଖ) ଆଲୁଅ ଅଛି ଅନ୍ଧାର ପଛକୁ, ଏବଂ (ଗ) ଆକାଶର ତାରାମାନଙ୍କୁ ଦେଖ, ସେମାନେ ବେଶି ସୁନ୍ଦର । ମୁଁ ଯା'ର ଯତ୍‌ସାମାନ୍ୟ ବ୍ୟାଖ୍ୟା କରୁଛି ଶୁଣନ୍ତୁ ।

'ଯାଏ ଆସେ ନାହିଁ'ର ଅର୍ଥ ମିଛମାୟା ଏଇ ସଂସାରଟା । ଭଙ୍ଗୁର ଏବଂ ଚଳ ଚଞ୍ଚଳ । ଆଜିର ସତ କାଲିକି ମିଛ, ଅବାନ୍ତର । ସୁପ୍ରସିଦ୍ଧ ଲେଖକ ଆର୍.କେ ନାରାୟଣଙ୍କ ମାଲ୍‌ଗୁଡ଼ିର ଜଣେ ସାଧୁମହାତ୍ମାଙ୍କ କଥା ମନେ ପଡ଼େ, ଯେ ନୂଆ ହୋଇ ସହରକୁ ଆସିଥିଲେ, ଏବଂ ଯେ କେହି ଦୁଃଖୀ ତାଙ୍କ ପାଖକୁ ଆସୁଥିଲା, ତା' ହାତକୁ କାଗଜ ଖଣ୍ଡେ ବଢ଼େଇ ଦେଉଥିଲେ, ଯେଉଁଥିରେ ତା' ଦୁଃଖମୋଚନର ସୂତ୍ର ଲେଖାଥାଏ । ବୁଝୁ ବୁଝୁ ଦେଖାଗଲା ଯେ ପ୍ରତ୍ୟେକ କାଗଜରେ ସେଇ ଗୋଟିଏ କଥା ଲେଖା ହୋଇଛି । ତିନୋଟି ଶବ୍ଦର ମନ୍ତ୍ର —This will pass, ଅର୍ଥାତ୍ ଇଏ ରହିବ ନାହିଁ । କାରଣ କିଛି ହେଲେ ରହିବ ନାହିଁ ଏଇ ସଂସାରରେ । ତେଣୁ ଚିନ୍ତା କାହିଁକି, ଦୁଃଖ କାହିଁକି ? ଦ୍ୱିତୀୟରେ ଆଲୁଅ ଅଛି ଅନ୍ଧାର ପଛକୁ । ଆଲୁଅ, ଏବଂ ଆନନ୍ଦ, ଅମୃତ । କେତେ ପଛକୁ ବୋଲି ପଚାର ନାହିଁ । ରାମକୃଷ୍ଣ ପରମହଂସ କହିଲାପରି, କେହି ଭୋକିଲା ରହିବେ ନାହିଁ ମାଆଙ୍କ ଘରେ, ଏବଂ ଆମେ ସମସ୍ତେ ମୁହାଁଇଛୁ ସେଠିକି । ଏ ଜନ୍ମରେ ନ ହେଲା ନାହିଁ, ପୁନର୍ଜନ୍ମ ଅଛି, ଜନ୍ମଜନ୍ମାନ୍ତରର କ୍ରମ । ଧୈର୍ଯ୍ୟ ଧର । ଭାରତୀୟ ମାନସିକତା ବିବର୍ତ୍ତନବାଦରେ

Digitized by srujanika@gmail.com

ବିଶ୍ୱାସ କରେ । କିନ୍ତୁ ଡାର୍‌ଉଇନ୍, ଲାମାର୍କ ଆଦିଙ୍କର ବିଜ୍ଞାନପ୍ରସୂତ ଅର୍ଥରେ ନୁହେଁ । ଆମ ହିସାବରେ 'ଶେଷ' କ୍ରମଶଃ ଗଢ଼ି ଉଠୁନାହିଁ, ଶେଷ ମୂଳରୁ ଅଛି ଏବଂ ଆମେ ସ୍ୱଭାବତଃ ସେହି ଆଡକୁ ଗତି କରୁଛୁ । କୌଣସି କାରଣରୁ ସେଥିରୁ ବିଚ୍ଛିନ୍ନ ହୋଇଯାଇଛୁ ବୋଲି । ଏଠି ବିବର୍ତ୍ତନପନ୍ଥୀ କିମ୍ୱା ଫ୍ରଏଡୀୟ ମନସ୍ତାତ୍ତ୍ୱିକର କୁତ୍ସିତ ପ୍ରଗତିବାଦ ନାହିଁ । ଅଛି ଏକ ବଳିଷ୍ଠ ଏବଂ ଅସଂଦିଗ୍ଧ ଆସ୍ଥା । ପାଶ୍ଚାତ୍ୟ ଦର୍ଶନରେ ବିସ୍ମୃତ ପ୍ଲାଟୋଙ୍କର ଲକ୍ଷ୍ୟମୁଖୀ (telological) ମାର୍ଗ, ହୁଏତ ତା'ର ପାଖାପାଖି । ତୃତୀୟରେ ଆକାଶର ତାରାମାନଙ୍କୁ ଦେଖ, ସେମାନେ ଯଥେଷ୍ଟ ଅଧିକ ସୁନ୍ଦର ତମଠାରୁ । ସେହେତୁ ତୁମର ଚେତନାକୁ ମିଶେଇ ଦିଅ ବିଶ୍ୱବ୍ରହ୍ମାଣ୍ଡର ସୌନ୍ଦର୍ଯ୍ୟ ସାଙ୍ଗରେ । ଅନ୍ୟ ଅର୍ଥରେ ଭୁଲିଯାଅ ତୁମର ସାନ ନିଉଛୁଣା ବ୍ୟକ୍ତିତ୍ୱ ଓ ତା'ର ହୀନ ସୁଖଦୁଃଖକୁ । ତୁମର ଦୃଷ୍ଟିକୁ ଟେକି ଧର ଦୂରକୁ, ଉର୍ଦ୍ଧ୍ୱକୁ, ସମଗ୍ରକୁ । ଅଣୁବୀକ୍ଷଣ (Microscopic) ରୁ ଦୂରଦର୍ଶନ (Macroscopic)କୁ ।

ଏହେତୁ ନିରୋଳା ଟ୍ରାଜେଡି ତିଷ୍ଠିପାରି ନାହିଁ ଆମ ଭାରତୀୟ ସାହିତ୍ୟରେ । ଦୈବୀ ଗ୍ରୀକ୍ ଟ୍ରାଜେଡ଼ି ହେଉ, କିମ୍ୱା ଚରିତ୍ର ଦୋଷଜନିତ ଶେକ୍ସପିୟରୀୟ ଟ୍ରାଜେଡି । ଏବଂ ଆଧୁନିକ ସାହିତ୍ୟରେ ଯେଉଁ ଟ୍ରାଜେଡିର ସତ୍ତା ଦେଖିବାକୁ ମିଳୁଛି, ତାହା ଅଣାୟତ୍ତ କି ଅନିବାର୍ଯ୍ୟ ବୋଲି ମନେ ହୁଏ ନାହିଁ । ସତେକି ଏଭଳି ଟ୍ରାଜେଡି ଘଟି ନ ଥାଆନ୍ତା ଏଭଳି ଅବ୍ୟବସ୍ଥା ନଥିଲେ ଆମ ସମାଜରେ । ଏଇ ମଧ୍ୟ ମୁଖ୍ୟ ସ୍ୱର ଆମ ଓଡ଼ିଆ ସାହିତ୍ୟର ଟ୍ରାଜେଡିରେ, ଫକୀରମୋହନଙ୍କର 'ରେବତୀ'ଠାରୁ ଆରମ୍ଭ କରି ଆମ ବେଳର ରବି ପଟ୍ଟନାୟକଙ୍କ 'ସାବିତ୍ରୀ' ଯାଏଁ ।

ଏବଂ ଏଇଥିପାଇଁ ଆଜିର ଭାରତୀୟ ସାହିତ୍ୟ ରୋମାନ୍ସଧର୍ମୀ ନ ହେଲେ ମଧ ପୂରାପୂରି ଅସୁନ୍ଦର ହୋଇପାରି ନାହିଁ, ଉଗ୍ର ବାସ୍ତବର ସ୍ୱରୂପକୁ ଦେଖାଇବାକୁ ଯାଇ । ଅଧାବାଟରେ ଅଟକି ଯାଇଛି ।

ଏଇ ହେଲା ଆମ ଭାରତୀୟ ସାହିତ୍ୟର ସ୍ୱାତନ୍ତ୍ର୍ୟ । ଏବଂ ଭାରତଭୂମିର ଐକ୍ୟ ଏବଂ ଏକକତ୍ୱର ପରିଚାୟକ । ଯାହା ଏକ ଗଭୀର ଏବଂ ସାମୂହିକ ସାଂସ୍କୃତିକ ଚେତନା (ethos) ର ପ୍ରତିଫଳନ । ଭାଷା,ବେଶଭୂଷା, ଚାଲିଚଳଣ ଇତ୍ୟାଦି ଉପଜାତୀୟ (ethnic) ସାମଞ୍ଜସ୍ୟର ଖୋଜା-ଲୋଡା ଐକ୍ୟକୁ ଆଶ୍ରା କରି ନାହିଁ । କ'ଣ ଠିକ୍ କହିଲି ଗୋପାଳବାବୁ ? ''

'' ପୂରାପୂରି ଠିକ୍ । ଏବଂ ଧନ୍ୟବାଦ । '' ଗୋପାଳବାବୁ ଉଲ୍ଲସିତ ହୋଇ କହିଲେ । '' କାରଣ ଆପଣ ଯେଉଁ ବ୍ୟାଖ୍ୟା-ବିଶ୍ଳେଷଣ କଲେ ଆମର ସାଂସ୍କୃତିକ ଚେତନାକୁ ନେଇ, ତାହା ସୁନ୍ଦର ହେଉ କି ଭୟଙ୍କର, ସେଇ ସର୍ବଭାରତୀୟ ଚେତନାର ମୂଳଧାରା କଅଣ, ତା' କ'ଣ ତଥାପି ଆପଣଙ୍କ ପ୍ରଚଣ୍ଡ ବୁଦ୍ଧିର ଅଗମ୍ୟ ? ନା ଜାଣିଶୁଣି ଆପଣ ତାକୁ ମାନିବାକୁ ନାରାଜ ? ଆଜ୍ଞା, ମୋର କ୍ଷୁଦ୍ର ବୁଦ୍ଧିରେ ତା'ର ମୂଳାଧାର କେବଳ ଗୋଟିଏ

Digitized by srujanika@gmail.com

ଶବ୍ଦରେ ଗଢ଼ା । ହିନ୍ଦୁତ୍ୱ । ତଥାପି ଆପଣ ତାକୁ ଠେଲିବାକୁ ଚାହାନ୍ତି ନାହିଁ, ଆପଣଙ୍କ ସାହିତ୍ୟରେ, ଦେଶର ସଂହତିକୁ ଟାଣ କରିବାପାଇଁ ? ''

'' ନା । '' ବିକାଶବାବୁ କହିଲେ ଦୃଢ଼ ଭାବରେ । '' ମୁଁ ଯେଉଁ ଭାବଧାରାର ଐକ୍ୟ କଥା କହିଲି, ତା'ର ଉପାଦାନ ଉପଯୋଗୀ ନୁହେଁ ଆଜିକା ଭାରତ ପାଇଁ । ଅନ୍ତତଃ ତାକୁ ବ୍ୟକ୍ତିସ୍ୱାଧିନତା, ଗଣତନ୍ତ୍ର, ଧର୍ମ ନିରପେକ୍ଷତା ଆଦି ଉଦାର ଏବଂ ବୌଦ୍ଧିକ ମନୋବୃତ୍ତି ସହିତ ମିଶାଇ ଭାଗମାପର ପରିବର୍ତ୍ତନ ନ କରିପାରିବା ଯାଏଁ । ତା'ଛଡ଼ା ଭାବିବା କଥା ଯେ ଏହି ପ୍ରକାର ସାଂସ୍କୃତିକ ହିନ୍ଦୁତ୍ୱକୁ କେତେଦୂର ନିର୍ମଳ କରି ରଖିହେବ, ଧର୍ମ-ସାମ୍ପ୍ରଦାୟିକ ଚେତନାରୁ ଦୂରେଇ ନେଇ । ଅପରନ୍ତୁ ମୋର ଭୟ ହେଉଛି ଏବଂ ତାହା ଅମୂଳକ ନୁହେଁ, ଯେ ତାହା ଆମ ବାଞ୍ଛିତ ଐକ୍ୟର ପ୍ରତିକୂଳ ହେବ ।

ଆଚ୍ଛା, ନା । ଆଜିକାର ବାସ୍ତବ ସତ୍ୟ ଯାହା,ଆମର ଏଇ ବିବିଧ ବିଭକ୍ତ ମହାମାନବର ସମାଜରେ, ସେଥିରେ ଏଭଳି ପ୍ରଚେଷ୍ଟା ଓଲଟା ଫଳ ଦେବ । କାଉଣ୍ଟର - ପ୍ରଡକ୍ଟିଭ୍ । ମାନିବାକୁ ପଡ଼ିବ ଯେ ଯେଉଁ ଦେଶାତ୍ମବୋଧକୁ ଆମେ ପ୍ରତିଷ୍ଠିତ କରିବାକୁ ଚାହୁଁଛୁ, ତା'ର ବିଗ୍ରହ ପୁରାତନ ନୁହେଁ; ପଚାଶବର୍ଷରୁ ଊଣା । ତେଣୁ ଆଜିକାର ଭୌଗଳିକ ସୀମା ସରହଦ ଏବଂ ନୀତିବୋଧକୁ ନେଇ ତା'ର ବିଶିଷ୍ଟ ମହିମା ପୂରାପୂରି ଜରି ଯାଇପାରି ନାହିଁ ଆମ ଶିରାଧମନୀରେ । ଅପରନ୍ତୁ ସ୍ୱାଧିନତା ଆସିଲା ପରେ କ୍ରମଶଃ ଅନେକ ମୂକ, ଦଳିତ,ଅବହେଳିତ ମଣିଷଗୋଷ୍ଠୀ ମୁଣ୍ଡ ଟେକିଲେଣି, ଆପଣା ଆପଣା ନିଜତ୍ୱ (sense of identity)ଏବଂ ତା'ର ମହତ୍ତ୍ୱକୁ ଆବିଷ୍କାର କଲାପରି । ସେଥିରେ ଭାଷା, ଚାଲିଚଳଣ, ଧାର୍ମିକ ଆସ୍ଥା, ସାମାଜିକ ପରିସ୍ଥିତି ଇତ୍ୟାଦି ପ୍ରତ୍ୟେକର ଭୂମିକା ରହିଚି । ବହୁମୁଖୀ ବୈଷମ୍ୟର ଏକ ପ୍ରଚଣ୍ଡ କଳରୋଳ, ଆପଣାକୁ ଚିହ୍ନି ଚିହ୍ନାଇବା ପାଇଁ । ଏହାର କଳାତ୍ମକ ଏବଂ ସମ୍ବେଦନଶୀଳ ବିବରଣୀ ଦେଖିବାକୁ ମିଳିବ ବହୁଯୁଗର ଘରଛଡା ଭାରତୀୟ ଲେଖକ ଭି.ଏସ୍.ନାଏପୁଲଙ୍କ ''A Million Mutinies Now'' ନାମକ ବହିରେ । କିନ୍ତୁ ଏଇ ଉତ୍ତାଳ କଳରୋଳ କ୍ରମଶଃ ଥମିଯିବ ।

ଏହି ବିକ୍ଷୁବ୍ଧ ତରଙ୍ଗାୟିତ ସମୁଦ୍ର କ୍ରମଶଃ ଶାନ୍ତ ହୋଇଯିବ ଏବଂ ବିଭିନ୍ନ 'ନିଜତ୍ୱ' ଏକାକାର ହୋଇ ମିଶିଯିବ ନୂଆ ଭାରତର ନିଜତ୍ୱ ସାଙ୍ଗରେ । ଊଣା ଅଧିକେ ସମସ୍ତେ ଶିକ୍ଷିତ ଓ ସ୍ୱଚ୍ଛଳ ହେଲେ ଆମର ଐକ୍ୟବୋଧ ଏକ ସହଜାତ ଏବଂ ନୈସର୍ଗିକ ଅନୁଭୂତି ପରି ମନେ ହେବ । ଆମର ବୈଷମ୍ୟଜର୍ଜ୍ଜରିତ ଭାରତବର୍ଷ ଯଥାର୍ଥରେ ସମନ୍ୱିତ ହୋଇ ଉଠିବ, ଅନ୍ୟାନ୍ୟ ଅନେକ ଦେଶ ପରି । ଏବଂ ଏହି ପରିବେଶରେ ସାହିତ୍ୟ ତା' କାମ ସ୍ୱଚ୍ଛନ୍ଦରେ କରିଯିବ, ସହଜ ଆବେଗର ମାଧ୍ୟମରେ, ଜାତୀୟତାବୋଧକୁ ଆହୁରି ବଳିଷ୍ଠ କରିବା ପାଇଁ । ବିଭିନ୍ନ ଭାଷା ମଧ୍ୟ ତା'ର ଅନ୍ତରାୟ ହେବ ନାହିଁ, କାରଣ ଅଧିକାଂଶ ଲୋକେ

Digitized by srujanika@gmail.com

ବୁଝିପାରୁଥିବେ ନାନା ଭାଷାର ସାହିତ୍ୟ । ଏବଂ ସେଥିପାଇଁ ଯଥେଷ୍ଟ ଅବସର ମଧ୍ୟ ଥିବ ତାଙ୍କ ହାତରେ । ଉଏ ମୋର ସମୀଚିନ ସ୍ୱପ୍ନ ଓ ବିଶ୍ୱାସ ଗୋପାଳବାବୁ । ''

'' କିନ୍ତୁ ଆପଣମାନେ କ'ଣ ଚୁପ୍ ହୋଇ ବସିଥିବେ ସେଇ ସ୍ୱର୍ଣ୍ଣଯୁଗ ଆସିବା ପୂର୍ବରୁ ? ''

'' ନା, ଆମେ ସାହିତ୍ୟ ଲେଖିବା ନିଜ ନିଜ ପୋଖରୀ କୂଳରେ, ପରିପାର୍ଶ୍ୱର ଅନ୍ତରଙ୍ଗତାକୁ ପରିସ୍ଫୁଟ କରି । ଏବଂ ଆପେ ଆପେ ସଞ୍ଚାଳିତ ହୋଇ, ଆପଣା ଆଭିମୁଖ୍ୟରେ । ଜାତୀୟତାବୋଧ ସେଥିରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ୱାଭାବିକ, ତାହା ଆଶାନୁରୂପ ନ ହେଲେ ମଧ୍ୟ । ତେଣୁ ଅଧିକରୁ ଅଧିକ ସାହିତ୍ୟ ଲେଖାଯାଉ, ଭାରତୀୟ ସାହିତ୍ୟ, ତାହା ମଧ୍ୟବିତ୍ତର ସାହିତ୍ୟ ହେଉ କି ଗଣସାହିତ୍ୟ, ଇଂରେଜି ହେଉ କି ଓଡ଼ିଆ । ଭାରତବର୍ଷ ଅବଶ୍ୟ ମୁହଁ ଦେଖାଇବ ତା' ଭିତରେ, ଥରକୁ ଥର । ଯଦିଓ ଆପଣ କହିବେ ଏବଂ କହିବା ଉଚିତ ଯେ ମାତ୍ର ଏତିକି ନୁହେଁ, ଏତିକି ନୁହେଁ । ଅସଲ ହେଲା ଅନୁଭୂତ ମମତ୍ୱ ଓ ସଂହତିର ସତକଥା, ଯାହାର ପହୁଞ୍ଚ ଯେଉଁଯାଏ । ଯେଉଁ ଅନୁଭୂତିରେ ଶାନ୍ତନୁ ଆଚାର୍ଯ୍ୟଙ୍କର ସହଯାତ୍ରୀମାନେ ଅଛନ୍ତି, ଅବା ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି'ରେ ଆନ୍ଧ୍ର-ଓଡ଼ିଶା ସୀମାର ଦୂରପାର୍ଶ୍ୱରେ ଥିବା ଏକାଭଳି ଗରିବ ଓ ଭୋକିଲା ପିମ୍ପୁଡ଼ି । କିନ୍ତୁ ଲେଖକକୁ ବାଧ୍ୟ କରନାହିଁ ଭାରତବର୍ଷ ପାଇଁ ଲେଖିବା ପାଇଁ, କିମ୍ବା ତାକୁ ତିରସ୍କାର କର ନାହିଁ ସେ ସେମିତି ଲେଖିପାରୁ ନାହିଁ ବୋଲି । ସେ ପ୍ରଥମେ ଗୋଟିଏ ସତ୍ୟନିଷ୍ଠ ସୁଲେଖକ ହେଉ, ଯେତିକି ଶୁଭେଚ୍ଛା ଲୋଡା ଆପଣମାନଙ୍କଠାରୁ । ତା କାନ୍ଦଣା, ତା' ଅନୁଭବ, ତଥା ତା'ର ଚିନ୍ତା ତାକୁ ଆପେ ଆପେ ନେଇଯିବ ଥୋଡାଏ ବାଟ । ଏଇ ଆମର ନବନିର୍ମିତ ଓ ନବ ଜାଗ୍ରତ ଏବଂ ମାନବବାଦ ଉପରେ ପ୍ରତିଷ୍ଠିତ (ହସନ୍ତୁ ନାହିଁ) ଜାତୀୟତାବୋଧ ଦିଗରେ.....''

x x x ଆଳାପ ଆଲୋଚନା ଥକିଗଲା ପରେ ସେମାନେ ଗଲେ ଗୋପାଳବାବୁଙ୍କ ଡ୍ରଇଂରୁମ୍‌ରେ ବସିବାପାଇଁ । କିନ୍ତୁ ଯାଇ ଦେଖନ୍ତି ଯେ ଡ୍ରଇଂରୁମ୍ କବାଟ ବନ୍ଦ । କ'ଣ ନା ସେଠି ଗୋଟାଏ ରିହର୍ସାଲ ଚାଲିଛି ଗୋପାଳବାବୁଙ୍କ ସାନ ପୁଅ ସତ୍ୟପାଳର ନେତୃତ୍ୱରେ । କଲେଜରେ ଡ୍ରାମା ଅଛି,ଆସନ୍ତା ସୋମବାର ଦିନ । ସତ୍ୟପାଳ ବିକାଶବାବୁଙ୍କୁ ଦେଖି କହିଲା ଆନନ୍ଦିତ ହୋଇ, ''ଅଙ୍କଲ୍, କ'ଣ ଏତେ ଗପୁଥିଲେ ବାପାଙ୍କ ସାଙ୍ଗରେ ? ଆମେ ଆପଣଙ୍କୁ ଅପେକ୍ଷା କରି ବସିଛୁ, ଆମ ରିହର୍ସାଲ ଦେଖି କିଛି ପରାମର୍ଶ ଦେବେ ଆମକୁ ।''

''କ'ଣ ଏଇ ଡ୍ରାମା ? '' ବିକାଶ ବାବୁ ପଚାରିଲେ ।

'' ମଡର୍ଣ୍ଣ ଡ୍ରାମା । ଇବ୍‌ସେନ୍‌ଙ୍କର । 'ଏ ଡଲ୍‌ସ୍ ହାଉସ୍'ର ଓଡ଼ିଆ ଅନୁବାଦ । ସେଥିରେ ମୁଁ ଅଛି, ଫିଜିକ୍ସର ବଶୀର ଅହମଦ୍, ଆମ ମାଳୀ ରାଜୁର ପୁଅ ପାଣୁ ଯେ

Digitized by srujanika@gmail.com

ଏବେ ଜଏନ୍ କରିଛି କଲେଜ୍‌ରେ, ଯାତ୍ରା କରୁଥିଲା ପିଲାଦିନେ... ଆଉ ନୋରା କିଏ ହୋଇଛି ଜାଣନ୍ତି ? ଆପଣଙ୍କ ପଡୋଶୀ ସାମୁଏଲ୍ ସାହେବଙ୍କ ଝିଅ ମାର୍ଗାରେଟ୍ ...''

ବିକାଶବାବୁ ଗୋପାଳବାବୁଙ୍କ ଆଡକୁ ଅନେଇଲେ ଅର୍ଥପୂର୍ଣ୍ଣ ଚାହାଣୀରେ ।

ଗୋପାଳବାବୁ ବୁଝିଲେ । କହିଲେ, ''ମୁଁ ବୁଝୁଛି ଆପଣଙ୍କ ଆଖିମିଟିକା । କିନ୍ତୁ ମୋ ମନ ମାନୁ ନାହିଁ, ବିକାଶବାବୁ । ଏତିକି ନୁହେଁ, ଏମିତି ନୁହେଁ, ବର୍ତ୍ତମାନ ପରିସ୍ଥିତିରେ । ଆପଣମାନଙ୍କୁ ଆହୁରି ଅଧିକ ଚେଷ୍ଟା କରିବାକୁ ପଡ଼ିବ, ଆପଣ ଯାହା କୁହନ୍ତୁ ପଛକେ, ଆମକୁ ବଞ୍ଚେଇବା ଲାଗି ।

(ସେଇଠୁ ଟିକିଏ ରହିଯାଇ) ଆମର ଦୋଷ କେଉଁଠି କହିବି ? ଆମ କାନ୍ଦଣା ଦୁର୍ବଳ । ତୀବ୍ର ନୁହେଁ, ତପ୍ତ ନୁହେଁ । ତା' ହୋଇଥିଲେ ଛାଏଁ ଛାଏଁ ଆପଣଙ୍କ ଲେଖନୀ ମାଡ଼ି ଯାଆନ୍ତା ବର୍ତ୍ତମାନର ଠିକଣା ବାଟରେ, ଆଉ ମୁଁ ବି କିଛି କରିପାରନ୍ତି ମୋ ହିସାବରେ...''

'' ହୋଇଥିବ । ଆମେ ମଧ୍ୟବିତ୍ତ, ଦୁର୍ବଳ ବୁଦ୍ଧିଜୀବି ପରା ? ଆମଠୁଁ ଆଉ କ'ଣ ଆଶା କରାଯାଏ ?''

Digitized by srujanika@gmail.com

ଲେଖକ, ଭଲଲୋକ

ଗୋପାଳବାବୁ ଯଥା ସମୟରେ ଯାଇଁ ପହୁଂଚିଥିଲେ ବିକାଶବାବୁଙ୍କ ଘରେ । ଠିକ୍ ସକାଳ ଦଶଟା ବେଳେ ଏବଂ କୌଣସି ସଂଦେହ ନାହିଁ ଯେ ଆଜି ତେର ତାରିଖ, ବୁଧବାର ଏବଂ ସରକାରୀ ଛୁଟି ମହାବିଷୁବ ସଂକ୍ରାନ୍ତି ଉପଲକ୍ଷ୍ୟରେ । ସେହେତୁ ଭ୍ରମରେ ପଡ଼ିବାର ପ୍ରଶ୍ନ ଉଠୁନାହିଁ । ଏଇଦିନ ଏତିକିବେଳକୁ ବିକାଶବାବୁଙ୍କର ନିମନ୍ତ୍ରଣ ଥିଲା ଯେ ଦୟାକରି ଆସିବେ ଗୋଟାଏ ନୂଆ ଧରଣର ଗପ ଶୁଣେଇବି ଆପଣଙ୍କୁ, ବିଅର୍ ଓ ଶ୍ରୀମତୀଙ୍କ ହାତର ଚିଂଗୁଡ଼ି ଚପ୍ ସାଙ୍ଗରେ । କିନ୍ତୁ ଇଏ କଅଣ ? ବେଲ୍ ବଜାଇଲାରୁ ଭୃତ୍ୟ ନକୁଳ ତା' କେଁକେଁଇଆଁ ସ୍ୱରରେ ଜଣାଇ ଦେଉଛି ଯେ ବାବୁ ଘରେ ନାହାନ୍ତି । ଗୋଟାଏ ମିଟିଙ୍ଗକୁ ଯାଇଛନ୍ତି, କେତେବେଳେ ଫେରିବେ କହିହେବ ନାହିଁ ଏବଂ ତା' ପଛେ ପଛେ ବିକାଶିନୀ (ଗୋପାଳବାବୁ କବିପତ୍ନୀଙ୍କୁ 'ବିକାଶିନୀ' ବୋଲି ଡାକନ୍ତି ସ୍ନେହବୋଳା ପରିହାସରେ) ଗୋଟାଏ ତରବରିଆ ନମସ୍କାର ପକେଇ ପଚାରୁଛନ୍ତି ତାଙ୍କୁ, କାବା ହେଲା ପରି...

''ଆପଣ ଯାଇ ନାହାନ୍ତି ସେଠିକି ? ''

''କୋଉଠିକି ?'' ଗୋପାଳବାବୁଙ୍କ ଆଖି ମଧ୍ୟ ପ୍ରାୟ ସେତିକି ବିସ୍ତାରିତ ହେଲା, ଯଦିଓ ଆୟତାକ୍ଷି ନ ହୋଇଥିବାରୁ ତାହା ପ୍ରସ୍ଫୁଟିତ କମଳ ପରି ନ ଦିଶି ଭୟଭୀତ ଜଂତୁ ବିଶେଷର ଆଖି ପରି ଦେଖାଗଲା । ବିସ୍ମୟ ସାଂଗକୁ ନୈରାଶ୍ୟ । ନୂଆ ଧରଣର ଗପକୁ ମାର ଗୋଲି, ବିଅର୍ ବି ନ ହେଲା ନାହିଁ, କିଂତୁ ଯା'କୁ ମିଶେଇ ତିନିଥର ହେଲା, ବିକାଶବାବୁ ତାଙ୍କୁ ଠକେଇ ଦେଇଛନ୍ତି ଚିଂଗୁଡ଼ି ଚପ୍ ନେଇ । ଯେମିତିକି ଲେଖକ କଳାକାର ବୋଲି ସ୍ୱେଚ୍ଛାରେ ଜଣାଇଥିବା ନିମଂତ୍ରଣକୁ ଭୁଲିଯିବା ଏବଂ ଆତିଥ୍ୟର ଦାୟିତ୍ୱକୁ ସ୍ୱୀକାର ନ କରିବା ତାଙ୍କର ସ୍ୱଧର୍ମ ! ଗୋପାଳବାବୁଙ୍କ ପାଲଟା ପ୍ରଶ୍ନରେ ଯତ୍ ସାମାନ୍ୟ ବିରକ୍ତି ଥିଲା ।

'' ଆରେ ? ଜାଣି ନାହାନ୍ତି ଆପଣ ? କାଗଜରେ ବାହାରିଥିଲା ପରା ଯେ ଆଜି ଗୋଟାଏ ଶୋକସଭା ହେବ ଟାଉନ୍‌ହଲ୍‌ରେ ସ୍ୱର୍ଗୀୟ ଡକ୍ଟର ଚଂଦ୍ରମଣି ସାମନ୍ତଙ୍କ ପାଇଁ ? ଅବଶ୍ୟ ୟାଙ୍କର ଯିବା ବେଶୀ ଦରକାର ଲେଖକ ହିସାବରେ, କିଂତୁ ଚଂଦ୍ରମଣିଙ୍କ ପରି ଜଣେ ବିରାଟ ଲେଖକ, ମୁଁ ଭାବିଥିଲି... ।'' ପ୍ରଚ୍ଛନ୍ନ ତିରସ୍କାର ଥିଲା ବିକାଶିନୀଙ୍କ କଣ୍ଠରେ ।

Digitized by srujanika@gmail.com

ଗୋପାଳବାବୁ କିଛି ଉତ୍ତର ଦେଲେ ନାହିଁ । କିଂତୁ ନିଜ ଦୋଷକୁ ନୀରବରେ ସ୍ୱୀକାର କରି ନେଲାପରି ନୁହେଁ । ବରଂ ତିରସ୍କାର ଗର୍ଜି ଉଠୁଥିଲା ତାଙ୍କ ମନରେ ବଂଧୁଙ୍କ ଉଦ୍ଦେଶ୍ୟରେ । ଏଇ ତିନିଦିନ ତଳେ ପଡ଼ିଥିଲା ଆମ ଦିହିଁଙ୍କ କଲେଜ୍ ବେଳର କଥା । ସେହି ସଂକ୍ରାନ୍ତରେ ମୋ ଠାରୁ ଦି'ବର୍ଷ ସିନିୟର୍ ଏବଂ ବିକାଶବାବୁଙ୍କ ସହପାଠୀ ଚଂଦ୍ରମଣି ସାମନ୍ତ ଓରଫ୍ ଚମ୍‌ଚା ଚଂଦୁର କୁଖ୍ୟାତ କାର୍ଯ୍ୟକଳାପ । ସେଥିର ବହୁମୁଖୀ ଚମତ୍କାରିତା । କେମିତି ସେ ଖୋଲାଖୋଲି ନାନା କୁକର୍ମ କଲେ ମଧ୍ୟ ତା'ର ତିଳେ ହେଲେ କ୍ଷତି ହେଉ ନ ଥିଲା । ତା'ର ଚମ୍‌ଚାଗିରି, ତଥା ୟୁନିଭର୍ସିଟି ପରୀକ୍ଷାରେ ତା'ର ସଂଭାବିତ ଅସାଧାରଣ କୃତିତ୍ୱ ଯୋଗୁଁ, ଯାହାକି ସୁନାମ ଆଣିଦେବ କଲେଜକୁ । ଫାଷ୍ଟକ୍ଲାସ୍ ପାଇବା ତ ସାମାନ୍ୟ କଥା, ସଂଭବତଃ ସେ ଏଥର ବି ଫାଷ୍ଟ୍ ହେବ ୟୁନିଭର୍ସିଟିରେ । କେବଳ ତା' ସବ୍‌ଜେକ୍ଟରେ ନୁହେଁ, ଆର୍ଟସ ଓ ସାଇନ୍ସର ସମଗ୍ର ଫଳାଫଳକୁ ନେଇ । ବି.ଏ.ରେ ଯାହା ହୋଇଥିଲା, ଏମ୍.ଏ.ରେ ବି ସେଇଆ ହେବ । ଏଭଳି ଛାତ୍ରକୁ ଶାସ୍ତି ଦିଆଯିବ ? ତା କେମିତି ହେବ ? ହେଲା ଏବେ ସେ କୋଉ ସହପାଠିନୀର ଗାଲକୁ କାମୁଡ଼ି ଦେଲା, ରାତି ପରେ ରାତି ହଷ୍ଟେଲର ପାଚିରୀ ଡେଇଁ ଚମେଲୀ ବଜାରର ବେଶ୍ୟାପଡ଼ାକୁ ଗଲା ଏବଂ ଯେତେକ ଗଣ୍ଡଗୋଳ ସୃଷ୍ଟି କଲା ସେଠି । ପ୍ରମାଣିତ ଯେ ପରୀକ୍ଷା ହଲ୍‌ରେ ସେ ବଛା ବଛା ପ୍ରଶ୍ନର ଉତ୍ତର ଲେଖି ବଢ଼େଇ ଦେଇଥିଲା ତା' ଚଳନ୍ତି ଗାର୍ଲଫ୍ରେଣ୍ଡ ମାଳିନୀ ହାତକୁ । ଆଉ ଥରେ ନୈଶ୍ୟ ଅଭିଯାନର ଦୋସ୍ତ ରଂଗନାଥ ହାତକୁ । ଏ କଥା ମଧ୍ୟ ସତ ଯେ ସେ ଜଣେ ତରୁଣ ଅଧ୍ୟାପକଙ୍କ ନବବିବାହିତା ପତ୍ନୀଙ୍କ ପ୍ରତି ବଳାତ୍କାର କରିବାକୁ ଯାଉଥିଲା । କିଂତୁ କ'ଣ ହେଲା ସେଠୁଁ ? ନ ବାଧିଲା ପରି ଦି'ପଦ ଚେତାବନୀ ଶୁଣେଇ ଦେଲେ ଯଥେଷ୍ଟ । କିଓ, ସେ କୋଉ ଅର୍ଡିନାରୀ ପିଲା ହୋଇଛି ? କେଇଜଣ ତା' ବିଦ୍ୟାବୁଦ୍ଧିର ସମକକ୍ଷ ହୋଇ ପାରିବେ ? ଆମ କଲେଜକୁ ଏତେ ଉପରକୁ ଟେକି ଦେଇ ପାରିବେ ପରୀକ୍ଷା ପାସ୍ ଡିଗ୍ରୀର ଅସାମାନ୍ୟ ଉଜ୍ୱଳତାକୁ ନେଇ ? ତା'ଛଡ଼ା କିଏ ଏଭଳି ଚାଟୁବାଣୀ ଶୁଣାଇପାରିବ ମଂଜୁଳ ଓ ପ୍ରାଂଜଳ ଭାଷାରେ ? ବିକାଶବାବୁ ନିଜେ କହୁଥିଲେ ତାଙ୍କର କେମିତି ହିଂସା ହେଉଥିଲା ଏଇ ଅସଭ୍ୟ ଲୋକଟା ଉପରେ, ଯାହାକୁ ସାତଖୁଣ୍ ମାଫ୍ ମିଳୁଥିଲା ତା' ବିଦ୍ୟାବୁଦ୍ଧିଯୋଗୁଁ ଏବଂ ରାଗ ଚଢୁଥିଲା କର୍ତ୍ତୃପକ୍ଷଙ୍କଉପରେ ସେମାନଙ୍କ ଘୋର ପକ୍ଷପାତୀ ଆଚରଣ ପାଇଁ ।

ଗୋପାଳବାବୁ ବଂଧୁଙ୍କୁ ଚେତାଇ ଦେଲେ ମନେ ମନେ ଯେ ତମେ ତା'କୁ ବେଶି ଜାଣିଛ ମୋଠୁଁ । ଜାଣିଛ ଯେ କଲେଜ୍ ପଢ଼ା ପରେ ମଧ୍ୟ ସେ ସୁଧୁରିଲା ନାହିଁ । ଅପରଂତୁ ନୂଆ ନୂଆ ଦୁର୍ନୀତିର ପରାକାଷ୍ଠା ଦେଖାଇଲା ଏବଂ ସେଥିରେ ଆସ୍ଫାଳନ କଲା, କଲେଜ୍ ପଢ଼ାବେଳେ ଯେମିତି ରାତି ଅଧରେ ଗୀତ ଗାଇ ଗାଇ ବୁଲୁଥିଲା ବିର୍ ବଜାରରେ, ନିଶାରେ ଟଳ ଟଳ ହୋଇ- ''ଜ୍ୟାସ୍ତି ପ୍ୟାର କିୟା ଶାଲୀକୋ, ଉସ୍‌ମାନୀ କୋ ... । '' ଦି' ହାତିଆ

Digitized by srujanika@gmail.com

ଲାଂଚ ନେଲା, ଇନକମ୍ ଟ୍ୟାକ୍ସ ବିଭାଗରେ ଚାକିରୀ କରି । ଏମିତି ଖୋଲାଖୋଲି ଲାଂଚ ନେଲା ଯେ ତା' ଚାମଚାଗିରି କାମ ଦେଲା ନାହିଁ ଆଉ । ତେଣୁ ବାଧ ହୋଇ ଇସ୍ତଫା ଦେଲା, ସସ୍‌ପେଣ୍ଡ ହେବା ଆଗରୁ । ତା' ପରେ ଅଧ୍ୟାପନା । ସେଠି ମଧ୍ୟ ସେଇଆ । ଲାଂଚ ନେଲା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବାପାଇଁ । ପୁଣି ବିଶିଷ୍ଟ ଧରଣର ଲାଂଚ ନେଲା ମନଲାଖି ଛାତ୍ରୀମାନଙ୍କ ଠାରୁ । କଲେଜରୁ କଲେଜ୍ ଡେଇଁ ଡେଇଁକା ଗଲା ବଦ୍‌ନାମ୍ ହୋଇ । ମଝିରେ କିଛି ଦିନ ଓକିଲାତି କଲା । ପଲିଟିକ୍ସ ବି କଲା । ବେଶ୍ କିଛି କମେଇଲା, ବିଭିନ୍ନ ଦୁର୍ନୀତିର ଆଶ୍ରୟ ନେଇ । ଅବଶ୍ୟ ମଧ୍ୟବୟସରେ ପହଂଚିଲା ବେଳକୁ ସେ ଦୁର୍ନୀତିର ବାନା ଉଡେଇବାକୁ ଚାହିଁଲା ନାହିଁ । ବୋଧହୁଏ ପିଲାକିଆମି ମନେ କରି ଚୁପଚାପ୍ କରିଗଲା ତା' ଦେଖିଲା କାମ । ତମକୁ କିଛି ଅଜଣା ନାହିଁ ବିକାଶବାବୁ । ତମେ ନିଜେ ହିଁ କହୁଥିଲ ସେ କଥା, ଯେତେବେଳେ ତମେ ଶୁଣିଲ ଯେ ସେ ବେମାର ପଡ଼ିଛି ଏବଂ ତିଳେମାତ୍ର ଦରଦ ନ ଥିଲା ତମ କଣ୍ଠରେ । ଏଇ କେଇଟା ଦିନ ତଳର କଥା ।

ଅବଶ୍ୟ କ୍ରମଶଃ ସେ ଗୋଟାଏ ବଡ଼ ଲେଖକ ବନିଗଲା । କଲେଜ ବେଳର ଦି'ଧାଡ଼ିଆ ରସରସିଆ କବିତାରୁ ଉତ୍ତୀର୍ଣ୍ଣ ହୋଇ ଅନେକ ଉଗ୍ରବାଦୀ, ସାମ୍ୟବାଦୀ ଏବଂ ତଥାକଥିତ ମିଷ୍ଟିକ୍ କବିତା ଲେଖିଲା । ସେଇଠୁଁ କବିତାକୁ ପଛରେ ପକେଇ ନାନାଦି ଗଳ୍ପ, ଉପନ୍ୟାସ, ଏକାଙ୍କିକା ଓ ରମ୍ୟରଚନା । କହିବାକୁ ଗଲେ ସାହିତ୍ୟର କୌଣସି ବିଭାଗକୁ ଛାଡ଼ି ନ ଥିଲା ସେ । କିନ୍ତୁ ଗଦ୍ୟରେ ହିଁ ନାଆଁ କମେଇଲା । ବିଭିନ୍ନ ଗୋଷ୍ଠୀର ସମୀକ୍ଷକ ମୁକ୍ତ କଣ୍ଠରେ ସ୍ୱୀକାର କଲେ ଯେ ଏଭଳି ତୀବ୍ର ଅନୁଭବ ଓ ଗଭୀର ଚିଂତାର ସମନ୍ୱୟ କ୍ୱଚିତ୍ ଦେଖିବାକୁ ମିଳିଛି ଆମ ସାହିତ୍ୟରେ । ବେଶ୍ କେତେଗୁଡ଼ିଏ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ବି ମିଳିଗଲା ତା'କୁ ଏକାଧିକ ସରକାରୀ ଓ ବେସରକାରୀ ସାହିତ୍ୟ ଅନୁଷ୍ଠାନ ତରଫରୁ । କିଂତୁ ତମେ 'ଇ କହିଲ ସେଦିନ ବିକାଶବାବୁ, ଅଯଥାରେ ଫୁସ୍ ଫୁସ୍ ହୋଇ ମୋ କାନରେ, ଯେ ଥରେ ତା'ର ଅତ୍ୟାଚାରିତା ତୃତୀୟ ପତ୍ନୀ (ଅତ୍ୟାଚାରର ନିଷ୍ଠୁରତମ ନମୁନା ହେଲା ଯେତେବେଳେ ସେ ପତ୍ନୀକୁ ପାଖଘରେ ତାଲା ବଂଦ କରି ଅନ୍ୟ କେଉଁ ରମଣୀକୁ ଭୋଗ କରେ), ସ୍ୱାମୀର ପୁରାଏ ପାଣ୍ଡୁଲିପି ପୋଡ଼ି ଦେଇଥିଲା ତା'ଆଖି ସାମ୍‌ନାରେ, ଅତ୍ୟାଚାରର ଠିକଣା ଜବାବ୍ ଦେଲା ପରି । ହେଲେ ମୁଁ ବୁଝି ପାରୁଛି ଯେ ଥୋକେ ଜାଣିବା ଲୋକେ କେବଳ ଫୁସ୍ ଫୁସ୍ ହୋଇଥିବେ ତମ ପରି । କାରଣ ସେମାନେ କଦାପି ବିଶ୍ୱାସ କରି ନ ଥାଆନ୍ତେ ଯେ ଏତେ ବଡ଼ ଲେଖକ ଏଭଳି ଦୁଷ୍ଟାମି କରିପାରେ । ଭାବି ଥାଆନ୍ତେ ଯେ କଥାଟା ଗୋଟିଏ ହିଂସୁକୁଟିଆ ଗୁଜବ୍, ସତ ନୁହେଁ ।

ଯଥାକ୍ରମେ ଚମ୍‌ଚା ଚଂଦୁର ଇତିହାସ ପୋତି ହୋଇଗଲା, ଏବଂ ଗୋଟିଏ ନୂଆ ଉଜ୍ଜଳ ଇତିହାସ ଗଢ଼ି ଉଠିଲା ମହାନ୍ ଲେଖକ ଡକ୍ଟର ଚନ୍ଦ୍ରମଣି ସାମନ୍ତଙ୍କ ପାଇଁ । କିନ୍ତୁ ତମେ'ଇ ତ ଜାଣିଛ ସବୁ କଥା ବିକାଶବାବୁ, ଜାଣିଛ ସେ କେତେ ଘୃଣ୍ୟ, କେତେ

Digitized by srujanika@gmail.com

ଜଘନ୍ୟ, ମଣିଷ ହିସାବରେ । ହଁ, କହିପାର ଯେ' ତାଙ୍କର ଗୋଇ ଖୋଳି ଲାଭ ନାହିଁ, ଆଜିକାର ଲେଖକ ସାହିତ୍ୟିକ ମହଲରେ । କେହି ତା'କୁ ବିଶ୍ୱାସ ନ କରିବା ଛଡ଼ା, ସେଥିରେ ବାଧା ହେବ ଆମ ସାହିତ୍ୟକୁ । ଅନ୍ତତଃ ଆମ ସାହିତ୍ୟର ଇମେଜ୍, ଅନ୍ୟ ଭାଷାର ସାହିତ୍ୟିକ ମାନଙ୍କ ଦୃଷ୍ଟିରେ । ବିଶେଷତଃ ବର୍ତ୍ତମାନ ଲୋକଟି ମଂଚରୁ ବିଦାୟ ନେଇଗଲା ପରେ, ତା'କୁ ନିନ୍ଦା କରିବା ସର୍ବଥା ଅନୁଚିତ ସଭ୍ୟତାର ସଂହିତା ଅନୁଯାୟୀ । ତା' ବୋଲି ତମେ ବି' ଯିବ ଶୋକସଭାକୁ ତା'ର ପ୍ରଶସ୍ତି ଶୁଣିବା ପାଇଁ ? କାହିଁକିନା ତମେ ଜଣେ ଲେଖକ,ତେଣୁ ତମର ଇମେଜ୍ ବି' ଖରାପ ହୋଇଯିବ ତମ ଲେଖକ-ସାହିତ୍ୟିକଙ୍କ ବିରାଦରିରେ, ଯଦି ସେମାନେ ତମକୁ ନ ଦେଖନ୍ତି ସେଠି ? ପୁଣି ତମର ଜଣେ ବିଶିଷ୍ଟ ବନ୍ଧୁଙ୍କୁ ଚିଙ୍ଗୁଡ଼ିଚପ୍, ବିଅର୍ ଓ ତମର ଏକ ନୂଆ ଧରଣର ଗପ ଶୁଣାଇବାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ? ଛିଃ, ଏତେ ଶଠ ହୋଇପାର ତମେ, ବିକାଶବାବୁ ?

ଗୋପାଳବାବୁ ସେଠାରୁ ପ୍ରସ୍ଥାନ କଲେ ପଦୁଟିଏ କଥା ନ କହି, ଏବଂ ବନ୍ଧୁପତ୍ନୀଙ୍କ ଚା' ସରବତ୍ ଆଦିର ନିମଂତ୍ରଣକୁ ଅଗ୍ରାହ୍ୟ କରି ।

ତା' ପରଦିନ ସେ ଯାହା ପଢ଼ିଲେ ଖବରକାଗଜରେ ସେଥିରେ ତାଙ୍କ ମଥା ଘୁରିଗଲା । କାରଣ ସେ ଜାଣିଲେ ଯେ ବିକାଶବାବୁ କେବଳ ସେଇ ସଭାକୁ ଯାଇ ନାହାନ୍ତି, ମଧ୍ୟ ଗୋଟିଏ ଭାଷଣ ଛାଡ଼ି ଦେଇଛନ୍ତି, ଚନ୍ଦ୍ରମଣିଙ୍କର ଭୂରି ଭୂରି ପ୍ରଶଂସା କରି । ତାଙ୍କର ଯୁଗାନ୍ତକାରୀ ସାହିତ୍ୟ ପାଇଁ, ଯାହାକି ଏକ ଅମୂଲ୍ୟ ଅବଦାନ ଆମର ସମାଜକୁ..... ହେ ଭଗବାନ୍ !

..ନା, କିଛି ଗୋଟାଏ କରିବାକୁ ହେବ । କେତେ ଥର ମୁଁ ବଞ୍ଚେଇଛି ମୋ ବନ୍ଧୁଙ୍କୁ ତାଙ୍କ ଲେଖକୀୟ ନିଷ୍କ୍ରିୟତାରୁ, ଅବସାଦରୁ । ଆଜି ମୁଁ କ'ଣ ତାଙ୍କୁ ଉଦ୍ଧାର କରି ପାରିବି ନାହିଁ ତାଙ୍କ ଲେଖକୀୟ ଶଠତାରୁ ? ହଁ ଲେଖକୀୟ ଶଠତା । କାରଣ ମଣିଷ ହିସାବରେ ତୁମେ ଶଠ ନୁହଁ, ବିକାଶବାବୁ। ନିହାତି ଭଲଲୋକ । ଚନ୍ଦ୍ରମଣି ସାମନ୍ତ ଠାରୁ ଅନେକ ଉର୍ଦ୍ଧ୍ୱରେ ....

ସେହେତୁ ସେ ଗଲେ ତାଙ୍କ ପାଖକୁ ସେଦିନ ସନ୍ଧ୍ୟାରେ । ଏବଂ ବଂଧୁ କିଛି କହିବା ପୂର୍ବରୁ ତାଙ୍କୁ ପଚାରି ବସିଲେ, ଗମ୍ଭୀର ହୋଇ —

''କ'ଣ ଶ୍ରଦ୍ଧାଞ୍ଜଳି ଦେଇ ଆସିଲେ କାଲି ଆପଣଙ୍କ ସ୍ୱନାମଧନ୍ୟ ସହପାଠୀଙ୍କୁ ? ଯାହାଙ୍କର ଅମୂଲ୍ୟ ଅବଦାନ ନିର୍ଘୋଷିତ ହୋଇଛି ପଲ୍ଲୀପାଟଣା କଲେଜରୁ କ୍ୟାପିଟାଲ ବାଣୀପୀଠ ଯାଏଁ ?''

ବିକାଶବାବୁ ଉଚ୍ଚସ୍ୱରରେ ହସି ଉଠିଲେ ।

କିନ୍ତୁ ଗୋପାଳବାବୁ ତଥାପି ଗମ୍ଭୀର ହୋଇ ରହିଲେ । ଏବଂ କହିଲେ, ''ଏଥିରେ ହସିବାର କିଛି ନାହିଁ ବିକାଶବାବୁ । ମୁଁ ମର୍ମାହତ । ଆପଣ କେମିତି ଏଭଳି ଶଠ ହୋଇ

Digitized by srujanika@gmail.com

ପାରିଲେ, ଏତେ ଭଲ ଲୋକ ହୋଇ ? କେବଳ ଆପଣ ଲେଖକୀୟ ଇମେଜ୍‌କୁ ବଞ୍ଚେଇବା ପାଇଁ ? ଠିକ୍ ଅଛି, ଗଲେ ସେଠିକି ବାଧ୍ୟ ହୋଇ । କିନ୍ତୁ ଏତେ ଗୁଡାଏ ମିଛ କଥା ନ କହିଥିଲେ ଚଳି ନ ଥାଆନ୍ତା ? ''

ସେଇଠୁଁ ବିକାଶବାବୁ ତାଙ୍କ ହସକୁ ପୋଛିଦେଲେ । ଓଠ ଦି'ଟାକୁ ଯୋଡି ଦେଲେ ଦୃଢ଼ତାର ସହ ଏବଂ କହିଲେ,

''ମିଛ ନୁହେଁ ଗୋପାଳବାବୁ । ମୁଁ ପୂରାପୂରି ସତ କଥା କହିଛି, ମୋ ବିଚାରରେ ।''

'' ଯେ ସେ ଅମୂଲ୍ୟ ଅବଦାନ ଦେଇଯାଇଛି ଆମ ସମାଜକୁ ? ''

'' ନିଶ୍ଚୟ, ଏଥିରେ ସଂଦେହ କ'ଣ ଅଛି ? ''

''ଚମଚା ଚଂଦ୍ର, ଚୋର ଚଂଦ୍ର, ଲଂପଟ ଚଂଦ୍ର ?'' ଗୋପାଳବାବୁ ତାତି ଉଠୁଥିଲେ । ତେଣୁ ବିକାଶବାବୁ ହାତ ଉଠେଇଲେ ତାଙ୍କୁ ଶାନ୍ତ କରିବା ଲାଗି ଏବଂ କହିଲେ,

'' କିଂତୁ ଚଂଦ୍ରମଣି ସୁଲେଖକ । ତା' ସାହିତ୍ୟରେ ସେ ଚମଚା ନୁହେଁ, ଚୋର ନୁହେଁ, କିଂବା ଲଂପଟ ନୁହେଁ । ସେ ଜଣେ ସଚ୍ଚା ଲେଖକ । ''

'' ରଖ ତମ ଲେଖକ ପଣିଆ । ସେ ଗୋଟାଏ ଖରାପ ଲୋକ । ତେଣୁ ତା'ର ସାହିତ୍ୟକୁ ଆମେ, ଅର୍ଥାତ୍ ତାକୁ ଚିହ୍ନିଥିବା ଲୋକେ, ଶବ୍ଦର ଚାତୁରୀ ବୋଲି ଭାବିବୁ, ନିରାଟ ଅସତ୍ୟ ବୋଲି ମନେ କରିବୁ, ସେହେତୁ ମୂଲ୍ୟହୀନ । କାରଣ ସେଥିରେ ଯେଉଁସବୁ ବଡ଼ ବଡ଼ କଥା ରହିଛି, ଯେତେକ ଆଦର୍ଶ, ଆଭିମୁଖ୍ୟ, ମୂଲ୍ୟବୋଧ, ଇତ୍ୟାଦି ସେ ସବୁ ଫମ୍ପା ଆୱାଜ୍ । ସମାଜକୁ ଭଣ୍ଡେଇବା ପାଇଁ । ସେ ନିଜେ ସେ ବାଟ ଦେଇ ଯାଇ ନାହିଁ ।

ସେ ଭଲ ଲୋକ ନୁହେଁ । ତେଣୁ ସେ ସୁଲେଖକ ହୋଇ ନ ପାରେ । ''

ଦୁହେଁ ଅନାଅନି ହେଲେ ପରସ୍ପରକୁ । ମୂହୂର୍ତ୍ତରୁ ମୂହୂର୍ତ୍ତ ପାରି ହୋଇ । ସତେକି ଅପ୍ରତିହତ ଶକ୍ତି ମୁକାବିଲା କରୁଛି ଅଟଳ ବସ୍ତୁ ସାଂଗରେ ।

ହସ ଉକୁଟିଲା ଗୋପାଳବାବୁଙ୍କ ମୁହଁରେ । ଭୁଲି ଯାଇଥିବା ଗୋଟାଏ ଅସ୍ତ୍ରକୁ ପାଖରେ ପାଇଲା ପରି । କହିଲେ,

'ତା'ହେଲେ କ'ଣ ଜୀବନ ଉତ୍ତରଣଶୀଳ ନୁହେଁ, ଯାହାକି ଆମେ ଦିହେଁ ସ୍ୱୀକାର କରି ଆସିଛୁ କେତେଥର, ଦର୍ଶନର ତତ୍ତ୍ୱ ତଥା ବିଜ୍ଞାନର ପ୍ରାମାଣିକ ତଥ୍ୟ ଶୁଣେଇ ପରସ୍ପରକୁ ? ନା ସାହିତ୍ୟ ସାଂଗରେ ଜୀବନର କିଛି ସଂପର୍କ ନାହିଁ ? ''

'' ଅବଶ୍ୟ ଅଛି । ସେଇଲାଗି ତ କହିଲି ଯେ ଯଦି ସାହିତ୍ୟରେ ଥାଏ ତୁମ ବାସ୍ତବ ଅନୁଭୂତିକୁ ଦର୍ଶାଇବାର ନିଷ୍ଠା, ଚିଂତାର ମାଧ୍ୟମରେ ତା'କୁ ପ୍ରକ୍ଷାଳିତ କରି ସାରିଲା ପରେ, ଏବଂ ଯଦି ତୁମେ ତା'କୁ ପରିସ୍ଫୁଟ କରିପାର ସୁଂଦର ଭାବରେ, ତା' ହେଲେ ସେଇ ସତ୍ୟ, ସେଇ ସୁଂଦର, ହେଲା ଏବେ ସିଏ ତମର ଖଣ୍ଡିତ ସତ୍ୟ ଓ ଖଣ୍ଡିତ ସୁଂଦର, ସେଇ କଣ ତମକୁ ନେଇଯିବ ନାହିଁ ଶିବ ଆଡକୁ ? ହୁଏତ ଇଂଚେ ଆଗକୁ, ଲେଖକ ପାଇଁ ତଥା

Digitized by srujanika@gmail.com

ପାଠକ ପାଇଁ ? କିଂତୁ ତା'କୁ କ'ଣ ଅଗ୍ରଗତି ବୋଲି କୁହାଯିବ ନାହିଁ, ଚେତନାର ସେଇ ସଂପ୍ରସାରଣ, ଅନୁଭବ ଓ ଚିଂତାର ଉନ୍ମୋଚନ, ଉର୍ଦ୍ଧ୍ୱଗମନ, ତାହା ଯେତେ ସାମାନ୍ୟ ହେଉ ପଛେ ?''

''ରବିଶ୍ ! ଆପଣ ଯାହା କହିଲେ ତାହା ଯୁକ୍ତିସଂଗତ ହୋଇପାରେ ଯଦି ସେ ସବୁର ଉତ୍ସ ହୋଇଥାଏ ବିକାଶବାବୁଙ୍କ ଭଳି ଜଣେ ଭଲଲୋକର ଜୀବନଚର୍ଯ୍ୟା ଓ ଭାବଭାବନା । ତା' ହେଲେ ତା'କୁ ଖଣ୍ଡିତ କୁହ କି ସାପେକ୍ଷ, ସେଇ ଅନୁଭୂତ ସତ୍ୟ ଅବଶ୍ୟ ଗ୍ରହଣୀୟ । କିଂତୁ ଚମଚା ଚଂଦୁଭଳି ଗୋଟାଏ ଦୂଷିତ, କଳୁଷିତ, କଂଚା ଓଡ଼ିଆରେ କହିଲେ ଗଂଧିଆ ଜୀବନର ଅନୁଭୂତିରୁ କେଉଁ ସତ୍ୟଟା ବାହାରିବ, ଯାହାକୁ ସମାଜର ଚାଟିନେବା ଦରକାର ଅମୃତ ପରି ? ହୁଏତ ତା' ସାହିତ୍ୟ ଗଂଧେଇବ, କିଂବା ବାସି ଉଠିବ ଗୋଟାଏ ମିଛ ମହକ ନେଇ । ଉପସ୍ଥିତ କ୍ଷେତ୍ରରେ ଦ୍ୱିତୀୟଟି ପ୍ରଯୁଜ୍ୟ ବୋଲି ମୋର ମନେ ହୁଏ, ଯେହେତୁ ତା'କୁ ସୁଲେଖକ ବୋଲି କହୁଛ । କିଂତୁ ତା'ର ସେଇ ସାହିତ୍ୟ ଭଣ୍ଡ, ଶଠ ଓ ପ୍ରତାରଣାମୂଳକ ହେବାକୁ ବାଧ୍ୟ, କାରଣ ସେଥିରେ ଲେଖକ ତା' ବାସ୍ତବ ଅନୁଭୂତିକୁ ଯୋଡେଇ ଦେଇ ଯେତେକ ମିଛ କଥା ଲେଖିଛି, ଯାହାକୁ ପଢ଼ିଲେ ତମକୁ ଭଲ ଲାଗିବ ହୁଏତ, ତା'ର ଚକଚକିଆ ପୋଷାକ ଓ ଚଳନ୍ତି ଆଦର୍ଶର ବାର୍ତ୍ତା ହେତୁ, କିଂତୁ ଯାହା ଏକ ଚୋରାବାଲି, ସମାଜର ବୁଦ୍ଧି ବିଚାରକୁ ବୁଡେଇ ଦେବାପାଇଁ ।''

''ସାବାସ୍ !'' ବିକାଶବାବୁ ପାଟି କରି ଉଠିଲେ ଗୋପାଳବାବୁଙ୍କୁ ଚମକେଇ ଦେଇ । ''ଦେଖାଯାଉଛି ଆପଣ ମୋରି କଥାକୁ ମୋ ମୁହଁରେ ବାଡ଼େଇ ଦେଇ ପାରୁଛନ୍ତି ଚମତ୍କାର ଭାବରେ, କିଂତୁ ମୋର ନିବେଦନ ହେଉଛି ଯେ ଯଦିଓ ସାଧାରଣତଃ ଏମିତି ହୋଇଥାଏ, ଚଂଦ୍ରମଣି କ୍ଷେତ୍ରରେ ତା' ହୋଇ ନାହିଁ । ତା'ର ସାହିତ୍ୟ ଗଂଧଉ ନାହିଁ, କାରଣ ସେ ତ'। ଗଂଧିଆ ଜୀବନର ଆସ୍ଫାଳନ କରି ନାହିଁ ସେଥିରେ । ସେ ପ୍ରକୃତରେ ବିଚ୍ଛିନ୍ନ ହେବାକୁ ଚେଷ୍ଟା କରିଛି ଆପଣା ଜୀବନରୁ, ଜଗତଜୀବନ ବିଷୟରେ ଲେଖିବାପାଇଁ । ଏଇ ବିଚ୍ଛିନ୍ନତାବୋଧ ହିଁ ସୃଜନର ପ୍ରଥମ ସୋପାନ । ତେବେ ଇଏ କିଛି ବଡ଼ କଥା ନୁହେଁ । ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ ଜାଣିଶୁଣି ତାଙ୍କ ମଂଦପଣକୁ ଟେକି ଧରନ୍ତି ତାଙ୍କ ସାହିତ୍ୟରେ, ମାଡ଼ ଖାଇବା ପାଇଁ । କିଂତୁ ଅନେକ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ସାହିତ୍ୟ ବାସି ଉଠେ ଏବଂ ଆପଣଙ୍କ ଭାଷାରେ ଗୋଟାଏ ମିଛ ମହକ ନେଇ । କାରଣ ସେମାନେ ତାଙ୍କ ଅନୁଭୂତ ସତ୍ୟକୁ ପ୍ରକାଶ କରିବାକୁ ଚାହାନ୍ତି ନାହିଁ । ସେ ଦିଗରେ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ସତେକି ସାହିତ୍ୟର ଇଲାକା ଭିନ୍ନ ଜୀବନଠାରୁ । ଅସଲ କଥା, ସେମାନେ ଚାହାନ୍ତି ଲୋକେ ତା'କୁ ଭଲ ବୋଲି କହିବେ, ତା' ସାହିତ୍ୟରେ ପ୍ରତିଫଳିତ ନାନା ଆଦର୍ଶ, ଆଭିମୁଖ୍ୟ ଓ ମୂଲ୍ୟବୋଧର ପରିଚୟ ପାଇ । କିଛିଟା ଜାଣିଶୁଣି, ଏବଂ କିଛିଟା ଅଜାଣତରେ ....''

''ଏକ୍‌ଜାକ୍‌ଟ୍‌ଲି !''

Digitized by srujanika@gmail.com

'' କିଂତୁ ଚନ୍ଦ୍ରମଣିର ସାହିତ୍ୟ ସେମିତି ନୁହେଁ, ତାହାହିଁ ମୋର କହିବା କଥା । ସେ ସତ୍ୟନିଷ୍ଠ । ''

'' ଆଚ୍ଛା ? କିଂତୁ ତା' ଗଳ୍ପ ଉପନ୍ୟାସରେ କେଉଁଠି କ'ଣ ଦେଖିବାକୁ ମିଳୁଛି ଯେ ନିଜ ସ୍ତ୍ରୀ ଆଗରେ ଅନ୍ୟ ଏକ ସ୍ତ୍ରୀକୁ ରମଣ କରିବା ଗୋଟାଏ ବିରାଟ ଫନ୍, ଅଥବା ଲାଂଚ ଖାଇ କଳାକୁ ଧଳା କରିବା, ଦୋଷୀକୁ ବଂଚେଇ ଦେବା ଏକ ମହତ୍ କାର୍ଯ୍ୟ ? ''

'' ବୁଝୁଛି, ବୁଝୁଛି । ତା'ଲେଖାରେ ମଂଦଗୁଣର ଜୟଜୟକାର କରାଯାଇ ନାହିଁ । କିଂତୁ ହିଂସା, କ୍ରୋଧ, କାମନା, ଲୋଭ ଆଦି ଷଡ୍‌ରିପୁ ଅଥବା ବିଶୁଦ୍ଧ ରସିକତାର ବଶବର୍ତ୍ତୀ ହୋଇ ଯେଉଁ ସବୁ କାମ କରିଛନ୍ତି ତା' ଚରିତ୍ରମାନେ, ଯାହାକୁ ଆମେ ମଂଦକାମ ବୋଲି କହୁ, ସେଥିରେ ଥିବା ଆନଂଦକୁ, କହିବାକୁ ଗଲେ ଉଲ୍ଲାସକୁ, ମଧ୍ୟ ସେ ବ୍ୟକ୍ତ କରିଛି । ଏଭଳି ନିଖୁଣ ଓ ଜୀବନ୍ତ ଭାବରେ ପ୍ରକାଶ କରିଛି ଯେ ମନେ ହେବ ଚମଚା ଚଂଦୁ ତା' ନିଜ କଥା କହୁଛି । କିଂତୁ ତା'ର ତଥାକଥିତ ଖରାପ ଲୋକମାନେ ମଧ୍ୟ କେମିତି ଭିତରେ ଭିତରେ କାଂଦନ୍ତି ବେଳେବେଳେ, ଅତିଷ୍ଠ ହୋଇ ଉଠନ୍ତି ଯେ ହ୍ୟାପ ଅବସାଦ ଆସୁଛି ଉଲ୍ଲାସ ପଛକୁ, ତେଣୁ ଆଉ ଗୋଟାଏ କିଛି କରିବାକୁ ପଡ଼ିବ ମନକୁ ଶାନ୍ତି ଦେବାପାଇଁ, ତା'ର ସୂଚନା ମଧ୍ୟ ଦେଇଛି । ଏଇଠି ମଧ୍ୟ ମନେ ହେବ ଯେ ସେ ନିଜ କଥା କହୁଛି, ଆପଣା ମଂଦପଣର ଅସଂତୋଷବୋଧ, ଯାହା ସେ ଅନ୍ୟତ୍ର ପ୍ରକାଶ କରିବାକୁ ଅକ୍ଷମ, ଅଭ୍ୟାସ ବଶତଃ ଅଥବା ଆତ୍ମବଢ଼ିମାର ପାଲରେ ପଡ଼ି..... '

'' ଆପଣ କେମିତି ଜାଣିଲେ ?''

ଶୁଣନ୍ତୁ ଗୋପାଳବାବୁ, ସାହିତ୍ୟର ମଧ୍ୟ ଗୋଟାଏ ସ୍ୱକୀୟ ଜୀବନ ଅଛି । ତା'କୁ ଚିହ୍ନିହେବ ଚେଷ୍ଟା କଲେ । ତାହା ଏକ ପ୍ରକାର ଚ୍ୟାଲେଞ୍ଜ ବିଦଗ୍ଧ ପାଠକ ଏବଂ ଗୁଣୀ ସମୀକ୍ଷକମାନଙ୍କ ପାଇଁ । ଯାହାହେଉ, ଆହୁରି ଦେଖିବା କଥା ସେ ଚଂଦ୍ରମଣି କେବଳ ଦୁର୍ଜନର କାଂଦଣା ଶୁଣେଇ ନାହିଁ, ସେ ମଧ୍ୟ ଉଚ୍ଚାରଣ କରିଛି ସୁଜନର ହାଇଁ ପାଇଁ ଖରାପ ହେବାପାଇଁ, ସତେକି କିଛି ମଜା ନାହିଁ ଏଇ ଭଲପଣିଆରେ । ତେଣୁ ଲୁଚେଇ ଚୋରେଇ କିଛି କରିବାକୁ ପଡ଼ିବ । ଅନ୍ତତଃ କଳ୍ପନାରେ, ଫ୍ୟାଣ୍ଟାସିରେ । ଅଥବା — ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ — ଅତିଶୟ 'ଭଲ' ହେବାରେ, ସ୍ୱାର୍ଥତ୍ୟାଗ ଶୀର୍ଷରେ ପହଂଚିବାପାଇଁ । ଯେମିତିକି ତା' ଖରାପ ଲୋକ ମଧ୍ୟ ବେଳେ ବେଳେ ଆହୁରି ଖରାପ ହେବାକୁ ବସେ, ''ଡ୍ୟାମ୍ ଇଟ୍ ' କହି ତା' କାଂଦଣାକୁ ବାତିଲ୍ କରିବା ପାଇଁ । ହତାଶାର ହୁଂଦର ଦେଖାଇଲା ପରି ।

ଅତି ଅଦ୍ଭୁତ, ଗୋପାଳବାବୁ, ଏଇ ଜୀବନାନୁଭୂତିର ଛଟପଟ । ବିଶେଷତଃ ସେଇ ଲୋକଟି ପାଇଁ ଯେ ତା'କୁ ନିରେଖି ଦେଖି ଚିହ୍ନେଇବାକୁ ବସେ ତା ସୃଜନ ମାଧ୍ୟମରେ, ଯେହେତୁ ସେ ଆଉ କେଉଁବାଟେ କହିପାରିବ ନାହିଁ ସେ ଯାହା କହିବାକୁ ଚାହେଁ, ସହଜେ ବୁଝେଇ ହେବ ନାହିଁ ଆମ କଳାକାରମାନଙ୍କ ଯଂତ୍ରଣା । ''

'' ଆରେ, ଆପଣ କ'ଣ ନିଜକୁ ମିଶେଇ ଦେଲେଣି ତା' ସାଂଗରେ ? ''

Digitized by srujanika@gmail.com

''ହଁ ହେ ଗୋପାଳବାବୁ । ମୁଁ ତଥାକଥିତ ଭଲମଣିଷ ତା' ତୁଳନାରେ । କିଂତୁ ମୁଁ ବି' ଖରାପକୁ ଅନୁଭବ କରିଛି, ତା'ର ଜ୍ୱାଳା ଓ ତା'ର ଆନଂଦ । କହିବାକୁ ଗଲେ ଆମେ ଦିହେଁ ଅଛୁ ଡଷ୍ଟୋଭସ୍କିଙ୍କର ପାତାଳପୁରୀରେ, ଆସ୍ଥା ଓ ହତାଶାର ଛାଇ ଆଲୁଅରେ ଏବଂ ଆମେ ଦିହେଁ ମୋକ୍ଷ ଲୋଡୁଛୁ ଆମ ସାହିତ୍ୟ ଜରିଆରେ । ମୌଳିକ ପାପ ହେଉଛି ଆମର ଅତି-ସଚେତନତା । ଯେଉଁଥିପାଇଁ ଆମର ଏଇ ଦଶା, ଏଇ ଯଂତ୍ରଣା । କିଂତୁ ମଜାକଥା ହେଉଛି ଯେ ନିଜଠାରୁ ବିଚ୍ଛିନ୍ନ ହେବାକୁ ଯାଇ ଆମେ ଦୁନିଆଁଯାକର ଚେତନା ଭିତରେ ପଶିବାକୁ ଚାହୁଁ, ଅନୁଭୂତ ସତ୍ୟର ସବୁ ଭଲମଂଦକୁ ନେଇ । ବିଚ୍ଛିନ୍ନ ହୋଇ ମଧ୍ୟ ସଂଲଗ୍ନ ହେବାକୁ ଚାହୁଁ, ରଂଗମଂଚର ଅଭିନେତା ପରି । ହେଲେ ସମସ୍ତେ ସମାନ ଭାବରେ ସଫଳ ହୋଇ ପାରନ୍ତି ନାହିଁ ଏହି ପ୍ରକାର ଅଭିନୟରେ । ଯେମିତିକି ଆପଣଙ୍କ ବଂଧୁ ଏତେଟା ସଫଳ ହୋଇ ପାରି ନାହିଁ ଚଂଦ୍ରମଣି ପରି । ''

''କାହିଁକିନା ସେ ବେଶୀ ଗହୀରକୁ ଯାଇଛି ତା' କୁକର୍ମରେ । ତେଣୁ ତାର ଅନୁଭୂତ ସତ୍ୟ ବେଶୀ ଟାଣୁଆ ? '' ଗୋପାଳବାବୁ ପଚାରିଲେ ଛିଗୁଲେଇଲାପରି ।

'' ହୋଇପାରେ । ସେ ବେଶୀ ଗହୀରକୁ ଯାଇଛି ତା' ଅନୁଭବରେ, ତା' ଖରାପ ହେଉ କି ଭଲ । ଏଣେ ତା'ର ବୌଦ୍ଧିକତା କାହିଁ କେତେ ଉର୍ଦ୍ଧ୍ୱରେ । ତେଣୁ ତା'ର ସଚେତନତା ତା'କୁ ଯଥେଷ୍ଟ ବେଶୀ କଷ୍ଟ ଦେଇଥିବ ମୋ ଠାରୁ, ଏବଂ ବୋଧହୁଏ ସେଇ କାରଣରୁ ସେ ଅଧିକ ମୁକ୍ତିକାମୀ ହୋଇ ପାରିଛି ଏବଂ ଅଧିକ ସାହସୀ ଓ ନିଷ୍ଠାବାନ୍ ହୋଇପାରିଛି ତା' ସାହିତ୍ୟରେ .... ''

''କହୁ ନାହାନ୍ତି ଯେ ସେ ସାଧୁ ହେଉ କି ଚୋର ଚଣ୍ଡାଳ, ପ୍ରତ୍ୟେକ ଲେଖକ ହେଉଛି ମୁକ୍ତିର ପ୍ରତ୍ୟାଶୀ ଏବଂ ସେଇ ହେଉଛି ତା'ର ଆଦ୍ୟ ଭଲପଣିଆ ? ''

''ହଁ, ସେଇ ତ ! ଏଇ ମୁମୁକ୍ଷାହିଁ ତା' ଭଲ ପଣିଆର ଉନ୍ମେଷ, ସେଥିର ପ୍ରଥମ ପାଦ । ହୁଏତ ଇଏ ଜ୍ଞାନ, ଧ୍ୟାନ, ଭକ୍ତି ଓ ସେବାର ସିଧାବାଟ ନୁହେଁ, ଗୋଟାଏ ବୁଲାଣିଆ ବାଟ... ''

''ଆଚ୍ଛା, କ୍ଷମା କରିବେ, ଇଏ କିଭଳି ମୁକ୍ତି ? କିଭଳି ଦର୍ଶନ ? ଅତି ସଚେତନ ହୋଇଥିବାରୁ ତମ ଛାଇ-ଆଲୁଅର ଯଂତ୍ରଣାରୁ ମୁକ୍ତିପାଇବାକୁ ଯାଇ ତମେ ପୁଣି ତ ସେଇ କଥା ଲେଖୁଛ, ଅନ୍ୟ ଜୀବନାନୁଭୂତିର ମାଧ୍ୟମରେ ! ପୁଣି ସେଇ ଯଂତ୍ରଣା, ପୁଣି ସେଇ ଛଟପଟ ଏବଂ ହୁଏତ ଆହୁରି ବ୍ୟାପକ, ଗଭୀର ଓ ସାଲିସ୍‌ବିହୀନ, ଯେହେତୁ ତମେ ସତ୍ୟନିଷ୍ଠ । ବେଳେବେଳେ ମନେ ହୁଏ ବିକାଶବାବୁ, ଯେ ଆପଣମାନେ ପ୍ରକୃତରେ ଗୋଟିଏ ଗୋଟିଏ ପାଗଳ । ବିକୃତ ମସ୍ତିଷ୍କ କହିବା ପାଇଁ ଖରାପ ଲାଗୁଛି ...''

'' କହୁନାହାନ୍ତି ? ଇଏ କ'ଣ ଗୋଟାଏ ନୂଆ କଥା ? ସେଦିନ ତ ଖବର କାଗଜରେ ବାହାରିଥିଲା ଯେ ଡକ୍ଟର ଫେଲିକ୍ସପୋଷ୍ଟ ନାମକ ଜଣେ ମନୋବୈଜ୍ଞାନିକ ପ୍ରମାଣ କରି

Digitized by srujanika@gmail.com

ଦେଇଛନ୍ତି ଯେ ଏଇ ଦୁରନ୍ତ ସୃଷ୍ଟି-ପ୍ରବଣତା ଗୋଟାଏ ମସ୍ତିଷ୍କବିକୃତି ଛଡ଼ା ଆଉ କିଛି ନୁହେଁ ଏବଂ ନିଉରୋଟିକ୍ କଳାକାରମାନଙ୍କର ଏକ ସୁଦୀର୍ଘ ଫର୍ଦ୍ଦ ପ୍ରସ୍ତୁତ କରିଛନ୍ତି ଆପଣମାନଙ୍କ ପାଇଁ । ଚିତ୍ରକର ତ ଅନେକ ଅଛନ୍ତି ତା ଭିତରେ । ଏବଂ ଲେଖକ ଭିତରେ ଅଛନ୍ତି କନ୍‌ରାଡ୍, ଦସ୍ତୋଭସ୍କି, ଫକ୍‌ନର୍, ଗୋଗୋଲ୍, କିପ୍‌ଲିଂଗ୍, ଇବ୍‌ସେନ୍,ହେମିଂଗୱେ, କାଫ୍‌କା, କପ୍‌ଲିଙ୍ଗ, ଡି.ଏଚ୍. ଲରେନ୍ସ, ସାର୍ତ୍ରେ ଓଗେର ।

ହଁ ଆମେ ହୁଏତ ପାଗଳ, ବିକୃତ ମସ୍ତିଷ୍କ, ନିଉରୋଟିକ୍ ଯାହା କହିପାର । କିଂତୁ ଚିତ୍ରକର ସାଲଭାଡୋର ଡାଲି କହିଲା ପରି ''ପାଗଳ ଓ ମୋ ଭିତରେ ପ୍ରଭେଦ କେବଳ ଏତିକି ଯେ ମୁଁ ପାଗଳ ନୁହେଁ ।'' ଅର୍ଥାତ୍ ମୋ ପାଗଳାମିର ଅର୍ଥ ଅଛି, ସେଥିରେ କିଛି ଖୋରାକ୍ ଅଛି ଆପଣଙ୍କ ପରି ସୁସ୍ଥ ମଣିଷକୁ ବିଚଳିତ କରିବାପାଇଁ, ଯଦି ଆମେ ଆପଣଙ୍କ ଚିଂତା ଓ ଅନୁଭବକୁ ଶାଣିତ କରିପାରୁ ଆମ ସୃଜନର କରାମତି ଦ୍ୱାରା ।

କଥା ହେଉଛି ଯେ ଯିଏ ଯେତେ ଭଲ ହେଉ କି ଖରାପ, ଦୋଷୀ ହେଉ କି ଦୁର୍ବଳ, ଦେଖିବା କଥା ଯେ ସେ କେତେ ସଫଳ ହୋଇପାରିଛି ତା' ସୃଜନକ୍ରିୟାରେ । ଯାହା ପୂର୍ବରୁ କହିଛି,କେତେ ନିଷ୍ପାପର ହୋଇପାରିଛି ତା' ଅନୁଭୂତ ସତ୍ୟକୁ ଦର୍ଶାଇବାରେ । ତୁର୍ଗେନେଭ୍ କହିଲା ପରି,ଲେଖକ କେବେହେଲେ ଭାଂଗିପଡ଼ିବା ଉଚିତ ନୁହେଁ ତା' ଯଂତ୍ରଣାରେ । ସେ ତା'କୁ ଯଥାବିଧି ପ୍ରୟୋଗ କରୁ ତା'ଲେଖାରେ । ଯଦିଓ ସେଥିରେ ତମ ଯଂତ୍ରଣା ଆହୁରି ବଢ଼ିଯାଇ ପାରେ । ମୁଁ ବୋଧହୁଏ ଆହୁରି ପଦେ ଯୋଡି ଦେଇଥାଆନ୍ତି ତା' ସାଂଗକୁ, ଯେ ସାହିତ୍ୟ ମାଧ୍ୟମରେ ଯେଉଁ 'ଅଧିକ ଯଂତ୍ରଣା' ମିଳୁଛି, ତାହାହିଁ ନେଇଯିବ ତମକୁ ଯଂତ୍ରଣାର ବିନାଶ ଆଡକୁ, ମୋକ୍ଷ ଆଡକୁ । ଏକ ପ୍ରକାର କାଥାର୍ସିସ୍ (Catharsis), ସମୂଳସଂଘଟିତ ଦହନ, ପ୍ରକ୍ଷାଳନ ଅଥବା ଅସ୍ତ୍ରୋପଚାର ଦ୍ୱାରା 'ଇଗୋ' ଟାକୁ ବହିଷ୍କାର କଲାପରି ।

''ଛାଡନ୍ତୁ, ଫେରି ଆସନ୍ତୁ ବାଟକୁ । ମୋକ୍ଷ ଅନେକ ଦୂରରେ । କିଂତୁ ଆପଣ ସ୍ୱୀକାର କରିଛନ୍ତି ଯେ ଆପଣମାନେ ଅଳ୍ପବହୁତ ପାଗଳ ହୋଇ ପଡ଼ିଛନ୍ତି, ନିଜ ନିଜ ଦୋଷ ଦୁର୍ବଳତାକୁ ଜିଣିବାକୁ ଯାଇ । ସେ ବିଷୟରେ ପୁଣି ଏଣୁତେଣୁ ଲେଖି । କଅଣ ଠିକ୍ କହିଲି ?''

'' ଆଜ୍ଞା ହଁ । ଆମେ ନର୍ମାଲ୍ ନୋହୁଁ,ଅବାଗିଆ । ଆତ୍ମ ସମ୍ମାନ- ଆତ୍ମବଢ଼ିମା ସାହସ-ଦୁଃସାହସ, ଭୋଗ-ସଂଯମ, ପ୍ରେମ-କ୍ରୋଧ ଇତ୍ୟାଦି ଭିତରେ ମଝିବାଟ ଖୋଜି ସୁଖରେ ରହିବାର ଆଗ୍ରହୀ ନୋହୁଁ । ସେଭଳି ସୁସ୍ଥ ନର୍ମାଲ ହୋଇ ରହିଲେ ମୁମୁକ୍ଷାର ପ୍ରଶ୍ନ ଉଠିବ ନାହିଁ ଏବଂ ମଣିଷ ସୃଜନ ପରି ଗୋଟାଏ ନିତାନ୍ତ ଅଦରକାରୀ କାମ, ଅସ୍‌କାର୍ ୱାଇଲ୍ଡଙ୍କ ଭାଷାରେ 'ନନ୍‌ସେନ୍ସ' କାମ କରିବାକୁ ଯିବ ନାହିଁ । ଅବଶ୍ୟ ମୁଁ ଡଷ୍ଟୋଭସ୍କିଙ୍କ ପରି ଆପଣମାନଙ୍କୁ ରଗେଇବାକୁ ଚାହେଁ ନାହିଁ ଯେ ନର୍ମାଲ ମଣିଷ ସହଜେ ନିର୍ବୋଧ । କାରଣ ଅତି-ସଚେତନ ମଣିଷହିଁ ନର୍ମାଲ ମଣିଷର ଅପରପାଖ,ଆଣ୍ଟିଥିସିସ୍ ।

Digitized by srujanika@gmail.com

ହଁ, ଆମେ ନିଉରୋଟିକ୍ । ଯଦିଓ ଫ୍ରଏଡ଼୍ କହିଛନ୍ତି ଯେ 'ଶେଷକଥା ହେଉଛି, ଆମେ ସମସ୍ତେ ଅସୁସ୍ଥ', ମୁଁ ମାନି ନେଉଛି ଯେ ଆମେ ବେଶୀ ଅସୁସ୍ଥ ଅନ୍ୟମାନଙ୍କଠାରୁ । କିଂତୁ 'ଆର୍ଟ ଏଣ୍ଡ ନିଉରୋସିସ୍' ନାମକ ପ୍ରବଂଧରେ ପଣ୍ଡିତ ଲାୟୋନେଲ୍ ଟ୍ରିଲିଂଗ୍ ଯାହା କହିଛନ୍ତି — ହେଲା ଏବେ କବିର ନିଉରୋସିସ୍ ଆଉ କାହା ପରି ନୁହେଁ, କିଂତୁ ମନେ ରଖିବାକୁ ହେବ ଯେ ସେ ତା'କୁ ଯେପରି ଭାବରେ ପ୍ରୟୋଗ କରିପାରେ, ସେହି ଶକ୍ତି ସ୍ୱାସ୍ଥ୍ୟ, ଅତୁଟ ସ୍ୱାସ୍ଥ୍ୟ ଛଡ଼ା ଆଉ କିଛି ହୋଇ ନ ପାରେ । ଆପଣା ମାନସିକତାକୁ ନେଇ ଆମେ ଅନୁଭୂତିର କଂଚାମାଲକୁ କିପରି ଭାବରେ ଗଢ଼ି ପାରୁଛୁ, ଆମର ଗୁଣ- ଅବିଗୁଣ ଉପରେ ସବାର ହୋଇ ତାକୁ ବଶ କରି ପାରୁଛୁ, ତାହାହିଁ ଆମ ସାର୍ଥକତାର ମାପକାଠି, ଆମେ ମୋକ୍ଷ ଆଡକୁ ନ ଗଲେ ନାହିଁ । ''

''ଧନ୍ୟବାଦ । କାରଣ ମୋର ଆପତ୍ତି ଥିଲା କେବଳ ଆପଣଙ୍କର ମୋକ୍ଷତତ୍ତ୍ୱକୁ ନେଇ । କ'ଣ ନା ତା' ଅନୁଭୂତ ସତ୍ୟକୁ ଗାଳି ପକେଇଲେ ଲେଖକ ଯିବ କୋଉ ସ୍ୱର୍ଗ ଆଡକୁ । ଆପଣ ହୁଏତ ଯାଇପାରନ୍ତି, କିଂତୁ ନୁହେଁ ଆପଣଙ୍କର ସୁବିଖ୍ୟାତ ସହପାଠୀ, ଚମ୍‌ଚା ଚଂଦୁ ଓରଫ୍ ଚଂଦ୍ରମଣି ସାମନ୍ତ । ସେ ଆହୁରି ଆହୁରି ଘାଣ୍ଟି ହେଉଥିବ ଆପଣଙ୍କର ସେଇ ଛାଇଆଲୁଅର କଳବଳରେ, ଯଂତ୍ରଣାରେ ....''

''ଓଃ ! ଏତେ କଠୋର ହୁଅନ୍ତୁ ନାହିଁ ଗୋପାଳବାବୁ । ମୁଁ ସୁଲେଖକ ଚଂଦ୍ରମଣିର ସଫେଇ ବାଢୁଛି, ଚମଚା ଚଂଦୁର ନୁହେଁ, ଯାହାର ଚାରିତ୍ରିକ ପ୍ରବଣତା, ନାନା ଖରାପ କାମ କରିବାର ପ୍ରବଳ ଇଚ୍ଛା ହୁଏତ ଛାଡ଼ି ନ ଥିବ ତା'କୁ ବୁଢ଼ା ହେବାଯାଏଁ, ଯେତେବେଳେ ସେ ତା' ଜୀବନ ବିତାଉଥିବ ତା' ଲେଖାଲେଖିରୁ ଓହରି ଆସି । କିଂତୁ ମୁଁ ତଥାପି କହିବି ଯେ ସବୁରି ଭିତରେ ସେ ଲେଖିବାକୁ ଚାହିଁଛି ମାନେ ସେ ମୁମୁକ୍ଷୁର ପାଳରେ ପଡ଼ିଛି । ସେଇ ତା'ର ପହିଲା ଭଲପଣିଆ । ଦ୍ୱିତୀୟରେ ସାହିତ୍ୟରେ ତା'ର ନିଷ୍ଠାପରତା । ଚରିତ୍ର ମାଧ୍ୟମରେ କି ଲେଖକୀୟ ବକ୍ତବ୍ୟ ଢରିଆରେ ସେ କେବେହେଲେ ନିଜକୁ 'ଭଲ' ବୋଲି ଦେଖାଇବାକୁ ଚେଷ୍ଟା କରିନାହିଁ । ପଙ୍କଜକୁ ବାନ୍ଧି ରଖିଥିବା ପଙ୍କର ଚେହେରା ଦେଖାଇଛି, ଏଣେ ସ୍ୱୀକାର କରିଛି ତା'ର ସୂର୍ଯ୍ୟକୁ ଲୋଡିବାର ପ୍ରବୃତ୍ତି । କେଉଁ ଦର୍ଶନଶାସ୍ତ୍ର ଅନୁଯାୟୀ ନୁହେଁ, ଆପଣା ଅନୁଭୂତ ସତ୍ୟ ଢରିଆରେ । ଏଇ ବିଦଗ୍ଧ ଭଲପଣିଆ କ'ଣ ଟିକିଏ ହେଲେ ଆଗେଇ ନେବ ନାହିଁ ତା'କୁ ମୋକ୍ଷ ଆଡକୁ ? ''

ଗୋପାଳବାବୁ ହସିବାକୁ ଲାଗିଲେ ଆଉ କିଛି ତର୍କ ନ କରି । ସେଇଠୁଁ ବିକାଶବାବୁ ହାରିଗଲେ ମଧ୍ୟ ତେଜ ଦେଖାଉଛନ୍ତି ବୋଲି ମନେ ହେଲା । କହିଲେ—

''ଓ-କେ । ଓ-କେ । ଆପଣ ବି' ଜଣେ ମହାସଚେତନ ବ୍ୟକ୍ତି । କିନ୍ତୁ ଆପଣ ଲେଖକ ନୁହନ୍ତି । ତେଣୁ ଆପଣ ହୁଏତ ସମାହିତ କରିପାରିବେ ଆପଣଙ୍କ ଅନୁଭୂତିକୁ ତା'ର ଗଣ୍ଡଗୋଳକୁ, ନିରୋଳା ଚିନ୍ତା ସାହାଯ୍ୟରେ । ଯାହାକୁ ଦାର୍ଶନିକତା କୁହାଯାଏ । କିନ୍ତୁ' ଆମେ ତା' ପାରିବୁ ନାହିଁ । ଆମ ଜୀବନଦର୍ଶନ ଅଳ୍ପବହୁତ ତେଢ଼ା ହେବାକୁ ବାଧ୍ୟ । ଅନୁଭୂତ ସତ୍ୟକୁ ପରିକଳ୍ପିତ ସତ୍ୟଠାରୁ ଅଧିକ ସମ୍ମାନ ଦେବା ଯୋଗୁଁ । ବେଶ୍ । ଆମେ ଛୋଟ, ତମେ ବଡ଼...''

Digitized by srujanika@gmail.com

" ନାଇଁ, ନାଇଁ, ମୁଁ ସେ କଥା କହୁନାହିଁ । "

" ମୁଁ ରାଗୁନାହିଁ ଗୋପାଳବାବୁ । ଖାରା କଥା କହୁଛି । କିନ୍ତୁ ଆପଣଙ୍କର ଶୁଭେଚ୍ଛା ଲୋଡୁଛି ଦୟନୀୟ ଲେଖକଜାତି ତରଫରୁ, ଯେ ତା' ମୁମୁକ୍ଷାର ଧୃଷ୍ଟତା ଅକାମି ନ ହେଉ—

"କିନ୍ତୁ କାହିଁକି ଅକାମି ହେବ ?" ଦୟା ଲୋଡୁଥିବା ବିକାଶବାବୁ ପୁଣି ତେଜି ଉଠିଲେ । " କିଏ କହିଥିଲା ଆମକୁ ମାତ୍ର ଷାଠିଏ କି ସତୁରିଟା ବର୍ଷ ଦେବା ପାଇଁ ? ଜର୍ମାନ୍ ଭାଷାରେ ଗୋଟିଏ ପ୍ରବଚନ ଅଛି ପରା, ' ଏନ୍‌ମାଲ୍ ଏଟ୍ ଏଷ୍ଟ୍‌କାଲ୍ ' । ମାନେ ଯାହା ଥରକରେ ଆସି ଚାଲିଯାଏ, ତା' ନ ଆସିବା ସାଙ୍ଗେ ସମାନ । ହଁ,ଆମେ ମୁମୁକ୍ଷୁ । ଅବଶ୍ୟ ଆମେ ମୁମୁକ୍ଷୁ । କିନ୍ତୁ ଏତିକି ସମୟ ଭିତରେ କ'ଣଟା କରି ହେବ ? ଚିଠାଟାକୁ ସଂଶୋଧନ କରି ହେବ କେମିତି ?

ଚନ୍ଦ୍ରମଣି ଅନେକ କିଛି ଦେଇଯାଇଛି ଆମ ସମାଜକୁ, ତା' ସାହିତ୍ୟ ଜରିଆରେ । କିନ୍ତୁ ବିଚରା ମୋକ୍ଷ ନ ପାଇବା କଥା ଛାଡ, କେତେ ବାଟ ଆଗେଇ ପାରିଥିବ ସେ ଦିଗରେ, ତାହା ଭାବିବାର ବିଷୟ । କିନ୍ତୁ ଯଦି ସେ ଦେଢ଼ଶହ କି ଦୁଇଶହ ବର୍ଷ ବଞ୍ଚିଥାଆନ୍ତା, ଏବଂ ସାର୍ଥକ ସାହିତ୍ୟ ଲେଖୁଥାଆନ୍ତା, ତା' ହେଲେ କ'ଣ ତା' ସାହିତ୍ୟ ଏବଂ ଆଚରଣ ଭିତରେ ଥିବା ଦ୍ୱୈତ୍ୟ, ଅସମଂଜସ, ମିଳେଇଯାଆନ୍ତା ନାହିଁ ଆପେ ଆପେ ? ପଙ୍କଜ ସୂର୍ଯ୍ୟଙ୍କର ପାଖ ହୋଇ ଆସନ୍ତା ନାହିଁ ? ମୁମୁକ୍ଷାକୁ ଫେରାଇ ନେଇ ହେବ ନାହିଁ । କିନ୍ତୁ ଜୀବନଟା ନିହାତି ଛୋଟ, ସେଇ ହେଉଛି ଅସୁବିଧା ।"

ଗୋପାଳବାବୁ ଆହୁରି ଆହୁରି ହସିବାକୁ ଲାଗିଲେ ଏବଂ ମୁଣ୍ଡ ହଲାଇଲେ । କହିଲେ, " ହଉ, ଆପଣଙ୍କ ତୁଣ୍ଡ ସୁତୁଣ୍ଡ ହେଉ, ଭବିଷ୍ୟତର ବନ୍ଧୁମାନଙ୍କ ପାଇଁ, ଅବଶ୍ୟ ସେ ଯଦି ପୁର୍ନଜନ୍ମ ଲାଭ ନ କରେ । ଏବଂ ତା' ଆତ୍ମାର ସଦ୍‌ଗତି ହେଉ । କିନ୍ତୁ ହେ ଲେଖକ ମହାଶୟ ! ଆପଣଙ୍କୁ କ'ଣ ଜଣା ଅଛି ଯେ ଆପଣଙ୍କର ଧର୍ମପତ୍ନୀ କେବେଠୁଁ ଠିଆ ହୋଇ ରହିଛନ୍ତି ଜଳଖିଆ ପ୍ଲେଟ ଧରି ଆମ ଦି'ଜଣଙ୍କ ପାଇଁ, ଏବଂ କଲବଲ ହୋଇ ଚାହିଁଛନ୍ତି ଆପଣଙ୍କର କ୍ରୋଧଜର୍ଜରିତ କାହୁରା ଚେହେରାକୁ ? ସେ ମଧ୍ୟ କ'ଣ ଦୟାର ପାତ୍ରୀ ନୁହନ୍ତି ? "

ତା'ଛଡ଼ା, ତା'ଛଡ଼ା, କ୍ଷମା କରିବେ, ଆପଣ ମୋତେ ଠକେଇଛନ୍ତି । ସାହିତ୍ୟରେ ଯେତେ ନିଷ୍ପାପର ହୁଅନ୍ତୁ ନା କାହିଁକି । ଥରେ ନୁହେଁ, ଦି'ଥର ନୁହେଁ, ତିନିଥର । କାରଣ ମୁଁ ଦେଖୁଛି ଯେ ଚିଙ୍ଗୁଡ଼ି ଚପ୍ ନାହିଁ ଏଇ ଜଳଖିଆ ପ୍ଲେଟ୍‌ରେ....।

ପତି ପତ୍ନୀ ଦିହେଁ ହସି ଉଠିଲେ । ଏବଂ ବିକାଶବାବୁ ପ୍ରତିଶ୍ରୁତି ଦେଲେ ଯେ ଆସନ୍ତା ରବିବାର ସେ କୌଣସି ସଭାସମିତିକୁ ଯିବେ ନାହିଁ, କିଏ ମରୁ ବା ବଂଚୁ । ଏବଂ ସଯତ୍ନ ନିର୍ମିତ ଚିଙ୍ଗୁଡି ଚପ୍ ବଢ଼ା ହେବ ବନ୍ଧୁଙ୍କ ଥାଳୀରେ, ତାଙ୍କୁ ଶାନ୍ତ କରିବା ଲାଗି ।

"ପ୍ଲସ୍ ବିଅର୍ ଏବଂ ଆପଣଙ୍କ ନୂଆ ଗପ ? "

" ଅବଶ୍ୟ । "

Digitized by srujanika@gmail.com

ମୋର ତୁମେ

ସେମାନେ କଣ ଆମ୍ ଘର ଆଡକୁ ଆସୁଛନ୍ତି ? ହଁ, ସାଂଗ ହୋଇ ଆସୁଛନ୍ତି । ଏବଂ ହସି ହସି ଆସୁଛନ୍ତି । ... ଗୋପାଳବାବୁ ଚେଇଁ ଉଠିଲେ । ଏଥିପୂର୍ବରୁ ସେ ଯେ ଶୋଇ ରହିଥିଲେ ତା' ନୁହେଁ । ତେବେ ତାଙ୍କ ମନରେ ଦୁଃଖ ଏବଂ ଅଳ୍ପ ବହୁତ ଅବସାଦ ଥିଲା । ତେଣୁ ସେ କେଉଁ ଏକ ଗର୍ତ୍ତରୁ ମୁଣ୍ଡ ଟେକିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ, ଯଦିଓ ଗର୍ତ୍ତଟା ଗଭୀର ନ ଥିଲା । ଅଗଭୀର ଏହି ହିସାବରେ ଯେ ସେ କୌଣସି ପାରିବାରିକ ସମସ୍ୟା କିଂବା ନୈସର୍ଗିକ ମଣିଷଦଶାର ଚାପରେ ଦବି ଯାଇ ନ ଥିଲେ । କେବଳ ଗୋଟାଏ ସଦ୍ୟ ଘଟିତ ଏବଂ ଦାଂପତ୍ୟ ଅ-ଘଟଣର ଅନୁଭବକୁ ନେଇ । କିଂତୁ ଭାବିବା ବିଷୟ ଯେ ଉକ୍ତ ଅନୁଭବରେ ବିଜୟର ଭାବ ନ ଥିଲା କିଂବା ପରାଜୟ-ବୋଧ । ଏବଂ ତାହା ହିଁ ତାଙ୍କର ଦୁଃଖ !

କିଂତୁ ଗୋପାଳବାବୁ, ପୂରାପୂରି ଜିତିଥିଲେ କ'ଣ ତୁମେ ସତରେ ଖୁସି ହୋଇ ଥାଆନ୍ତ ? ନା ପୂରାପୂରି ହାରି ଯାଇଥିଲେ ? ଧର ପତ୍ନୀଙ୍କୁ ସିଧା ସଳଖ କହିଥାଆନ୍ତ ଯେ ସେ ଯେଉଁ ଆତ୍ମୀୟାଙ୍କ ବିରୁଦ୍ଧରେ ନାଲିସ କରିବାକୁ ଆସିଛନ୍ତି ସେ ସେମିତି ନୁହଁନ୍ତି, ମାନେ ତାଙ୍କର ଭୁଲ୍ ହୋଇପାରେ କିଂତୁ ସେ ଖରାପ ନୁହଁନ୍ତି , ତମେ କାହିଁକି କଥାଟାକୁ ଉଦାର ଦୃଷ୍ଟିରେ ଦେଖି ପାରୁ ନାହଁ, ଇତ୍ୟାଦି, ଏବଂ ସେ ତା'ର ଉପଯୁକ୍ତ ଉତ୍ତର ଯୋଗାଇ ନ ପାରି ହାରି ଯାଇଥାଆନ୍ତେ, ତା' ହେଲେ କ'ଣ ତୁମେ ଆହୁରି ଦୁଃଖୀ ହୋଇ ନ ଥାଆନ୍ତ ? କାରଣ ସେ ରାଗି ଯାଇ ଥାଆନ୍ତେ, ଓ ତୁମେ ତାଙ୍କର ଶତ୍ରୁ ହୋଇ ପଡ଼ି ଥାଆନ୍ତ ଆଜିକା ପାଇଁ, ଅଂତତଃ ସକାଳରୁ ଖରାବେଳ ଯାଏଁ । କିଂତୁ ତା' ତୁମେ ଚାହିଁବ କେମିତି ? ସେ ତୁମର ଅଧିକ ଆତ୍ମୀୟ, ଆତ୍ମୀୟରୁ ବଳି ଅଂତରଂଗ ନୁହଁନ୍ତି କି ? କେଇଟା ଘଣ୍ଟା ହେଉ ପଛେ, ତାଙ୍କ ଶୁଭଦୃଷ୍ଟିକୁ ହରେଇ ବସିଲେ ତୁମକୁ ବ୍ୟସ୍ତ ଲାଗିବ ନାହିଁ ? ଏଣେ ପୂରାପୂରି ଅଥବା ଜାଣିଶୁଣି ହାରି ଯାଇଥିଲେ ତ ତୁମେ ସହଜେ ଦୁଃଖୀ ହୋଇ ଥାଆନ୍ତ । ଯେହେତୁ ତୁମ ନିଜର ଗୋଟାଏ ମତାମତ ଅଛି, ଏବଂ ତା'କୁ ଉପେକ୍ଷା କରିବା ଅନୁଚିତ । ଆତ୍ମସମ୍ମାନକୁ ବାଧା ହେବ । ଅତଏବ ତୁମେ ବେଶ୍ କରିଛ । ' ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ନୀତିରେ ଖାଲି ହୁଁ -ହାଁ ମାରିଛ, ଏବଂ ସୂଚନା ଦେଉଛ ଯେ ତୁମେ ତାଙ୍କ

Digitized by srujanika@gmail.com

ସହିତ ସଂପୂର୍ଣ୍ଣ ଏକମତ ନୁହଁ । ସେ କ'ଣ ବୁଝି ନ ଥିବେ ସେ କଥା ? ଅଥଚ ସେ ରାଗି ପାରିବେ ନାହିଁ । ଏବଂ ସ୍ୱାଭାବିକ ଅବସ୍ଥା କ୍ରମଶଃ ଫେରି ଆସିବ ତୁମ ଦି'ଜଣଙ୍କ ଭିତରେ । ତେଣୁ ଦୁଃଖ କାହିଁକି ? ଦେଖ, ସୁଂଦର ସକାଳକୁ ଦେଖ, ଏବଂ ଦେଖ ସକାଳୁ ସକାଳୁ କିଏ ଆସୁଛନ୍ତି ତୁମ ଘରକୁ । ପାଖେଇ ଆସୁଛନ୍ତି ।

ଫାଟକ ପାରି ହୋଇ ଆସିଲେଣି । ହଁ, ଜଣେ ତ ବିକାଶ ବାବୁ, ପ୍ରତିଷ୍ଠିତ ଲେଖକ ଓ ତୁମର ଜଣେ ବିଶିଷ୍ଟ ବଂଧୁ । କିଂତୁ ଆର ଜଣକ କିଏ ?

ଗୋପାଳବାବୁ ନିରେଖି ଦେଖିଲେ । ଶେଷକୁ ଚିହ୍ନିଲେ । ଏବଂ ଚିହ୍ନିଲାରୁ ଆଶ୍ଚର୍ଯ୍ୟ ହେଲେ, ଖୁସି ହେଲେ । କିଂତୁ.... ଇଏ କେମିତି... କାହିଁକି ଆସି ପହୁଂଚିଲା ଏତେ ଦିନ ପରେ ? ଏଇ ପ୍ରଶ୍ନ ମଧ୍ୟ ତାଙ୍କ ମନକୁ ଆସିଲା । ଏବଂ ସେ ଯତ୍‌ସାମାନ୍ୟ ଅସ୍ୱସ୍ତି ବୋଧ କଲେ । ସତେକି ପଇଁତିରିଶ ବର୍ଷ ତଳର ଘନିଷ୍ଠ ବଂଧୁ ଓ ସହପାଠୀ ବାଙ୍କନିଧିର ଆବିର୍ଭାବ ତାଙ୍କୁ ବିଶେଷ ଭଲ ଲାଗୁ ନାହିଁ । ସତେକି ଯେତେ ବଂଧୁ ହେଲେ ମଧ୍ୟ ସେ ତାଙ୍କର ଅନ୍ତ ବହୁତ ଶତ୍ରୁ ହୋଇଥିଲା । ଏବଂ ଶତ୍ରୁର ଆବିର୍ଭାବ କାହାକୁ ଭଲ ଲାଗିବ ଏଭଳି ଏକ ସୁଂଦର ସକାଳରେ ?

ଇଏ କି ଆଚମ୍ୱିତ କଥା ! କିଂତୁ ଗୋପାଳବାବୁ, ଦୟା କରି ରାଗ ନାହିଁ ନିଜ ଉପରେ । ଯେ ପୁରୁଣା ପରମ ବଂଧୁଠାରେ ତୁମେ ପୁରୁଣା ଶତ୍ରୁତାର ଛାଇ ଦେଖିବାକୁ ପାଉଛ । ଶୁଣ, ଏମିତି ହୁଏ । ତା ବୋଲି ସେ ତୁମର ଘନିଷ୍ଠ ବଂଧୁ ନ ଥିଲା ତା' ନୁହେଁ । ଏବଂ ତା'କୁ ଦେଖି ତୁମକୁ ଖୁସି ଲାଗୁ ନାହିଁ, ସେଭଳି ଭାବିବା ମଧ୍ୟ ଭ୍ରମାତ୍ମକ । ବରଂ ସେଇଥିପାଇଁ ତୁମର ରକ୍ତ ଉଚିତରୁ ଅଧିକ ଚଂଚଳ ହୋଇ ଉଠୁଛି । ମନେ ହେଉଛି ଯେ ଆଜି ମଧ୍ୟ ତା'ର ଭଲ ପାଇବାକୁ ଅଧିକାର କରିବାକୁ ହେବ । ସକାଳ ସୁଂଦର ଠାଣିରେ ଠିଆ ହେବାକୁ ପଡ଼ିବ ତା' ସାମ୍‌ନାରେ, ଯେମିତି ସେ ଲୋଡିବ ତୁମକୁ । ତୁମଠାରୁ ବେଶୀ । ତୁମେ ବଡ଼ ଦିଶିବ ତା' ଆଖିରେ । କିଂତୁ ତୁମକୁ ଭୟ ଲାଗୁଛି । କାହିଁକିନା ଅତୀତର ବାଂକନିଧି ହିଁ ଅଧିକାଂଶ ସମୟ ଉପରକୁ ଉଠି ଯାଉଥିଲା, ଦେଖେଇ ଦେଉଥିଲା ଯେ ତୁମେ ହିଁ ଦୁର୍ବଳ, ସାନ, ତେଣୁ ତା'ରି ଅଧିକାରୀ ହୋଇ ରହିବା ଉଚିତ । ଯେ ତୁମେ ତା' ଖାରା, ଥଟ୍ଟୁଲି କିମ୍ୱା ଛିଗୁଲିଆ ସତ କଥାରେ ରାଗିଯାଇ ପାର, କିଂତୁ ମରି ମରି ପୁଣି ତା'ର ଅନୁଗତ ହେବ । କିଂତୁ ... ଧ୍ୟାତ୍... ଏଇ ବୁଢ଼ାଦିନେ ସେଭଳି ପ୍ରଶ୍ନ ଉଠାଇବା ନିତାନ୍ତ ଅବାନ୍ତର ନୁହେଁ କି ? ଏବଂ ଆଜି ଶ୍ରୀଯୁକ୍ତ ଗୋପାଳ ଚଂଦ୍ର ଦାସ କଣ ଯଥେଷ୍ଟ ପ୍ରାପ୍ତବୟସ୍କ ଏବଂ ସମାଜର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ନୁହଁନ୍ତି ଯେ ତାଙ୍କୁ ଡର ଲାଗିବ ? ହେଲେ କହିହେବ ନାହିଁ । ଲୋକଟାକୁ ବିଶ୍ୱାସ ନାହିଁ । ତେଣୁ ଆଗତୁରା ତା' କଥାକୁ ହସି ଉଡେଇ ଦେବାକୁ ପଡ଼ିବ, ତା'କୁ ତଳେ ଗଡେଇ ଦେବାକୁ ପଡ଼ିବ । ଦୃଢ଼ ଆତ୍ମବିଶ୍ୱାସ ଓ ଦମ୍ଭର ସହିତ । ଏଇ ବାଧ୍ୟ-ବାଧକତା ତୁମକୁ ହଇରାଣ କରୁଛି, ଏବଂ ଏଇଥିପାଇଁ ତୁମର ଅସ୍ୱସ୍ତି । କଅଣ ସତ ନା ମିଛ ?

Digitized by srujanika@gmail.com

ମିଛ ନୁହେଁ ସତ । ଏମିତି ହୁଏ । ସଂପର୍କ ଯେତିକି ଘନିଷ୍ଠ ହୁଏ, ଭିଡାଓଟରା ସେତିକି ଦୁର୍ଦ୍ଧାନ୍ତ ହୋଇ ଉଠେ, ଯେ କିଏ କାହାକୁ ତାଠୁଁ ସାନ କରି ଦେଖେଇବ, ଅର୍ଥାତ୍ ଆରକର ଆଖିରେ ଆହୁରି ଉନ୍ନତ, ଉତ୍ତମ, ଓ ଉଜ୍ଜ୍ୱଳ ଦିଶିବ । ଭାବି ଦେଖ, ଘନିଷ୍ଠରୁ ବଳି ଘନିଷ୍ଠ ଏବଂ ଅଂତରଂଗ ସ୍ତ୍ରୀଙ୍କ ସାଂଗରେ ମଧ୍ୟ କଅଣ ଏଇ ଭିଡ଼ା ଓଟରା ଚାଲିନାହିଁ ତମ ଜୀବନ ଯାକ ? ଆମେ କେବଳ ସ୍ୱାମୀ- ସ୍ତ୍ରୀ ନୁହେଁ, ସେ ମୋତେ ' ପ୍ରକୃତରେ' ଭଲ ପାଏ, ସବୁଠୁଁ ବେଶି ଭଲ ପାଏ, ଭଲ ପାଇବା ଉଚିତ, ରାଧା ଯେମିତି କୃଷ୍ଣଙ୍କୁ ଚାହୁଁଥିଲେ, ଏଇ ସଦା-ଅତୃପ୍ତ କାମନା ହାରିବା-ଜିତିବାର ଉଠାପକାରେ ହିଁ ରହିଯାଏ , କାରଣ ଅପରପକ୍ଷ ମଧ ସେହି ମନୋଭାବ ନେଇ ତୁମଠୁଁ ବଡ଼ ହେବାକୁ ଚାହେଁ । ବୟସ ଥିଲା ବେଳେ ଏଇ ଭିଡ଼ା ଓଟରା ହୁଏତ ସୁହାଉଥିଲା ତୁମକୁ । ଆମ ଯୁଗ୍ମ ଜୀବନଟା ଜୀବନ୍ତ ବୋଲି ମଣିବାକୁ ମନ ହେଉଥିଲା । କିଂତୁ ଆଜି କ୍ଲାନ୍ତ ଲାଗିଲାଣି, ଯଦିଓ ମନୋଭାବରେ କିଂଚିତ୍ ପରିବର୍ତ୍ତନ ହୋଇନାହିଁ । ଏବଂ ଗୋଟାଏ ଉଦ୍‌ବିଗ୍ନତା ଘର କଲାଣି ହାରିବା-ଜିତିବାର ଅନୁଭବ ଭିତରେ । କାଳେ କିଏ ପୂରାପୂରି ହାରିଯିବ କି ଜିତିଯିବ, ସେଇଠୁଁ କଣ ହେବ, କାଳେ ଦଉଡି ଖଣ୍ଡକ ପୂରାପୂରି ଛିଣ୍ଡିଯିବ, ମାନେ ଭଲ ପାଇବା ଜିନିଷଟା ହିଁ ନଷ୍ଟ ହୋଇଯିବ ! ତେଣୁ ତୁମେ କଳିକଜିଆକୁ ଡରୁଛ । ଅଥଚ ତୁମେ ଦୁଃଖୀ, ଅଧାବାଟରେ ଅଟକି ଗଲାରୁ । ବିଚରା !

ବିକାଶ ହସୁଛନ୍ତି, ବାଙ୍କନିଧି ମଧ ହସୁଛନ୍ତି । ଗୋପାଳବାବୁ ମଧ୍ୟ ହସିଲେ ଦି'ଜଣଙ୍କୁ ଚାହିଁ । ଆନଂଦରେ । ବିକାଶଙ୍କୁ ନମସ୍କାର କଲେ, ଏବଂ ବାଙ୍କନିଧିଙ୍କ ସାଂଗରେ କୋଳାକୋଳି ହେଲେ । କହିଲେ, ''ୟୁ... ୟୁ ଡେଭିଲ୍... ତୁ କୋଉଠି ଥିଲୁ ଏତେ ଦିନ ଯାଏଁ ? ଆମ ବିକାଶବାବୁଙ୍କ ସାଂଗରେ ଜୁଟିଲୁ କେମିତି ? '' ବାଙ୍କନିଧି ଉତ୍ତର ଦେଲେ ନାହିଁ । କିଂତୁ ଏଥର ସେ ହସିଲେ ଯେମିତି ଭାବରେ , ଉପର ଓଠଟାକୁ ସାମାନ୍ୟ ବଂକେଇ ଦେଇ, ସେବେକାର ସେମିତିକା ହସ, ବଂଧୁର ବଡ଼ପଣକୁ ସାନ ବୋଲି ଦେଖେଇଲା ପରି... ଗୋପାଳ ବାବୁଙ୍କ ମନରେ ପୁଣି ସେଇ ପ୍ରତିରୋଧୀ ଭାବ ଜାଗ୍ରତ ହେଲା । ସତେକି ସେ ତାଙ୍କ ଶତ୍ରୁ ! ଓଃ, କି ହଟହଟା !

ଗୋପାଳବାବୁ, ଉତ୍ତିଷ୍ଠତ, ଜାଗ୍ରତ ! ଆନଂଦବୋଧକୁ ବଢ଼େଇ ଦିଅ, ଭୟର ଭାବକୁ କାଟି ଦିଅ । ଏମିତି ହୁଏ । କାହିଁକିନା ବାଙ୍କନିଧି ତୁମର ଏକ ଘନିଷ୍ଠ ବଂଧୁ । ତେବେ ଇତି ମଧ୍ୟରେ ଅନେକ ବର୍ଷ ବିତିଗଲାଣି । ଭିଡା ଓଟରାର ରଜ୍ଜୁ କେବେଠୁ ତଳେ ଘୁଷୁରୁଛି । ତା'କୁ ପୁଣି ସକ୍ରିୟ କରି ହେବ ନାହିଁ ଏତେ ସହଜରେ । ଅତଏବ ପୁରୁଣା ବଂଧୁର ବଂକା ଓଠକୁ ତା'ର ଗୋଟାଏ ବଦଭ୍ୟାସ ବୋଲି ଧରିନିଅ । ଭାବିନିଅ ଯେ ଖାଲି କନାଟା ପଡ଼ି ରହିଛି, କର୍ପୂର ଉଡି ଗଲାଣି ସେଥିରୁ । କିଂତୁ ମନେ ରଖ — ବାଂକନିଧି ବାବୁ ହୁଅନ୍ତୁ କି ତୁମ ସ୍ୱପତ୍ନୀ, କାହାରି ସାଂଗରେ ତୁମର ଶତ୍ରୁତା ନ ଥିଲା କି ନାହିଁ । କଥା ହେଉଛି ଯେ

Digitized by srujanika@gmail.com

ସେମାନେ 'ସେମାନେ' ହୋଇ ରହି ପାରିଲେ ନାହିଁ ତୁମ ଜୀବନର, ତୁମ 'ମୁଁ'ର 'ତୁମେ' ହେବା ପାଇଁ ବାହାରି ଆସିଲେ ଫୁଲ୍‌କା ଉପରକୁ । ଉଭୟ ପକ୍ଷର ଇଚ୍ଛା ଅନୁଯାୟୀ । ସେଇଥିପାଇଁ ଏଇ ଭଲ ପାଇବା, ଏଇ ସମ୍ମୁଖ ସମର, ଏବଂ ଆଜିର ଏଇ ଉଦ୍‌ବିଗ୍ନତା । ଅବଶ୍ୟ ଯଦି ଜଣେ କେହି ଜାଣିଶୁଣି ହାର୍ ମାନିଥାଆନ୍ତା (ସେମିତି ବି' ହୁଏ), ତା' ହେଲେ କଥାଟା ଅନ୍ୟପ୍ରକାର ହୋଇଥାଆନ୍ତା । କିଂତୁ ପାତ୍ରପାତ୍ରୀଙ୍କ ସ୍ୱାଭିମାନ ସେତିକ କରେଇ ଦେଲା ନାହିଁ । ଏଣେ ତୁମେ ପରସ୍ପରକୁ ଏତେ ଭଲ ପାଅ ଯେ ଫୁଲ୍‌କାରୁ ଉତୁରି ଆସି ହେଲା ନାହିଁ । କଅଣ ବୁଝୁଛ ନା ?

" ସେମାନେ ହିଁ ନର୍କ " । Hell is other people. ସାର୍ତ୍ରେଙ୍କର ଏଇ ପ୍ରସିଦ୍ଧ କୁ-ଉକ୍ତିକୁ ସ୍ମରଣ କରି ତୁମ ପତ୍ନୀ ତଥା ବଂଧୁକୁ 'ସେମାନଙ୍କ' ଗହଳିରେ ଛାଡ଼ି ଦେଇ ହୋଇ ଥାଆନ୍ତା । କିଂତୁ ଯେଉଁମାନେ 'ତୁମ' ପଣର ବାଜି ପକେଇଲେ ତୁମ ସାଂଗରେ ଭଲ ପାଇବାର ଦ୍ୱାହି ଦେଇ, ତାଙ୍କୁ ନେଇ ଆଉ କ'ଣ କରି ହୋଇ ଥାଆନ୍ତା ?

ମୁଁ ଚାହେଁ ସେ ମୋ ଆଡ଼କୁ ଅନାଉ । କିଂତୁ ଅନେଇଲା ମାତ୍ରେ ସେ ମୋଠୁଁ ବଡ଼ ହୋଇଯାଏ, ଓ ମୁଁ ତାଠୁଁ ଛୋଟ ହୋଇଯାଏ । ସେ ହୁଏ କର୍ତ୍ତା, (Subject) ଓ ମୁଁ ହୁଏ ତା'ର କର୍ମ (object) । ତେଣୁ ମୁଁ ତା' କବଳରୁ ମୁକ୍ତ ହେବାକୁ ଚାହେଁ ଓ ସେ ମୋ କବଳରୁ, କାହିଁକିନା ସେ ମଧ୍ୟ ମୋର ଦୃଷ୍ଟିକୁ ସେହିପରି ମନେ କରେ । ସେ ମୋର ପ୍ରଭୁ ହେବାକୁ ଚାହେଁ, ଏବଂ ମୁଁ ତାର ପ୍ରଭୁ, ମୁଁ ତା'କୁ ମୋର ଦାସ କରିବାକୁ ଚାହେଁ, ଓ ସେ ମୋତେ ତା'ର ଦାସ... ଏହି ମର୍ମରେ ସାର୍ତ୍ରେ କେତେ କଥା କହି ଯାଇଛନ୍ତି, ମନେ ନାହିଁ ତୁମର ? ଖାଲି ସାର୍ତ୍ରେ କାହିଁକି, ତାଙ୍କ ପୂର୍ବରୁ ହେଗେଲ୍ ମଧ୍ୟ । କିଂତୁ ଉପାୟ ନାହିଁ । ତୁମେ ତା'କୁ ' ମାରିଦେବାକୁ', ଅର୍ଥାତ୍ ତା'ର ସ୍ୱାଧିନ ସଚେତନତାକୁ ନଷ୍ଟ କରିଦେବାକୁ ଚାହଁ ନାହିଁ ।କାରଣ ତା' ହେଲେ ତମ ଆଡ଼କୁ ଅନେଇବ କିଏ, ଯାହାର ଅନେଇବାରେ ତୁମେ କୃତକୃତ୍ୟ ମନେ କରିବ ନିଜକୁ ? ତୁମେ ଚାହଁ ସେ ସ୍ୱାଧିନ ସଚେତନ ହୋଇ ରହିବ, କିଂତୁ ତା'ର ସ୍ୱାଧିନତା-ସଚେତନତା ତୁମ ଇଲାକାରେ ରହିବ । ସେ ମଣିଷ ପରି ମଣିଷଟାଏ ହୋଇ ମଧ୍ୟ ତୁମ କର୍ତ୍ତୃତ୍ୱରେ ରହିବ । ତୁମ ମଣିଷପଣିଆର ଅନୁଗତ ହେବ । ବାବୁ, ଏମିତି କେଉଁଠି ହେଲାଣି ? କିଂତୁ ଏଇ ହେଉଛି ମୁଁ-ତୁମେ ସଂପର୍କର ଶେଷକଥା । ଅଛିଣ୍ଡା, ଅସଂତୋଷିଆ...

ନା ! ଏମିତି ହେବା ଅନିର୍ବାର୍ଯ୍ୟ ନୁହେଁ । ଗୋପାଳବାବୁ ପ୍ରତିବାଦର ସ୍ୱର ଉଠାଇଲେ । ମୁଁ ସିନା ସେମିତିକା ଲୋକ, ଭଲ ପାଇବାକୁ ଭଲ ପାଏ, କିଂତୁ ମୁଁ ଇଚ୍ଛା କଲେ ଅନ୍ୟ ରକମର ହୋଇ ପାରିଥାଆନ୍ତି । ଆପଣା ସ୍ୱାର୍ଥକୁ ନେଇ ଏକୁଟିଆ ଭାବିଥାଆନ୍ତି ଯେ ଅନ୍ୟମାନେ ନର୍କ ନ ହେଲେ ବି ନଗଣ୍ୟ । ହେଲି ନାହିଁ, କାହିଁକିନା ମୁଁ ଭିନ୍ନ ଧାତୁରେ ଗଢ଼ା । ଗୋପାଳବାବୁ ଆତ୍ମଗୌରବକୁ ଉସ୍‌କେଇଲେ ତାଙ୍କ ତରଫରୁ ସଫେଇ ଦେବା

Digitized by srujanika@gmail.com

ପାଇଁ । ବିକାଶବାବୁ ଓ ବାଙ୍କନିଧିବାବୁ ବିଦାୟ ନେଇ ଚାଲିଗଲେଣି ସେତେବେଳକୁ । ଏବଂ ସେ ପତ୍ନୀଙ୍କ ସାଙ୍ଗରେ ହାଲୁକା କଥାଭାଷା ହେଲେଣି, ଅଂଦର ମହଲକୁ ଫେରି ଆସିଲା ପରେ । କହିଲେ, କାହିଁ ? ଇତିହାସର ପୁନରାବୃତ୍ତି ହୋଇ ନାହିଁ ତ କଲେଜ୍ ବେଳର ବଂଧୁ ସାଂଗରେ ? ହେବ କେମିତି ? ମୁଁ କ'ଣ ଆଉ ସେଇ ଗୋପାଳ ହୋଇ ଅଛି,—ଦୁର୍ବଳ, ଭାବକାତର, ଜ୍ଞାନପିପାସୁ ମୂଷାଟିଏ ? ମୁଁ ବାହାସାହା ହେଲିଣି, ମୋର ପିଲାଛୁଆ ଅଛନ୍ତି, ମୁଁ ଗୋଟାଏ ଦପ୍ତର ଚଳେଇ ଆସିଛି, ମୁଁ ଶାସନ କରିଛି, ମୁଁ ଗୃହସ୍ୱାମୀ ହୋଇଛି ... ତା'ଛଡ଼ା ବାସ୍ତବିକ୍ କର୍ପୂର ଉଠିଗଲାଣି କନାରୁ । ତେଣୁ ଆମେ ସହଜରେ ସ୍ୱଚ୍ଛଂଦରେ କଥାଭାଷା ହେଲୁ ଏବଂ ବିଦାୟ ନେଲୁ ପରସ୍ପରଠାରୁ । ଦେଖୁଛି, ଘରେ ମୋର ପତ୍ନୀ ମଧ ଠିକ୍ ଅଛନ୍ତି । ସବୁ ଠିକ୍ ଠାକ୍ । ହୁଏତ ମୋର ଟିକିଏ ଅସ୍ୱସ୍ତି ଥିଲା, ଏବେ କି କେବେ । ଭବିଷ୍ୟତରେ ମଧ ରହିପାରେ । କିଂତୁ ମୁଁ ତାକୁ ଯଥେଷ୍ଟ ଆୟତ୍ତରେ ରଖିଛି, ସେଇ ହେଉଛି ମୋର ବାହାଦୂରୀ । ହେଲେ ମୁଁ ପୂରାପୂରି ସ୍ୱାର୍ଥପର ଏବଂ ନିଜକୁ ନିଜେ ହୋଇ ରହିପାରିଲି ନାହିଁ, ସେଇ ହେଲା ଅସୁବିଧା ..

ଭୁଲ୍ । ତୁମେ ପ୍ରକୃତରେ ଏକୁଟିଆ ହୋଇ ରହି ପାରି ନ ଥାଆନ୍ତ । କାମ୍ୟୁ କହିଲା ପରି, '' ନିଜକୁ ନେଇ ଉପଭୋଗ କରିବା ଅସମ୍ଭବ । ଯଦି ସେଭଳି ଏକ ନିର୍ଜନ ଦ୍ୱୀପ ଥାଏ, ତା' ହେଲେ ଅବଶ୍ୟ ସେ ମୋ ସ୍ୱପ୍ନର ସ୍ୱର୍ଗ ହୋଇ ରହିବ ।''

ମାର୍ଟିନ୍ ବ୍ୟୁବର୍ ମଧ୍ୟ ସେଇ କଥା କହିଛନ୍ତି, ଦାର୍ଶନିକ ଭାବରେ । କହିଲେ — ''ମୁଁ'ବୋଲି କୌଣସି ସ୍ୱାଧିନ ସତ୍ତା ନାହିଁ କି ରହି ପାରେ ନାହିଁ । 'ମୁଁ' କେବଳ 'ମୁଁ - ତୁମେ' ଅଥବା 'ମୁଁ -ତାହା'ର ପ୍ରଥମ ଶବ୍ଦ । ମଣିଷର ସେହ୍ନ ପ୍ରବୃତ୍ତିରୁ ମଧ ଏହି ଦାର୍ଶନିକ ତଥ୍ୟର ସତ୍ୟତା ବୁଝିବାକୁ ପାଇବ '' । ମଣିଷ ଏଇ ଦୁଇଟି ରାଜ୍ୟରେ ଚଳପ୍ରଚଳ ହୁଏ । ଦୂରତ୍ୱ ଓ ସଂପର୍କ ସାଂଗରେ ଲୁଚୁକାଳି ଖେଳେ । କିଂତୁ ସେଇ ହୁଏ ତା'ର ଅସ୍ୱସ୍ତି (Tension)ର ହେତୁ । କାହିଁକିନା ସେ ବେଶି ସମୟ ରହିପାରେ ନାହିଁ କେଉଁଠି, ଏଠି କି ସେଠି । 'ତୁମେ'କୁ ଧରି ରଖିପାରେ ନାହିଁ କି 'ତାହା'ର ବ୍ୟାପକ ତୁଚ୍ଛତା ସାଂଗରେ ନିଜକୁ ମିଶେଇ ଦେଇ ପାରେ ନାହିଁ ।

ହେବ ନାହିଁ ? ଗୋପାଳବାବୁ ଜବାବ୍ ଦେଲେ ଅସ୍ୱସ୍ତ ଅସୁସ୍ଥ ମଣିଷକୁ । କହିଲେ, ଅବଶ୍ୟ ମୁଁ ମଧ୍ୟ ଅସ୍ୱସ୍ତିରୁ ରକ୍ଷା ପାଇ ପାରି ନାହିଁ, କିଂତୁ ମୁଁ ଜାଣେ ମୋର କ'ଣ କରିବା ଉଚିତ ଥିଲା । ବୋଧହୁଏ ମୁଁ -

'ତୁମେ' କୁ ଖୋଲାଅଣା ମନରେ ଚାହିଁଲି ନାହିଁ ।

ଚାହିଁଲେ ମଧ୍ୟ ତା' ମୁହଁକୁ ଅନେଇବାର ସାହସ କରି ପାରିଲି ନାହିଁ ।

ଅନେଇଲେ ମଧ୍ୟ ମାତ୍ର ଅଧାଅଧି ଦେଖିଲି । ଫାଳେ ମୁହଁକୁ ବୁଲେଇ ନେଲି । ଗୋୟାଙ୍କ 'କାପ୍ରିଚୋସ୍' (Caprichos) ଚିତ୍ରର ସେଇ ଲୋଭୀ ଲୋକଟା ପରି, ଯେ

Digitized by srujanika@gmail.com

ଶବର ମୁହଁରୁ ଦାନ୍ତଟାଏ ଉପାଡି ଆଣିବାକୁ ଚାହୁଁଥିଲା, ନିଜର ଫାଇଦା ପାଇଁ, ହେଲେ ଆପଣା ମୁହଁକୁ ଘୋଡେଇବାର ଚେଷ୍ଟା କରୁଥିଲା, ସତେକି ସେ ଅପରର ନାରକୀୟ ଦୁର୍ଗଂଧକୁ ସହି ପାରୁ ନାହିଁ । ଆମେ ଆମ 'ମୁଁ' କୁ ପୂରାପୂରି ଯୋଡିବାକୁ ଚାହୁଁ ନାହିଁ 'ତୁମେ'ର ସାଂଗରେ । ଚାହିଁଲେ ମଧ ପାରୁ ନାହିଁ । ଏଇ ହେଲା ଆମ ଦୁରବସ୍ଥାର କାରଣ । ଡି.ଏଚ୍. ଲରେନ୍ସ୍ କିନ୍ଦାବାଦ୍, କିଂତୁ ସେଥିର ଚାବିକାଠି ସେକ୍ସରେ ନାହିଁ। କଦବା କ୍ୱଚିତ୍ କେବେ କେଉଁ ଦ୍ୱିତୀୟା ଜହ୍ନର ଆଶୀର୍ବାଦ ନେଇ ହୁଏତ ସେକ୍ସ ଯୋଡି ଦେଇପାରେ 'ମୁଁ' କୁ 'ତୁମ' ସାଂଗରେ, ଏବଂ ତା'ର ପ୍ରଭାବ ରହିପାରେ କିଛିଦିନ । କିଂତୁ ଅଧିକାଂଶରେ ତାହା କେବଳ ଦେହରେ-ଦେହରେ ରହିଯାଏ, ସଂପୂର୍ଣ୍ଣ ମିଳନର ପତିଆରା ହୋଇ । ଏବଂ ବଂଧୁ ମିଳନରେ ସେକ୍ସର ପ୍ରଶ୍ନ ବି' ତ ଉଠୁ ନାହିଁ ! ତା' ହେଲେ ?

ଗୋପାଳବାବୁ ଭାବିଲେ ସେ ବୁଝୁଛନ୍ତି କିନିଷଟା କଅଣ, ଯାହାକି ଅନେକେ ବୁଝିପାରନ୍ତି ନାହିଁ । ତଥାପି ତାଙ୍କର ମନେ ହେଲା ଯେ କେବଳ ତାଙ୍କୁ ହିଁ ଦୋଷ ଦେବା ଅନ୍ୟାୟ ହେବ । ହୁଏତ ତାଙ୍କର ଦୋଷ ଚାରିଅଣା କି ଛଅଅଣା, ବାକିତକ ଆରକର ।

ମୂଳରୁ ମନେ ପକାଅ : ସ୍କୁଲ ସାଂଗ ପାରିଜାତ । ତା'କୁ 'ତୁମେ' (ହେଲା ଏବେ ପିଲାଳିଆ 'ତୁମେ') ର ମର୍ଯ୍ୟାଦା ଦେଇ ହେଲା ନାହିଁ, କାହିଁକିନା ସେ ନିଜକୁ ଟିକିଏ ବେଶି ସୁପୁରୁଷ ବୋଲି ଭାବିଲା, ଯଦିଓ ମୁଁ ମାନୁଛି ଯେ ସେ ବେଶ୍ ଲମ୍ୱା ଚଉଡା, ଗୋରା, ଚଉଡା ଛାତି ଇତ୍ୟାଦି । ସ୍କୁଲ ବେଳର ଆଉ ଜଣେ, ମନମୋହନ । ଭାରୀ ବୁଦ୍ଧିଆ ପିଲା । କିଂତୁ ମୁଁ ଯେତେ ଅଜାଡ଼ି ଦିଏ ନିଜକୁ ତା' ପାଖରେ, ସେ କରେ ନାହିଁ । ହୁଏତ ପାରେ ନାହିଁ । କଲେଜ୍ ବେଳର ବାଙ୍କନିଧି । ସେ ବି' ବୁଦ୍ଧିଆ, କିଂତୁ ସିନିକ୍ । ଅଂତତଃ ସିନିକ୍ ବୋଲି ଦେଖେଇ ହୁଏ ନିଜକୁ, ଓ ମୋର ଦୁର୍ବଳତାକୁ ଧରା ପକେଇ ଦିଏ । ଏହାପରେ ଚାକିରୀ-ବାକିରୀ, ଘର ସଂସାର କଲାବେଳେ କଅଣ ମୋର ଲୋଭ ହୋଇଥିଲା କାହାକୁ 'ତୁମେ' ବୋଲି ପାଇବା ପାଇଁ ? ବୋଧହୁଏ ନୁହେଁ । କାରଣ ସେତେବେଳକୁ ମୁଁ ବି' ଅଳ୍ପ ବହୁତ ସିନିକ୍ ହୋଇ ସାରିଥିଲି । କେବଳ ଜଣେ ଦରଦୀ ବଂଧୁ ଥିଲା, ଯେ ଉଚିତରୁ ଅଧିକ ଭାବପ୍ରବଣ ହୋଇ ପଡ଼ିଲା । ବାରଂବାର ଘୋଷଣା କଲା ଯେ ବଂଧୁତ୍ୱର ପରିଚୟ ଦପ୍ତରରେ, ପାର୍ଟିରେ, ଅଥବା ଡ୍ରଇଂରୁମ୍‌ରେ ମିଳେ ନାହିଁ । ମିଳେ ହୃଦୟରେ । ଭାବିଲି— ଆହା, ଏଭଳି ଗୋଟିଏ ଲୋକ ଯଦି ପ୍ରକୃତରେ ମୋ ହୃଦୟରେ ବସି ପାରିବ.... 'ତୁମେ' ହୋଇ ପାରିବ.... କାହିଁକି ହେବ ନାହିଁ ? .. ଇତ୍ୟାଦି । କିଂତୁ ଭାବନା ପାକଳ ହେବା ପୂର୍ବରୁ ମୋର ମନେ ହେଲା ଯେ ସେ ମୋର ପତ୍ନୀଙ୍କ ହୃଦୟରେ ମଧ୍ୟ ତା'ର ଆସନ ପାତିବାକୁ ବସିଛି । ତେଣୁ ଅଗତ୍ୟା ଆମ ବଂଧୁତ୍ୱ ସେତିକିରେ ରହିଗଲା ।

ଏବଂ ନାରୀ ମହଲରେକ'ଣ ହେଲା ? ଦୁଃଖର ବିଷୟ ଯେ କାହାରିକୁ 'ତୁମେ' ବୋଲି ଭାବିବା ଦୂରର କଥା, ତା'ର କ୍ଷୀଣ ସଂଭାବନା ମଧ ମୋ ମନକୁ ଆସିଲା ନାହିଁ ।

Digitized by srujanika@gmail.com

କେବଳ ପତ୍ନୀଙ୍କ ଛଡା । ତା'ର ଅର୍ଥ ନୁହେଁ ଯେ ଏକାଧିକ ନାରୀ ମୋତେ ଭଲ ପାଆନ୍ତି ନାହିଁ , ଅଥବା ମୁଁ ସେମାନଙ୍କୁ ଭଲ ପାଏ ନାହିଁ । କିଂତୁ ସେହେତୁ କାହାରିକୁ ତୁମେ କରିବାର ପ୍ରଶ୍ନ ଉଠିଲା ନାହିଁ । ଥୋକେ କେବଳ ଦେହର ସାଥୀ ହୋଇ ରହିଗଲେ । ପତ୍ନୀ-ଭିନ୍ନ ନୂତନ ସ୍ୱାଦୁର ବାର୍ତ୍ତାବହ ହୋଇ । ସେମାନେ ମୋର 'ତୁମେ' ହେବାର ଅଯୋଗ୍ୟ । ବାକୀ ଥୋକେ ହେଲେ ମାଆ, ଭଉଣୀ, ଝିଅ, କିଂବା ସେହି ଜାତୀୟ । ସେମାନେ ମୋର ଅତି ଅଂତରଂଗ ହୋଇ ପାରନ୍ତି, କିଂତୁ ମୋର 'ତୁମେ' ହେବେ କେମିତି ? ଆମ ଭଲପାଇବା ତ ଜନ୍ମଗତ, ବିଧିଦତ୍ତ, ଅର୍ଥାତ୍ ବରାଦ୍‌ଦିଆ । ସେଠି ମୋର କର୍ତ୍ତୃତ୍ୱ କି ସ୍ୱାଧିନତା ରହିଲା କେଉଁଠି ଯେ ମୁଁ କହିବି ଆମେ ସ୍ୱଇଚ୍ଛାରେ ପରସ୍ପରର ' ମୁଁ -ତୁମେ' ହୋଇ ପାରିଛୁ..., ଏବଂ ପରସ୍ପରର ହୃଦୟକୁ ଅଧିକାର କରି ଧନ୍ୟ ହୋଇଛୁ ?

ଗୋପାଳବାବୁ କ୍ଷମା କର ! ପୁଣି ସେଇ 'ଅଧିକାର' ଆଦି ଶବ୍‌ଦକୁ ପ୍ରୟୋଗ ନ କଲେ ହୁଅନ୍ତା ନାହିଁ ? ହେଗେଲ୍, ସାର୍ତ୍ରେ ଓଗେର ମଣିଷ ମନର ଯେଉଁ ମଂଦଗୁଣକୁ ଟେକି ଧରିଛନ୍ତି, ଏବଂ ସେଇଥିରୁ ତାଙ୍କ 'ପ୍ରଭୁ-ଦାସ'ପଣର ତଥ୍ୟ ବାଢ଼ିଛନ୍ତି, ତୁମେ ତା' ହେଲେ ବିଶ୍ୱାସ କରୁଛ ତା'କୁ ? କିଓ, ତୁମେ ନିଜେ ପରା କହୁଥିଲ ଯେ ସେଇ ଭିଡା-ଓଟରାର ତାମ୍‌ସା ଅନିବାର୍ଯ୍ୟ ନୁହେଁ ?

ଆଃ ! ଶବ୍‌ଦଟାକୁ ନେଇ ମୋତେ ତିଆରିବା ଦରକାର ନାହିଁ । ସଂସ୍କୃତିଗତ ଅଭ୍ୟାସ ଯୋଗୁଁ ବୋଧହୁଏ ମୋ ପାଟିରୁ ବାହାରିଗଲା ସେଭଳି ଗୋଟାଏ ଶବ୍‌ଦ । କିଂତୁ ବିଶ୍ୱାସ କର ଯେ ମୁଁ ପ୍ରଭୁ-ଦାସ ତଥ୍ୟର ଆଗ୍ରହୀ ନୁହେଁ । ଅର୍ଥାତ୍ ମୁଁ କହିବି ଯେ ପୃଥିବୀରେ କେତେକ ଅଛନ୍ତି ଯେଉଁମାନେ ତା'କୁ ଭୁଲ୍ ବୋଲି ପ୍ରମାଣିତ କରି ପାରିବେ । ମୁଁ ମଧ୍ୟ ପାରିଥାଆନ୍ତି । କିଂତୁ 'ଅଧିକାର' ଲୋଭ ସିନା ଭୁଲ୍, ଶରଣ ପଶିବାର ପ୍ରବଣତା କଣ ସେତିକି ଭୁଲ୍ ନୁହେଁ ?

ନା ତୁମେ କହିବାକୁ ଚାହଁ ସେଇ ଆଧ୍ୟାତ୍ମ-ମନସ୍ତତ୍ତ୍ୱର ଅଦ୍‌ଭୁତ ପ୍ରବକ୍ତା ଡକ୍ଟର ଆର୍ଥର ଗୁଇର୍ଧାମ (Dr. Arthur Guirdham) ଙ୍କ ପରି ଯେ ପ୍ରତ୍ୟେକ ସୁଖବୋଧରେ ଅନ୍ତର୍ବହୁତ ମୃତ୍ୟୁ ରହିଛି ? ଏପରିକି ସେକ୍ସ-ସୁଖର ପରିପୂର୍ଣ୍ଣତା ମଧ୍ୟ କେବଳ ଶିଶୁ ଅବସ୍ଥାରେ ଥାଏ, ଯେତେବେଳେ ସେ ତା' ମାଆ କୋଳରେ ବିଲୀନ ହେବାକୁ ଚାହେଁ ?

ଧନ୍ୟବାଦ, ମୁଁ ସେଭଳି ସୁଖର ପକ୍ଷପାତୀ ନୁହେଁ । ମୁଁ ମୋ 'ତୁମେ'କୁ ପାଇବାକୁ ଚାହେଁ, ତା' ସାଂଗରେ ମିଶିଯାଇ ମରିବାକୁ ଚାହେଁ ନାହିଁ । ମୁଁ ଚାହେଁ ସଂଯୋଗର ସୁଖ, ବିୟୋଗର ନୁହେଁ ।

ମୁଁ ଚାହେଁ, ମୁଁ ଚାହେଁ, ମୁଁ ଚାହେଁ ! ହାୟ ! ଆସି ବୁଢ଼ା ହେଲଣି ଗୋପାଳବାବୁ, ଆଉ କେବେ ସିଡି ବାଂଧିବ ଚାହିଁବାରୁ ପାଇବାର ସ୍ୱର୍ଗକୁ ? ସଂଘର୍ଷକୁ ଡରୁଛ, ତଲ୍ଲୀନତାକୁ ମଧ୍ୟ ଡରୁଛ, ତା' ହେଲେ ଆଉ କେଉଁ ବାଟେ ଯିବ ତୁମ 'ତୁମେ' ସାଂଗରେ ମିଳିତ ହେବା ପାଇଁ ? ମୋଟ ଉପରେ କେଉଁ ଅପହୁଂଚ ଅନିର୍ଦ୍ଦିଷ୍ଟ 'ତୁମେ' ପାଇଁ ଝୁରି ନ ହେଲେ

Digitized by srujanika@gmail.com

ଚଳନ୍ତା ନାହିଁ ? ଧର ଯଦି ଖାଲି 'ମୁଁ' ହୋଇ ରହିବ ଅପର ସେମାନଙ୍କ ଭିତରେ, କେତେବେଳେ 'ମୁଁ' ପଣକୁ ଆଁକୁଡ଼ି ଧରିବ ତ କେତେବେଳେ ଅଚିହ୍ନା ହୋଇ ଲୁଚିଯିବ ତାଙ୍କ ଗହଳିରେ, କେବଳ ସଂଖ୍ୟାଟିଏ ହୋଇ, କାଳ ବେଳ ଦେଖି ଆପଣା ସ୍ୱାର୍ଥସିଦ୍ଧି ପାଇଁ, ତା' ହେଲେ କେମିତି ହୁଅନ୍ତା ?

ବୁଝିଲ, ଦୁରଭିଳାଷ ଶୋଭା ପାଏ ନାହିଁ ତୁମକୁ ଏଇ ବୟସରେ। ତେଣୁ ଛାଡ଼ିଦିଅ ତୁମର ଏଇ 'ତୁମେ'କୁ ପାଇବାର ଆଶା। କିଂତୁ ସେଥିପାଇଁ ଦୁଃଖ କରିବାର କାରଣ ନାହିଁ। କାରଣ ଏହା ହିଁ ସାଧାରଣ ହାରାହାରୀ ମଣିଷର ଭାଗ୍ୟ। ଅଭୁକ୍ତ ନ ହେଲେ ମଧ୍ୟ ଅତୃପ୍ତ, ଅପୂର୍ଣ୍ଣ। ଆଉ ତୁମେ ଏମିତି କ'ଣ କି ...?

ହତାଶା କଣ ଏଇଆକୁ କୁହନ୍ତି ? କିଂତୁ.... ରୁହ... ହଠାତ୍ ତାଙ୍କ ଆଖି ଆଗରେ ଫୁଟି ଉଠିଲା ତାଙ୍କ ବିଶିଷ୍ଟବଂଧୁ ଲେଖକ ବିକାଶବାବୁଙ୍କ ଚେହେରା। ସେଇଠୁଁ ସେ କହିଲେ,— ହଉ, ମୁଁ ତା' ହେଲେ ଖୋଜିବି ନାହିଁ ମୋର 'ତୁମେ'କୁ। କେବଳ 'ମୁଁ' ଟିଏ ହୋଇ ରହିବି ସେମାନଙ୍କ ଭିତରେ। କିଂତୁ ହନ୍ତସନ୍ତିଆ 'ମୁଁ' ହୋଇ ନୁହେଁ, ଦର୍ଶକ ଏବଂ ମହାମଉଜିଆ 'ମୁଁ' ହୋଇ। ବିକାଶବାବୁଙ୍କ ପରି। କେମନ୍ତ ?

ବିକାଶବାବୁଙ୍କ ମୁରୁକି ହସ। ବାଂକନିଧି ପରି ନୁହେଁ। କାରଣ ସେଥିରେ ବ୍ୟଂଗ ବିଦ୍ରୁପ ବା ଜିତିବା - ହାରିବା ପଣର ଆଭାସ ନାହିଁ। କେବଳ ଆତ୍ମ-ବିଳାସ। ରାଶି ରାଶି ଆମୋଦ। ସେ ମୋର ବିଶିଷ୍ଟ ବଂଧୁ, ହେଲେ ଘନିଷ୍ଠ ନୁହଁନ୍ତି। ମନେ ହୁଏ ଘନିଷ୍ଠତା ତାଙ୍କ ପାଖ ମାଡ଼ିବ ନାହିଁ, କାଳେ ସେ ତା'କୁ ଅଶ୍ଳୀଳ ବୋଲି ଦୂରେଇ ଦେବେ। ସେ ସଂପର୍କକୁ ଜୁହାର କରନ୍ତି। ମାଇଲିଏ ଦୂରରୁ। ଅଥଚ କେଡେ ଚମତ୍କାର ଭାବରେ ଲେଖିଯାଆନ୍ତି ସେମାନଙ୍କ କଥା। ରାମା-ଦାମା ଗୋପାଳିଆ ଓ ସୁନୀପୁନିକୁନିଙ୍କ ଦୁଃଖ ସୁଖର ରାମାୟଣ। ସତେକି ସେ ତାଙ୍କ ମନଗହନର, ହୃଦୟର, ଏପରିକି, ଗୁପ୍ତ ଅଂଗର ଅତିଥି ହୋଇ ପାରିଛନ୍ତି। ସେ 'ମୁଁ' ହୋଇ ରହିବାକୁ ଚାହାଁନ୍ତି, କେଉଁ 'ତୁମେ'ର ଆଗ୍ରହୀ ନୁହଁନ୍ତି, ହେଲେ ସେ 'ସେମାନଙ୍କ' ଭିତରୁ ଜଣେ ହେବାକୁ ନାରାଜ। ଯେହେତୁ ସେ ଦେଖଣାହାରୀ, ଏବଂ ସେଇ ହେଉଛି ମଜା ! ମୁଁ ଲେଖକ ନୁହେଁ, କିଂତୁ ମୁଁ ଇଚ୍ଛା କଲେ ତାଙ୍କ ପରି ହୋଇ ପାରିବି ନାହିଁ ? ସ୍ରଷ୍ଟା ନ ହେଲେ ନାହିଁ, ଦ୍ରଷ୍ଟାପଣକୁ ଅବ୍ୟବହୃତ ଉପଭୋଗ କରି ପାରିବି ନାହିଁ ଆଜି ମୋର ଉତ୍ତର ଜୀବନରେ ?

କେତେ ମଜା ମଜା କଥା କୁହନ୍ତି ସେ, ନିଜକୁ ଛିଗୁଲେଇଲା ପରି। କୁହନ୍ତି,— କାହିଁକି ପଚାରୁଛ ଆମ କଥା ଗୋପାଳବାବୁ ? ଆମେ କଣ ନିଜ ଦେହମନର ଖବର ରଖିଛୁ ଯେ ତା'ର ହାଲଚାଲ ବଖାଣିବୁ ତୁମ ଆଗରେ ? କାହିଁକିନା ଆମେ ପରଭୁକ୍। ଆମେ ତୁମର ଏଇ ଜିଜ୍ଞାସୁ ଚାହାଣୀ ତଥା ଚର୍ବିଳ ବପୁ, ବିଷାଦମଧୁର ହସ ଓ ତୁରୁତୁରିଆ ଢ଼ଂଗ, ଆଉ କାହାର ନିର୍ବୋଧ ଚାହାଣୀ ତଥା ଦମ୍ଭିଲା ଚାଲି, ଏବଂ ଆଉ କାହାର କଠୋର ସାମ୍ୟବାଦ, ହେଲେ ଲାଜବୁହା ଆତୁରତା ସୁଂଦର ନାରୀଟିଏ ପାଖରେ ପାଇଲେ, ଏଇ

Digitized by srujanika@gmail.com

ସବୁଥିର ରହସ୍ୟ ଭିତରେ ପଶିଥାଉ ପରା ! ଆମର ସମୟ କାହିଁ ନିଜକଥା ବୁଝିବା ପାଇଁ ? ଆମର ଚେହେରା ନାହିଁ । ଚରିତ୍ର ବି ନାହିଁ । ସମରସେଟ୍ ମମ୍ କହିଲା ପରି, ଆମେ ଚରିତ୍ର ଗଢ଼ି ଗଢ଼ି ଏମିତି ଥୋବରା ହୋଇ ଗଲୁଣି ଯେ ଆମେ ନିଜ ଚରିତ୍ରକୁ ଖୋଜି ପାଉ ନାହିଁ । ଅର୍ଥାତ୍ ଆମେ ଚରିତ୍ରହୀନ ! ନା କ'ଣ କହୁଛନ୍ତି ଗୋପାଳବାବୁ ? ତା'ପରେ ତାଙ୍କର ସେଇ ମୁଲାଏମ୍ ମୁର୍କି ହସା ।

କିଂତୁ କ୍ରମଶଃ ଗୋପାଳବାବୁଙ୍କର ମନେ ହେଲା, ତାଙ୍କର ସେଇ ହସକୁ ସ୍ମରଣ କରି, ଯେ ବିକାଶବାବୁ ସତରେ ନିଜକୁ ଛିଗୁଲେଉଛନ୍ତି, କାହିଁକିନା ସେ ପ୍ରକୃତରେ ଚରିତ୍ରହୀନ । ଅର୍ଥାତ୍ ନିଜର ସତ୍ତାବୋଧ(Identity)କୁ ହରେଇ ସାରିଲେଣି । ତେଣୁ ସେ ନିଜର ଦୁରବସ୍ଥାକୁ ଏମିତି ହସି ଉଡେଇ ଦେବାକୁ ଚାହାନ୍ତି । ଆଉ କ'ଣ କରନ୍ତେ ବିଚରା ?

ଛଅଜଣ ଚରିତ୍ର ଖୋଜୁଛନ୍ତି ତାଙ୍କ ନିର୍ମାତାକୁ । ଗୋପାଳ ବାବୁଙ୍କ ମନେ ପଡ଼ିଲା ଲୁଇଗି ପିରାଣ୍ଡେଲୋଙ୍କ ନାଟକ " Six characters in search of the author"। ଯେଉଁଥିରେ ଗୋଟିଏ ଚରିତ୍ର ଜବାବ୍ ଦେଲା ତାର ରଚୟିତାକୁ । କହିଲା, — ଚରିତ୍ରର ପଚାରିବା ଉଚିତ ତୁମେ କିଏ ବୋଲି । କାରଣ ଆମ ପ୍ରତ୍ୟେକଙ୍କର ଗୋଟାଏ ଗୋଟାଏ ଜୀବନ ଅଛି ଯାହାର ବିଶିଷ୍ଟ ରଂଗରାଗକୁ ଚିହ୍ନି ହେବ, ଚିହ୍ନେଇ ଦେଇହେବ । କିଂତୁ ତୁମର କ'ଣଟା ଅଛି ? ଆମେ ପ୍ରତ୍ୟେକେ "କେହି ଜଣେ" (Somebody), କିଂତୁ ତୁମେ ହେଉଛ "କେହି ନୁହେଁ " (nobody) ।

ବାସ୍ତବିକ୍ ! ଶେଷକୁ ଦୟାଭାବ ଉତୁରି ଆସିଲା ଗୋପାଳବାବୁଙ୍କ ମନରେ । ତାଙ୍କର ମନେ ହେଲା ଯେ ବଂଧୁଙ୍କ ହସରେ ଆମୋଦ ଥାଉ କି ବିଷାଦ, ସଂଦେହ ନାହିଁ ଯେ ତାହା ବିଫଳତାର ପ୍ରତୀକ । ଦୟନୀୟ ।

ସେ ପୂରାପୂରି ହାରି ଯାଇଛନ୍ତି । ମାନେ ସ୍ୱୀକାର କରି ନେଇଛନ୍ତି ଯେ ସେ ହାରି ଯାଇଛନ୍ତି । ତେଣୁ ସେ ମିଛୁଆ ହେବାକୁ ବାଧ୍ୟ । ନ ହେଲେ ବଂଚିବେ କେମିତି ? ଜାଣିଲେଣି ଯେ ମଣିଷ ପ୍ରକୃତରେ 'କିଛି ନୁହେଁ ' । ତାର ସ୍ଥିତି ନାହିଁ, ଗତି ନାହିଁ, ବଂଚିବାର ଅର୍ଥ ନାହିଁ । ଫଳରେ ତା'ର ତଥାକଥିତ ଚରିତ୍ର ଏତେ ଚିକିଣିଆ ଓ ଦଗାଦିଆ ଯେ ତା'କୁ ଧରୁ ଧରୁ ସେ ଖସି ପଳେଇ ଯାଏ । ଲେଖକ ଉଇଲିୟମ୍ ସାରୋୟାନ୍ ଯାହା କହିଲେ ଦୁଃଖର ସହିତ, ତାଙ୍କ ଷାଠିଏ ବର୍ଷ ବୟସରେ । ତେଣୁ ମିଛିମିଛିକା 'ଚରିତ୍ର' ଗଢ଼ିବାକୁ ପଡ଼ିବ, ଅର୍ଥ, ସଂହତି, ବୁଦ୍ଧିବିଚାର ଓ ନୀତି ନିୟମର ବାଡବତା ଦେଇ, ଯେମିତିକି ଜୀବନର ମୂଲ୍ୟ ଅଛି ବୋଲି ମନେ ହେବ । ଆମେ କ'ଣ ବୁଝୁନୁ ତମର ଚାଲାଖି ବିକାଶବାବୁ ? ଲୁଚିଛ ନା ଗୋଡ ଦି'ଟା ଦିଶୁଛି...

ମୁଁ ଯାହା ସେ ସେଇଆ, ଆମେ ସମସ୍ତେ ସେଇଆ ! ସେଇ ଏକା ସାହସ-ଭୟ, ପ୍ରବୃତ୍ତି - ନିବୃତ୍ତି, ଅନୁରାଗ- ବିରାଗ, ମାରଣ ଓ ମରଣ କାମନାର ବିଚିତ୍ର ସଂମିଶ୍ରଣ,

Digitized by srujanika@gmail.com

ଯାହା ବଦଳୁଥାଏ ଦିନକୁ ଦିନ ଓ ଯାହାର ମୋଟ ସଂଖ୍ୟା ଶୂନ୍ । ସେଇଲାଗି ହସୁଛନ୍ତି ବିକାଶ ବାବୁ । ଜାଣିସିଆଣିଆପଣର ପରାକାଷ୍ଠା ଦେଖାଇ କହୁଛନ୍ତି — ଆରେ ଶୂନ୍ କାହିଁକି ହେବ ମ, ପଢୁନା' ମୋ ଉପନ୍ୟାସ, ଦେଖୁନା' ମୋ ଚରିତ୍ରମାନଙ୍କୁ ?

ଧନ୍ୟବାଦ ବିକାଶବାବୁ । ଆପଣ ହସୁଥାଆନ୍ତୁ ସେମିତି । ଆପଣ ସୃଷ୍ଟି କରି ଯାଆନ୍ତୁ ଯେତେକ ମିଛ କଥା, ସତ୍ୟ-ଶିବ-ସୁଂଦରର ହୁଂଦର । ମୋର ସେଥିକୁ ପହୁଂଚ ନାହିଁ କି ଆଗ୍ରହ । ମୁଁ ସାଧାରଣ ଲୋକଟିଏ । ଏବଂ ମୋର ତଥାପି ମନେ ହେଉଛି ଯେ ମୁଁ ମୋର ଏଇ ବାସ୍ତବ ଜୀବନକୁ ମୂଲ୍ୟ ଦେଇ ପାରିବି । କିଂତୁ ଯଦି ଗୋଟିଏ 'ତୁମେ'କୁ ପାଇ ପାରିବି, ତା' ସାଂଗରେ ସାମ୍ନା-ସାମ୍ନି, ମୁହାଁ ମୁହିଁ, ଚୁମା ଚୁମି ହୋଇ... ପୂର୍ଣ୍ଣ ହୋଇ ପାରିବି ।

ଆଚ୍ଛା ମୋର ଦରକାର, ନିହାତି ଦରକାର, ଗୋଟିଏ ତୁମେ ! ନ ହେଲେ ମୁଁ ଜନ୍ମ ହେଲି କାହିଁକି ??

ଗୋପାଳବାବୁ ଏହିପ୍ରକାର ଆତୁରତାର ଶୀର୍ଷରେ ପହଂଚିଲା ବେଳକୁ ସୂର୍ଯ୍ୟ ତାଙ୍କ ଶୀର୍ଷରୁ ଢ଼ଳିଗଲେଣି । ପତ୍ନୀ ଶୋଇ କରି ଉଠିଲେଣି । ପଚାରୁଛନ୍ତି — କ'ଣ ଆଜି ଶୋଇଲ ନାହିଁ ତୁମେ ? ବଂଧୁମାନେ କ'ଣ ତମକୁ ରଗେଇ କରି ଗଲେ କି ? କୋଉ ବଂଧୁ ? ପାଠ ବଂଧୁ ନା ସାହିତ୍ୟବଂଧୁ ? କହିସାରି ହସିଲେ ଖିଲି ଖିଲି ହୋଇ । ଗୋପାଳବାବୁ ଭାବିଲେ, ଈଷତ୍ ଈର୍ଷାପରାୟଣ ହୋଇ, ଯେ ପତ୍ନୀ ଆମର ମୁଡ୍‌ରେ ଅଛନ୍ତି । ଖୁସି ଥିଲା ବେଳେ ସେ ଏମିତି ହସଖୁସି ହୁଅନ୍ତି, ତାର କାରଣ ଥାଉ କି ନ ଥାଉ । ଏବଂ ରାଗିଗଲା ବେଳେ... ସେ ମୋ ପରି ଭାବନ୍ତି ନାହିଁ ।

ନା, ସେ ମଧ୍ୟ ଭାବୁଥିବେ । ତାଙ୍କ ହିସାବରେ, ଆପଣା ଅନୁଭବ ନେଇ । ଯଦିଓ ଏତେ ସମୟ ଧରି କି ଏତେ ଗହୀରରେ ନୁହେଁ ମୋ ପରି । କହିଲି ପରା, ଆମେ ସମସ୍ତେ ସମାନ !

ଯାହାକୁ ଅନେଇଲେ ଅନଉଥାଅ, ଦେଖିବ ସେଇ ନିଜକୁ । କେଉଁ ଦର୍ପଣରେ ତମ ମୁଣ୍ଡ ଏତେ ବଡ଼ ଦେଖାଯାଉଛି ତ କେଉଁଥିରେ ପେଟ ବାହାରି ପଡ଼ିଛି, ଦେହଯାକ ଘାଆ ହୋଇଛି, ଅବା କେଉଁଥିରେ ତମେ କାର୍ତ୍ତିକଙ୍କ ପରି ଦିଶୁଛ । ଦର୍ପଣବିଶେଷର ଗୁଣ-ଅବିଗୁଣ ନେଇ । କିଂତୁ ସେଇ ରକ୍ତ,ମାଂସ ଚମ ଓ ନିଉଛୁଣା ମନର ପ୍ରତିଛବି, ଉଣା ଅଧିକେ ସମାନ । ତା'କୁଇ ଦେଖୁଥାଅ ବସି !

ସେଇଠୁଁ ତାଙ୍କୁ ଆଲୁଅ ଦେଖିଲା ପରି ମନେ ହେଲା । ତା' ହେଲେ ମୁଁ ମୋର ତୁମେଟିକୁ ପାଇବି କେଉଁଠୁ ? କେଉଁ ଆଶ୍ଚର୍ଯ୍ୟ ପ୍ରଦୀପର ଭୂତ ଶୁଣିବ ମୋର କଂଦଣା, ଓ ତା'ର ଚମତ୍କାର ଦେଖାଇବ ମୋତେ ?

କୌଣସି ମଣିଷ ମୋର 'ତୁମେ' ହୋଇ ପାରିବ ନାହିଁ । ପୂର୍ଣ୍ଣଚ୍ଛେଦ । ପତ୍ନୀ, କି ବଂଧୁ, କି ଆଉ କେହି । ସଂପର୍କ ବାଂଧି ହେବ ହୁଏତ, ହାଲୁକାରୁ ଗହୀର । କିଂତୁ ' ମୁଁ-ତୁମେ'ର ମିଳନ ? ନୈବ ଚ ନୈବ ଚ ।

Digitized by srujanika@gmail.com

ଏ ଯାଏଁ ଆସିଲଣି ତ ଗୋପାଳବାବୁ ? ବେଶ୍, ଆଉ ଟିକିଏ ଆଗେଇ ଆସ । ଶୁଣ —

ହଁ ବୁଝିଲି ତୁମେ କ'ଣ କହିବାକୁ ଚାହୁଁଛ । ଯେ ମୋର ତୁମେ କେବଳ ଜଣେ ହୋଇ ପାରିବ । ଯାହାକୁ ପାଇବା ପାଇଁ ମୋର ଏଇ ଜନ୍ମଗତ ବ୍ୟାକୁଳତା । ଜନ୍ମଗତ, କାହିଁକି ନାଁ ଜନ୍ମ ହେଲାରୁ ମୁଁ ବିଚ୍ୟୁତ ହୋଇ ପଡ଼ିଛି ତାଙ୍କ ପାଖରୁ । ପୂର୍ଣ୍ଣରୁ ଚେନାଏ ହୋଇ ଖସି ପଡ଼ିଛି ଏଇ ସଂସାରରେ ଏବଂ ସେଇଥିପାଇଁ ବିକଳ ହେଉଛି ପୁଣି ପୂର୍ଣ୍ଣ ହେବା ପାଇଁ । ଏଇଆ ନା ?

କହୁଛ ନା ସେଇ ଭଗବାନଙ୍କ କଥା ? ମୃତର ଅମୃତ, ଅଂଧାରର ଆଲୁଅ, ଦିଗର ଦିଗନ୍ତ, ବ୍ୟକ୍ତର ଅବ୍ୟକ୍ତ ଇତ୍ୟାଦି ଇତ୍ୟାଦିର ବେଦାନ୍ତ ଦର୍ଶନ ? ମୁଁ ଜାଣିଛି । କିଂତୁ ମୋତେ ଡର ମାଡୁଛି । ଯେ ଯଦିବା ତାଙ୍କୁ ପାଇବି ମୋର ତୁମେ ଏକମେବ ତୁମେ ବୋଲି, ତା' ହେଲେ ମୋର ସତ୍ତା ରହିବ ନାହିଁ । ମିଳନର ଅର୍ଥ ରହିବ ନାହିଁ । ବୁଝୁନା, ଯେଉଁ ତଲ୍ଲୀନତା ଅର୍ଥାତ୍ ଶରଣାପନ୍ନତାର ଶେଷକଥାକୁ ଛିଃ କରିଥିଲି ମଣିଷକୁ ନେଇ, ତା'କୁ ପୁଣି ବରିନେବି ଭଗବତ୍ ପ୍ରାପ୍ତି ନାଆଁରେ ? ତୁଚ୍ଛା ବିନାଶକୁ ବିଲୟ ବୋଲି କହିବି , ଆଉ ଖୁସିଟାଏ ହେବି ଯେ ହଁ, ମୁଁ ଠିକ୍ ଏଇଆ ଚାହୁଁଥିଲି ?

ଥାଉ । ମୋର ଦରକାର ନାହିଁ କେଉଁ 'ତୁମେ'ର ଆଲିଂଗନ, ପୂର୍ଣ୍ଣତାର ଛେନାଗୁଡ଼ । ବରଂ ମୁଁ ମୋର ଏମିତି ହୋଇ ରହିବି, ବଂଚିଥିବା ଯାଏଁ...

ସେଇଠୁଁ ତାଙ୍କର ମନେ ହେଲା ଯେ ଶ୍ରୀମା ତାଙ୍କ ପାଖକୁ ଆସି ତାଙ୍କୁ ଆଉଁସି ଦେଉଛନ୍ତି, ଏବଂ କହୁଛନ୍ତି — ପୁଅ, ଜୀବନକୁ ନେଇ ଏତେ ସିରିୟସ ନ ହେଲେ ଚଳନ୍ତା ନାହିଁ ? ଅଯାଚିତ ଭାବରେ ପାଇଛୁ ତୋ ଜୀବନ । କେବଳ ଏଇ ସୁଂଦରତା, ପ୍ରାଣୀ ସଂସାରର ସୁଂଦରତା, ପ୍ରକୃତିର ସୁଂଦରତା, ଏଇ ଜନ୍ମ, ମୃତ୍ୟୁ, ଭାବ, ଅଭାବ, ସଂଜ, ସକାଳ, ଏଇ ସମୂହସକଳର ବୈଚିତ୍ର୍ୟକୁ ଅନୁଭବ କରିବା ପାଇଁ । ଉପଭୋଗ କରିବା ପାଇଁ । ଭଗବାନ୍ ମୋଟେ ସିରିୟସ୍ ନୁହଁନ୍ତି ତାଙ୍କ ସୃଷ୍ଟିକୁ ନେଇ । ସେ ଖାଲି ଚାହାନ୍ତି ଖେଳିବେ ବୋଲି । ତୋରି ସାଂଗରେ ଖେଳିବେ ବୋଲି, ତୁ' ଯଦି ଜାଣୁ କେମିତି ଖେଳିବାକୁ ହୁଏ...

ହଉ ହେଲା, ମୁଁ ତା'ହେଲେ ଖେଳିବି ତୁମ ସାଂଗରେ । ଗୋପାଳବାବୁ କହିଲେ, ସଂଜ ଆକାଶକୁ ଅନେଇ । ମୁହଁ ଫୁଲେଇ ।

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଓ ଗ୍ରନ୍ଥାବଳୀ

(କ) **ଓଡ଼ିଆ —**

ଉପନ୍ୟାସ : ସାତୋଟି ଦିନର ସତୀ, ନେତା ଓ ନେତ୍ରମଣି, ସକଳ ସନ୍ତାନ ।
(ମୋଟ - ୩ ଖଣ୍ଡ)

ଗଳ୍ପ ସଂକଳନ: ଭଂଗା ଖେଳଣା, ଘର ବାହୁଡା, ଲକ୍ଷ ବିହଂଗ, ମଣିହରା, ଠାକୁରଘର, ନାଲିଗୁଲୁଗୁଲୁ ସାଧବ ବୋହୂ, ଗମନ, ଖେଳର ନାଆଁ ରଂଗ, ଭିନ୍ନ ପାଉଁଶ, ଶୀତ ଲହରୀ, ଦ୍ରୟୋବିଂଶ ମୃତ୍ୟୁ, ଲୋଉଟାଣି, ନିଜସଂଜ, ଧବଳ ଆକାଶ । (ମୋଟ- ୧୪ ଖଣ୍ଡ)

କବିତା ସଂକଳନ: ମିନି କାମନା ।

ଆଳାପ ଆଲୋଚନା : ଲେଖକର ସଂସାର, ଲେଖକର ଦୁଃଖ, ଚେନାଏ ପୃଥିବୀ ଚିରୁଡାଏ ଘର, କଥା ସାହିତ୍ୟର କଳା ଓ କାରିଗରି ।
(ମୋଟ - ୪ ଖଣ୍ଡ)

ଅନୁବାଦ: ଶେଷ ଗୋଲକ ଧଂଦା (ଅରୁଣ ଯୋଶୀଙ୍କ ଏକାଡେମୀ ପୁରସ୍କାର ପ୍ରାପ୍ତ ଇଂରାଜୀ ଉପନ୍ୟାସ The Last Labyrinth ର ଓଡ଼ିଆ ରୂପାନ୍ତର)

(ଖ) **ଇଂରାଜୀ —**

ଗଳ୍ପ ସଂକଳନ : Death of an Indian, Wild Peacock and other stories, The Midnight Moon and other stories, The Prayer Room and other stories.(Total 4)

କବିତା ସଂକଳନ: Faces in the Dark

ଗ୍ରନ୍ଥାବଳୀ (ପ୍ରତ୍ୟେକ ଗଳ୍ପ ସହିତ ଲେଖକଙ୍କର ଆଳାପ ସମେତ) —
ତିରିଶ ବର୍ଷର ଗଳ୍ପ ଓ ଆଳାପ — ୧ମ ଭାଗ
ତିରିଶ ବର୍ଷର ଗଳ୍ପ ଓ ଆଳାପ — ୨ୟ ଭାଗ
ତିରିଶ ବର୍ଷର ଗଳ୍ପ ଓ ଆଳାପ — ୩ୟ ଭାଗ

ଶୀଘ୍ର ପ୍ରକାଶ ଅପେକ୍ଷାରେ

ଓଡ଼ିଆ ଗଳ୍ପ ସଂକଳନ —'ଅରୁନ୍ଧତୀ'
ଇଂରେଜୀ ପ୍ରବଂଧ ସଂକଳନ —" My Writing, My Times"

Digitized by srujanika@gmail.com